# ଧରିତ୍ରୀ
DHARITRI

ରାୟଗଡ଼ା, ଗୁରୁବାର, ଜୁନ୍ ୨୭ /୨୦୧୯ (୧୬ ପୃଷ୍ଠା) Rayagada, Thursday, June 27 / 2019 ★

୯ମ ଭାଗ ୧୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ଗେଲ୍‌ଙ୍କ ଅବସର ସୂଚନା

ଅଗଷ୍ଟ-ସେପ୍ଟେମ୍ବରରେ ଭାରତ ବିପକ୍ଷ ସିରିଜ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ ବୋଲି ସୂଚନା ଦେଇଛନ୍ତି ୱେଷ୍ଟଇଣ୍ଡିଜର ଓପନିଂ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍।

୧୪

୦୩

## ଅଭିନେତାଭାବେ ପ୍ରଶିକ୍ଷଣ ନେଇନି

ପାରିବାରିକ ପୃଷ୍ଠଭୂମି ଥିଲେ ମଧ କେବେବି ଅଭିନୟକୁ ଗୁରୁତ୍ୱ ଦେଇ ନ ଥିଲି କି ଏଥିଲାଗି ପ୍ରଶିକ୍ଷଣ ନେଇ ନ ଥିଲି ବୋଲି କହିଛନ୍ତି ଜାଭେଦ୍ ଜାଫ୍ରିଙ୍କ ପୁଅ ମିଜାନ୍ ଜାଫ୍ରି।



# ଏନ୍ଆର୍‌ସିରୁ ଆଉ ଲକ୍ଷେ ବାଦ୍ ପଡ଼ିଲେ



**ଗୁଆହାଟୀ,୨୬।୬(ପି.ଟି.)**

ଆସାମ ସରକାରଙ୍କ ପକ୍ଷରୁ ବୁଧବାର ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି) ପ୍ରକାଶ ପାଇଛି। ଏଥିରୁ ଆଉ ଲକ୍ଷାଧିକ ଲୋକ ବାଦ୍ ପଡ଼ିଛନ୍ତି। ଗତବର୍ଷ ଜୁଲାଇ ୩୦ରେ ପ୍ରକାଶିତ ଏନ୍ଆର୍‌ସି ଚିଠାରୁ ଆସାମର ୪୦ ଲକ୍ଷ ଲୋକଙ୍କୁ ବାଦ୍ ଦିଆଯାଇଥିବାବେଳେ ଏହାକୁ ନେଇ ବିବାଦ ଉଠିଥିଲା। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ସମୀକ୍ଷା କରାଯାଇ ଏବେ ଅତିରିକ୍ତ ଭାବେ ଆହୁରି ୧୦୨,୪୬୨ ଜଣଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ଆସାମର ଏନ୍ଆର୍‌ସି ସଂଯୋଜକଙ୍କ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ୨୦୧୮ ଜୁଲାଇ ୩୦ରେ ପ୍ରକାଶିତ ଚିଠା ତାଲିକାରେ ସ୍ଥାନିତ ବ୍ୟକ୍ତିଙ୍କ ମଧ୍ୟରୁ ୧,୦୨,୪୬୨ ଜଣଙ୍କୁ ବିଭିନ୍ନ କାରଣରୁ ଅଯୋଗ୍ୟ ଘୋଷଣା କରାଯାଇଛି। ଲୋକାଲ ରେଜିଷ୍ଟ୍ରାର୍ ଅଫ୍ ସିଟିଜେନ୍ସ ରେଜିଷ୍ଟ୍ରେଶନ୍ସ (ଏଲ୍ଆର୍‌ସିଆର୍)ଙ୍କ ପକ୍ଷରୁ ଚାଲିଥିବା ଯାଞ୍ଚ ପ୍ରକ୍ରିୟାରେ ଏମାନଙ୍କୁ ଚିହ୍ନଟ କରାଯାଇଛି। ଆସାମରେ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀଙ୍କୁ ଚିହ୍ନଟ କରିବା ପାଇଁ ୧୯୫୧ ପରେ ପ୍ରଥମଥର ପାଇଁ ତାଲିକା ପ୍ରସ୍ତୁତ କରାଯାଉଛି। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ କରାଯାଉଛି। ଏହାର ଚୂଡ଼ାନ୍ତ ତାଲିକା ଜୁଲାଇ ୩୧ରେ ପ୍ରକାଶ ପାଇବ। କେଉଁମାନଙ୍କୁ କାହିଁକି ବାଦ୍ ଦିଆଯାଇଛି ସେସମ୍ପର୍କିତ ତଥ୍ୟ ଏନ୍ଆର୍‌ସି ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯାଇଛି ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପତ୍ର ଜରିଆରେ ଅବଗତ କରାଯିବ। ବାଦ୍ ପଡ଼ିଥିବା ବ୍ୟକ୍ତି ଏନ୍ଆର୍‌ସି ସେବାକେନ୍ଦ୍ର, ଡେପୁଟି କମିଶନରଙ୍କ କାର୍ଯ୍ୟାଳୟ, ସବ୍‌ଡିଭିଜନାଲ ଅଫିସ ଓ ସର୍କଲ ଅଫିସରେ ମଧ ଏ ସଂକ୍ରାନ୍ତ ସୂଚନା ପାଇପାରିବେ। ବାଦ୍ ପଡ଼ିଥିବା ବ୍ୟକ୍ତି ଏଥିରେ ଅନ୍ତର୍ଭୁକ୍ତ ହେବା ପାଇଁ ନିଜ ଦାବି ଜଣାଇପାରିବେ। ଜୁଲାଇ ୫ରୁ ଏହା ଆରମ୍ଭ ହେବ। ପ୍ରକାଶ ଯେ, ୩.୨୯ କୋଟି ଲୋକ ଏନ୍ଆର୍‌ସିରେ ସାମିଲ ପାଇଁ ଆବେଦନ କରିଥିବାବେଳେ ୨.୯ କୋଟି ଯୋଗ୍ୟ ବିବେଚିତ ହୋଇଛନ୍ତି।



## ବିପନ୍ନଙ୍କୁ ଦେଲେନି, ପୋତିଲେ ଶହେ ବସ୍ତା ଚୁଡ଼ା

**ବ୍ରହ୍ମଗିରି,୨୬।୬(ଡି.ଏନ.ଏ)**

ବାତ୍ୟା ଫନୀରେ ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବିପନ୍ନମାନଙ୍କୁ ସହାୟତାର ହାତ ବଢାଇଥିଲେ ବିଭିନ୍ନ ଅନୁଷ୍ଠାନ ଓ ସରକାରୀ ସଂସ୍ଥା। ରିଲିଫ ସାମଗ୍ରୀ ଭାବେ ଆସିଥିବା ଶହେ ବସ୍ତା ଚୁଡାକୁ ବିପନ୍ନମାନଙ୍କୁ ନ ବାଣ୍ଟି ବ୍ଲକ ପ୍ରଶାସନ ତାହାକୁ ଖତ କଲା। ପରେ କିଛି ଉପାୟ ନ ପାଇ ଖତ ହୋଇଥିବା ଚୁଡାକୁ ବୁଧବାର ସାତପଡାସ୍ଥିତ ଓଟିଡିସି ପଛପଟ ଚିଲିକା କୂଳରେ ପୋତି ଦିଆଯାଇଛି। ସ୍ଥାନୀୟ ଲୋକଙ୍କର କହିବା ଅନୁଯାୟୀ, ପ୍ରାୟ ଶହେ ବସ୍ତା ଚୁଡା ପୋତାଯାଇଛି। ଏଣୁ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ। କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝି କହିଛନ୍ତି ଯେ, ବାତ୍ୟା ଆସିବା ପୂର୍ବରୁ ଉକ୍ତ ଚୁଡା ମହଜୁଦ୍ ରଖାଯାଇଥିଲା। ଫନୀ ସମୟରେ ବର୍ଷାରେ ଚୁଡା ସବୁ ଓଦା ହୋଇ ଖରାପ ହୋଇଯାଇଥିଲା। ତେଣୁ ତାକୁ ବାଧ ହୋଇ ଏବେ ପୋତିବାକୁ ପଡ଼ିଲା।

■ କୃଷକଙ୍କ ସଂଖ୍ୟା ଜାଣିନାହାନ୍ତି ସରକାର

# କାଳିଆ ଯୋଜନା କାର୍ଯ୍ୟକାରୀ ହେଲା କେମିତି: କଂଗ୍ରେସ



କାଳିଆ ଯୋଜନାକୁ ନେଇ ବିରୋଧୀଙ୍କ ପ୍ରଶ୍ନର ଉତ୍ତର ଦେଉଛନ୍ତି କୃଷିମନ୍ତ୍ରୀ ଅରୁଣ ସାହୁ ।

**ଭୁବନେଶ୍ୱର,୨୬।୬(ବ୍ୟୁରୋ)**

କୃଷକଙ୍କ ସଂଖ୍ୟାକୁ ନେଇ ବୁଧବାର ବିଧାନସଭା ପ୍ରଶ୍ନ କାଳରେ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ କୃଷିମନ୍ତ୍ରୀ ଅରୁଣ ସାହୁଙ୍କୁ ଘେରିଥିଲେ। ୨୦୧୦ରୁ ଏପର୍ଯ୍ୟନ୍ତ ରାଜ୍ୟରେ କେତେ ଚାଷୀ ଅଛନ୍ତି ଓ କେତେ କମିଛନ୍ତି ତା'ର ଜବାବ ତଲବ କରିଥିଲେ। ଚାଷୀ ଗଣନା କରା ନ ଯାଇ କାଳିଆ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ବୋଲି ବିରୋଧୀ ଦଳ ସଦସ୍ୟମାନେ ମନ୍ତ୍ରୀଙ୍କୁ ପ୍ରଶ୍ନ କରି ଅଡୁଆରେ ପକାଇଥିଲେ। ମନ୍ତ୍ରୀ ବିରୋଧୀଙ୍କ ପ୍ରଶ୍ନକୁ ଚତୁରତାର ସହ ଏଡାଇ ଦେଇଥିଲେ।

ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ପଚାରିଥିବା ପ୍ରଥମ ପ୍ରଶ୍ନରୁ ଆରମ୍ଭ ହୋଇଥିଲା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ । ରାଜ୍ୟରେ ୨୦୧୦ ବେଳକୁ କୃଷି ଉପରେ କେତେ ଲୋକ ନିର୍ଭର କରୁଥିଲେ, ୨୦୧୯ରେ ସେମାନଙ୍କ ସଂଖ୍ୟା କେତେ କମିଛି। ସରକାରଙ୍କ ଭୁଲ କୃଷି ନୀତି ଯୋଗୁ ବହୁ କୃଷକ ଚାଷ ଛାଡୁଥିବା ଅଭିଯୋଗ ସତ୍ୟ କି। ଶିକ୍ଷିତ ଯୁବତୀଯୁବକଙ୍କୁ କୃଷିକ୍ଷେତ୍ରକୁ ଆଣିବା ପାଇଁ ସରକାର କି ଉଦ୍ୟମ କରିଛନ୍ତି ବୋଲି ତାରା ମୂଳ ପ୍ରଶ୍ନରେ ପଚାରିଥିଲେ। ଏହାର ଜବାବରେ ମନ୍ତ୍ରୀ କହିଥିଲେ, ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ୫୭ ଲକ୍ଷ ଲୋକ କୃଷି ଉପରେ ନିର୍ଭର କରୁଥିଲେ। ସେମାନଙ୍କ ମଧ୍ୟରୁ ୩୨.୮୦ ଲକ୍ଷ କୃଷକ ଏବଂ ୨୪.୨୦ ଲକ୍ଷ କୃଷି ଶ୍ରମିକ ଅଛନ୍ତି । ୨୦୨୧ରେ ପରବର୍ତ୍ତୀ ଜନଗଣନା ହେବ। ଏହାପରେ ରାଜ୍ୟରେ କେତେ ଲୋକ କୃଷି ଉପରେ ନିର୍ଭର କରୁଛନ୍ତି ତାହା ଆକଳନ କରିହେବ। ସରକାରଙ୍କ ଭୁଲ କୃଷିନୀତି ଯୋଗୁ କୃଷକ ପରିବାର ଚାଷ ଛାଡୁଥିବା ଅଭିଯୋଗ ସତ୍ୟ ନୁହେଁ। ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର, ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ରାଜ୍ୟରେ ଚାଷୀଙ୍କ ସଂଖ୍ୟା କମିବା ଓ ଧାନର ଅଭାବୀ ବିକ୍ରି ନେଇ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ସରକାର ଯଦି ରାଜ୍ୟରେ କେତେ କ୍ଷୁଦ୍ର, ନାମମାତ୍ର, ଭାଗଚାଷୀ ଅଛନ୍ତି ତାହା ଗଣନା କରିନାହାନ୍ତି ତେବେ କାଳିଆ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି କିପରି। କେଉଁ ଚାଷୀଙ୍କୁ ଟଙ୍କା ଦିଆଯାଉଛି। ଏହି ଯୋଜନାରେ କେତେଜଣଙ୍କୁ ଏପର୍ଯ୍ୟନ୍ତ ଟଙ୍କା ଦିଆଗଲାଣି । ସେ କଥା ଗୃହରେ ଉଲ୍ଲେଖ କରାଯାଉ। ୨୦୦୧ରେ ରାଜ୍ୟରେ କେତେ କୃଷକ ଥିଲେ, କେତେ ଚାଷ ଛାଡ଼ିଛନ୍ତି, କୃଷିନୀତିରେ କେତେ ଲୋକଙ୍କୁ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବା ଲାଗି ସହାୟତା ଯୋଗାଇ ଦିଆଯାଇଛି। ଚାଷୀଙ୍କୁ ପାଣି ଯୋଗାଇବା ଲାଗି ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ କେବେ ମରାମତି କରାଯିବ ବୋଲି ପ୍ରଶ୍ନ କରିଥିଲେ। ମନ୍ତ୍ରୀ ପ୍ରଶ୍ନର ଉତ୍ତର ସିଧାସଳଖ ନ ଦେଇ କହିଥିଲେ ଯେ, ପ୍ରତି ୧୦ ବର୍ଷରେ ଜନଗଣନା ହୁଏ । କାଳିଆ ଯୋଜନାରେ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି)ରେ୨୨ଲକ୍ଷ ଚାଷୀ ଅଛନ୍ତି। ଚାଷୀମାନେ ସବୁଜ ଫର୍ମରେ ଯେଉଁମାନେ ଆବେଦନ କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ଜିଲା ଓ ବ୍ଲକସ୍ତରରେ ସେଗୁଡିକୁ ଶ୍ରେଣୀଭୁକ୍ତ କରିଛନ୍ତି। ୫୦ ଲକ୍ଷ ଲୋକଙ୍କ ପାଖରେ କାଳିଆ ଯୋଜନା ସହାୟତା ପହଞ୍ଚିଲାଣି। ୭୫ ଲକ୍ଷ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ୨୦୦୧ରୁ ୨୦୧୧ ମଧ୍ୟରେ କେତେ ଚାଷୀ ଥିଲେ, କେତେ ଚାଷ କାର୍ଯ୍ୟ ଛାଡ଼ିଛନ୍ତି, ସେ ତଥ୍ୟ ମୋ ପାଖରେ ନାହିଁ। ପରେ ଏହାକୁ ଅନୁଧ୍ୟାନ କରାଯିବ। ତେବେ ଜନସଂଖ୍ୟା ବଢୁଥିବାରୁ ଚାଷୀଙ୍କ ସଂଖ୍ୟା ବଢୁଥାଇପାରେ ବୋଲି ସେ କହିଥିଲେ। ବାଚସ୍ପତି ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ଚାଷ ଓ ଚାଷୀ ସମସ୍ୟା ସମାଧାନ ପାଇଁ ସମସ୍ତ ବିଧାୟକଙ୍କୁ ଡାକି ବୈଠକ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

# ଅଶ୍ୱିନୀଙ୍କୁ ନେଇ ବିଧାନସଭାରେ ଝଡ଼

**ଭୁବନେଶ୍ୱର,୨୬।୬(ବ୍ୟୁରୋ)**

ଭାଜପା ରାଜ୍ୟ ସଭା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମର୍ଥନ ଘୋଷଣା କରିବା ପରଠାରୁ ଚାଲିଥିବା ବିବାଦ ଥମୁନାହିଁ। ଏହାକୁ ନେଇ କଂଗ୍ରେସ ବିଧାନସଭା ବାହାରେ ଓ ଭିତରେ ବିଜେଡିକୁ କଡ଼ା ଭର୍ତ୍ସନା କରିଛି। ନିଜର ସଂଖ୍ୟା ଥାଇ ବିଜେଡି କେଉଁ ସ୍ୱାର୍ଥରେ ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ କରୁଛି, ଭିତିରି କି ବୁଝାମଣା ହୋଇଛି ସେ ନେଇ ରାଜ୍ୟବାସୀ ଜାଣିବା ଦରକାର ବୋଲି କଂଗ୍ରେସ ଦାବି କରିଛି। ବୁଧବାର ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ଜୋରଦାର ହଟ୍ଟଗୋଳ କରିଛନ୍ତି।

କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ଶୂନ୍ୟକାଳରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ପ୍ରଥମେ ଅଶ୍ୱିନୀଙ୍କୁ ବିଜେଡି ପ୍ରାର୍ଥୀ ଓ କିଛି ସମୟ ପରେ ଭାଜପା ପ୍ରାର୍ଥୀ ବୋଲି ଘୋଷଣା କରିଥିଲେ। ଅଶ୍ୱିନୀ ଇଚ୍ଛାଧୀନ କୋଟାରେ ଭୁବନେଶ୍ୱରରେ ପ୍ଲଟ ନେଇଛନ୍ତି। ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରୁଥିବା ନେଇ ତାରା ଦତ୍ତ କମିଟି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଛି। ଏଥିସହ ସେ ଖଣି ଦୁର୍ନୀତିରେ ଜଡ଼ିତ ଥିବା ବିଷୟ ଶାହ କମିଶନ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏଥିଯୋଗୁ ଗତ ୫ ବର୍ଷ ହେବ ଖଣି ଦୁର୍ନୀତିର ସିବିଆଇ ତଦନ୍ତ କେନ୍ଦ୍ରର ଏନ୍‌ଡିଏ ସରକାର କରିନାହାନ୍ତି। ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଗୃହରେ ବିବୃତି ଦିଅନ୍ତୁ ବୋଲି ନରସିଂହ ଦାବି କରିଛନ୍ତି।



ଅଶ୍ୱିନୀ ବୈଷ୍ଣବ

■ **ବାଚସ୍ପତି-ତାରା କଥା କଟାକଟି**

■ **ଗୃହ ମୁଲତବୀ**

■ **ନିର୍ବାଚନ ପରେ ସବୁ ଉତ୍ତର ଦେବି: ଅଶ୍ୱିନୀ**

ଏହାକୁ ସମର୍ଥନ କରି କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ତାରା ପ୍ରସାଦ ବାହିନୀପତି ନିଜ ଆସନ ନିକଟରେ ଛିଡ଼ା ହୋଇ ପାଟିତୁଣ୍ଡ କରିଥିଲେ। ବିଧାୟକ ସାଲୁଜା କହିଥିଲେ ଯେ, ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ଅଶ୍ୱିନୀ କିଛିଦିନ ରାଜ୍ୟରେ କାମ କରିଥିଲେ। ପରେ କେନ୍ଦ୍ରକୁ ଡେପୁଟେଶନରେ ଯାଇ ବାଜପେୟୀଙ୍କ ସରକାରରେ କାମ କରୁଥିଲେ। ଏବେ ସେ ବିଆର୍‌ପିଏଲ୍‌ର ଏମ୍‌ଡି ଅଛନ୍ତି। ଜେପିଏସ୍‌ଏଲ୍, ଜେଏସ୍‌ପିଏଲ୍, ତ୍ରିବେଣୀ ଆର୍ଥ ମୁଭର ଏହାର ଅଂଶୀଦାର ଅଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହଙ୍କ ପୁଅଙ୍କ ସହ ତାଙ୍କର ସମ୍ପର୍କ ରହିଛି। ୨୦୦୦ରୁ ୨୦୦୯ ମଧ୍ୟରେ ବିଜେଡି-ଭାଜପା ମିଳିତ ସରକାର କରିଥିବା ବେଳେ ୨୦୧୮-୧୯ରେ ପରସ୍ପର ବୁଝାମଣାରେ ସରକାର ଚଳାଇଛନ୍ତି। ୧୧୧ଟି ଭୋଟ ଥାଇ ମଧ ବିଜେଡି କାହିଁକି ନିଜର ରାଜ୍ୟ ସଭା ପ୍ରାର୍ଥୀ ଦେଲା ନାହିଁ। ଖଣି ଚୋରି କରୁଥିବା ଲୋକଙ୍କୁ ବିଜେଡି ସମର୍ଥନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୁଖ୍ୟମନ୍ତ୍ରୀ ଏ ଦିଗରେ ଗୃହରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ସାଲୁଜା ଦାବି କରିଥିଲେ। ଅଶ୍ୱିନୀ ଗୃହର ସଦସ୍ୟ ହୋଇ ନ ଥିବାରୁ ତାଙ୍କ ବିଷୟରେ ଏଠାରେ ଆଲୋଚନା କରାଯିବା ଉଚିତ ନୁହେଁ ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଥିଲେ। ଏହାକୁ ନେଇ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ରମେଶ ଜେନା ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ପାଟିତୁଣ୍ଡ କରିଥିଲେ। ବାଚସ୍ପତି ଏ ନେଇ ତୁରନ୍ତ ରୁଲିଂ ଦିଅନ୍ତୁ ବୋଲି ଦାବି କରିଥିଲେ। ତାରା ବାଚସ୍ପତିଙ୍କ ପୋଡ଼ିୟମ ଉପରକୁ ଉଠି ମାଇକ୍ ଭାଙ୍ଗିବା ସହ ଟେବୁଲ ବାଡେଇଥିଲେ। ଏହାକୁ ନେଇ ବାଚସ୍ପତି ମଧ ଉତ୍‌କ୍ଷିପ୍ତ ହୋଇ ପଡ଼ିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ କଟାକଟି ହୋଇଥିଲା। ବାଚସ୍ପତି ତାରାଙ୍କୁ କହିଲେ, ଆପଣ ନିଜ ସିଟ୍‌କୁ ଯାଆନ୍ତୁ। ତାରା କିନ୍ତୁ ରୁଲିଂ ଦିଅନ୍ତୁ ବୋଲି କହିଚାଲିଥିଲେ। ବାଚସ୍ପତି ତାରାଙ୍କ ଦାବିକୁ ଗ୍ରହଣ ନ କରି ନିଜ ସିଟ୍‌ରେ ଯାଇ ବସିବାକୁ ବାରମ୍ବାର ତାଗିଦ୍ କରିଥିଲେ। ଏହାପରେ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟଭାଗରେ 'ବାଚସ୍ପତି ତୁମ ମନମୁଖି ଚଳିବ ନାହିଁ ଚଳିବ ନାହିଁ, ବାଚସ୍ପତି ଡାଉନ୍ ଡାଉନ୍' ସ୍ଲୋଗାନ ଦେଇ ହଟ୍ଟଗୋଳ କରିଥିଲେ। ପାଟିତୁଣ୍ଡ ମଧ୍ୟରେ ବାଚସ୍ପତି ବିରୋଧୀ ଦଳ ପକ୍ଷରୁ ଅଣାଯାଇଥିବା ମୁଲତବୀ ପ୍ରସ୍ତାବ ଉପରେ ଉତ୍ତର ଦେବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଡାକିଥିଲେ। ହଟ୍ଟଗୋଳ ମଧ୍ୟରେ ମନ୍ତ୍ରୀ ଉତ୍ତର ପଢ଼ି ଚାଲିଥିଲେ। ଗୃହରେ ଏଭଳି ଅବସ୍ଥା ଦେଖି କଂଗ୍ରେସ ସଦସ୍ୟ ନରସିଂହ ମିଶ୍ର କହିଥିଲେ ଯେ, ଗୃହକୁ ପ୍ରଥମେ ସ୍ୱାଭାବିକ ଅବସ୍ଥାକୁ ଅଣାଯାଉ। ତା'ପରେ ଗୃହ ଚାଲିବ। ଗୃହକାର୍ଯ୍ୟ ମୁଲତବୀ କରି ସର୍ବଦଳୀୟ ବୈଠକ ଡାକି ଏ ପ୍ରସଙ୍ଗରେ ଆଲୋଚନା କରାଯାଉ। ନରସିଂହଙ୍କ ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରିଥିଲେ। ଗୃହକୁ ମଧ୍ୟାହ୍ନ ୧୨.୪୧ରେ ୫ମିନିଟ ପାଇଁ ମୁଲତବୀ କରି ବାଚସ୍ପତି ଆଲୋଚନା କରିବାକୁ ସର୍ବଦଳୀୟ ବୈଠକ ଡାକିଥିଲେ। ୧୨ଟା ୪୧ରୁ ଅପରାହ୍ନ ୧ଟା ଯାଏ ସର୍ବଦଳୀୟ ବୈଠକ ହେବା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ତେବେ କଂଗ୍ରେସର ଅଭିଯୋଗର ଜବାବରେ ଅଶ୍ୱିନୀ ଗଣମାଧ୍ୟମକୁ କହିଛନ୍ତି ଯେ, ଯାହା ଅଭିଯୋଗ ହେଉଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମିଥ୍ୟା। ତାହାର ତଦନ୍ତ କରାଯାଉ। ସତ୍‌ସାହସ ନ ଥିଲେ ତଦନ୍ତ କଥା କହି ନ ଥାଆନ୍ତି। ଅଭିଯୋଗ ଆଣିଥିବା ବ୍ୟକ୍ତି ପ୍ରମାଣ ଦିଅନ୍ତୁ। ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ସବୁ ପ୍ରଶ୍ନର ଉତ୍ତର ଦେବେ ବୋଲି ଅଶ୍ୱିନୀ କହିଛନ୍ତି।

## ଆଜିର ସମ୍ପାଦକୀୟ

### କୁକୁର ଓ ମାଲିକ ଭିତରେ ସାଦୃଶ୍ୟ

## ଆଜିର ମନ୍ତବ୍ୟ

" ସାଧାରଣ ନିର୍ବାଚନରେ ଭାଜପାର ବିପୁଳ ବିଜୟ ଉପରେ ପ୍ରଶ୍ନ ଉଠାଇ ଭୋଟରଙ୍କୁ ଅପମାନିତ କରିଛି କଂଗ୍ରେସ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶର ଟେଲିକମ୍ କ୍ଷେତ୍ର ଏଫ୍‌ଡିଆଇ ୪୩% ହ୍ରାସ ଘଟି ୨.୬ ବିଲିୟନ ଡଲାର ରହିଛି।

-ଟେଲିକମ୍ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 26.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 109 | 170 | 180 |
| BDK | 111 | 172 | 182 |
| BLS | 111 | 172 | 182 |
| ANG | 109 | 170 | 180 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers


# ସାମନ୍ତ ଗୋୟଲ 'ର' ମୁଖ୍ୟ

## ଅରବିନ୍ଦ କୁମାର ଆଇବି ନିର୍ଦ୍ଦେଶକ

**ନୂଆଦିଲ୍ଲୀ,୨୬।୬**

ବରିଷ୍ଠ ଆଇପିଏସ୍ ଅଫିସର ସାମନ୍ତ କୁମାର ଗୋୟଲଙ୍କୁ ବୁଧବାର କେନ୍ଦ୍ର ସରକାର ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ମୁଖ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ଅନ୍ୟତମ ବରିଷ୍ଠ ଆଇପିଏସ୍ ଅଫିସର ଅରବିନ୍ଦ କୁମାରଙ୍କୁ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଗୋୟଲ ୧୯୮୪ ବ୍ୟାଚ୍‌ର ପଞ୍ଜାବ କ୍ୟାଡର ଆଇପିଏସ୍ ଅଫିସର। ଫେବୃଆରୀ ୨୬ ବାଲାକୋଟ୍ ଏୟାରଷ୍ଟ୍ରାଇକ୍ ଏବଂ ୨୦୧୬ ସର୍ଜିକାଲ ଷ୍ଟ୍ରାଇକ୍‌ର ଯୋଜନା ପ୍ରସ୍ତୁତ କରିଥିଲେ ଗୋୟଲ। ଏହା ବ୍ୟତୀତ ୯୦ ଦଶକରେ ପଞ୍ଜାବରେ ଉଗ୍ରବାଦ ଚରମ ସୀମାରେ ପହଞ୍ଚିଥିବାବେଳେ ଏହାକୁ ନିୟନ୍ତ୍ରଣ କରିବାରେ ତାଙ୍କର ମୁଖ୍ୟ ଭୂମିକା ଥିଲା। ଗୋଇନ୍ଦାଗିରିରେ ସେ ଜଣେ ପାକିସ୍ତାନ ବିଶେଷଜ୍ଞ ଭାବେ ଜଣାଶୁଣା।

ସେହିପରି ଅରବିନ୍ଦ କୁମାର ୧୯୮୪ ବ୍ୟାଚ୍‌ର ଆସାମ-ମେଘାଳୟ କ୍ୟାଡର ଆଇପିଏସ୍। ମାଓବାଦ ଦମନ କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ଏହାବ୍ୟତୀତ ସ୍ୱତନ୍ତ୍ର ନିର୍ଦ୍ଦେଶକ ପାହ୍ୟାର ଅଫିସର ଭାବେ ଇଣ୍ଟେଲିଜେନ୍ସ ବ୍ୟୁରୋରେ ତାଙ୍କର କଶ୍ମୀର ଉପରେ ବିଚକ୍ଷଣତା ରହିଛି। ଅନିଲ ଧସ୍ମାନାଙ୍କ ସ୍ଥାନରେ



ସାମନ୍ତ କୁମାର ଗୋୟଲ ଓ ଅରବିନ୍ଦ କୁମାର

ଗୋୟଲଙ୍କୁ 'ର' ନିର୍ଦ୍ଦେଶକ କରାଯାଇଥିବାବେଳେ ରାଜୀବ ଜୈନଙ୍କ ସ୍ଥାନ ନେଇଛନ୍ତି କୁମାର। ଧସମାନା ଓ ଜୈନଙ୍କର ଦୁଇବର୍ଷ କାର୍ଯ୍ୟକାଳ ୨୦୧୮ ଡିସେମ୍ବର ୩୧ରେ ଶେଷ ହୋଇଥିବାବେଳେ ଏହାକୁ ଆଉ ୬ ମାସ ବଢ଼ାଯାଇଥିଲା।


ଗୋୟଲ ୨୦୦୧ରେ 'ର'ରେ ସାମିଲ ହୋଇଥିଲେ। ୨୦୨୦ ମେ ମାସରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ। ସେହିପରି କୁମାର ୧୯୯୧ରୁ ଆଇବିରେ କାର୍ଯ୍ୟ କରିଆସୁଛନ୍ତି ଓ ଚଳିତ ବର୍ଷ ସେପ୍ଟେମ୍ବରରେ କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ସେମାନଙ୍କୁ ନୂଆ ପଦବୀରେ ୨ ବର୍ଷ କାର୍ଯ୍ୟ କରିବାକୁ ସୁଯୋଗ ମିଳିବ।

# ଏସ୍‌ଏନ୍‌ସିୟୁରେ ନର୍ସଙ୍କ ଟିକ୍‌ଟକ୍ ମାନିଆ

## ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

**ମାଲକାନଗିରି, ୨୬।୬ (ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ ୟୁନିଟରେ କାର୍ଯ୍ୟରତ ନର୍ସମାନେ ମୋବାଇଲରେ ଟିକ୍‌ଟକ ଭିଡିଓ ଶୁଟିଂ କରିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କିତ ଏକ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି । ସ୍ପେଶାଲ ନିୟୋନାଟାଲ କେୟାର ୟୁନିଟ (ଏସ୍‌ଏନ୍‌ସିୟୁ) ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକୋଷ୍ଠରେ ନବଜାତକ ଶିଶୁଙ୍କ ଯତ୍ନ ପ୍ରତି ପ୍ରାଧାନ୍ୟ ନ ଦେଇ ଏଠାରେ କାର୍ଯ୍ୟରତ ନର୍ସମାନେ ଭିଡ଼ିଓ ଶୁଟିଂ କରି ମଜା କରୁଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ନବଜାତ ଶିଶୁଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାଲାଗି ହୋଇଥିବା ଏହି କେୟାର ୟୁନିଟ୍‌ରେ ଏପରି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ସପନ କୁମାର ଡିଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ବିଷୟରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।





“ କେନ୍ଦ୍ର ସରକାର ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନ ଦେଇ ରାଜ୍ୟବାସୀଙ୍କ ପ୍ରତି ବିଶ୍ୱାସଘାତ କରୁଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଦେଇଥିବା ପ୍ରତିଶ୍ରୁତିକୁ ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଳନ କରନ୍ତୁ।
-ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର



■ ପାର୍ଲାମେଣ୍ଟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ

# ଗୃହରେ ଭିଡ଼ହିଂସା, ଶିଶୁମୃତ୍ୟୁ ତାତି

ନୂଆଦିଲ୍ଲୀ,୨୬।୬
(ପି.ଟି./ଆଇଏଏନ୍ଏସ୍)



ଭାଜପା ଶାସିତ ଝାଡ଼ଖଣ୍ଡସ୍ଥିତ ଷଢ଼େଇକଳା-ଖରସୁଆଁ ଜିଲାର ମୁସ୍‌ଲିମ୍ ଯୁବକ ତବ୍‌ରେଜ୍ ଅନ୍‌ସାରୀଙ୍କୁ ଚୋରି ସନ୍ଦେହରେ ଧରି 'ଜୟ ଶ୍ରୀରାମ' କହିବାକୁ ବାଧ କରିବା ପରେ ପିଟିପିଟି ମାରିଦେବା ଘଟଣାକୁ ନେଇ ବିବାଦ ଥମୁନାହିଁ। ଏହି ଭିଡ଼ହିଂସାର ତାତି ବୁଧବାର ପାର୍ଲାମେଣ୍ଟରେ ଅନୁଭୂତ ହୋଇଛି। ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବତା ଭାଙ୍ଗିଛନ୍ତି। ଏହି ଘଟଣା ତାଙ୍କୁ କଷ୍ଟ ଦେଇଛି। କିନ୍ତୁ ଏଥିପାଇଁ ରାଜ୍ୟକୁ ଦାୟୀ କରାଯିବା ଅନୁଚିତ ବୋଲି ମୋଦି କହିଛନ୍ତି। ସେହିପରି ବିହାରର ମୁଜାଫରପୁରରେ ମସ୍ତିଷ୍କ ଜ୍ୱରରେ ପ୍ରାୟ ଦେଢ଼ଶହ ଶିଶୁଙ୍କ ମୃତ୍ୟୁକୁ ନେଇ ଉଠିଥିବା ବିବାଦ ପ୍ରସଙ୍ଗରେ ମଧ୍ୟ ପ୍ରଧାନମନ୍ତ୍ରୀ ବିବୃତି ରଖିଛନ୍ତି।

ପାର୍ଲାମେଣ୍ଟର ଉଭୟ ଗୃହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଲୋକ ସଭାରେ ମଙ୍ଗଳବାର ଗୃହୀତ ହୋଇଥିବାବେଳେ ରାଜ୍ୟ ସଭାରେ ବୁଧବାର ଧ୍ୱନିମତରେ ପାରିତ ହୋଇଛି।

## ନୀରବତା ଭାଙ୍ଗିଲେ ମୋଦି: ଦୋଷୀଙ୍କୁ କଠୋର ଦଣ୍ଡ ଜରୁରୀ

ବିରୋଧୀ କଂଗ୍ରେସ ପକ୍ଷରୁ ଆଗତ ୨୦୦ରୁ ଊର୍ଦ୍ଧ୍ୱ ସଂଶୋଧନ ପ୍ରତ୍ୟାହୃତ ହେବା ପରେ ଉକ୍ତ ସଦନରେ ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଘଣ୍ଟାଏ ଧରି ନିଜ ବକ୍ତବ୍ୟ ରଖି ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୋଦି କହିଥିଲେ, ଭିଡ଼ହିଂସା ତାଙ୍କୁ ଯନ୍ତ୍ରଣା ଦେଇଛି। ଦୋଷୀଙ୍କୁ କାଠଗଡ଼ାକୁ ଟାଣି କଠୋରଦଣ୍ଡ ଦିଆଯିବା ଜରୁରୀ। ରାଜ୍ୟ ସଭାରେ କେତେଜଣ ସଦସ୍ୟ ଝାଡ଼ଖଣ୍ଡକୁ ଭିଡ଼ହିଂସାର କେନ୍ଦ୍ରସ୍ଥଳ ବୋଲି କହୁଛନ୍ତି, ଯାହାକି ଭୁଲ। ଏକ ରାଜ୍ୟକୁ ଅପମାନିତ କରିବା ଅଧିକାର କାହାରି ନାହିଁ। କିନ୍ତୁ ଦେଶରେ ଯେତିକି ଭିଡ଼ହିଂସା ଘଟୁଛି ତାହା ଝାଡ଼ଖଣ୍ଡ ହେଉକି ପଶ୍ଚିମବଙ୍ଗ ଅଥବା କେରଳ ସେଗୁଡ଼ିକୁ ସମାନ ଭାବେ ବିବେଚନା କରି ଆଇନକୁ ତା' ବାଟରେ ଯିବାକୁ ଦିଆଯିବା ଉଚିତ। ପ୍ରତ୍ୟେକ ନାଗରିକଙ୍କ ନିରାପତ୍ତା ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ।

ସେହିପରି ବିହାରରେ ଆକ୍ୟୁଟ୍ ଏନ୍‌ସେଫାଲିଟିସ୍ ସିଣ୍ଡ୍ରୋମ୍ (ଏଇଏସ୍) ବା ମସ୍ତିଷ୍କଜ୍ୱରରେ ଆକ୍ରାନ୍ତ ହୋଇ ଶିଶୁଙ୍କ ଗଣମୃତ୍ୟୁ ନେଇ ପ୍ରଧାନମନ୍ତ୍ରୀ ପ୍ରତିକ୍ରିୟା ରଖିଥିଲେ। ସେ ଏହାକୁ ଏକ ଲଜ୍ଜାଜନକ ଏବଂ ୭ ଦଶନ୍ଧି ମଧ୍ୟରେ ସବୁଠୁ ବଡ଼ ବିଫଳତା ଭାବେ ଅଭିହିତ କରିବା ସହ ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ଏପରି ରୋଗ ଜୀବନ ନେଉଛି ବୋଲି କହିଥିଲେ। ମୋଦି ବକ୍ତବ୍ୟ ରଖିବାବେଳେ ବିଭିନ୍ନ ପ୍ରସଙ୍ଗ ଉଠାଇ ବିରୋଧୀ କଂଗ୍ରେସକୁ ଟାର୍ଗେଟ କରିବାକୁ ଭୁଲି ନ ଥିଲେ। ସାଧାରଣ ନିର୍ବାଚନରେ ଭାଜପାର ବିପୁଳ ବିଜୟକୁ ନେଇ ପ୍ରଶ୍ନ ଉଠାଇ କଂଗ୍ରେସ ଦେଶର ଭୋଟରମାନଙ୍କୁ ଅପମାନିତ କରିଛି। ଇଭିଏମ୍ ଉପରେ ଏବଂ ଭାଜପାର ବିଜୟକୁ ନେଇ ବିରୋଧୀ ବ୍ୟବହାର କରୁଥିବା ଭାଷା ମତଦାତାଙ୍କୁ ମର୍ମାହତ କରିଛି ବୋଲି ସେ ସମାଲୋଚନା କରିଥିଲେ।

## ତବ୍‌ରେଜ୍‌ଙ୍କୁ ଦିଆଯାଇଥିଲା ବିଷାକ୍ତ ଜଳ

ରାଞ୍ଚି,୨୬।୬( ଆଇଏଏନ୍ଏସ୍):
ଭିଡ଼ହିଂସାର ଶିକାର ହୋଇ ନିକଟରେ ପ୍ରାଣ ହରାଇଥିବା ଝାଡ଼ଖଣ୍ଡର ତବ୍‌ରେଜ୍ ଅନ୍‌ସାରୀଙ୍କୁ ବିଷାକ୍ତ ପାଣି ପିଇବାକୁ ଦିଆଯାଇଥିଲା ବୋଲି ତାଙ୍କ ପରିବାର ଲୋକେ ବୁଧବାର ଅଭିଯୋଗ ଆଣିଛନ୍ତି। ତାଙ୍କ ଦାଦା ମହମ୍ମଦ ମସ୍‌ରୁର୍ କହିଛନ୍ତି,

### ଅଭିଯୋଗ ଆଣିଲେ ପରିବାର ଲୋକେ

ତବ୍‌ରେଜ୍‌ଙ୍କୁ ମାଡ଼ ମାରିବା ପରେ ପାଣିରେ ଧୁଦୁରା ବିଷ ମିଶାଇ ଦିଆଯାଇଥିଲା। ପୋଲିସ ତୁରନ୍ତ ଚାର୍ଜଶିଟ୍ ଦାଖଲ କରିବା ଉଚିତ ଓ ଦୋଷୀ ଦଣ୍ଡ ପାଇବା ଜରୁରୀ। ଷଢ଼େଇକଳା ଜିଲା ଧତ୍‌କିଡିହ ଗ୍ରାମରେ ଲୋକେ ଗତ ୧୭ ତାରିଖରେ ମୁସଲମାନ ଯୁବକ ତବ୍‌ରେଜଙ୍କୁ ଚୋରି ସନ୍ଦେହରେ ଧରି ଜୟ ଶ୍ରୀରାମ କହିବାକୁ ବାଧକରି ରାତି ସାରା ମାଡ଼ ମାରିବା ପରେ ପୋଲିସ ତାଙ୍କୁ ଗିରଫ କରିନେଇଥିଲା। ଗତ ରବିବାର ତାଙ୍କର ମୃତ୍ୟୁ ହୋଇଛି।

## 'ଧାର୍ମିକ ଅସହିଷ୍ଣୁତାର ଦୃଷ୍ଟାନ୍ତ'


ସୌଗତ ରାୟ

**ନୂଆଦିଲ୍ଲୀ,୨୬।୬(ପି.ଟି.):**ଝାଡ଼ଖଣ୍ଡରେ ଭିଡ଼ହିଂସା ଧାର୍ମିକ ଅସହିଷ୍ଣୁତାର ଦୃଷ୍ଟାନ୍ତ। ଭାଜପା ପଶ୍ଚିମବଙ୍ଗ ସରକାରଙ୍କୁ ଟାର୍ଗେଟ କରିବା ବଦଳରେ ନିଜ ରାଜ୍ୟଗୁଡ଼ିକର ବ୍ୟପାରରେ ମୁଣ୍ଡ ଖେଳାଇବା ଉଚିତ ବୋଲି ଟିଏମ୍‌ସି ଏମ୍‌ପି ସୌଗତ ରାୟ ସମାଲୋଚନା କରିଛନ୍ତି। ତବ୍‌ରେଜ୍ ଅନ୍‌ସାରୀଙ୍କ ମୃତ୍ୟୁ ଏକ ନିର୍ମମ ହତ୍ୟା ଏବଂ ମାନବିକତା ଉପରେ କଳଙ୍କ ବୋଲି ଲୋକ ସଭାରେ ପ୍ରଶ୍ନ କାଳରେ ସୌଗତ କହିଥିଲେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ଦେଶର ସଂଖ୍ୟାଲଘୁମାନେ ସୁରକ୍ଷିତ ବୋଲି ଭାଜପା ନେତା କେ.ଜେ. ଆଲ୍‌ଫନ୍ସ ରାଜ୍ୟ ସଭାରେ କହିଥିଲେ।

# କୂଟନୈତିକ ସମ୍ପର୍କ ବୃଦ୍ଧିକୁ ଗୁରୁତ୍ୱ


ଆମେରିକା ପରରାଷ୍ଟ୍ର ସଚିବ ମାଇକ ପମ୍ପିଓଙ୍କ ସହ ବହିର୍ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର।

ନୂଆଦିଲ୍ଲୀ,୨୬।୬

■ ପ୍ରଧାନମନ୍ତ୍ରୀ ଓ ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ପମ୍ପିଓ
■ ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ: ଜୟଶଙ୍କର

ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ବୁଧବାର ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ସାକ୍ଷାତ କରିଛନ୍ତି। ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ବୃଦ୍ଧି, ବାଣିଜ୍ୟିକ କଟକଣା ହ୍ରାସ ଓ ଅନ୍ୟ ପ୍ରମୁଖ ଜାତୀୟ, ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଆଲୋଚନା ପରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଦୁଇଦେଶ ପରସ୍ପରର ଆସ୍ଥାଭାଜନ ହୋଇ କାମ କରିବାକୁ ପମ୍ପିଓ ସହମତି ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପୂର୍ବରୁ ପମ୍ପିଓ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ରୁଷିଆଠାରୁ ଏସ୍-୪୦୦ ପ୍ରତିରକ୍ଷା କ୍ଷେପଣାସ୍ତ୍ର କ୍ରୟକୁ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ଭାରତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆମେ ଆମେରିକା ସହ ସୁସମ୍ପର୍କ ସ୍ଥାପନ କରିବାକୁ ଚାହୁଁ ବୋଲି ଜୟଶଙ୍କର କହିଛନ୍ତି।

ଆଲୋଚନା ପରେ ମିଳିତ ସାମ୍ବାଦିକ ସମ୍ମିଳନୀକୁ ପମ୍ପିଓ କହିଥିଲେ, ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଲାଗି ଆମେରିକା ସର୍ବଦା ପ୍ରୟାସ କରିଆସିଛି। ଜୟଶଙ୍କର କହିଥିଲେ ଯେ, ଆମେରିକା ସହ ଭାରତର କୂଟନୈତିକ ସମ୍ପର୍କ ବୃଦ୍ଧି, ଶକ୍ତି, ବାଣିଜ୍ୟ ଓ ଅନ୍ୟ କେତେକ କ୍ଷେତ୍ର ଉପରେ ଆଲୋଚନା ହୋଇଛି। ଆତଙ୍କବାଦ ନେଇ ଆମେରିକା ଭାରତକୁ ଦୃଢ ସମର୍ଥନ ଦେଇଆସିଛି ବୋଲି ସେ ପ୍ରକାଶ କରିଛନ୍ତି।

# ୟୁଏନ୍ଏସ୍‌ସିରେ ଭାରତର ଅସ୍ଥାୟୀ ସଦସ୍ୟତାକୁ ୫୫ ରାଷ୍ଟ୍ରର ସମର୍ଥନ

**ଜାତିସଂଘ,୨୬।୬:** ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ର ଅସ୍ଥାୟୀ ଆସନରେ ଭାରତର ସଦସ୍ୟତାକୁ ୫୫ଟି ରାଷ୍ଟ୍ର ସମର୍ଥନ ଜଣାଇଛନ୍ତି। ଏହି ଆସନ ଲାଗି ସଦସ୍ୟତା ଅବଧି ୨ ବର୍ଷ ରହିଛି। ଆସନ୍ତାବର୍ଷ ଜୁନ୍‌ରେ ୫ଟି ଅସ୍ଥାୟୀ ସଦସ୍ୟତା ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ଭାରତର ସଦସ୍ୟତା ପ୍ରାର୍ଥିତ୍ୱକୁ ଏସିଆ ପ୍ରଶାନ୍ତ ମହାସାଗରୀୟ ଗୋଷ୍ଠୀର ସମସ୍ତ ୫୫ ସଦସ୍ୟ ସର୍ବସମ୍ମତିକ୍ରମେ ସମର୍ଥନ ଜଣାଇଥିବାରୁ ନୂଆଦିଲ୍ଲୀ ଧନ୍ୟବାଦ ଜଣାଇଛି। ସମର୍ଥନକାରୀ ଦେଶ ମଧ୍ୟରେ ଅଛନ୍ତି ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, ଚାଇନା, ଇଣ୍ଡୋନେସିଆ, ଇରାନ, ଜାପାନ, କୁଏଟ୍, କିର୍‌ଗିଜସ୍ତାନ, ମାଲେସିଆ, ମାଳଦ୍ୱୀପ, ମ୍ୟାନ୍‌ମାର, ନେପାଳ, ପାକିସ୍ତାନ, କାତାର, ସୌଦି ଆରବ, ଶ୍ରୀଲଙ୍କା, ସିରିଆ, ତୁର୍କୀ, ୟୁଏଇ ଏବଂ ଭିଏତ୍‌ନାମ। ୧୯୩ ସଦସ୍ୟବିଶିଷ୍ଟ ଜାତିସଂଘ ସାଧାରଣ ପରିଷଦ ପ୍ରତିବର୍ଷ ସୁରକ୍ଷା ପରିଷଦର ୫ ଅସ୍ଥାୟୀ ସଦସ୍ୟଙ୍କୁ ନିର୍ବାଚିତ କରିଥାଏ। ସୁରକ୍ଷା ପରିଷଦରେ ଆମେରିକା, ଚାଇନା, ଫ୍ରାନ୍ସ, ରୁଷିଆ ଓ ବ୍ରିଟେନ ସ୍ଥାୟୀ ସଦସ୍ୟ ରହିଥିବା ବେଳେ ୧୦ ଅସ୍ଥାୟୀ ଆସନକୁ ଆଞ୍ଚଳିକ ଭିତ୍ତିରେ ଆଫ୍ରିକା ଓ ଏସିଆକୁ ୫ଟି, ପୂର୍ବ ୟୁରୋପୀୟ ରାଷ୍ଟ୍ରଗୁଡିକୁ ଗୋଟିଏ, ଦକ୍ଷିଣ ଆମେରିକା ଏବଂ କାରିବିୟାନ ରାଷ୍ଟ୍ରଗୁଡିକୁ ୨ଟି ଏବଂ ପଶ୍ଚିମ ୟୁରୋପ ଓ ଅନ୍ୟ ରାଷ୍ଟ୍ରଗୁଡିକୁ ୨ ଆସନ ବାଣ୍ଟିଦିଆଯାଇଛି। ପୂର୍ବରୁ ଭାରତ ୧୯୫୦-୫୧, ୧୯୬୭-୬୮, ୧୯୭୨-୭୩, ୧୯୭୭-୭୮, ୧୯୮୪-୮୫, ୧୯୯୧-୯୨ ଏବଂ ୨୦୧୧-୧୨ରେ ଜାତିସଂଘ ସୁରକ୍ଷା ପରିଷଦକୁ ଅସ୍ଥାୟୀ ସଦସ୍ୟ ନିର୍ବାଚିତ ହୋଇଥିଲା।




## ମୋଦିଙ୍କୁ ଭୋଟ ଦେଇଥିବା କର୍ମଚାରୀଙ୍କ ଉପରେ ବର୍ଷିଲେ କୁମାରସ୍ୱାମୀ

ରାଇଚୁର(କର୍ଣ୍ଣାଟକ),୨୬।୬

କର୍ଣ୍ଣାଟକର ଏକ ସରକାରୀ ବିଦ୍ୟୁତ୍ ପ୍ରକଳ୍ପର କର୍ମଚାରୀମାନେ ବୁଧବାର ବିଭିନ୍ନ ଆପତ୍ତି ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ପାଖରେ ଗୁହାରି କରିବାକୁ ଯାଇଥିଲେ। ହେଲେ ସେମାନଙ୍କୁ ଦେଖି ମୁଖ୍ୟମନ୍ତ୍ରୀଙ୍କ ରାଗ ପଞ୍ଚମକୁ ଉଠିଯାଇଥିଲା। 'ମୋଦିଙ୍କୁ ଭୋଟ ଦେଇଛ, ସମାଧାନ ପାଇଁ ମୋ ପାଖକୁ ଆସିଛ' ବୋଲି ସେ ଚିତ୍କାର କରି କହିଥିଲେ।

ମୁଖ୍ୟମନ୍ତ୍ରୀ କାରେଗୁଡ୍ଡା ଗ୍ରାମକୁ ଯାଉଥିବାବେଳେ ୟେରମାରୁସ୍ ଥର୍ମାଲ ପାୱାର ଷ୍ଟେଶନ (ୱାଇଟିପିଏସ୍)ର ଶ୍ରମିକମାନେ ତାଙ୍କ ଗାଡ଼ିକୁ ଅଟକାଇଥିଲେ। ସେମାନଙ୍କ ବକେୟା ବେତନ ଏବଂ କେତେକ ସହକର୍ମୀଙ୍କୁ କର୍ତ୍ତୃପକ୍ଷ ଚାକିରିରୁ ବହିଷ୍କାର କରିଥିବାରୁ ଏଥିରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବା ଲାଗି ଅନୁରୋଧ କରି ସେମାନେ ଏକ ସ୍ମାରକପତ୍ର ଦେବାକୁ ଚାହିଁଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଦେଖା କରିବାକୁ ମନାକରିଦେବା ସହ ରାସ୍ତା ଅବରୋଧ କଲେ ଲାଠିମାଡ଼ ହେବ ବୋଲି ଚେତାବନୀ ଦେଇଥିଲେ।

### [ଇତିହାସର ଆଇନାରେ] ଜୁନ୍ ୨୭ର ପ୍ରମୁଖ ଘଟଣା

୧୯୬୪ ଜୁନ୍ ୨୭ରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ସରକାରୀ ଗୃହ ତ୍ରିମୂର୍ତ୍ତି ଭବନକୁ ନେହେରୁ ସ୍ମାରକୀ ସଂଗ୍ରହାଳୟରେ ପରିବର୍ତ୍ତନ କରାଯାଇଥିଲା। ୧୯୬୪ ମେ ୨୭ରେ ନେହେରୁଙ୍କର ହୃଦ୍‌ଘାତରେ ପରଲୋକ ହୋଇଥିଲା।

୨୦୦୭ ଜୁନ୍ ୨୭ରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ପଦରୁ ଟୋନି ବ୍ଲେୟାର ଇସ୍ତଫା ଦେଇଥିଲେ। ସେ ୧୯୯୭ରୁ ଦେଶର ପ୍ରଧାନମନ୍ତ୍ରୀ ଥିବାବେଳେ ୧୯୯୪ରୁ ଲେବର ପାର୍ଟି ନେତା ଥିଲେ।

# ଅଧିକାରୀଙ୍କୁ ବ୍ୟାଟ୍‌ରେ ପିଟିଲେ ବିଜୟବର୍ଗୀୟଙ୍କ ପୁଅ


ଇନ୍ଦୋର-୩ ବିଧାୟକ ଆକାଶ ବିଜୟଭର୍ଗୀୟ ମ୍ୟୁନିସିପାଲ କର୍ପୋରେଶନ୍‌ର ଜୋନାଲ ଅଫିସରଙ୍କୁ ବ୍ୟାଟ୍‌ରେ ମାଡ଼ ମାରୁଛନ୍ତି।

ଇନ୍ଦୋର,୨୬।୬

ଭାଜପା ସାଧାରଣ ସମ୍ପାଦକ କୈଳାସ ବିଜୟଭର୍ଗୀୟଙ୍କ ପୁଅ ତଥା ଇନ୍ଦୋର-୩ ନିର୍ବାଚନମଣ୍ଡଳୀର ବିଧାୟକ ଆକାଶ ବିଜୟଭର୍ଗୀୟ ବୁଧବାର ଇନ୍ଦୋର ମ୍ୟୁନିସିପାଲ କର୍ପୋରେଶନ୍‌ର ଜଣେ ଜୋନାଲ ଅଫିସରଙ୍କୁ କ୍ରିକେଟ ବ୍ୟାଟ୍‌ରେ ପିଟି ଗିରଫ ହୋଇଛନ୍ତି। ଏହି ଆକ୍ରମଣ ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଧାୟକ ଅଡୁଆରେ ପଡିଛନ୍ତି। ଇନ୍ଦୋରର ଗାଞ୍ଜି କମ୍ପାଉଣ୍ଡ ଅଞ୍ଚଳରେ ବିପଜ୍ଜନକ ଘୋଷିତ ଆକାଶଙ୍କ ଜଣେ ସମର୍ଥକଙ୍କ ଘର ଭାଙ୍ଗିବାକୁ ଜୋନାଲ ଅଫିସର ଧୀରଜ ବୈଶ୍ ଉଦ୍ୟମ କରୁଥିବାବେଳେ ଏହି ଆକ୍ରମଣ ହୋଇଥିଲା। ଏହାର ପ୍ରତିବାଦରେ ମ୍ୟୁନିସିପାଲ କର୍ପୋରେଶନ୍‌ର କର୍ମଚାରୀମାନେ ଧର୍ମଘଟ ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଧୀରଜ ମ୍ୟୁନିସିପାଲ କର୍ମଚାରୀମାନଙ୍କ ସହ ଯାଇ ବିପଜ୍ଜନକ ବିଲ୍ଡିଂକୁ ଭାଙ୍ଗିବା ଉଦ୍ୟମ କରୁଥିବାବେଳେ ବିଧାୟକ ଆକାଶ ସେଠାରେ ପହଞ୍ଚି ସେମାନଙ୍କୁ ଫେରିଯିବା ଲାଗି କହିଥିଲେ। ଧୀରଜ ଏଥିରେ ରାଜି ନ ହେବାରୁ ସେ ତାଙ୍କୁ ବ୍ୟାଟରେ ପିଟିଥିଲେ। ଏଥିସହିତ ବିଧାୟକଙ୍କ ସମର୍ଥକମାନେ ମ୍ୟୁନିସିପାଲିଟିର ଗାଡ଼ି ଭଙ୍ଗାରୁଜା କରିଥିଲେ। ପୋଲିସ ପହଞ୍ଚିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ବିଲ୍ଡିଂ ଅବସ୍ଥା ସେତେ ଖରାପ ନ ଥିଲା ଯେ ଏହା ବର୍ଷାରେ ଭୁଶୁଡ଼ି ପଡିଥାନ୍ତା। ଏହାକୁ ଭଙ୍ଗାଯିବା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବିଧାୟକ ଗଣମାଧ୍ୟମକୁ କହିଛନ୍ତି। ବିଲ୍ଡିଂ ନ ଭାଙ୍ଗିବା ଲାଗି ସେ ମ୍ୟୁନିସିପାଲ କର୍ପୋରେଶନ୍ କର୍ତ୍ତୃପକ୍ଷଙ୍କୁ ପୂର୍ବରୁ ଅନୁରୋଧ କରିଥିଲେ। ଏହା ସତ୍ତ୍ୱେ ସେମାନେ ଭାଙ୍ଗିବାକୁ ଆସିଥିବା ଜାଣି ବିଧାୟକ ସେମାନଙ୍କୁ ବୁଝାଇବାକୁ ଉଦ୍ୟମ କରିଥିଲେ। ଜୋନାଲ ଅଫିସର ତାହା ନ ଶୁଣିବାରୁ ସେ ଧୈର୍ଯ୍ୟ ହରାଇଥିଲେ ବୋଲି ବିଧାୟକ କହିଛନ୍ତି।

■ ଜି-୨୦ ପୂର୍ବରୁ ହଂକଂରେ ବିଶାଳ ବିକ୍ଷୋଭ


# ବିଶ୍ୱ ନେତାଙ୍କ ସହଯୋଗ ଲୋଡ଼ିଲେ

ଜାତିସଂଘ,୨୬।୬



ଚଳିତ ସପ୍ତାହରେ ଜାପାନର ଓସାକାଠାରେ ଜି-୨୦ ରାଷ୍ଟ୍ରଗୋଷ୍ଠୀର ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏହା ପୂର୍ବରୁ ବୁଧବାର ହଂକଂରେ ହଜାର ହଜାର ଲୋକ ୧୯ଟି ସଦସ୍ୟ ରାଷ୍ଟ୍ରର ବାଣିଜ୍ୟିକ ଦୂତାବାସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ କଳା ପୋଷାକ ପିନ୍ଧି ମୁହଁରେ ପଟି ବାନ୍ଧି ନୀରବ ଶୋଭାଯାତ୍ରାରେ ବାହାରିଥିଲେ। ବିବାଦୀୟ ପ୍ରତ୍ୟର୍ପଣ ବିଲ୍‌କୁ ହଂକଂବାସୀ ବିରୋଧ କରିଆସୁଥିବାବେଳେ ଜି-୨୦ ସମ୍ମିଳନୀ ଅବସରରେ ଏଥିପାଇଁ ଚାଇନା ରାଷ୍ଟ୍ରପତିଙ୍କ ଉପରେ ଚାପ ପକାଇବାକୁ ସେମାନେ ବିଦେଶୀ ନେତାମାନଙ୍କୁ ଅନୁରୋଧ କରିଛନ୍ତି। ହଂକଂକୁ ଉଚ୍ଚମାନର ସ୍ୱାୟତ୍ତତା ପ୍ରଦାନ, ମୁକ୍ତ ବାଣିଜ୍ୟ ପରିବେଶ, ନାଗରିକମାନଙ୍କ ବାଣିଜ୍ୟ ଅଧିକାରର ସୁରକ୍ଷା ଆଦି ପ୍ରସଙ୍ଗରେ ବିଶ୍ୱ ନେତାମାନେ ସମ୍ମିଳନୀରେ ଆଲୋଚନା କରିବା ଲାଗି ବିକ୍ଷୋଭକାରୀମାନେ ଦାବି କରି ବାଣିଜ୍ୟିକ ଦୂତାବାସର ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

ହଂକଂରେ ପ୍ରତ୍ୟର୍ପଣ ବିଲ୍‌କୁ ବିରୋଧ କରି ଦୀର୍ଘଦିନ ହେଲା ବିକ୍ଷୋଭ ଜାରି ରହିଛି। ଜି-୨୦ ଏକ ଅନ୍ତର୍ଜାତୀୟ ଫୋରମ ହୋଇଥିବାରୁ ଏଥିରେ ବିକ୍ଷୋଭ ପ୍ରସଙ୍ଗ ଆଲୋଚନା ଲାଗି ଅନୁମତି ଦିଆଯିବ ନାହିଁ ବୋଲି ଚାଇନା ସହକାରୀ ବହିର୍ବ୍ୟାପାର ମନ୍ତ୍ରୀ ଝାଙ୍ଗ୍ ଜୁନ୍ ସୋମବାର କହିବା ପରେ ସାନି ଆନ୍ଦୋଳନ ମୁଣ୍ଡ ଟେକିଛି। ମନ୍ତ୍ରୀଙ୍କ ମନ୍ତବ୍ୟରୁ ହଂକଂ ପ୍ରସଙ୍ଗଠାରୁ ଚାଇନା ଦୂରେଇ ରହିବାକୁ ଚାହୁଁଥିବା ସ୍ପଷ୍ଟ ହୋଇଯାଇଛି। ଫଳରେ ହଂକଂବାସୀ ଏହାକୁ ଗୁରୁତର ସହ ନେଇ ବିଦେଶୀ ରାଷ୍ଟ୍ରଗୁଡ଼ିକର ସହଯୋଗ ଚାହିଁଛନ୍ତି। ହଂକଂର ବ୍ୟବସାୟିକ କେନ୍ଦ୍ରସ୍ଥଳ ଚାଟର ଗାର୍ଡେନରେ ହଜାର ହଜାର ଲୋକ ରୁଣ୍ଡ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହଂକଂକୁ ଚାଇନାର ଉପନିବେଶୀୟ ଶାସନରୁ ମୁକ୍ତ କରିବା ଲାଗି ସେମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଅନ୍ୟ ନେତାମାନଙ୍କୁ ଅନୁରୋଧ କରିଥିଲେ। ଆମେ ହଂକଂବାସୀ ମର୍ଯ୍ୟାଦାର ସହ ନିର୍ଭୟରେ ବସବାସ କରିବାକୁ ଚାହୁଁ। ଚାଇନାର ପ୍ରତ୍ୟର୍ପଣ ନୀତି ଚଳିବ ନାହିଁ ବୋଲି ସେମାନେ ସ୍ଲୋଗାନ ଦେଇଥିଲେ।




# ପୂର୍ବତନ ବ୍ୟାଙ୍କ୍ ମ୍ୟାନେଜର, ୨ ବିଲ୍ଡର ଗିରଫ

**ଜମି ଦେବା ଆଳରେ ୭ କୋଟି ଠକେଇ**

- ଠକେଇର ଶିକାର ହୋଇଛନ୍ତି ୧୬୦ ସରକାରୀ କର୍ମଚାରୀ
- ଜାମିନ ନାମଞ୍ଜୁର ପରେ ଜେଲ୍ ଗଲେ ୩ ଅଭିଯୁକ୍ତ

ଭୁବନେଶ୍ୱର, ୨୬।୬(ବ୍ୟୁରୋ)

ଟାର୍ଗେଟରେ ଥିଲେ ସରକାରୀ କର୍ମଚାରୀ। ଏଥିପାଇଁ ଗଠନ ହୋଇଥିଲା ସୋସାଇଟି। ଜମି ଦେବାକୁ କହି ୧୬୦ କର୍ମଚାରୀଙ୍କଠାରୁ ହଡ଼ପ କରିଥିଲେ ୭କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ଏହି ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥ ନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜଣେ ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଓ ୨ ଜଣ ବିଲ୍ଡରଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ଏୟାରଫିଲ୍ଡ ଥାନା ଭୀମଟାଙ୍ଗୀସ୍ଥିତ ଆନ୍ଧ୍ର ବ୍ୟାଙ୍କର ପୂର୍ବତନ ମ୍ୟାନେଜର ପ୍ରଫୁଲ୍ଲ କୁମାର ଷଡଙ୍ଗୀ ଓ ଅନ୍ୟ ଦୁଇ ଅଭିଯୁକ୍ତ ହେଲେ ହିନ୍ଦୁସ୍ଥାନ ଡେଭ୍‌ଲପର ବିଲ୍ଡର ସଂସ୍ଥାର ଦୁଇ ଅଂଶୀଦାର କଟକ ଜିଲା ମଧୁପାଟଣା ଥାନା ନୂଆପାଟଣା ଅଞ୍ଚଳର ମନୋଜ ମହାପାତ୍ର ଏବଂ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ବମିଖାଲ ଅଞ୍ଚଳର ଅମ୍ବିକା ପ୍ରସାଦ ମହାନ୍ତି।

ସୂଚନା ମୁତାବକ, ପୂର୍ବତନ ବ୍ୟାଙ୍କ ମ୍ୟାନେଜର ତଥା ଅଭିଯୁକ୍ତ ପ୍ରଫୁଲ ଆନ୍ଧ୍ର ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ରାଜଧାନୀ ଉପକଣ୍ଠରେ ସୁଲଭ ମୂଲ୍ୟରେ ଜମି ଯୋଗାଇ ଦେବାକୁ ଲୋଭ ଦେଖାଇଥିଲେ। ଏଥିପାଇଁ ଆନ୍ଧ୍ର ବ୍ୟାଙ୍କ୍ ଏମ୍ପ୍ଲୋଇଜ୍ ହାଉସିଂ କୋପରେଟିଭ୍ ସୋସାଇଟି ଗଠନ କରି ତାହାର ସେକ୍ରେଟାରୀ ରହିଥିଲେ। ଚନ୍ଦ୍ରଶେଖରପୁରସ୍ଥିତ ଆନ୍ଧ୍ର ବ୍ୟାଙ୍କରେ ସୋସାଇଟି ନାମରେ ଆକାଉଣ୍ଟ ଖୋଲାଯାଇଥିଲା। ଉକ୍ତ ଆକାଉଣ୍ଟରେ ଟଙ୍କା ଜମା ଓ ଉଠାଣ କ୍ଷମତା ପ୍ରଫୁଲ୍ଲଙ୍କ ହାତରେ ରହିଥିଲା। ୨୦୦୯ରୁ ୨୦୧୧ ମଧ୍ୟରେ ବ୍ୟାଙ୍କ୍ କର୍ମଚାରୀ ଓ ସେମାନଙ୍କ ସମ୍ପର୍କୀୟ ବହୁ ଡାକ୍ତର, ଇଞ୍ଜିନିୟର ପ୍ରମୁଖ ୧୬୦ ସରକାରୀ କର୍ମଚାରୀଙ୍କଠାରୁ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଆକାଉଣ୍ଟରେ ଜମା କରିଥିଲେ। ଏହାପରେ ପ୍ରଫୁଲ ହିନ୍ଦୁସ୍ଥାନ ଡେଭଲପରର ସଂସ୍ଥାର ଦୁଇ ଅଂଶୀଦାର ମନୋଜ ଓ ଅମ୍ବିକାଙ୍କ ସହ ଜମି କାରବାର ନେଇ ଚୁକ୍ତି କରି ଟଙ୍କା ପ୍ରଦାନ କରିଥିଲେ। ପ୍ଲଟ୍ ପାଇଁ ଟଙ୍କା ଜମା କରିଥିବା ଲୋକଙ୍କୁ ପ୍ଲଟର ସେଲ୍‌ଡିଡ୍ ଦିଆଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଜମାକରୀଙ୍କୁ ତାଙ୍କ ପ୍ଲଟ୍‌ର ପଜେଶନ ଦିଆଯାଇ ନ ଥିଲା। ଏ ନେଇ ଜମାକାରୀ ବାରମ୍ବାର ବିଲ୍ଡର ସଂସ୍ଥାକୁ ଦୌଡ଼ି ନିରାଶ ହୋଇଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ଶତାବ୍ଦୀ ନଗର ଅଞ୍ଚଳରେ ରହୁଥିବା ଜମାକାରୀ ରତିକାନ୍ତ ସାମଲ ଗତ ୪ ତାରିଖରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଏ ନେଇ ଇଓଡବ୍ଲ୍ୟୁ ପକ୍ଷରୁ ୯/୧୯ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଇଓଡବ୍ଲ୍ୟୁର ୩ ଟିମ ୩ ଜଣ ଅଭିଯୁକ୍ତଙ୍କ ଘରେ ଚଢଉ କରି ସେମାନଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ କଟକସ୍ଥିତ ପ୍ରାଧିକୃତ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ୩ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇଦିଆଯାଇଛି।

# ଗୋଟିଏ ଦିନରେ ଏକାଧିକ ବିଶ୍ୱବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା

- ଦ୍ୱନ୍ଦ୍ୱରେ ଛାତ୍ରୀଛାତ୍ର
- ରାଜ୍ୟପାଳଙ୍କୁ ଭେଟିଲା ଏବିଭିପି

**ଭୁବନେଶ୍ୱର, ୨୬।୬ (ବ୍ୟୁରୋ):** ଆସନ୍ତା ଜୁଲାଇ ମାସର ପ୍ରଥମ ସପ୍ତାହରୁ ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟ ଯଥା ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ମାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ବିଭିନ୍ନ ବିଷୟର ପରୀକ୍ଷା ଗୋଟିଏ ଦିନରେ ପଡୁଛି। ଫଳରେ ଯେଉଁ ଛାତ୍ରୀଛାତ୍ର ଏକା ସାଙ୍ଗେ ୨ରୁ ୩ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପରୀକ୍ଷା ପାଇଁ ଆବେଦନ କରିଛନ୍ତି, ସେମାନେ କେତେକ ପରୀକ୍ଷାରୁ ବଞ୍ଚିତ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଏପରି ସ୍ଥଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ପ୍ରାନ୍ତ ସମିତି ବୁଧବାର କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛି। ସୂଚନାଯୋଗ୍ୟ, ଓଡ଼ିଆ, ଇଂଲିଶ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଭୂତତ୍ତ୍ୱ ବିଜ୍ଞାନ ଏବଂ କମ୍ପ୍ୟୁଟର ସାଇନ୍ସ ଆଦି ବିଷୟଗୁଡ଼ିକର ପରୀକ୍ଷା ଗୋଟିଏ ଦିନରେ ରହିଛି। ଏହି ପରୀକ୍ଷାଗୁଡ଼ିକୁ ପରୀକ୍ଷାର୍ଥୀଙ୍କୁ ସୁହାଇଲା ଭଳି ବିଭିନ୍ନ ଦିନରେ କରାଇବାକୁ ପରିଷଦ ଦାବି ରଖିଛି। ଅଲଗା ଅଲଗା ଦିନରେ ପରୀକ୍ଷା କରିବା ପାଇଁ ରାଜ୍ୟପାଳ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ସମାଧାନ ନ ହୁଏ, ତେବେ ଆମେ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବୁ ବୋଲି ଏବିଭିପି ପକ୍ଷରୁ କୁହାଯାଇଛି। ଏହାସହିତ ଆସନ୍ତା ଶିକ୍ଷାବର୍ଷରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଏକକ ପ୍ରବେଶିକା ପରୀକ୍ଷା କରାଇବାକୁ ଏବିଭିପି ତା'ର ପୁରୁଣା ଦାବି ମଧ୍ୟ ଦୋହରାଇଛି। ଏହି ପ୍ରତିନିଧି ମଣ୍ଡଳରେ ଏବିଭିପି ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର, ସହ ସମ୍ପାଦକ ସଙ୍ଗୀତା ପଣ୍ଡା, ରତନ ଦିଗଲ, ଶୁଭସ୍ମିତା ସିଂ, ସଞ୍ଜୟ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମେନ୍ଦ୍ରଙ୍କୁ ଭେଟିଲେ ଦୁବାଇରେ ଫସିଥିବା ଓଡ଼ିଆ ଶ୍ରମିକ

**ଭୁବନେଶ୍ୱର, ୨୬।୬(ବ୍ୟୁରୋ):** ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ବୁଧବାର ସଉଦି ଆରବରେ ଫସିରହିଥିବା ୧୦ ଓଡ଼ିଆ ଶ୍ରମିକ ଦିଲ୍ଲୀ ଫେରିଛନ୍ତି। ଏହି ଶ୍ରମିକମାନଙ୍କୁ ଉଦ୍ଧାର କରିବା ଲାଗି ଧର୍ମେନ୍ଦ୍ର କିଛିଦିନ ତଳେ ବୈଦେଶିକ ମନ୍ତ୍ରଣାଳୟ ସହଯୋଗ ଲୋଡିଥିଲେ। ଦିଲ୍ଲୀ ଫେରିବା ପରେ ଧର୍ମେନ୍ଦ୍ରଙ୍କ ନୂଆଦିଲ୍ଲୀ ସ୍ଥିତ ସରକାରୀ ବାସଭବନରେ ସମସ୍ତ ଓଡିଆ ଶ୍ରମିକଙ୍କୁ କେନ୍ଦ୍ରମନ୍ତ୍ରୀ ସ୍ୱାଗତ କରିଛନ୍ତି। ଏହା ସହ ଉଦ୍ଧାର କାର୍ଯ୍ୟ ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ ଦୁବାଇ ସ୍ଥିତ ଭାରତୀୟ ଦୂତାବାସକୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି ।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶାର ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ଜିଲାର ୧୦ ଜଣ ଓଡ଼ିଆ ଶ୍ରମିକଙ୍କୁ ଦୁବାଇର ଶାରଜାହାଁରେ ରଡ ବାନ୍ଧିବା କାମରେ ଲଗାଯାଇଥିଲା । ଅଧିକ ରୋଜଗାର ଆଶାରେ ସେମାନେ ଦୁବାଇ ଯାଇଥିଲେ । ସେମାନଙ୍କୁ ସେଠାରେ ନିର୍ଯାତନା ଦିଆଯାଉଥିବା ଗଣମାଧ୍ୟମରୁ ସୂଚନା ପାଇବା ପରେ ଏ ସମ୍ପର୍କରେ ସେ ନବନିଯୁକ୍ତ ବୈଦେଶିକ ମନ୍ତ୍ରୀଙ୍କୁ ପତ୍ର ଲେଖି ଅବଗତ କରାଇଥିଲେ। ବୈଦେଶିକ ମନ୍ତ୍ରୀ ନିଜେ ଏହି ଘଟଣାର ତଦାରଖ କରୁଥିଲେ। ଭାରତୀୟମାନେ ବିଭିନ୍ନ ମଧ୍ୟସ୍ଥଙ୍କ ନେତୃତ୍ୱରେ କିମ୍ବା ଦଲାଲଙ୍କ ହାବୁଡରେ ପଡି ବିଦେଶରେ ଫସି ରହିବା ସହ ଅସୁବିଧାରେ ପଡୁଛନ୍ତି । ଭାରତୀୟ ଦୂତାବାସ ସକ୍ରିୟତା ସହକାରେ ସେମାନଙ୍କୁ ଉଦ୍ଧାର କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଗତ ୫ ବର୍ଷ ହେବ ଏକ ସମ୍ବେଦନଶୀଳ ସରକାର ଭାରତରେ ରହିଛି । ପୁନର୍ବାର ମୋଦି ସରକାରକୁ ଦାୟିତ୍ୱ ମିଳିଥିବାରୁ ଅନେକ ସମ୍ବେଦନଶୀଳ ପଦକ୍ଷେପ ମଧ୍ୟ ନିଆଯାଇଛି, ତାହା ମଧ୍ୟରୁ ଏହା ଅନ୍ୟତମ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଗତ ୬ ତାରିଖରେ ଧର୍ମେନ୍ଦ୍ର ଦୁବାଇରେ ଫସି ରହିଥିବା ଓଡିଆ ଶ୍ରମିକଙ୍କ ଉଦ୍ଧାର ଲାଗି ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ । ଉଦ୍ଧାର ଶ୍ରମିକଙ୍କୁ ଧର୍ମେନ୍ଦ୍ର ଭେଟିବା ସମୟରେ ସାଙ୍ଗରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଉପସ୍ଥିତ ଥିଲେ ।

# କାର୍ଯ୍ୟରେ ଯୋଗଦେଲେ ନୂଆ ଏଜି


ପୂର୍ବତନ ଏଜି ସୂର୍ଯ୍ୟପ୍ରସାଦ ମିଶ୍ର (ବାମ) ନୂତନ ଏଜି ଅଶୋକ ପରିଜାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

**କଟକ ଅଫିସ, ୨୬।୬:** ନବନିଯୁକ୍ତ ଆଡଭୋକେଟ୍ ଜେନେରାଲ (ଏଜି) ଅଶୋକ ପରିଜା ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଓଡ଼ିଶା ହାଇକୋର୍ଟ ପରିସ୍ଥ ଆଡଭୋକେଟ୍ ଜେନେରାଲ କାର୍ଯ୍ୟାଳୟରେ ଅଶୋକ ପହଞ୍ଚିବା ପରେ ପୂର୍ବତନ ଏଜି ସୂର୍ଯ୍ୟ ପ୍ରସାଦ ମିଶ୍ର ତାଙ୍କୁ ଫୁଲତୋଡା ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ହାଇକୋର୍ଟର ଅନ୍ୟ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସୂଚନାଥାଉ କି, ଜଣେ ଦକ୍ଷ ଆଇନଜୀବୀ ଭାବେ ପରିଜାଙ୍କର ବେଶ୍ ସୁନାମ ରହିଛି। ପୂର୍ବରୁ ସେ ବାର୍ କାଉନସିଲ ଅଫ ଇଣ୍ଡିଆର ଅଧ୍ୟକ୍ଷ ଥିବାବେଳେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।

■ଚର୍ଚ୍ଚାରେ ଗଜପତି ଏସ୍‌ପି ସାରା ଶର୍ମା

# 'ସି-ଟିମ୍'ର ଥିମ୍ ସଙ୍ଗ୍ ଗାଇଲେ

ପାରଳାଖେମୁଣ୍ଡି,୨୬।୬(ସ୍ୱ.ପ୍ର.)



ସାମାଜିକ ପ୍ରତିବଦ୍ଧତା କ୍ଷେତ୍ରରେ ନିଜର ଅଭିନବ ଉଦ୍ୟମ ପାଇଁ ବାରମ୍ବାର ଚର୍ଚ୍ଚାରେ ରହିଆସିଛନ୍ତି ଆଇପିଏସ୍ ତଥା ଗଜପତି ଜିଲାର ଏସ୍‌ପି ସାରା ଶର୍ମା। ପୂର୍ବରୁ ଫନୀ ବାତ୍ୟା ସମୟରେ ବିପନ୍ନଙ୍କୁ ସହାୟତା ଦେବା ପାଇଁ ସେ ନିଜେ ଥାଳ ଧରି ଅର୍ଥ ସଂଗ୍ରହ ପାଇଁ ଘର ଘର ବୁଲିଥିଲେ। ଏବେ ମହିଳାଙ୍କ ସୁରକ୍ଷା ଓ ସଚେତନତା ଉଦ୍ଦେଶ୍ୟରେ ପୋଲିସ ଆରମ୍ଭ କରିଥିବା 'ସି-ଟିମ୍' ଅଭିଯାନର ଥିମ୍ ସଙ୍ଗ୍‌କୁ ଗାଇବା ପରେ ଚର୍ଚ୍ଚାର ଶିରୋନାମା ପାଲଟିଛନ୍ତି ସାରା।

ଉଲ୍ଲେଖଯୋଗ୍ୟ ଯେ, ମହିଳା ଓ ଶିଶୁଙ୍କ ସୁରକ୍ଷା ସହ ଅପରାଧ ଉପରେ ଲଗାମ ଲଗାଇବା ପାଇଁ ସାରା ଶର୍ମା ପାରଳାଖେମୁଣ୍ଡିରେ ଆରମ୍ଭ କରିଛନ୍ତି ଅଭିନବ ଯୋଜନା 'ସି-ଟିମ୍'। ପାରଳାଖେମୁଣ୍ଡି ସ୍ଥିତ ଆଦର୍ଶ ଥାନାରେ ଗତ ସୋମବାର ଏହି ଯୋଜନାର ଲୋଗୋ ଉନ୍ମୋଚିତ ହୋଇଥିବା ବେଳେ ମଙ୍ଗଳବାର ଏହାର ଥିମ୍ ସଙ୍ଗ୍ ଉନ୍ମୋଚନ କରାଯାଇଥିଲା। ବିଶିଷ୍ଟ ସଙ୍ଗୀତଜ୍ଞ ଗୁରୁ ରଘୁନାଥ ପାତ୍ର ଏହାର ସଂଯୋଜନା କରିଛନ୍ତି। 'ସି-ଟିମ୍'ର ଉଦ୍ଦେଶ୍ୟ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏହି ଗୀତର ମୂଳ ଲକ୍ଷ୍ୟ ରହିଥିବା ଏସ୍‌ପି ସାରା ଶର୍ମା କହିଛନ୍ତି। ବର୍ତ୍ତମାନ ଘରେ ଘରେ ମୋବାଇଲରେ ସାରାଙ୍କ କଣ୍ଠସ୍ୱର ସହ ଏହି ସଚେତନଧର୍ମୀ ଗୀତ ପହଞ୍ଚିବ। ଆସନ୍ତା ୨୮ ତାରିଖରୁ ଓଡ଼ିଶାରେ ପ୍ରଥମଥର ପାଇଁ ଏହି ଯୋଜନା ପାରଳାଖେମୁଣ୍ଡିରେ କାର୍ଯ୍ୟକାରୀ ହେବ।

# କାଏମ ରହିଲା ଅମର, ସମ୍ବିତ ଓ ବୈଷ୍ଣବଙ୍କ ପ୍ରାର୍ଥୀପତ୍ର

**ଭୁବନେଶ୍ୱର, ୨୬।୬ (ବ୍ୟୁରୋ):** ଓଡିଶାର ଖାଲି ଥିବା ୩ ରାଜ୍ୟ ସଭା ଆସନ ଲାଗି ୩ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ବିଜେଡି ପ୍ରାର୍ଥୀ ଅମର ପଟ୍ଟନାୟକ, ସସ୍ମିତ ପାତ୍ର ଏବଂ ଭାଜପାର ଅଶ୍ୱିନୀ ବୈଷ୍ଣବ ଏବେ ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭା ଯାଇପାରିବେ। ରାଜ୍ୟ ସଭା ଉପନିର୍ବାଚନ ପାଇଁ ଗତ ୧୮ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନାମାଙ୍କନପତ୍ର ଦାଖଲ ପାଇଁ ଗତ ୨୫ ଶେଷ ତାରିଖ ଥିଲା। ଓଡିଶାରୁ ୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବୁଧବାର ପ୍ରାର୍ଥୀପତ୍ର ଯାଞ୍ଚ ହୋଇଛି। ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ନଗେନ୍ଦ୍ର ମିଶ୍ରଙ୍କ ପାଇଁ କେହି ପ୍ରସ୍ତାବକ ନ ଥିବାରୁ ତାଙ୍କ ପ୍ରାର୍ଥୀପତ୍ର ରଦ୍ଦ ହୋଇଛି। ଏବେ ୩ ଆସନ ପାଇଁ ଉପନିର୍ବାଚନର ଆବଶ୍ୟକତା ନାହିଁ। ବିଜେଡିର ୨ ଏବଂ ଭାଜପାର ଜଣେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ। ଆସନ୍ତା ୨୮ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। ସେହିଦିନ ହିଁ ସେମାନଙ୍କ ନାମ ଘୋଷଣା କରାଯିବ ବୋଲି ସୂଚନା ମିଳିଛି।

# ଅଭିନେତାଭାବେ ପ୍ରଶିକ୍ଷଣ ନେଇନି



**ମୁମ୍ବାଇ:** ପାରିବାରିକ ପୃଷ୍ଠଭୂମି ଥିଲେ ମଧ୍ୟ କେବେବି ଅଭିନୟକୁ ଗୁରୁତ୍ୱ ଦେଇ ନ ଥିଲି କି ଏଥିଲାଗି ପ୍ରଶିକ୍ଷଣ ନେଇ ନ ଥିଲି ବୋଲି କହିଛନ୍ତି ଜାଭେଦ୍ ଜାଫ୍ରିଙ୍କ ପୁଅ ମିଜାନ୍ ଜାଫ୍ରି। ସଞ୍ଜୟ ଲୀଲା ଭଂସାଲିଙ୍କ 'ମଲାଲ୍'ରେ ଅଭିନୟ କରିବା ମୋ ପାଇଁ ନୂଆ ଅନୁଭୂତି ଆଣି ଦେଇଥିଲା ବୋଲି ସେ ମତବ୍ୟକ୍ତ କରିଛନ୍ତି। ପୂର୍ବରୁ ମ୍ୟୁଜିକ୍ ଓ ସ୍ପୋର୍ଟ୍ସକୁ ଭଲପାଇ ଆସିଥିଲି, ହେଲେ ବଲିଉଡ୍‌ରେ ହିରୋ ହେବା କଥା କେବେ ଚିନ୍ତା କରି ନ ଥିଲି ବୋଲି ସେ କହିଛନ୍ତି। ଏବେ ଅଭିନୟ ନେଇ ମୁଁ ପୂରା ସିରିୟସ୍। 'ମଲାଲ୍'ରେ ମୋ ସହ ଅଭିନେତ୍ରୀ ଶର୍ମିନ୍ ସେହଗଲ ଥିବା ସେ ପ୍ରକାଶ କରିଛନ୍ତି। ମହାରାଷ୍ଟ୍ର ଲାଗି ବାସ୍କେଟବଲ ଖେଳିବା ସହ ବିଭିନ୍ନ ଆନ୍ତଃ ରାଜ୍ୟ ପ୍ରତିଯୋଗିତାରେ ମିଜାନ୍ ଭାଗ ନେଇଥିବା ପ୍ରକାଶ କରିଛନ୍ତି। ଖେଳ ସହ ମାର୍ଶାଲ ଆର୍ଟ, ସୁଇମିଂ ଆଦି ପ୍ରତି ଆଗ୍ରହ ରହିଥିଲା, ତେବେ ଫିଲ୍ମକୁ ଆସିବା ପରେ ସବୁ ବଦଳିଗଲା ବୋଲି ମିଜାନ୍ କହିଛନ୍ତି। କେବଳ 'ମଲାଲ୍' ନୁହେଁ, 'ପଦ୍ମାବତ୍'ରେ ରଣବୀରଙ୍କ ଅନୁପସ୍ଥିତିରେ ମଧ୍ୟ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳିଥିଲା। ଏବେ ଅଭିନୟ ପ୍ରତି ଅଧିକ ଦୃଷ୍ଟି ଦେଉଥିବା ସେ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସଞ୍ଜୟ ଲୀଲା ଭଂସାଲି ପ୍ରଯୋଜିତ ଓ ମଙ୍ଗେଶ ହଦ୍‌ୱାଲେ ନିର୍ଦ୍ଦେଶିତ ଫିଲ୍ମ 'ମଲାଲ୍' ଜୁଲାଇ ୫ରେ ମୁକ୍ତିଲାଭ କରିବାକୁ ଯାଉଛି।

■ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣା

# ତ୍ରୁଟି ଖୋଜିଲା ରେଳବାଇ ନିରାପତ୍ତା ବିଭାଗ

- ଡିଭିଜନାଲ ଟ୍ରାଫିକ୍ ଇନ୍ସପେକ୍ଟର ନିଲମ୍ବିତ
- କୋରାପୁଟ-ରାୟଗଡ଼ା ରେଳ ଚଳାଚଳ ସ୍ୱାଭାବିକ
- ଆଜି ରାୟଗଡ଼ା ଆସିବେ କୋଲକତାର ସ୍ୱତନ୍ତ୍ର ତଦନ୍ତକାରୀ ଦଳ

ରାୟଗଡ଼ା ଅଫିସ୍,୨୬।୬

ଦୁର୍ଘଟଣା ପରେ ସମଲେଶ୍ୱରୀ ଏକ୍ସପ୍ରେସ୍‌ରେ ନିଆଁ ଲାଗିବା ଘଟଣାରେ ୪ ଜଣ ନିଲମ୍ବିତ ହୋଇଥିବା ବେଳେ ବୁଧବାର ଆଉ ଜଣେ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଦୁର୍ଘଟଣାର ପ୍ରାୟ ୧୬ ଘଣ୍ଟା ପରେ କୋରାପୁଟ-ରାୟଗଡ଼ା ରୁଟ୍‌ରେ ଚଳାଚଳ ସ୍ୱାଭାବିକ ହୋଇଛି। ସେହିପରି ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ୩ ଜଣ ରେଳ କର୍ମଚାରୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ବୁଧବାର ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ଏଭଳି ଦୁର୍ଘଟଣାର ତ୍ରୁଟି ଖୋଜିବା ଆରମ୍ଭ କରିଛି ରେଳବାଇ ନିରାପତ୍ତା ବିଭାଗ।

ସୂଚନା ଅନୁଯାୟୀ, ପୂର୍ବତଟ ରେଳପଥର ଉପମୁଖ୍ୟ ନିରାପତ୍ତା ଅଧିକାରୀ ସରୋଜ ସାହୁଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ଟିମ୍ ଭୁବନେଶ୍ୱରରୁ ଆସି ରାୟଗଡ଼ାରେ ଘଟଣାର ତଦନ୍ତ କରିଛନ୍ତି । ଏହି ଟିମ୍ ରାୟଗଡ଼ା ଷ୍ଟେଶନ୍ କର୍ମଚାରୀଙ୍କ ସହ ଆଲୋଚନା କରିବା ସହ କେଉଟଗୁଡ଼ା ଓ ସିଙ୍ଗାପୁର ରୋଡ ମଧ୍ୟସ୍ଥ ଦୁର୍ଘଟଣା ସ୍ଥଳକୁ ଯାଇ ଛାନଭିନ୍ କରିଛନ୍ତି। ଦୁର୍ଘଟଣା ସମୟରେ କର୍ତ୍ତବ୍ୟରେ ଥିବା ରେଳ କର୍ମଚାରୀଙ୍କୁ ପଚରାଉଚୁରା କରି ଦୁର୍ଘଟଣା ପଛର ତ୍ରୁଟି ସମ୍ପର୍କିତ ତଥ୍ୟ ସଂଗ୍ରହ କରିଛି ଟିମ୍। ଅପରପକ୍ଷରେ କୋଲକତାସ୍ଥିତ ନିରାପତ୍ତା କମିଶନଙ୍କ କାର୍ଯ୍ୟାଳୟରୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ମଧ୍ୟ ଗୁରୁବାର ରାୟଗଡ଼ାରେ ପହଞ୍ଚି ତଦନ୍ତ କରିବେ। ମଙ୍ଗଳବାର ବିଳମ୍ବିତ ରାତିରେ ବିଶାଖପାଟଣା ଡିଭିଜନର ଡିଆର୍‌ଏମ୍ ଚେତନ ଶ୍ରୀବାସ୍ତବ ରାୟଗଡାରେ ପହଞ୍ଚି ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହ ରାତି ତମାମ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ । ଶ୍ରୀବାସ୍ତବ ବୁଧବାର ସକାଳେ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ସହ ଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ ୩ କର୍ମଚାରୀଙ୍କ ପରିବାରକୁ ଭେଟିଥିଲେ। ରାୟଗଡ଼ା ଷ୍ଟେଶନରେ ଅନୁଷ୍ଠିତ ବୈଠକରେ ବିଭାଗୀୟ କର୍ମଚାରୀଙ୍କ ଉପରେ ଡିଆର୍‌ଏମ୍ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହିଭଳି ତ୍ରୁଟିକୁ କ୍ଷମା ଦିଆଯିବ ନାହିଁ ବୋଲି କହିଛନ୍ତି। ହଜାର ହଜାର ଲୋକଙ୍କ ସୁରକ୍ଷା ଦାୟିତ୍ୱ ନେଇଥିବା ରେଳ ବିଭାଗର କର୍ମଚାରୀଙ୍କ ଖାମଖିଆଲି କାର୍ଯ୍ୟକୁ ଗ୍ରହଣ କରାଯିବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। ଡିଭିଜନାଲ ଟ୍ରାଫିକ୍ ଇନ୍ସପେକ୍ଟର ସନ୍ତୋଷ କୁମାର ବେହେରାଙ୍କୁ ପଚରାଉଚୁରା ପରେ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ନିଲମ୍ବନ କରିଥିବା ରାୟଗଡ଼ା ଷ୍ଟେଶନ୍ ମାଷ୍ଟର ପ୍ରତାପ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ଏହାକୁ ମାନବୀୟ ତ୍ରୁଟି ଦର୍ଶାଇ ସେ କହିଛନ୍ତି ଯେ, ମଙ୍ଗଳବାର ଯେଉଁ କର୍ମଚାରୀମାନେ ଦାୟିତ୍ୱରେ ଥିଲେ, ସେମାନଙ୍କ ମଧ୍ୟରେ ସଠିକ୍ ଭାବେ ସୂଚନା ଆଦାନ ପ୍ରଦାନ ହୋଇ ନଥିଲା। ଯଦ୍ୱାରା ଏହି ଦୁର୍ଘଟଣା ଘଟିଥିଲା।

ଦୁର୍ଘଟଣାଗ୍ରସ୍ତ ଟ୍ରେନ୍ ଇଞ୍ଜିନକୁ ସିଙ୍ଗାପୁର ରୋଡ ଏବଂ ଅନ୍ୟ ଇଞ୍ଜିନକୁ କେଉଟଗୁଡ଼ା ଷ୍ଟେଶନ୍‌କୁ ନିଆଯାଇଥିବାବେଳେ ୨ ପୋଡ଼ା ଇଞ୍ଜିନକୁ ଘଟଣାସ୍ଥଳରୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାର ଓ ମରାମତି କାର୍ଯ୍ୟ ସରିବା ପରେ ପ୍ରଥମ ଟ୍ରେନ ଭାବେ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ ବୁଧବାର ସକାଳ ୯ଟାରେ ଯାତ୍ରା କରିଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ସାଇ ଶ୍ରେୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୩୭ ଏସ୍ଆଇଙ୍କୁ ଇନ୍ସପେକ୍ଟର ପଦୋନ୍ନତି

**କଟକ ଅଫିସ,୨୬।୬**

ଓଡ଼ିଶା ପୋଲିସରେ କାର୍ଯ୍ୟରତ ୧୩୭ଜଣ ସବ୍ ଇନ୍ସପେକ୍ଟର(ଏସ୍ଆଇ)ଙ୍କୁ ଇନ୍ସପେକ୍ଟର ଭାବେ ପଦୋନ୍ନତି ମିଳିଛି। ଏ ନେଇ ପୋଲିସ ମୁଖ୍ୟାଳୟ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏସ୍ଆଇ ଶ୍ରୀନିବାସ ସାମଲଙ୍କୁ ନୟାଗଡ଼ରେ, ଏସ୍ଆଇ ସରିତା କୁମାରୀ ମହାପାତ୍ରଙ୍କୁ କଳାହାଣ୍ଡିରେ, ଏସ୍ଆଇ ସ୍ନିଗ୍ଧାରାଣୀ ସୁନାଙ୍କୁ ରାଉରକେଲାରେ, ଏସ୍ଆଇ ଲକ୍ଷ୍ମଣ କୁମାର ବେହେରାଙ୍କୁ ଭୁବନେଶ୍ୱର ସ୍ପେସାଲ ବ୍ରାଞ୍ଚରେ, ଏସ୍ଆଇ ଲକ୍ଷ୍ମୀ ବେହେରାଙ୍କୁ କମିଶନରେଟ ପୋଲିସରେ, ଏସ୍ଆଇ ଗୋବର୍ଦ୍ଧନ ସାହୁଙ୍କୁ କେନ୍ଦ୍ରାପଡ଼ାରେ, ଏସ୍ଆଇ ଶଙ୍କର ପ୍ରସାଦ ମାଝୀଙ୍କୁ ନବରଙ୍ଗପୁରରେ ଇନ୍ସପେକ୍ଟର ଭାବେ ଅବସ୍ଥାପିତ କରାଯିବା ଭଳି ଅନ୍ୟ ୧୩୦ଜଣ ମଧ୍ୟ ଏହି ପଦୋନ୍ନତି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି।

## ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରେଳପଥ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

# ଡ୍ରୋନ୍, ସିସିଟିଭି କ୍ୟାମେରା ଲେନ୍ସରେ ରହିବ ପୁରୀ ଷ୍ଟେଶନ

**କଟଣୀ,୨୬।୬(ଡି.ଏନ.ଏ.)**

ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ରେଳଯାତ୍ରୀଙ୍କ ପାଇଁ ରେଳପଥ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ପରି ଚଳିତବର୍ଷ ଅଧିକ ସଂଖ୍ୟାରେ ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛି। ଏଥିସହ ଅନ୍ୟାନ୍ୟ ସୁବିଧା ସହ ଯାତ୍ରୀଙ୍କ ସୁରକ୍ଷା ଉପରେ ରେଳପଥ ଅଧିକ ଗୁରୁତ୍ୱ ଦେଇଥିବା ନେଇ ଖୋର୍ଦ୍ଧାରୋଡ଼ ରେଳଡିଭିଜନର ଡିଆର୍ଏମ୍ ଶଶୀକାନ୍ତ ସିଂ ବୁଧବାର ଏଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜୁଲାଇ ୪ ତାରିଖ ରଥଯାତ୍ରାରୁ ସୁନାବେଶ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ସୁବିଧା ଉପଲବ୍ଧ ହେବ।



ଖୋର୍ଦ୍ଧାରୋଡ଼ ରେଳଡିଭିଜନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିଆର୍ଏମ୍ ଶଶୀକାନ୍ତ ସିଂ ଓ ଅନ୍ୟମାନେ।

### ସୁରକ୍ଷା ବ୍ୟବସ୍ଥା

ଆକାଶମାର୍ଗରୁ ଡ୍ରୋନ୍ ଓ ସ୍ଥଳଭାଗରେ ସିସିଟିଭି କ୍ୟାମେରାର ତୀକ୍ଷ୍ଣ ନଜରରେ ପୁରୀ ଷ୍ଟେଶନ ଓ ନିକଟବର୍ତ୍ତୀ ରେଳପଥ ଅଞ୍ଚଳ ରହିବ। ଏହା ସନ୍ଦିଗ୍ଧ ଓ ଅସାମାଜିକ ବ୍ୟକ୍ତିଙ୍କ ଉପରେ ରଖିବ ନଜର। ପୁରୀ ଷ୍ଟେଶନରେ ୭୩, ଭୁବନେଶ୍ୱରରେ ୩୮ ଓ କଟକ ଷ୍ଟେଶନରେ ୩୧ଟି ସିସିଟିଭି କ୍ୟାମେରା ଲାଗିବ। ସେହିପରି ୫ଟି ସ୍ନିପର ଡଗ୍ ସ୍କ୍ୱାଡ ମୁତୟନ ସହ ଲଗେଜ ସ୍କାନର, ମେଟାଲ ଡିଟେକ୍ଟର ପୁରୀ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନରେ ସୁରକ୍ଷା ବ୍ୟବସ୍ଥା ରହିବ। ଯାତ୍ରୀଙ୍କ ସୁରକ୍ଷା ପାଇଁ ଷ୍ଟେଶନ, ଟ୍ରେନ୍ ଓ ନିକଟବର୍ତ୍ତୀ ରେଳ ଅଞ୍ଚଳରେ ଆରପିଏଫ୍ ଯବାନ ମୁତୟନ ରହିବେ। ଏଥିପାଇଁ ଅଧିକ ୫୫୦ ଆର୍‌ପିଏଫ୍, ଗୋଟିଏ କମ୍ପାନୀ ଆର୍‌ପିଏଫ୍‌ର ସ୍ୱତନ୍ତ୍ର ଫୋର୍ସ ମୁତୟନ କରାଯିବ। ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ଗଠିତ ସୁଭଦ୍ରା ବାହିନୀର ମହିଳା ଯବାନମାନେ ପୁରୀ ଷ୍ଟେଶନ ଓ ଟ୍ରେନ୍‌ରେ ସତର୍କ ଦୃଷ୍ଟି ରଖିବେ। ନିଶା ଦିଆ ଲୁଟେରା କବଳରୁ ବଞ୍ଚିବା ପାଇଁ ଅଜଣା ବ୍ୟକ୍ତିଙ୍କଠାରୁ ଖାଦ୍ୟ ଗ୍ରହଣ ନ କରିବା, ନିଜ ଲଗେଜ ପ୍ରତି ଧ୍ୟାନ ଦେବା, ଅଜ୍ଞାତ ବ୍ୟକ୍ତିଙ୍କଠାରୁ ଟିକେଟ ଗ୍ରହଣ ନ କରି କାଉଣ୍ଟରରୁ କ୍ରୟ କରିବା, ପିନ୍ଧିଥିବା ଅଳଙ୍କାର ପ୍ରତି ସତର୍କ ରହିବା ଆଦି ଉପରେ ଆର୍‌ପିଏଫ୍ ପକ୍ଷରୁ ଯାତ୍ରୀଙ୍କୁ ସଚେତନତା କରିବା ଉପରେ ଗୁରୁତ୍ୱ ଦିଆଯିବ।

### ଅଧିକ ଟିକେଟ୍ କାଉଣ୍ଟର

ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଟ୍ରେନ୍ ଯୋଗେ ଶ୍ରୀକ୍ଷେତ୍ରକୁ ଆଗମନ ହେବା ଦୃଷ୍ଟିରେ ରଖି ପୁରୀ ସମେତ ଅନ୍ୟ ଷ୍ଟେଶନରେ ଅତିରିକ୍ତ ୬୦ଟି ଟିକେଟ କାଉଣ୍ଟର ଖୋଲାଯିବ। ପୁରୀ ଷ୍ଟେଶନରେ ୩୬ଟି ଓ ଭୁବନେଶ୍ୱର, କଟକ, ଖୋର୍ଦ୍ଧାରୋଡ଼, ବ୍ରହ୍ମପୁର, ବାଲୁଗାଁ, ଖଲ୍ଲିକୋଟ, ପାରାଦୀପ, ଭଦ୍ରକ, ଯାଜପୁର ଷ୍ଟେଶନରେ ଏହିପରି ଅତିରିକ୍ତ ୨୪ଟି କାଉଣ୍ଟର କରାଯିବ। ଯାତ୍ରୀଙ୍କ ଗହଳିକୁ ସୁପରିଚାଳନା ପାଇଁ ପୁରୀ ଷ୍ଟେଶନରେ ୩ଟି ଅଟୋମେଟିକ୍ ଟିକେଟ୍ ଭେଣ୍ଡିଂ ମେଶିନ କାର୍ଯ୍ୟ କରିବ।

### ସୂଚନା କେନ୍ଦ୍ର

ଟ୍ରେନ୍ ଚଳାଚଳ ଉପରେ ଯାତ୍ରୀଙ୍କୁ ବିଭିନ୍ନ ସୂଚନା ଓ ସହାୟତା ପାଇଁ ୪ଟି ଅତିରିକ୍ତ ସୂଚନା ଓ ଅନୁସନ୍ଧାନ କାଉଣ୍ଟର ଖୋଲାଯିବ। ଏଥିସହ ୪ଟି ମେ ଆଇ ହେଲ୍ପ ୟୁ ବୁଥ୍ ବ୍ୟବସ୍ଥା ୨୪ ଘଣ୍ଟିଆ କାର୍ଯ୍ୟ କରିବ। ଏହା ପୁରୀ ଷ୍ଟେଶନ ଭିତରେ ବିଭିନ୍ନ ସ୍ଥାନରେ ଖୋଲାଯିବ। ଯାତ୍ରୀଙ୍କୁ ସଚେତନ କରିବା ପାଇଁ ଟାଇମ୍ ଟେବୁଲ୍, ଇଣ୍ଡିକେଶନ୍ ବୋର୍ଡ ଆଦି ବିଭିନ୍ନ ସ୍ଥାନରେ ଲଗାଯିବ।

### ଟୁରିଷ୍ଟ କମ୍ପ୍ଲେକ୍ସ

ଯାତ୍ରୀଙ୍କ ବିଶ୍ରାମ ପାଇଁ ପୁରୀ ଷ୍ଟେଶନ ବାହାରେ ଟୁରିଷ୍ଟ କମ୍ପ୍ଲେକ୍ସ ଓ ଅସ୍ଥାୟୀ ମେଳା ଶେଡର ବ୍ୟବସ୍ଥା କରାଯିବ। ବିଶ୍ରାମ ନେବା ସହ ସ୍ନାନ, ପରିସ୍ରାଗାର, କ୍ୟାଟରିଙ୍ଗ୍ ଷ୍ଟଲ, ଚିକିତ୍ସା ସୁବିଧା ଆଦି ଏଠାରେ ଉପଲବ୍ଧ ରହିବ। ଟୁରିଷ୍ଟ କମ୍ପ୍ଲେକ୍ସରେ ୫ ହଜାର ଓ ମେଳା ସେଡରେ ୧ ହଜାର ଶ୍ରଦ୍ଧାଳୁ ଏକ ସଙ୍ଗେ ରହିବା ଭଳି ବ୍ୟବସ୍ଥା କରାଯିବ।

### ସ୍ୱତନ୍ତ୍ର ଟ୍ରେନ୍ ସୁବିଧା

ଗୁଣ୍ଡିଚା ଯାତ୍ରାରୁ ସୁନାବେଶ ପର୍ଯ୍ୟନ୍ତ ନିୟମିତ ଟ୍ରେନ୍ ସମେତ ୧୯୪ଟି ସ୍ୱତନ୍ତ୍ର ଟ୍ରେନ୍ ପୁରୀକୁ ଚଳାଚଳ କରିବ। ଗତବର୍ଷ ୧୮୪ଟି ଅଧିକ ଟ୍ରେନ୍ ବ୍ୟବସ୍ଥା ହୋଇଥିବା ବେଳେ ଚଳିତବର୍ଷ ୧୦ଟି ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚାଲିବ। ଖୋର୍ଦ୍ଧାରୋଡ ଓ ନୟାଗଡ଼ ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ବ୍ୟବସ୍ଥା ହୋଇଛି।

### ସ୍ୱାସ୍ଥ୍ୟସେବା

୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଏଥିପାଇଁ ଷ୍ଟେଶନ, ଟୁରିଷ୍ଟ କମ୍ପ୍ଲେକ୍ସ ମଧ୍ୟରେ ୨ଟି ଫାଷ୍ଟଏଡ୍ ବୁଥ୍‌ର ବ୍ୟବସ୍ଥା ରହିବ। ଯେଉଁଥିରେ ଡାକ୍ତର, ନର୍ସ, ପାରାମେଡିକାଲ ଷ୍ଟାଫ୍, ଆମ୍ବୁଲାନ୍ସର ସୁବିଧା ହେବ।

### ଖାଦ୍ୟ, ପାନୀୟ ଜଳ ବ୍ୟବସ୍ଥା

ପୁରୀ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନରେ ଖାଦ୍ୟ ଓ ପାନୀୟ ଜଳର ସୁବିଧା ଉପଲବ୍ଧ ରହିବ। ଚା, ସ୍ନାକ୍ସ, ଜନତା ମିଲ୍, ପାଣି ବଟଲ୍ ଆଦି ବ୍ୟବସ୍ଥା ଥିବା ଫୁଡ୍‌ପ୍ଲାଜା ପୁରୀ ଷ୍ଟେଶନ ସମେତ ଅନ୍ୟ ଷ୍ଟେଶନରେ ମଧ୍ୟ ସୁବିଧା ପ୍ରଦାନ କରାଯିବ। ଏଥିସହ ବିଭିନ୍ନ ଷ୍ଟେଶନରେ ଭେଣ୍ଡିଂ ମେଶିନ ମାଧ୍ୟମରେ ସ୍ୱଳ୍ପ ଅର୍ଥରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପଲବ୍ଧ ହେବ।

### ରଥଯାତ୍ରା ଆପ୍

ଯାତ୍ରୀଙ୍କ ସୁବିଧା ପାଇଁ ରେଳପଥ ସ୍ୱତନ୍ତ୍ର ରଥଯାତ୍ରା ଆପ୍ (ECoR Yatra) ପ୍ରସ୍ତୁତ କରିଛି। ଏଥିରେ ନିୟମିତ ଏବଂ ସ୍ୱତନ୍ତ୍ର ଟ୍ରେନ୍‌ର ଚଳାଚଳ ସମୟ ସମେତ ଟିକେଟ୍ କାଉଣ୍ଟର ମେଳା କମ୍ପ୍ଲେକ୍ସ, ଲଜ୍, ଗାଇଡ୍‌ମ୍ୟାପ୍, ସଡ଼କପଥ ପାଇଁ ଅଟୋ, କ୍ୟାବ ଆଦିର ସୂଚନା ଏଥିରେ ଉପଲବ୍ଧ ହେବ।

### ପରିମଳ ବ୍ୟବସ୍ଥା

ଷ୍ଟେଶନ ପରିସର, ମେଳା ଶେଡ ଓ ରେଳପଥ ଅଞ୍ଚଳ ସଫାସୁତୁରା ରଖିବା ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏଥିପାଇଁ ରେଳପଥ କର୍ମଚାରୀ ୨୪ ଘଣ୍ଟିଆ କାର୍ଯ୍ୟରତ ରହିବେ।

### ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ :

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଯାତ୍ରା ପାଇଁ ପୁରୀ ଷ୍ଟେଶନକୁ ଆକର୍ଷଣୀୟ ଆଲୋକମାଳାରେ ସଜ୍ଜିତ କରାଯିବ। ରଥଯାତ୍ରା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ବ୍ୟବସ୍ଥା ହୋଇଛି।

### ସ୍କାଉଟ୍ସଗାଇଡ୍ସ, ସିଭିଲ୍ ଡିଫେନ୍ସ

ରେଳପଥ ପକ୍ଷରୁ ହେଉଥିବା ବ୍ୟାପକ ବ୍ୟବସ୍ଥାର ସୁପରିଚାଳନା ପାଇଁ ବିଭିନ୍ନ ବିଭାଗର ଅନେକ ଅଧିକାରୀ ଓ କର୍ମଚାରୀ ନିୟୋଜିତ ରହିବେ। ସେମାନଙ୍କୁ ସହଯୋଗ କରିବା ପାଇଁ ସ୍କାଉଟ୍, ଗାଇଡ୍ସ ଓ ସିଭିଲ୍ ଡିଫେନ୍ସର ସ୍ୱେଚ୍ଛାସେବୀମାନେ ଯାତ୍ରୀଙ୍କୁ ସେବା ପ୍ରଦାନ କରିବେ।

# ନିଶା ନିବାରଣ କ୍ଷେତ୍ରରେ ପଶ୍ଚିମ, ଦକ୍ଷିଣ ଓଡ଼ିଶାର ସଫଳତା

**ଭୁବନେଶ୍ୱର,୨୬।୬(ବ୍ୟୁରୋ)**

- ୧୦ ଗ୍ରାମ ପଞ୍ଚାୟତ ସମ୍ବର୍ଦ୍ଧିତ
- ଖୋର୍ଦ୍ଧା ଜିଲାର ଭୈରବୀ କ୍ଲବ ଶ୍ରେଷ୍ଠ ଆଇଆର୍‌ସିଏ

ନିଶା ନିବାରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା। ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ନିଶା ବ୍ୟବହାରକୁ ରୋକିବାରେ ପ୍ରାୟତଃ ସଫଳ ହୋଇଛନ୍ତି। ବିଶେଷକରି କଳାହାଣ୍ଡି, କନ୍ଧମାଳ, ଝାରସୁଗୁଡ଼ା ଓ ବରଗଡ଼ ଜିଲା ଏ କ୍ଷେତ୍ରରେ ଦୁଇପାଦ ଆଗରେ ରହିଛନ୍ତି। ରାଜ୍ୟ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ନିଶା ନିବାରଣ ସମ୍ପର୍କିତ କର୍ମଶାଳାରେ ଏ ନେଇ ସୂଚନା ଦିଆଯାଇଛି।

କଳାହାଣ୍ଡି ଜିଲାର ଛିଲିପାମଲ ପଞ୍ଚାୟତ, କନ୍ଧମାଳ ଜିଲାର ଟିକାବାଲି, ଗୁଡ଼ିଗିଆ, ଶଙ୍କରାଖୋଲ, ଫିରିଙ୍ଗିଆ ଓ କେଲାପଦା, ବରଗଡ଼ ଜିଲାର ପାଣ୍ଡକିପାଲି, ଝାରସୁଗୁଡ଼ା ଜିଲାର ଅତାବିରା ଓ ଜାମେରା ଏବଂ କନ୍ଧମାଳ ଜିଲାର ନୂଆପଦର ପଞ୍ଚାୟତ ନିଶା ନିବାରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ପ୍ରତିବର୍ଷ ଜୁନ୍ ୨୬ରେ ପାଳନ ହେଉଥିବା ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ଉପଲକ୍ଷେ ଆୟୋଜିତ କର୍ମଶାଳାରେ ଏହି ପଞ୍ଚାୟତଗୁଡ଼ିକୁ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସମ୍ମାନିତ କରିଥିଲେ। ଓଡ଼ିଶାର ୨୯ ଜିଲାରେ ଏବେ ୩୯ ଇଣ୍ଟିଗ୍ରେଟେଡ୍ ରିହାବିଲିଟେଶନ ସେଣ୍ଟର ଫର୍ ଆଡିକ୍ଟସ୍(ଆଇଆର୍‌ସିଏ) କାର୍ଯ୍ୟ କରୁଥିବା ବେଳେ କେନ୍ଦ୍ର ସାମାଜିକ ସୁରକ୍ଷା ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଅନ୍ତର୍ଗତ ରିଜିଓନାଲ ରିସୋର୍ସ ଟ୍ରେନିଂ ସେଣ୍ଟର(ଆର୍‌ଆର୍‌ଟିସି) ଏହାର ତଦାରଖ କରୁଛି। ଆଇଆର୍‌ସିଏ ପକ୍ଷରୁ ନିଶା ନିବାରଣ ପାଇଁ ଜିଲାଗୁଡ଼ିକରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା କର୍ମଶାଳାରେ ଉପସ୍ଥିତ ବିଭାଗୀୟ ପ୍ରମୁଖ ଶାସନ ସଚିବ ନୀତେନ୍ ଚନ୍ଦ୍ର, ଅବକାରୀ ବିଭାଗ ସଚିବ ସୁଶିଲ କୁମାର ଲୋହାନୀ ଓ କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ସୂଚନା ଦେଇଥିଲେ। ଏହି ଅବସରରେ 'ଡ୍ରଗ୍‌ସ ଆଣ୍ଡ୍ ସବ୍‌ଷ୍ଟାନ୍ସ ୟୁଜ୍ ଡିଜ୍‌ଅର୍ଡର୍ସ' ନାମକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହାସହ ନିଶା ନିବାରଣ କ୍ଷେତ୍ରରେ ଆଖିଦୃଶିଆ କାର୍ଯ୍ୟ କରିବା ଲାଗି ୪ ବିଭାଗରେ ପୁରସ୍କାର ଦିଆଯାଇଥିଲା। ଆନୁଷ୍ଠାନିକ ଭାବେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା 'ବ୍ୟକ୍ତି ବିକାଶ କେନ୍ଦ୍ର ଇଣ୍ଡିଆ' ଏବଂ 'ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ'କୁ ପୁରସ୍କୃତ କରାଯାଇଥିଲା। ଡ୍ରଗ୍‌ସ ନିବାରଣ କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ଶ୍ରେଷ୍ଠ ଆଇଆର୍‌ସିଏ ସେଣ୍ଟର ଭାବେ ଖୋର୍ଦ୍ଧା ଜିଲାର ଭୈରବୀ କ୍ଲବ ଏବଂ ସୁନ୍ଦରଗଡ଼ର ସାମାଜିକ କର୍ମୀ ପଦ୍ମିନୀ ବହନାୟକ ଓ ଝାରସୁଗୁଡ଼ାର ସଂଯୁକ୍ତା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଶା ଛାଡ଼ିବାରେ ସମ୍ପୂର୍ଣ୍ଣ ସଫଳ ହୋଇଥିବା ୧୦ଜଣ ବ୍ୟକ୍ତି ମଧ୍ୟ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ। କର୍ମଶାଳାରେ ବିଶେଷଜ୍ଞମାନେ ନିଶା କବଳରୁ ମାନବ ସମାଜକୁ ଦୂରେଇ ରଖିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆଇଆର୍‌ସିଏମାନେ ନିଜର ଉପଲବ୍ଧି ଓ ଅଭିଜ୍ଞତା ସମ୍ପର୍କରେ କହିଥିଲେ। ବିଭାଗୀୟ ଉପଶାସନ ସଚିବ ଅମ୍ବିକା ପ୍ରସାଦ ପଟ୍ଟନାୟକ, ସୁବାସ ଚନ୍ଦ୍ର ଷଡ଼ଙ୍ଗୀ, ସୁବ୍ରତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




ଅନ୍ତର୍ଜାତୀୟ ନିଶାନିବାରଣ ଦିବସ ସଚେତନତା କାର୍ଯ୍ୟକ୍ରମରେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ- ୧ର ପିଲାମାନେ।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931. D-66705

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୬୦/- ଟଙ୍କା। Contact: 9668135813. D-59932

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

**Plot sale at Bailo, Cuttack (Officers complex)@120/-per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66907

For immediate sale. A core house at Nirakarpur, Bhubaneswar built up area 1700 sqft., land area 10,000 sqft. Please only genuine buyer may contact on: 9777958573, 9938800102. D-13147

Plot near Uttara Chhaka 11160 sqft, Backside of Uttara Petrol Pump, Sqft.2000/- 7749833104. D-66149

Ready 2BHK/3BHK flats sales at Chandrasekharpur, Patia. 7008346486, 9937009250. D-66583

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Ayurvedic full body massage ladies/ gents smart experts therapist. 9114697517. D-66906

Summer special mesmerizing offer expert therapeutic refreshing massage appointment. 9668374480. D-66579

Physiotherapy, full body massage by trained ladies/ gents therapist- 7008773793. D-66493


# କୋଟିପତି କନିଷ୍ଠ ଯନ୍ତ୍ରୀ ଘରେ ଭିଜିଲାନ୍ସ ଯାଞ୍ଚ

**କଟକ ଅଫିସ,୨୬।୬**

**୧ କୋଟି ୩୩ ଲକ୍ଷ ୨୦ହଜାର ୯୩୯ ଟଙ୍କାର ସମ୍ପତ୍ତି ଠାବ**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକର କନିଷ୍ଠଯନ୍ତ୍ରୀ ତ୍ରିବିକ୍ରମ ସାମନ୍ତରାୟଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଛି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ କଟକ ଭିଜିଲାନ୍ସ ଡିଭିଜନ ପକ୍ଷରୁ ଯନ୍ତ୍ରୀ ସାମନ୍ତରାୟଙ୍କ ଘର, ଅଫିସ ସମେତ ମୋଟ ୪ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଛି। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ଜଗତ୍‌ସିଂହପୁର ଜିଲା ଖେରସ ଗ୍ରାମରେ ଥିବା ତିନୋଟି କୋଠା, କୁଜଙ୍ଗ ଥାନା ବଡ଼ବାଲିକଣି ଗ୍ରାମରେ ଥିବା ଘର, ରଘୁନାଥପୁର ବ୍ଲକ ଅଫିସ ଓ ରଘୁନାଥପୁର ଥାନା ଅଧୀନ ହରିଶପୁର ଗ୍ରାମରେ ଥିବା ସାମନ୍ତରାୟଙ୍କ ସମ୍ପର୍କୀୟଙ୍କ ଘରକୁ ମଧ୍ୟ ଭିଜିଲାନ୍ସ ଯାଞ୍ଚ କରିଛି। ଯାଞ୍ଚରୁ ମୋଟ୍ ୧ କୋଟି ୩୩ ଲକ୍ଷ ୨୦ହଜାର ୯୩୯ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ହୋଇଥିବା ସମସ୍ତ ସମ୍ପତ୍ତି ଯନ୍ତ୍ରୀ ସାମନ୍ତରାୟ ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ଠାବ ସମ୍ପତ୍ତିଗୁଡ଼ିକର ଭିଜିଲାନ୍ସ ମୂଲ୍ୟାୟନ କରିଛି। ଖେରସ ଗ୍ରାମରେ ଥିବା ଦୁଇଟି ତିନି ମହଲା କୋଠାର ମୂଲ୍ୟ ୬୮ ଲକ୍ଷ ୨୪ହଜାର ୫୪୫ ଟଙ୍କା ହୋଇଥିବା ବେଳେ ଉକ୍ତ ଗ୍ରାମରେ ୧୨ ଲକ୍ଷ ୩୮ହଜାର ୨୧୨ ଟଙ୍କା ମୂଲ୍ୟର ଆଉ ଗୋଟିଏ ଏକ ମହଲା କୋଠା ଥିବା ଭିଜିଲାନ୍ସ ସୂଚନା ଦେଇଛି। ସେହିପରି କଟକ ସିଡିଏ ସେକ୍ଟର-୬ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଥିବା ସାମନ୍ତରାୟଙ୍କର ଗୋଟିଏ ଦୋକାନ ଘରର ମୂଲ୍ୟ ୧ ଲକ୍ଷ ୩୦ହଜାର ଟଙ୍କା ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ସାମନ୍ତରାୟଙ୍କର ୧୧ ଲକ୍ଷ ୬ହଜାର ୩୬୨ ଟଙ୍କା ମୂଲ୍ୟର ଗୋଟିଏ କାର୍, ୬ ଲକ୍ଷ ୮୦ହଜାର ଟଙ୍କା ମୂଲ୍ୟର ଦୁଇଟି ପିକ୍‌ଅପ୍ ଭ୍ୟାନ୍, ୩ ଲକ୍ଷ ୮୦ହଜାର ଟଙ୍କା ମୂଲ୍ୟର ଗୋଟିଏ ଟାଟା ଇଣ୍ଡିକା କାର୍, ୧ ଲକ୍ଷ ୧୦ହଜାର ଟଙ୍କା ମୂଲ୍ୟର ଗୋଟିଏ ଅଲ୍‌ଟୋ କାର୍, ୧ ଲକ୍ଷ ଟଙ୍କା ମୂଲ୍ୟର ଦୁଇଟି ବାଇକ୍‌କୁ ଭିଜିଲାନ୍ସ ଠାବ କରିଛି। ଏହାବାଦ୍ ତାଙ୍କର ୨୦ ଲକ୍ଷ ଟଙ୍କା ମୂଲ୍ୟର ମସଲା ପ୍ରସ୍ତୁତ ଯନ୍ତ୍ରାଂଶ ଓ ମସଲା ଠାବ ହୋଇଥିବାବେଳେ ବିଭିନ୍ନ ବ୍ୟାଙ୍କରେ ୪୩, ୭୨୦ ଟଙ୍କା ଜମା ରହିଥିବା ଭିଜିଲାନ୍ସ ଯାଞ୍ଚରୁ ଜଣାପଡ଼ିଛି। ଯନ୍ତ୍ରୀ ସାମନ୍ତରାୟଙ୍କ ଘରୁ ୨ ଲକ୍ଷ ୨୬ହଜାର ଟଙ୍କା ମୂଲ୍ୟର ସୁନାଗହଣା, ନଗଦ ୧୨, ୧୮୦ ଟଙ୍କା ଓ ୪ ଲକ୍ଷ ୬୯ହଜାର ୯୨୦ ଟଙ୍କା ମୂଲ୍ୟର ଆସବାବପତ୍ର ଭିଜିଲାନ୍ସ ଠାବ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ରାହୁ ନକ୍ଷତ୍ରସ୍ଥ ରବି ଆପଣଙ୍କ ବିଚାରଧାରା ପରିବାରରେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିବ। ଅଟକି ରହିଥିବା କାମଗୁଡ଼ିକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ଯାନବାହନ, ଜମିଜମା, କଳକାରଖାନା, ଜଳ, ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ୍ ହେବେ। ଫେରିବା ବାଟରେ ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇ ଖୁସୀ ହେବେ।

**ବୃଷ**
ରେବତୀ ନକ୍ଷତ୍ରସ୍ଥ ଚନ୍ଦ୍ର ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ନୂତନ ସମ୍ପର୍କ ସୃଷ୍ଟି କରିବାରେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଲୋକଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। କୌଣସି ଆନୁଷ୍ଠାନିକ କାମ ଲାଗି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ମତଭେଦ କାରଣରୁ ସାଧାରଣ କଥାରେ ସହକର୍ମୀ କ୍ଷୁବ୍ଧ ହୋଇପାରନ୍ତି।

**ମିଥୁନ**
ତୃତୀୟାଧିପତିଙ୍କ ରାଶ୍ୟାବସ୍ଥାନ ଯୋଗୁ କିଛି ସାହାଯ୍ୟ ଓ ସହାନୁଭୂତି ମାଧ୍ୟମରେ ଅନ୍ୟମାନଙ୍କୁ ନିଜ ସପକ୍ଷରେ ନେଇ କାମ ହାସଲ କରିବେ। ପାରିବାରିକ କ୍ଷେତ୍ରରେ ସତର୍କରେ ଚଳନ୍ତୁ, ନହେବା ଝମେଲା ଅଧିକ ବଢ଼ିଯାଇପାରେ। ଆଲୋଚନା ପରିସରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। କୌଣସି ନୂତନ ଜିନିଷ କିଣିବାକୁ ମନ ବଳାଇପାରନ୍ତି।

**କର୍କଟ**
କର୍ମାଧିପତି ବ୍ୟୟାଧିପଯୁକ୍ତ ହେତୁ କର୍ମକ୍ଷେତ୍ରରେ ସ୍ଥାନାନ୍ତର କିମ୍ବା ସରକାରୀ କାମରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଅର୍ଥନୈତିକ ଅଭିବୃଦ୍ଧି ଓ ବୈଷୟିକ ସୁଖ ସମୃଦ୍ଧି ମନକୁ ଖୁସୀ କରିବାରେ ସାହାଯ୍ୟ କରିବ। ପୁରୁଣା ରାଗ ଶୁଝାଇବା ସକାଶେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି।

**ସିଂହ**
ଦ୍ୱାଦଶାଧିପ ଅଷ୍ଟମସ୍ଥ ହୋଇ ବିପରୀତ ରାଜଯୋଗ ସୃଷ୍ଟି କରୁଥିବାରୁ ସାମାନ୍ୟ ତ୍ୟାଗ ବିନିମୟରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇବା ସହଜସାଧ୍ୟ ହୋଇଯିବ। କର୍ମକ୍ଷେତ୍ର ଭଲ ରହିଲେ ମଧ୍ୟ ପିଲାମାନଙ୍କ କୌଣସି ସମସ୍ୟା ସକାଶେ ମନ ଅସ୍ଥିର ରହିବ। ବାଧ୍ୟବାଧକତାରେ ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ।

**କନ୍ୟା**
କେନ୍ଦ୍ରସ୍ଥ ଚନ୍ଦ୍ର ଓ ଭାଗ୍ୟସ୍ଥ ଶୁକ୍ର ଯୋଗୁ ଯେତେ ପ୍ରକାରର ସମସ୍ୟା ଆସିଲେ ମଧ୍ୟ ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ଉପରିସ୍ଥଙ୍କ ଆଲୋଚନା ବିଷୟରେ କାହାଠାରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ବାଣିଜ୍ୟ, ବ୍ୟବସାୟରୁ ଅର୍ଥନୈତିକ ଓ ପାରିବାରିକ କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ତୁଳା**
ଛୋଟ ବଡ଼ ସମସ୍ୟା ରହିଥିଲେ ମଧ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ଲାଭକରି କାମ ହାସଲ କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଶନି ଦୃଷ୍ଟିରେ ରବି ଓ ରାହୁ ଯୋଗୁ ରାଜନୀତିରେ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ। ପରିବାର କିମ୍ବା ଆନୁଷ୍ଠାନିକ କାମରେ ରହିଥିବା ସମସ୍ୟା ସମାଧାନ କରିବାରେ ସଫଳ ହେବେ।

**ବିଛା**
ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲରେ ଅତିବାହିତ ହେବ। କଳା, ସାହିତ୍ୟ, ଚଳଚ୍ଚିତ୍ର, ସଙ୍ଗୀତ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟ, ସଭାସମିତି, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ପରିସ୍ଥିତିରେ ପଡ଼ି ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ମନସ୍ତାପ କରିପାରନ୍ତି।

**ଧନୁ**
କୌଣସି ଅଭାବ ନ ଥିଲେ ମଧ୍ୟ ବିଭିନ୍ନ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରି ରଖିବ। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ପ୍ରଯତ୍ନ କରି ସଫଳତା ପାଇପାରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ମକର**
ଗ୍ରହ ସମାମ୍ୟତା କାରଣରୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ଅନୁକମ୍ପା ଅପୂରଣୀୟ କାମନାକୁ କର୍ମକ୍ଷମ କରାଇବାରେ ସାହାଯ୍ୟ କରିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଶାରୀରିକ ପରିଶ୍ରମଜନିତ ପୀଡ଼ା ଅନୁଭବ କରିବେ। ସାମାଜିକସ୍ତରରେ ସମ୍ମାନଜନକ ସ୍ଥିତିରେ ରହିବେ।

**କୁମ୍ଭ**
ଦୁର୍ବଳ କର୍ମାଧିପ ଦୁଃସ୍ଥାନସ୍ଥ ଯୋଗୁ କାର୍ଯ୍ୟକ୍ଷେତ୍ରରେ ଟେନ୍‌ସନ ଲାଗି ରହିବ। ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ପାରିବାରିକ ଜୀବନରେ ଉଚିତ ବୁଝାମଣା ରହିବା ଯୋଗୁ ସାମୟିକ ମନ ଖୁସୀ ରହିପାରେ। ଆଜିର ଯାତ୍ରା, ନୂତନ କର୍ମାରମ୍ଭ ଓ ବନ୍ଧୁଙ୍କ ସହ ଆଲୋଚନା ଭଲ ରହିବ।

**ମୀନ**
ଭାବପ୍ରବଣତାବଶତଃ ମାନସିକ ଅସ୍ଥିରତା କାମଗୁଡ଼ିକୁ ବିକ୍ଷିପ୍ତ କରିଦେଇପାରେ। ଅତି ନିକଟତମ ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ଆଶ୍ୱସ୍ତି ଅନୁଭବ କରିବେ। ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଆକସ୍ମିକ ଭାବେ ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ।

ଆଜି ଆଷାଢ଼ କୃଷ୍ଣ ଦଶମୀ ଗୁରୁବାର, ଜୁନ୍ ୨୭ ତାରିଖ, ରାଶି ନକ୍ଷତ୍ର- ସକାଳ ଘ୮। ୫୦ମି. ଗତେ ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ, ଗୃହାରମ୍ଭ, ଗୃହ ପ୍ରବେଶ, ବୃକ୍ଷ ରୋପଣ ପାଇଁ ଶୁଭ। ସକାଳ ଘ୧୧।୦୭ମି. ଗତେ ଘ୧୨।୪୬ମି. ମଧ୍ୟେ, ଘ୨।୨୫ମି. ଗତେ ଘ୪।୦୪ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୪୯ମି. ମଧ୍ୟେ ଘ୨।୨୫ମି. ଗତେ, ଘ୩।୦୪ମି. ମଧ୍ୟେ ମାହେନ୍ଦ୍ରବେଳା।



# ମ୍ୟାଲେରିଆ ନିରାକରଣ ସଚେତନତା ମାସ ଜୁନ୍-୨୦୧୯

NVBDCP | DAMaN | NATIONAL HEALTH MISSION

DSPL-30

**ମ୍ୟାଲେରିଆ ନିରାକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରୟାସ :**

- ୧୭ଟି ଅତ୍ୟଧିକ ମ୍ୟାଲେରିଆ ପ୍ରବଣ ଜିଲ୍ଲାରେ ୧.୧୩ କୋଟି ଦୀର୍ଘସ୍ଥାୟୀ କୀଟନାଶକ ଔଷଧ ଉପଚାରିତ ମଶାରୀ ବଣ୍ଟନ କରାଯାଇଅଛି ।
- ୨୪ଟି ଜିଲ୍ଲାର ଦୁର୍ଗମ ଓ ଅପହଞ୍ଚ ଇଲାକାରେ ମ୍ୟାଲେରିଆ ନିରାକରଣ ପାଇଁ ରାଜ୍ୟ ସରକାରଙ୍କର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ "ଦମନ" କାର୍ଯ୍ୟକାରୀ କରାଯାଇଅଛି ।
- ୨୧ଟି ମ୍ୟାଲେରିଆ ପ୍ରବଣ ଜିଲ୍ଲାରେ ଘର ଭିତରେ କୀଟନାଶକ ଔଷଧ ସିଞ୍ଚନ ଦ୍ୱାରା ୪୦ଲକ୍ଷ ଲୋକଙ୍କୁ ସୁରକ୍ଷା ପ୍ରଦାନ କରାଯାଇଛି ।
- ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଗ୍ରାମାଞ୍ଚଳରେ ଆଶାଙ୍କ ନିକଟରେ ମ୍ୟାଲେରିଆର ଚିହ୍ନଟ ଓ ଚିକିତ୍ସା ସୁବିଧା ମାଗଣାରେ ଉପଲବ୍ଧ ।

**ମ୍ୟାଲେରିଆ ପ୍ରତିରୋଧର ଉପାୟ:**

- ପ୍ରତିଦିନ ମଶାରୀ କିମ୍ବା କୀଟନାଶକ ଔଷଧ ଉପଚାରିତ ମଶାରୀ ଟାଣି ଶୁଅନ୍ତୁ । ଗର୍ଭବତୀ ଓ ଶିଶୁମାନେ ମଶାରୀ ଭିତରେ ଯେପରି ନିଶ୍ଚିତ ଶୋଇବେ, ସେଥିପ୍ରତି ଯତ୍ନବାନ୍ ହୁଅନ୍ତୁ ।
- ଘର ଭିତରେ କୀଟନାଶକ ସିଞ୍ଚନ ପାଇଁ ସିଞ୍ଚନ କର୍ମୀଙ୍କୁ ସହଯୋଗ କରନ୍ତୁ । ସିଞ୍ଚନ ସ୍ଥାନକୁ ୩ମାସ ପର୍ଯ୍ୟନ୍ତ ଲିପାପୋଛା କରନ୍ତୁ ନାହିଁ ।
- ଜ୍ୱର ହେଲେ ଅତିଶୀଘ୍ର "ଆଶା" କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ମ୍ୟାଲେରିଆ ପାଇଁ ରକ୍ତ ପରୀକ୍ଷା କରାନ୍ତୁ । ମ୍ୟାଲେରିଆ ଜଣାପଡିଲେ ଔଷଧ ପୂରାମାତ୍ରାରେ ସେବନ କରନ୍ତୁ ।
- ମଶା ବଂଶବୃଦ୍ଧିକୁ ରୋକିବା ପାଇଁ ଘର ଓ ଆଖପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ପରିବେଶ ପରିଷ୍କାର ରଖନ୍ତୁ ।

ମ୍ୟାଲେରିଆ ନିରାକରଣ ମାସ ପାଳନ ଅବସରରେ ଜନସାଧାରଣଙ୍କୁ ଅନୁରୋଧ, ମ୍ୟାଲେରିଆର ପ୍ରତିରୋଧମୂଳକ ଉପାୟଗୁଡିକ ପାଳନ କରି ମ୍ୟାଲେରିଆ ମୁକ୍ତ ଓଡିଶା ଗଠନରେ ସାମିଲ୍ ହୁଅନ୍ତୁ ।

facebook.com/HFWOdisha | http://www.health.odisha.gov.in/ | @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0021/1920

■ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା

# ଅଫିସରଙ୍କ ଅନୁପସ୍ଥିତି ନେଇ ଉଦ୍‌ବେଗ

ଭୁବନେଶ୍ୱର,୨୬।୬(ବ୍ୟୁରୋ)



■ ବିଧାନସଭା ମୌସୁମୀ ଅଧିବେଶନ
■ ଅଧିକାରୀଙ୍କୁ ଉପସ୍ଥିତ ରହିବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ
■ ସରକାରଙ୍କୁ ବିରୋଧୀଙ୍କ ସମାଲୋଚନା

ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଗୃହରେ ଆଲୋଚନା ବେଳେ ଅଫିସରମାନଙ୍କ ଅନୁପସ୍ଥିତି ନେଇ ବୁଧବାର ଉଦ୍‌ବେଗ ପ୍ରକାଶ ପାଇଛି। ବିରୋଧୀ ସଦସ୍ୟ ମୁଖ୍ୟତଃ କଂଗ୍ରେସର ଏକାଧିକ ବିଧାୟକ ଏହି ପ୍ରସଙ୍ଗରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିରୋଧୀଙ୍କ ଅଭିଯୋଗ ପରେ ଗୃହରେ ଉପସ୍ଥିତ ଥିବା/ନ ଥିବା ସମସ୍ତ ମନ୍ତ୍ରୀମାନଙ୍କୁ ନିଜ ନିଜ ବିଭାଗୀୟ ଅଫିସରଙ୍କୁ ଆଲୋଚନା ସମୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶଦେବା ପାଇଁ ବାଚସ୍ପତି କହିଥିଲେ। ଏହା ପରେ ଆଲୋଚନା ସୁରୁଖୁରୁରେ ଚାଲିଥିଲା।

ପ୍ରଥମାର୍ଦ୍ଧ ଆଲୋଚନା ପରେ ଦ୍ୱିତୀୟାର୍ଦ୍ଧରେ ଗୃହ ୪ଟା ୪୫ ମିନିଟ୍‌ରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ବରିଷ୍ଠ ଭାଜପା ନେତା ଜୟନାରାୟଣ ମିଶ୍ର ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ବିତର୍କକୁ ଆରମ୍ଭ କରିଥିଲେ। ଜୟନାରାୟଣ କହିଥିଲେ ଯେ, ରାଜ୍ୟର ପ୍ରାୟ ସବୁ ବ୍ଲକରେ ୪୦ ପ୍ରତିଶତ ପିସି ଚାଲୁଛି। ମାଟିକାମ ହେଲେ ଏହା ୫୦ ପ୍ରତିଶତକୁ ବୃଦ୍ଧି ପାଉଛି। ଫନୀ ଦ୍ୱାରା ପୁରୀ, ଖୋର୍ଦ୍ଧା ଜିଲା ବ୍ୟାପକ କ୍ଷୟକ୍ଷତି ହୋଇଛି। ପୁନରୁଦ୍ଧାର କାର୍ଯ୍ୟ ଠିକ୍ ଭାବେ ହୋଇନାହିଁ। ପ୍ରଭାବିତ ଅଞ୍ଚଳର ପ୍ରାୟ ୮୦୦ ସ୍କୁଲରେ ଛାତ ନାହିଁ। ଫନୀର ୭ ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚୂଡ଼ାମୁଠେ ସରକାର ଦେଇ ପାରି ନ ଥିଲେ। ତେଣୁ ରାଜ୍ୟପାଳଙ୍କ ଅଭିଭାଷଣ ଜରିଆରେ ଶ୍ରେୟ ନେବାକୁ ଚେଷ୍ଟା କରନ୍ତୁ ନାହିଁ ବୋଲି ଜୟନାରାୟଣ କହିଛନ୍ତି। ସେହିପରି ମହିଳା ସଶକ୍ତୀକରଣ କଥା କହୁଥିବା ବିଜେଡି କେତେ ସଂଖ୍ୟକ ନାରୀଙ୍କୁ ବିଧାନସଭା ଟିକେଟ୍ ଦେଇଥିଲା। ରାଜଧାନୀ ଭୁବନେଶ୍ୱରରେ ବି ୧୨ ଘଣ୍ଟା ବିଦ୍ୟୁତ କାଟ କରାଯାଉଛି। ରାଜଧାନୀ ଅବସ୍ଥା ଯଦି ଏମିତି, ତେବେ ଅନ୍ୟ ଅଞ୍ଚଳ କଥା ସହଜେ ଅନୁମେୟ ବୋଲି ମିଶ୍ର କହିଥିଲେ। ଏହାର କିଛି ସମୟ ପରେ ପଏଣ୍ଟ ଅଫ୍ ଅର୍ଡର ଜରିଆରେ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କିଛି କହିବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ହେଲେ ତାହା ସେ ସମୟରେ ସମ୍ଭବ ହୋଇ ନ ଥିଲା। ଏହା ପରେ ବିରୋଧୀ ସଭ୍ୟ ନରସିଂହ ମିଶ୍ର ନିଜ ଆସନରୁ ଉଠି ସେହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ଗୃହରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସମୟରେ ଅଫିସରଙ୍କ ପାଇଁ ଉଦ୍ଦିଷ୍ଟଥିବା ଗ୍ୟାଲେରୀରେ ଅର୍ଥ ବିଭାଗର ଜଣେ ଯୁଗ୍ମ ସଚିବ ରହିଥିଲେ। ହେଲେ ଅନ୍ୟ କୌଣସି ବିଭାଗର ଅଧିକାରୀ ନ ଥିବା କୁହାଯାଇଥିଲା। ଏହାପରେ ବାଚସ୍ପତି ଅଫିସରଙ୍କ ଉପସ୍ଥିତି ନେଇ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ବିତର୍କରେ ଭାଗ ନେଇ ସୁରେଶ କୁମାର ରାଉତରାୟ ଶାସକ ଦଳକୁ କଡ଼ା ସମାଲୋଚନା କରିଥିଲେ। ସୁରେଶ କହିଥିଲେ ଯେ, ଶାସକ ଦଳ ଅଫିସରଙ୍କ ଜରିଆରେ ଟଙ୍କାବାଣ୍ଟି ବିଭିନ୍ନ ସଭାସମିତି ପାଇଁ ଲୋକ ଯୋଗାଡ କରିଥାଆନ୍ତି। ଫନୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପୁରୀ, ସାକ୍ଷୀଗୋପାଳ, ଡେଲାଙ୍ଗ,ଜଟଣୀ ବ୍ଲକର ଅଧିକାଂଶ ଅଞ୍ଚଳକୁ ବିଜୁଳି ଆସିନାହିଁ। ଆଳୁ, ପିଆଜ ଭଳି ନିତ୍ୟ ବ୍ୟବହାର୍ଯ୍ୟ ପରିବା ପାଇଁ ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ଉପରେ ନିର୍ଭର କରିବାକୁ ପଡୁଛି। ରାଜଧାନୀରେ ଅପରାଧ କିଛିଦିନ ହେବ ବୃଦ୍ଧି ପାଇଛି। ଦାରୁଠେଙ୍ଗରେ ବିରୋଧ ସତ୍ତ୍ୱେ ଡମ୍ପିଂୟାର୍ଡ ହୋଇଛି। ଏହା ଦ୍ୱାରା ସ୍ଥାନୀୟ ଜନସାଧାରଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଡମ୍ପିଂୟାର୍ଡକୁ ନିକଟସ୍ଥ ଭୁଆସୁଣୀ ଅଞ୍ଚଳକୁ ସ୍ଥାନାନ୍ତର କରିବା ପାଇଁ ସୁରେଶ ଦାବି କରିଥିଲେ। ଏହା ପରେ ଭାଜପା ସଭ୍ୟ ମୋହନ ମାଝି ରାଜ୍ୟ ସରକାରଙ୍କୁ ସମାଲୋଚନା ସହ କେନ୍ଦ୍ର ସରକାର ଯୋଜନାର ସୁଫଳ ବଖାଣିଥିଲେ। ଦ୍ୱିତୀୟାର୍ଦ୍ଧରେ ଶାସକ ସଭ୍ୟ ପ୍ରଫୁଲ୍ଲ ସାମଲ, ବ୍ୟୋମକେଶ ରାୟ ଏବଂ ଲତିକା ପ୍ରଧାନ ପ୍ରମୁଖ ସରକାରଙ୍କ ସମର୍ଥନ ବିତର୍କରେ ଭାଗ ନେଇଥିଲେ।

ସେହିପରି ଗୃହର କାର୍ଯ୍ୟ ପ୍ରାରମ୍ଭରେ ବାଚସ୍ପତି ଏକ ଗୁରୁତ୍ୱପୂର୍ଣ୍ଣ ରୁଲିଂ ଦେଇଥିଲେ। ସଂସଦୀୟ ପରମ୍ପରା ଅନୁଯାୟୀ ଯଦି କୌଣସି ଶବ୍ଦଗୁଡ଼ିକୁ ଗୃହର ବିବରଣୀରୁ ସମ୍ପୂର୍ଣ୍ଣ ବାଦ୍ ଦେବା ପାଇଁ ବାଚସ୍ପତି, ଉପବାଚସ୍ପତି ବା ଅଧିଷ୍ଠାତାମଣ୍ଡଳୀଙ୍କ ଦ୍ୱାରା ଆଦେଶ ହୋଇଥାଏ, ତେବେ ତାହା ଗଣମାଧ୍ୟମରେ ପ୍ରସାରଣ କରାଯାଇପାରିବ ନାହିଁ ବୋଲି ବାଚସ୍ପତି ରୁଲିଂ ଦେଇଛନ୍ତି।

# ବିଧାନସଭାରେ ଉଠିପାରେ ଇଡବ୍ଲ୍ୟୁଏସ୍ ସଂରକ୍ଷଣ ପ୍ରସଙ୍ଗ

ଭୁବନେଶ୍ୱର,୨୬।୬(ବ୍ୟୁରୋ)

ଆର୍ଥିକ ଦୁର୍ବଳ ଶ୍ରେଣୀ(ଇଡବ୍ଲ୍ୟୁଏସ୍) ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟରେ ଏମ୍‌ବିବିଏସ୍ ଏବଂ ବିଡି ଡେଣ୍ଟାଲ ପାଠ ପଢ଼ିବା ୧୦ ପ୍ରତିଶତ ସଂରକ୍ଷଣ ନେଇ ବିଜ୍ଞପ୍ତି ଦିଆଯାଇଛି। ହେଲେ ଦେଶର ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ଶିକ୍ଷାକ୍ଷେତ୍ରରେ ସଂରକ୍ଷଣ ନେଇ ତ୍ରୁଟି ବିଚ୍ୟୁତି ରହିଛି। ତେଣୁ ନୂଆ କରି ଲାଗୁ କରାଯାଇଥିବା ନିୟମ ଦ୍ୱାରା ରାଜ୍ୟର ଅବହେଳିତ ବର୍ଗ ଉପକୃତ ହେବାର ସମ୍ଭାବନା କ୍ଷୀଣ। ତେଣୁ ରାଜ୍ୟରେ ସାମାଜିକ, ଅର୍ଥନୈତିକ ସ୍ଥିତିକୁ ଅଣଦେଖା କରାଯାଇ ଏକପାଖିଆ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହୋଇଛି। ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ବିଧାୟକ ମକରନ୍ଦ ମୁଦୁଲି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ଆବାହକ ଅକ୍ଷୟ ମଲ୍ଲିକ ପ୍ରମୁଖ ପ୍ରଶ୍ନ ଉଠାଇଛନ୍ତି। ଏହି ପ୍ରସଙ୍ଗରେ ମକରନ୍ଦ ଓ ସଗରିଆ ଚିଠି ଏବଂ ଲିଫ୍‌ଲେଟ୍ ମାଧ୍ୟମରେ ଅନ୍ୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ପ୍ରସଙ୍ଗ ଗୁରୁବାର ଦିନ ବିଧାନସଭାରେ ବିରୋଧୀଙ୍କ ଦ୍ୱାରା ଉପସ୍ଥାପନ କରାଯିବାର ଯଥେଷ୍ଟ ସମ୍ଭାବନା ରହିଥିବା ଜଣାପଡିଛି।

ବିଧାୟକ ମକରନ୍ଦ କହିଛନ୍ତି ଯେ, ସମଗ୍ର ଦେଶର ଅନ୍ୟାନ୍ୟ ପଛୁଆବର୍ଗ(ଓବିସି)ର ଛାତ୍ରୀଛାତ୍ରଙ୍କ ପାଇଁ ୨୭% ଓ ଅନୁସୂଚିତ ଜାତି(ଏସ୍‌ସି) ଏବଂ ଅନୁସୂଚିତ ଜନଜାତି(ଏସ୍‌ଟି) ଛାତ୍ରୀଛାତ୍ରଙ୍କ ପାଇଁ ଲୋକସଂଖ୍ୟା ଅନୁପାତରେ ସଂରକ୍ଷଣ ବ୍ୟବସ୍ଥା ରହିଛି, ହେଲେ ଓଡ଼ିଶାରେ ସେହି ଅନୁପାତରେ ସଂରକ୍ଷଣ ଦିଆଯାଉନାହିଁ। ବୈଷୟିକ ଶିକ୍ଷାରେ ଏସ୍‌ସି, ଏସ୍‌ଟିଙ୍କ ପାଇଁ ମାତ୍ର ୨୦% ସଂରକ୍ଷଣ ରହିଛି, ଯାହା ୩୮.୫% ହେବା ଉଚିତ। ସେହିପରି ଓବିସି ତଥା (ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗ) ଏସ୍‌ଇବିସି ଛାତ୍ରୀଛାତ୍ରଙ୍କ ପାଇଁ ଆଦୌ ସଂରକ୍ଷଣ ନାହିଁ, ଯାହା ୨୭ ପ୍ରତିଶତ ରହିବା କଥା। ରାଜ୍ୟର ୫୪ ପ୍ରତିଶତ ପଛୁଆବର୍ଗଙ୍କ ଛାତ୍ରୀଛାତ୍ରଙ୍କ ପାଇଁ ୨୭% ଲାଗୁ ହୋଇପାରୁନାହିଁ। ହେଲେ ଯେଉଁ ବର୍ଗ ଲାଭ ପାଇ ଆସୁଛି, ସେହି ବର୍ଗ ପାଇଁ ଅତିରିକ୍ତ କୋଟା ଲାଗୁ କରାଯାଉଛି। ତେଣୁ ରାଜ୍ୟର ଜନସଂଖ୍ୟା ଏବଂ ବିଭିନ୍ନ ବର୍ଗର ଅର୍ଥନୈତିକ ଓ ସାମାଜିକ ଅବସ୍ଥାକୁ ଦୃଷ୍ଟିରେ ରଖି ସଂରକ୍ଷଣ ନିୟମ ଲାଗୁ କରିବା ପାଇଁ ମକରନ୍ଦ କହିଛନ୍ତି। ପୂର୍ବତନ ବିଧାୟକ କୃଷ୍ଣ କହିଛନ୍ତି ଯେ, ରାଜ୍ୟରେ ଉଚ୍ଚଶିକ୍ଷା ବିଭାଗ ଆଇଏଏସ୍ ଓ ଆଇପିଏସ୍ ଭଳି ୟୁପିଏସି ପରୀକ୍ଷାରେ ଓଡ଼ିଆ ପିଲାଙ୍କ ପାଇଁ ମାଗଣା କୋଚିଂ ଦେବା କଥା ଘୋଷଣା କରିଛନ୍ତି। ହେଲେ ଏହା କେବଳ ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ହେଲା ଭଳି ମନେ ହେଉଛି। ହେଲେ ଏସ୍‌ସି, ଏସ୍‌ଟି ଏବଂ ଓବିସି ଛାତ୍ରୀଛାତ୍ରଙ୍କ ପାଇଁ ଏ ସୁବିଧା ନାହିଁ। ରାଜ୍ୟରେ କ'ଣ କେବଳ ଗୋଟିଏ ଦୁଇଟି ବର୍ଗର ପିଲା ଡାକ୍ତର/ ଇଂଜିନିୟର/ ଆଇଏଏସ୍/ ଆଇପିଏସ୍ ହେବେ। ରାଜ୍ୟର ୯୪ % ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷଣ ନାହିଁ, ଅଥଚ ୬%ଙ୍କ ପାଇଁ ୮୦% ସିଟ୍ ସଂରକ୍ଷିତ ହେବା କି ପ୍ରକାର ନ୍ୟାୟ ବୋଲି କୃଷ୍ଣ ପ୍ରଶ୍ନ କରିଛନ୍ତି।



## ଜିଲା ଚିଠି
## କେନ୍ଦୁଝର

# ଦ୍ୱିତୀୟ ଇସ୍ପାତ୍ କାରଖାନା ସ୍ୱପ୍ନ

ଭାରତରେ ଗଚ୍ଛିତ ଥିବା ୩୪ ଶତକଡା ଉନ୍ନତ ମାନର ଲୁହାପଥର କେବଳ କେନ୍ଦୁଝର ଜିଲାରେ ରହିଛି। କିନ୍ତୁ ଖଣିଜ ସମ୍ପଦର ସଦୁପଯୋଗ ପାଇଁ ଗୋଟିଏ ହେଲେ ମେଗା ଇସ୍ପାତ୍ କାରଖାନା ଆଜି ପର୍ଯ୍ୟନ୍ତ ପ୍ରତିଷ୍ଠା ହୋଇପାରିଲା ନାହିଁ। କେତେକ ସଂସ୍ଥା ଓ ଠିକାଦାର ଖଣିଜ ସମ୍ପଦକୁ ରାଜ୍ୟ ବାହାରେ ବିକି ବେଶ ଲାଭବାନ୍ ହେଲେ। ହେଲେ ଜିଲା ତଥା ଜିଲାବାସୀଙ୍କ ବିକାଶ ହେଲା ନାହିଁ। ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଲା ନାହିଁ। ବରଂ ଖଣିରେ ମେଶିନ ବ୍ୟବହାର ଯୋଗୁ ନିଯୁକ୍ତି ସୁଯୋଗ ସଙ୍କୁଚିତ ହୋଇ ବେକାରି ବଢ଼ିଲା। ମାଟି ତଳେ ଅମାପ ଖଣିଜସମ୍ପଦ ଥିଲେ ମଧ୍ୟ ମାଟି ଉପରେ ରହୁଥିବା ମଣିଷଙ୍କ ଆର୍ଥିକ ସ୍ଥିତି ଅତି କରୁଣ ହେଲା। ରାଜ୍ୟର ୨ୟ ବୃହତ୍ ଇସ୍ପାତ୍‌କାରଖାନା କେନ୍ଦୁଝରରେ ପ୍ରତିଷ୍ଠା ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପରିକଳ୍ପନା କରିଥିଲେ। ତାଙ୍କ ପୁଅ ତଥା ଏବରର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁଝରକୁ ରାଜ୍ୟର ଇସ୍ପାତ ଜିଲା କରିବାକୁ ଆଶ୍ୱାସନା ଦେଇଥିଲେ। କିନ୍ତୁ ବାସ୍ତବରେ ଇସ୍ପାତ୍ କାରଖାନା ସ୍ୱପ୍ନ ହୋଇଗଲା। 'ଶିଳ୍ପ ନାହିଁ ତ ଖଣି ନାହିଁ' ଭଳି ସରକାରୀ ନୀତି କାର୍ଯ୍ୟକାରୀ କରାଗଲା ନାହିଁ। ଜିଲାରେ ଥିବା ବଡ ବଡ ଖଣି ସଂସ୍ଥା ଟାଟା, ଜିନ୍ଦଲ, ରୁଙ୍ଗ୍‌ଟା, ଏସେଲ, ସିରାଜଉଦ୍ଦିନ, ଇନ୍ଦ୍ରାଣୀ ପଟ୍ଟନାୟକ, ଡିଆର ପଟ୍ଟନାୟକ, ଏସ୍‌ଏନ ମହାନ୍ତି, ଏମ୍‌ଜିଏମ୍, ଓଏମ୍‌ଡିସି, ଓଏମ୍‌ସି ଆଦି ଖଣି ସଂସ୍ଥା ଏହି ଜିଲାରେ ଇସ୍ପାତ କାରଖାନା କଲେ ନାହିଁ କିମ୍ବା ସେମାନଙ୍କୁ ସରକାର ତାଗିଦ କଲେ ନାହିଁ। ଅନ୍ୟପକ୍ଷେ ଆର୍ସେଲର ମିତ୍ତଲ, ଷ୍ଟେରଲାଇଟ, ଉତ୍ତମ ଗାଲ୍‌ଭା ଭଳି ବଡ ବଡ ଖଣି ସଂସ୍ଥା ସହିତ ଏମଓୟୁ ଦସ୍ତଖତ କଲେ। ସେମାନେ କିଛିବର୍ଷ ଏଠାରେ ଅଫିସ ଖୋଲି ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରି ପରବର୍ତ୍ତୀ ସମୟରେ ଜିଲା ଛାଡ଼ି ପଳାଇଲେ। ଫଳରେ ଜିଲାବାସୀଙ୍କ ସ୍ୱପ୍ନ ଧୂଳିସାତ ହେବାକୁ ଲାଗିଲା। ଏକଦା ୨୦ରୁ ଊର୍ଦ୍ଧ୍ୱ ସ୍ପଞ୍ଜ କାରଖାନା, ପ୍ରାୟ ୧୫୦ ଲୌହ କ୍ରସ୍‌ର କାର୍ଯ୍ୟକ୍ଷମ ଥିଲା। କିନ୍ତୁ ସେସବୁ ମଧ୍ୟରୁ ଅନେକ କାରଖାନା ସଂପ୍ରସାରଣ କରିବା ବଦଳରେ ବନ୍ଦ ହେଲା। ପଳାଶପଙ୍ଗାରେ ଚାଲିଥିବା ଜିଲା ତଥା ଏସିଆ ମହାଦେଶର ପ୍ରଥମ ସ୍ପଞ୍ଜ କାରଖାନା ମଧ୍ୟ ବନ୍ଦ ହୋଇଗଲା। ଏପରିକି କେତେକ ଖଣି ସଂସ୍ଥା ନିଜସ୍ୱ କାରଖାନା ପ୍ରତିଷ୍ଠା କଲେ ନାହିଁ। କେତେକ ସଂସ୍ଥା ଖଣି ବଞ୍ଚାଇବାକୁ ଅନ୍ୟ ରୁଗ୍‌ଣ କାରଖାନାକୁ କିଣିଲେ। କିଛିଦିନ ସେହି ସଂସ୍ଥାକୁ ଚଳାଇ ପରେ କଞ୍ଚାମାଲର ଅଭାବ ଦେଖାଇ ତାଲା ପକାଇଲେ। ବଡବିଲରେ ଥିବା ସରକାରୀ ଉଦ୍ୟୋଗ କଳିଙ୍ଗ ଆଇରନ ୱାର୍କ୍ସ ମଧ୍ୟ ସମ୍ପ୍ରସାରଣ କରାଯାଇ ନ ପାରି ବନ୍ଦ ହୋଇ ଗଲା। ଖଣି ସଂସ୍ଥାମାନେ କାରଖାନା କରି ଖଣିଜ ସଦୁପଯୋଗ କରିବା ପରିବର୍ତ୍ତେ ଅଧିକ ଲାଭ ଆଶାରେ ବାହାରକୁ ଚାଲାଣ କରି କଞ୍ଚା ପଇସା ରୋଜଗାର କଲେ। ଫଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଲା ନାହିଁ। ଯେଉଁମାନେ କାରଖାନା ସଂପ୍ରସାରଣ କରି ଇସ୍ପାତ କାରଖାନାରେ ପରିଣତ କରିବାକୁ ଏମଓୟୁ କଲେ ସେମାନେ ମଧ୍ୟ ଓହରିଗଲେ। ସରକାର ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ଅନ୍ୟ କେତେକ ସଂସ୍ଥା ଖଣି ଅବଧି ସରିଯିବା ଆଶଙ୍କା କରି ଖଣିଜ ସମ୍ପଦର ଉତ୍ତୋଳନ ଓ ପ୍ରେରଣ କ୍ଷମତା ବହୁ ଗୁଣା ବୃଦ୍ଧି କଲେ। ମେଶିନ ଦ୍ୱାରା ପ୍ରତିଯୋଗିତାମୂଳକ ଭାବେ ଜଙ୍ଗଲ ଆଇନ ଓ ଅନ୍ୟ ସରକାରୀ ନୀତିନିୟମକୁ ଉଲ୍ଲଂଘନ କରି ଖଣିଜ ପଥର ଉତ୍ତୋଳନ କରିବାକୁ ଲାଗିଲେ। ଯାହାକି ପରବର୍ତ୍ତୀ ସମୟରେ ଖଣି ମହାଦୁର୍ନୀତି ପର୍ଦ୍ଦାଫାଶ ପରେ ପଦାକୁ ଆସିଥିଲା।

– ନରେଶ ଚନ୍ଦ୍ର ପଟ୍ଟନାୟକ

# ବାଚସ୍ପତି କହିଲେ 'ଆମ ଦଳର ନେତାମାନେ ଆସନ୍ତୁ'

**ଭୁବନେଶ୍ୱର,୨୬।୬(ବ୍ୟୁରୋ):** ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଗୃହ ପରିଚାଳନା ଢଙ୍ଗକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ଗୃହ ଚାଲିବା ବେଳେ ସେ ବିଭିନ୍ନ ଦଳର ସଦସ୍ୟମାନଙ୍କୁ ନାମ ଧରି ସମ୍ବୋଧନ କରିବା ଏବଂ ସଦସ୍ୟମାନଙ୍କ ସହିତ କଥାକଟି କରିବା ଭଳି ଘଟଣା ବିଧାନସଭାରେ ଭିନ୍ନ ପରିବେଶ ସୃଷ୍ଟି କରୁଛି। ବୁଧବାର ଶୂନ୍ୟକାଳରେ ସର୍ବଦଳୀୟ ବୈଠକରେ ଯୋଗଦେବାକୁ 'ଆମ ଦଳର ନେତାମାନେ ଆସନ୍ତୁ' ବୋଲି କହିବା କୌତୂହଳପୂର୍ଣ୍ଣ ହୋଇଥିଲା। ଏଭଳି ଆଚରଣକୁ ନେଇ ବିରୋଧୀ କଂଗ୍ରେସ ପ୍ରଶ୍ନ ଉଠାଇଥିଲା। ସର୍ବଦଳୀୟ ବୈଠକ ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ବୈଠକ ଆରମ୍ଭ ହେବା ପରେ କଂଗ୍ରେସ ସଦସ୍ୟ ନରସିଂହ ମିଶ୍ର ବାଚସ୍ପତି କହିଥିବା 'ଆମ ଦଳର ନେତାମାନେ' ଶବ୍ଦକୁ ବିଧାନସଭା ବିବରଣୀରୁ ବାଦ୍ ଦେବାକୁ କହିଥିଲେ। ବାଚସ୍ପତି ଏହି ଶବ୍ଦକୁ ବିବରଣୀରୁ ବାଦ୍ ଦେଇଥିଲେ।

# ବିଶ୍ୱକପ୍ କ୍ରିକେଟ ବେଟିଂ: ଆଉ ଜଣେ ଗିରଫ

ରାଉରକେଲା ଅଫିସ,୨୬।୬



୩ ହଜାର ଡଲାର, ପାସ୍‌ପୋର୍ଟ ଜବତ

ଷ୍ଟିଲ ସିଟିରେ ଚାଲିଥିବା ବିଶ୍ୱକପ କ୍ରିକେଟ ବେଟିଂ ଉପରୁ ଧୀରେ ଧୀରେ ପର୍ଦ୍ଦା ଉଠିବାରେ ଲାଗିଛି। ଏ ନେଇ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଚଳାଇଛି। ସୋମବାର ରାତିରେ ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ନାଗରମଲ ଅଗ୍ରୱାଲ (୫୮)ଙ୍କ ଘରେ ବୁଧବାର ପୋଲିସ ପୁନର୍ବାର ଚଢ଼ାଉ କରି ୩ହଜାର ଡଲାର, ତାଙ୍କ ପାସ୍‌ପୋର୍ଟ, ଫ୍ଲାଇଟ୍‌ଟିକେଟ ଜବତ କରିଛି। ଏହି ର୍‍ୟାକେଟରେ ସମ୍ପୃକ୍ତି ଅଭିଯୋଗରେ ବୁଧବାର ପୋଲିସ ନାଲା ରୋଡ୍ ଅଞ୍ଚଳର ଅନ୍ୟ ଜଣଙ୍କୁ ଗିରଫ କରିଛି। ତାଙ୍କ ନାଁ ମହମ୍ମଦ ଆବିଦ୍। ଏମାନଙ୍କ ବ୍ୟତୀତ ବେଟିଂରେ ଅନ୍ୟ କେଉଁମାନେ ସମ୍ପୃକ୍ତ ସେ ନେଇ ପୋଲିସ ଖୋଳତାଡ଼ କରୁଛି। ସୂଚନାଯୋଗ୍ୟ, ସୋମବାର ରାତିରେ ପୋଲିସ ନାଗରମଲଙ୍କ ସମେତ ଦେଓଗାଁ ଅଞ୍ଚଳର ସୁନୀଲ ସିଂହଲ (୩୮)ଙ୍କୁ ଗିରଫ କରିଥିଲା। ଏମାନଙ୍କଠାରୁ ୩୧ଲକ୍ଷ ଟଙ୍କା, ୧୭ ମୋବାଇଲ ଓ ଗୋଟିଏ ଏଲ୍‌ଇଡି ଟିଭି ଜବତ ହୋଇଥିଲା। ଉଭୟଙ୍କଠାରୁ ଜବତ ମୋବାଇଲରୁ ଖିଅ ଖୋଜିବାରେ ଲାଗିଛି ପୋଲିସ ଟିମ୍। ସହରର ବହୁ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ବେଟିଂ ଲିଙ୍କ୍ ଥିବା ପୋଲିସ ସନ୍ଦେହ କରୁଛି। ରାଜ୍ୟ ବାହାରେ କେଉଁଠି ଓ କିପରି ଏହି ବେଟିଂ ପରିଚାଳିତ ହେଉଛି ସେ ନେଇ ମଧ୍ୟ ପୋଲିସ ତନାଘନା ଆରମ୍ଭ କରିଛି।



# କୁକୁର ଓ ମାଲିକ ଭିତରେ ସାଦୃଶ୍ୟ



**ପରିବେଶ ପରିଚିନ୍ତା**

**ମାନେକା ଗାନ୍ଧୀ**

ଅଧିକାଂଶ ଲୋକ ଯେଉଁ ଜାତିର କୁକୁର ପାଳିବାକୁ ବାଛିଥାନ୍ତି, ସେହି କୁକୁରଙ୍କ ସହ ସେମାନଙ୍କର କିଛି ଶାରୀରିକ ସାଦୃଶ୍ୟ ଥିବା ପରି ମନେହୁଏ। ହାଇ ହିଲ୍ ପିନ୍ଧା କବରୀ ବନ୍ଧା ମହିଳାମାନେ ଲମ୍ବା ଗୋଡ଼ ଥିବା ଓ ଉଚ୍ଚା ପାହୁଣ୍ଡ ପକାଉଥିବା କୁକୁରଙ୍କୁ ପସନ୍ଦ କରିଥାନ୍ତି। ଅତି ମୋଟା ଲୋକମାନେ ପୁଟୁକା ଗାଲ ବିଶିଷ୍ଟ କୁକୁରଙ୍କୁ ପସନ୍ଦ କରିଥାନ୍ତି। ଯେଉଁମାନଙ୍କ ମୁଣ୍ଡର କେଶ ବହଳିଆ ଓ ଆଲୁରା ସେମାନେ ଆଲୁରା ଲମ୍ବା ଲୋମ ବିଶିଷ୍ଟ କୁକୁରଙ୍କୁ ବାଛିଥାନ୍ତି। ଜାପାନର କ୍ୱାନ୍‌ସେଇ ଗାକୁଇନ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱବିତ୍ ସଦାହିକୋ ନାକାଜିମା କୁକୁର ଓ ତାଙ୍କ ମାଲିକଙ୍କ ଭିତରେ ଥିବା ସାଦୃଶ୍ୟ ଉପରେ ଗବେଷଣା କରି ତାହାର କାରଣ ବିଷୟରେ ଉଲ୍ଲେଖ କରିଛନ୍ତି।

୨୦୦୯ରେ ନାକାଜିମା ଦର୍ଶାଇଲେ ଲୋକମାନେ କିପରି କେବଳ ଫଟୋଗ୍ରାଫ୍‌ରେ କୁକୁର ଓ ମାଲିକମାନଙ୍କ ମୁହଁକୁ ଦେଖି କେଉଁ କୁକୁରର ମାଲିକ କିଏ ତାହା ଚିହ୍ନଟ କରିପାରିଥିଲେ। ଅନେକ ଗବେଷଣା ମଧ୍ୟରେ ଏହା ଏକ ଗବେଷଣା ଯାହା କୁକୁର ଓ ମାଲିକମାନଙ୍କ ଭିତରେ ଶାରୀରିକ ସାଦୃଶ୍ୟ ଥିବା ନେଇ ରହିଥିବା ଲୋକବିଶ୍ୱାସକୁ ସୁଦୃଢ଼ କରିଛି। ଏହାର କାରଣ ଜାଣିବା ପାଇଁ ନାକାଜିମା ଆଉ ଏକ ଗବେଷଣା କରିଥିଲେ, ଯାହାର ଫଳାଫଳ ଆନ୍ଥ୍ରୋଜୁଜ୍ ପତ୍ରିକାରେ ପ୍ରକାଶ ପାଇଛି। ଏହାର କାରଣ ଆଖିରେ ହିଁ ରହିଛି ବୋଲି ସେ ପ୍ରକାଶ କରିଥିଲେ।

ନାକାଜିମା ୫୦୦ ଲୋକଙ୍କୁ ଦୁଇଟି ସେଟ୍ ଫଟୋଗ୍ରାଫ୍ ଦେଖାଇଲେ। ଗୋଟିଏ ସେଟ୍‌ରେ ପ୍ରକୃତ କୁକୁର-ମାଲିକ ଯୋଡ଼ିଙ୍କୁ ଦେଖାଯାଇଥିବା ବେଳେ ଅନ୍ୟ ସେଟ୍‌ରେ ଯାଦୃଚ୍ଛିକ ଯୋଡ଼ିଙ୍କୁ ଦେଖାଯାଇଥିଲା। ଅଂଶଗ୍ରହଣକାରୀମାନଙ୍କୁ ୫ଟି ସେଟ୍ ଛବି ଦେଖାଯାଇଥିଲା, ଯେଉଁଥିରେ ଭିନ୍ନ ଭିନ୍ନ ଅଙ୍ଗ ଯଥା ଆଖି, ପାଟି ଆଦି ଅସ୍ପଷ୍ଟ କରି ପ୍ରଦର୍ଶନ କରାଯାଇ ଥିଲା କିନ୍ତୁ ସବୁଥିରେ କୁକୁର ଓ ମାଲିକମାନଙ୍କ ମୁହଁ ସ୍ପଷ୍ଟ ପ୍ରଦର୍ଶନ କରାଯାଇଥିଲା। ତା'ପରେ ସେମାନଙ୍କୁ କେଉଁ ସେଟ୍‌ରେ କୁକୁର ଓ ତାଙ୍କ ପ୍ରକୃତ ମାଲିକ ଅଛନ୍ତି ତାହା ଦର୍ଶାଇବାକୁ କୁହାଯାଇଥିଲା। ୮୦ ପ୍ରତିଶତ ଅଂଶଗ୍ରହଣକାରୀ ପ୍ରକୃତ ଯୋଡ଼ିକୁ ଚିହ୍ନାଇବାରେ ସଫଳ ହୋଇଥିଲେ। ଯେଉଁ ଛବିରେ ମାଲିକଙ୍କ ପାଟିକୁ ଅସ୍ପଷ୍ଟ କରାଯାଇଥିଲା, ସେ କ୍ଷେତ୍ରରେ ଅଂଶଗ୍ରହଣକାରୀମାନେ ୭୩ ପ୍ରତିଶତ ଯୋଡ଼ିକୁ ଚିହ୍ନାଇବାରେ ସଫଳ ହୋଇଥିଲେ। କିନ୍ତୁ ଯେଉଁ ଛବିରେ ମାଲିକ ବା କୁକୁରଙ୍କ ଆଖିକୁ ଅସ୍ପଷ୍ଟ କରାଯାଇଥିଲା, ସେ କ୍ଷେତ୍ରରେ କେହି ବି ଠିକ୍ ଯୋଡ଼ିକୁ ଚିହ୍ନଟ କରିପାରି ନ ଥିଲେ। ସେମାନେ କେବଳ ଯାଦୃଚ୍ଛିକ ଅନୁମାନ କରିଥିଲେ ମାତ୍ର। ଯେଉଁ କ୍ଷେତ୍ରରେ ଉଭୟଙ୍କ ଆଖିକୁ ସ୍ପଷ୍ଟ ଦେଖାଯାଇଥିଲା, ସେ କ୍ଷେତ୍ରରେ ୭୪ ପ୍ରତିଶତ ଅନୁମାନ ନିର୍ଭୁଲ ହୋଇଥିଲା। ଏଥିରୁ ଏହି ନିଷ୍କର୍ଷ ମିଳିଲା ଯେ, ଲୋକମାନେ ନିଜ ସହ ବିଶେଷତଃ ନିଜର ଅଖି ସହ ସାଦୃଶ୍ୟ ଥିବା କୁକୁରଙ୍କୁ ହିଁ ବାଛିଥାନ୍ତି। ଏହା ପଛରେ ମନସ୍ତାତ୍ତ୍ୱିକ କାରଣ ରହିଛି। ଏହାକୁ କୁହାଯାଏ 'ଫ୍ୟାମିଲିଆରିଟି' ବା ପ୍ରଯୌକ୍ତିକ ପରିଭାଷା ଅନୁସାରେ 'ମିୟର ଏକ୍ସପୋଜିଓର ଇଫେକ୍ଟ'। ଏହି କାରଣରୁ ଆମେ ନିର୍ଦ୍ଦିଷ୍ଟ ଲେଖକଙ୍କ ପୁସ୍ତକ ଓ ନିର୍ଦ୍ଦିଷ୍ଟ ପୁରୁଣା ଗୀତକୁ ପସନ୍ଦ କରିଥାଉ। ଏହି କାରଣରୁ ଆମେ ଅଭିନେତାଙ୍କୁ ଭୋଟ ଦେଉ ଏବଂ ଦକ୍ଷତା ଥାଉ ବା ନ ଥାଉ ଜଣାଶୁଣା ଲୋକଙ୍କ ପତ୍ନୀ/ପିଲାମାନଙ୍କୁ ଭୋଟ ଦେଉ। ଏକା କାରଣରୁ ମିଛ ଖବରର ଏତେ କାଟତି, ଯାହା କିଛି ସପ୍ତାହ ବ୍ୟବଧାନରେ ବାରମ୍ବାର ପ୍ରକାଶ ପାଏ। କାରଣ ଏହା ଆମ କଳ୍ପନାରେ ଆସ୍ଥାନ ଜମାଇଥାଏ ଏବଂ ଆମେ ତା' ସହ ପରିଚିତ। ଆମେ ନିଜ ମୁହଁ ସହ ପରିଚିତ। ଯାହା ଆମ ମୁହଁ ପରି ଦେଖାଯାଏ, ତାହା ଆମ ଭିତରେ ଏକ ଉଷ୍ମ ପ୍ରତିକ୍ରିୟା ସୃଷ୍ଟି କରେ।

ଡ. ଷ୍ଟାନ୍‌ଲି କୋରେନ୍‌ଙ୍କ ଦ୍ୱାରା କରାଯାଇଥିବା ଏକ ପରୀକ୍ଷଣରେ ୧୦୪ ଜଣ ମହିଳାଙ୍କୁ ଚାରିଟି ଭିନ୍ନ ପ୍ରଜାତିର କୁକୁରଙ୍କ ମୁଣ୍ଡ ଦେଖିବାକୁ କୁହାଗଲା। ସେହି ପ୍ରଜାତିଗୁଡ଼ିକ ହେଉଛି ଇଂଲିଶ୍ ସ୍ପ୍ରିଞ୍ଜର ସ୍ପାନିଏଲ୍, ବିଗଲ, ସାଇବେରିଆନ୍ ହସ୍କି ଓ ବାସେଞ୍ଜି। ଉକ୍ତ ମହିଳାମାନେ ସେମାନଙ୍କର ଚାହାଣି, ବନ୍ଧୁଭାବାପନ୍ନତା, ଆନୁଗତ୍ୟ ଓ ବୁଦ୍ଧିମତ୍ତା ଭିତ୍ତିରେ ମୂଲ୍ୟାୟନ କଲେ। ଉକ୍ତ ମହିଳାମାନଙ୍କୁ ମଧ୍ୟ କାନକୁ ଘୋଡ଼ାଉଥିବା ଲମ୍ବା କେଶ ଷ୍ଟାଇଲ ଓ କାନକୁ ଖୋଲା ରଖୁଥିବା ଛୋଟ ଓ ପଛକୁ କୁଣ୍ଡା ହୋଇଥିବା ବା ବନ୍ଧା ହୋଇଥିବା କେଶ ଷ୍ଟାଇଲ ଭିତ୍ତିରେ ବିଭକ୍ତ କରାଯାଇଥିଲା। ବଡ଼ କେଶ ଦ୍ୱାରା କାନକୁ ଲୁଚାଇଥିବା ମହିଳାମାନେ ଲମ୍ବା କାନବାଲା ବିଗଲ ଓ ସ୍ପାନିଏଲ କୁକୁରଙ୍କୁ ପସନ୍ଦ କଲେ। ଛୋଟ ଚୁଟି ଓ ଖୋଲା କାନବାଲା ମହିଳାମାନେ କାନକୁ ଠିଆ କରିଥିବା ସାଇବେରିଆନ ଓ ବାସେଞ୍ଜି କୁକୁରଙ୍କୁ ପସନ୍ଦ କଲେ।

ନିକଟରେ ମିଶିଗାନ୍ ଷ୍ଟେଟ୍ ୟୁନିଭର୍ସିଟିରେ ସାମାଜିକ ମନସ୍ତତ୍ତ୍ୱବିତ୍‌ଙ୍କ ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ କୁକୁର ଓ ତାଙ୍କ ମାଲିକମାନଙ୍କ ବ୍ୟକ୍ତିତ୍ୱରେ ବି ସାଦୃଶ୍ୟ ଥାଏ। ବ୍ୟକ୍ତିତ୍ୱର ତୁଳନା ପାଇଁ ମାନକ ମାଗଦର୍ଶିକା ହେଉଛି: ଆବେଗିକ ସ୍ଥିରତା– ଯେଉଁ ଲୋକ ଅତିଶୟ ଭାବପ୍ରବଣ ଓ ଭୟାଳୁ ବା ସୁରକ୍ଷିତ ଓ ଅତିବିଶ୍ୱାସୀ। ଏକ୍ସ୍‌ଟ୍ରାଭର୍ସନ– ଏହି ଲୋକମାନେ ବାହାରେ ବୁଲାବୁଲି କରନ୍ତି ଓ ମେଳାପି ବା ଏକୁଟିଆ ରହିବାକୁ ଭଲପାଆନ୍ତି ଓ ଗମ୍ଭୀର। ଏଗ୍ରିଏବ୍‌ଲନେସ୍– ଏହି ଲୋକମାନେ କଠିନ ପରିଶ୍ରମୀ, ଦକ୍ଷ ଓ ସଂଗଠିତ ବା ଆରାମପ୍ରିୟ, ଅଳସୁଆ ଓ ବେଖାତିର। ଓପନ୍‌ନେସ୍– ଏହି ଲୋକ ଉଦ୍ଭାବନଶୀଳ ଓ କୌତୂହଳୀ ବା ସଙ୍ଗତିଶୀଳ ଓ ସତର୍କ। ଯେତେବେଳେ ବିଭିନ୍ନ ବ୍ୟକ୍ତିତ୍ୱସମ୍ପନ୍ନ ଲୋକମାନଙ୍କୁ ବିଭିନ୍ନ ରକମର କୁକୁରଙ୍କ ମଧ୍ୟରୁ ଗୋଟିକୁ ବାଛିବାକୁ କୁହାଗଲା, ସେମାନେ ଅଧିକାଂଶ କ୍ଷେତ୍ରରେ ନିଜ ବ୍ୟକ୍ତିତ୍ୱର ସାଦୃଶ୍ୟ ଥିବା କୁକୁରଙ୍କୁ ହିଁ ବାଛିବାର ଦେଖାଗଲା। ଏହା ପୂର୍ବରୁ ସେହି ଲୋକ ଓ କୁକୁରମାନଙ୍କୁ ସେମାନଙ୍କ ବ୍ୟକ୍ତିତ୍ୱ ଭିତ୍ତିରେ ବୈଜ୍ଞାନିକ ପଦ୍ଧତିରେ ବର୍ଗୀକରଣ କରାଯାଇଥିଲା।

ତେବେ ଏହିସବୁ ସାଦୃଶ୍ୟ କାହିଁକି ଦେଖାଯାଏ? ସମ୍ଭବତଃ ମାଲିକମାନେ ନିଜର ସାଦୃଶ୍ୟ ଥିବା କୁକୁରଙ୍କୁ ହିଁ ପୋଷା କୁକୁର ଭାବେ ବାଛିଥାନ୍ତି। ଏପରି ବି ହୋଇପାରେ ନିଜର ପୋଷା କୁକୁର ସହ ଦୈନନ୍ଦିନ ଭାବର ଆଦାନପ୍ରଦାନ ଅବସରରେ ଆମେ ସେମାନଙ୍କ ବ୍ୟକ୍ତିତ୍ୱ ଗଠନ କରିଥାଉ। ଅବଶ୍ୟ ଏହା ଏକ ଜଟିଳ ପ୍ରସଙ୍ଗ। ବନ୍ଧୁଭାବାପନ୍ନ ଲୋକମାନେ ବନ୍ଧୁଭାବାପନ୍ନ କୁକୁରଙ୍କୁ ବାଛିଥାନ୍ତି କି? କିମ୍ବା ବନ୍ଧୁଭାବାପନ୍ନ ଲୋକମାନେ ନିଜର ପୋଷା କୁକୁରକୁ ଏପରି ପାଳିଥାନ୍ତି ଯେ ସେ ଅଧିକ ସାମାଜିକ ବା ମେଳାପି ହୋଇଯାଏ? ଡ. ଷ୍ଟାନଲି କୋରେନଙ୍କ ଗବେଷଣାରୁ ଜଣାପଡ଼ିଛି ଯେ ପ୍ରଥମଟିରେ ଅଧିକ ସତ୍ୟତା ରହିଛି। କିନ୍ତୁ ଉଭୟେ ଉଭୟଙ୍କ ବ୍ୟକ୍ତିତ୍ୱ ଦ୍ୱାରା ଊଣାଅଧିକେ ପ୍ରଭାବିତ ହୋଇଥାନ୍ତି। କୁକୁରମାନଙ୍କ ବ୍ୟକ୍ତିତ୍ୱ ତାଙ୍କ ମାଲିକ, ମାଲିକଙ୍କ ପରିବାର ଓ ପରିବେଶ ଦ୍ୱାରା ପ୍ରଭାବିତ ହୋଇଥାଏ। ଯଦି ଆପଣ ରାସ୍ତାକଡ଼ରୁ ଆଣି ଗୋଟିଏ କୁକୁରଛୁଆ ପାଳିଥାନ୍ତି, ତେବେ ଆପଣ ତା'ର ବ୍ୟକ୍ତିତ୍ୱକୁ ନିଜ ଢଙ୍ଗରେ ସୁଗଠିତ କରିପାରିବେ। ପୋଷଣ (ନର୍ଚର) ହେଉଛି ପ୍ରକୃତି (ନେଚର)ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ।

Email: gandhim@nic.in

# ଚାଷ ଦୂର କରିବ ବେକାରି



**ବିଚିତ୍ର ବିଶ୍ୱାଳ**

ସଂପ୍ରତି ଆମ ଦେଶରେ ବେକାରି ସମସ୍ୟା ଅତ୍ୟନ୍ତ ଉତ୍କଟ ଓ ଦିନକୁ ଦିନ ଏହା କାୟା ବିସ୍ତାର କରିଚାଲିଛି। ନିକଟ ଅତୀତରେ ମହାରାଷ୍ଟ୍ର ସଚିବାଳୟରେ ୧୩ଟି ୱେଟର ପଦବୀ ପାଇଁ ୭୦୦୦ ସ୍ନାତକୋତ୍ତର ପ୍ରାର୍ଥୀ ଆବେଦନ କରିଥିଲେ। ତାମିଲନାଡୁରେ ସଚିବାଳୟ ପାଇଁ ୧୪ଟି ଝାଡୁଦାର ଓ ଅନ୍ୟ ସଫେଇ କର୍ମଚାରୀ ପଦ ପାଇଁ ୪୬୦୭ ଜଣ ଉଚ୍ଚଶିକ୍ଷିତ ପ୍ରାର୍ଥୀ ଆବେଦନ କରିଥିଲେ। ଗତବର୍ଷ ମାର୍ଚ୍ଚ ୨୦୧୮ରେ ରେଳ ବିଭାଗରେ ନିଯୁକ୍ତି ନିମନ୍ତେ ବାହାରିଥିବା ୯୦ ହଜାର ପଦବୀ ପାଇଁ ଆମ ଦେଶର ୨ କୋଟି ୫୦ ଲକ୍ଷ ପ୍ରାର୍ଥୀ ଆବେଦନ କରିଥିଲେ। କିଛି ବର୍ଷ ତଳେ ଆମ ରାଜ୍ୟରେ ମଧ୍ୟ ବାହାରିଥିବା ଅଳ୍ପ କେତୋଟି ପଦ ପାଇଁ କଟକର ବାରବାଟୀ ଷ୍ଟାଡ଼ିୟମ୍‌ରେ ଯେତେ ଆଶାୟୀ ଉପସ୍ଥିତ ହୋଇଥିଲେ ତାହା ଅଦିନିଆ କ୍ରିକେଟ୍ ମ୍ୟାଚ୍‌ର ଭ୍ରମ ସୃଷ୍ଟି କରିଥିଲା। ଆମ ଦେଶର ବେକାରି ସମସ୍ୟାକୁ ବୁଝିବା ପାଇଁ ଏତିକି କ'ଣ ଯଥେଷ୍ଟ ନୁହେଁ!

ଜୁଲାଇ ୨୦୧୭ରୁ ଜୁନ୍ ୨୦୧୮ ମଧ୍ୟରେ ନ୍ୟାଶନାଲ ସାମ୍ପଲ୍ ସର୍ଭେ ସଂସ୍ଥା ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ଗତ ୪୫ ବର୍ଷ ମଧ୍ୟରେ ୨୦୧୭-୧୮ରେ ଆମ ଦେଶରେ ବେକାରି ହାର ସର୍ବାଧିକ ବଢ଼ିଛି। ଆମ ଦେଶର ତଥାକଥିତ ଅର୍ଥନୈତିକ ଅଭିବୃଦ୍ଧି ଆଦୌ ବି ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରୁନାହିଁ। ତେଣୁ ଅର୍ଥନୀତି ବିଶାରଦମାନେ ଆମ ଆର୍ଥିକ ନୀତି ଓ ବିକାଶର ପରିଭାଷାକୁ ଆଉ ଥରେ ସମୀକ୍ଷା କରିବା ଉଚିତ ନୁହେଁ କି? ସରକାରଙ୍କ ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି ବୋଲି ଯେତେ ବାହୁସ୍ଫୋଟ ମରାଯାଉଥିଲେ ମଧ୍ୟ ସେଣ୍ଟର୍ ଫର୍ ମନିଟରିଙ୍ଗ୍ ଇଣ୍ଡିଆନ୍ ଇକୋନୋମି ଅନୁଷ୍ଠାନର ତଥ୍ୟ ଅନୁସାରେ ଗତ ଏକ ବର୍ଷ ମଧ୍ୟରେ ଆମ ଦେଶର ୧କୋଟି ୧୦ ଲକ୍ଷ ଲୋକ ନିଜ ଜୀବିକା ହରେଇଛନ୍ତି। ଗ୍ରାମାଞ୍ଚଳରେ ହାରାହାରି ୯୧ ଲକ୍ଷ ନିଜ ଜୀବିକା ହରେଇଥିବା ବେଳେ ସହରାଞ୍ଚଳର ୧୯ ଲକ୍ଷ ଲୋକ ଜୀବିକା ହରେଇଛନ୍ତି। ଆହୁରି ଦୁର୍ଭାଗ୍ୟର ବିଷୟ ଯେ, ପ୍ଲାନିଂ କମିଶନର ରିପୋର୍ଟ ଅନୁସାରେ ୨୦୦୪ରୁ ୨୦୧୨ ମଧ୍ୟରେ କେବଳ କୃଷି କ୍ଷେତ୍ରରେ ୧୪ କୋଟି ଲୋକ ନିଜ ଜୀବିକାରୁ ହାତ ଧୋଇଛନ୍ତି। ବିଶ୍ୱବ୍ୟାଙ୍କ୍‌ର ପରାମର୍ଶ ଅନୁସାରେ ଆମ ଦେଶର ଅନେକ ଅର୍ଥନୀତି ବିଶାରଦ ମତ ଦିଅନ୍ତି ଯେ, କୃଷି କ୍ଷେତ୍ରରୁ ଲୋକମାନେ ବାହାରିଯିବା ଏକ ଶୁଭ ସଙ୍କେତ। କିନ୍ତୁ ପ୍ରକୃତରେ ଏହା ବିପର୍ଯ୍ୟୟର ପୂର୍ବାଭାଷ। ଯେଉଁମାନେ କୃଷି କ୍ଷେତ୍ରରୁ ବାହାରିଗଲେ ସେମାନେ ମୂଲିଆରେ ପରିଣତ ହୋଇଛନ୍ତି ନଚେତ୍ ସହର ବଜାରରେ ନିର୍ମାଣ ଶ୍ରମିକ, ଗ୍ୟାରେଜ୍ ଶ୍ରମିକ ଓ ଅନ୍ୟାନ୍ୟ ଦିନ ମଜୁରିକୁ ଆପଣେଇବାକୁ ବାଧ୍ୟ ହେଉଛନ୍ତି। ନ୍ୟାଶନାଲ ସ୍କିଲ୍ ଡେଭଲପମେଣ୍ଟ ପଲିସି ଲକ୍ଷ୍ୟ ରଖିଛି ଯେ, ୨୦୨୨ ସୁଦ୍ଧା ଆମ ଦେଶରେ କୃଷକମାନଙ୍କ ସଂଖ୍ୟାକୁ ୫୨ ପ୍ରତିଶତରୁ କମ୍ କରି ୩୫ ପ୍ରତିଶତରେ ପହଞ୍ଚାଇବା। ଏଇ ଯେଉଁ ଲୋକମାନେ ଚାଷରୁ ବାହାରିବେ, ସେମାନେ କ'ଣ କରିବେ ତାହାର ଉତ୍ତର କାହା ପାଖରେ ନାହିଁ। ପ୍ରତିବର୍ଷ ତିଆରି ହେଉଥିବା ଲକ୍ଷ ଲକ୍ଷ ବେକାରଙ୍କୁ କିପରି ନିଯୁକ୍ତି ଦିଆଯିବ ତାକୁ ନେଇ କାହା ପାଖରେ ଠୋସ୍ କାର୍ଯ୍ୟକ୍ରମ ବା ଯୋଜନା ଥିବାପରି ବି ଜଣାଯାଉନାହିଁ। କିନ୍ତୁ ଅନ୍ଧ ଭାବେ ଲୋକଙ୍କୁ ଚାଷରୁ ଠେଲି ବାହାର କରିଦିଆଯିବା ପାଇଁ ସ୍କିଲ୍ ଡେଭଲପମେଣ୍ଟ ନାମରେ ଧୂମ୍‌ଧାମ୍‌ରେ ଯୋଜନା ଚାଲୁଛି।

ଆମ ଦେଶର ପ୍ରାୟ ଦୁଇତୃତୀୟାଂଶ ଲୋକ କୃଷି ଉପରେ ନିର୍ଭର କରୁଛନ୍ତି, ତେଣୁ କେବଳ କୃଷି ଦ୍ୱାରା ହିଁ ଏହି ବିରାଟ ବେକାରି ସେନାକୁ ନିଯୁକ୍ତି ଦେଇହେବ। ଏଥିପାଇଁ ଆମ କୃଷି ନୀତି ଓ କୃଷି ଯୋଜନାକୁ ଭିନ୍ନ ଭାବେ ସଂଚାଳନା କରିବାକୁ ହେବ। ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦନର ଉଚିତ ମୂଲ୍ୟ ଦେବାକୁ ହେବ। ଚାଷର ଖର୍ଚ୍ଚ ତୁଳନାରେ ଚାଷୀମାନଙ୍କୁ ଅଧିକ ମୂଲ୍ୟ ଦେବାକୁ ହେବ। ସେହି ହିସାବରେ ଚାଷରେ ଖର୍ଚ୍ଚ କମ୍ କରିବା ପରି ଚାଷ ପଦ୍ଧତି ଆପଣେଇବାକୁ ହେବ। ଚାଷୀମାନଙ୍କୁ ବେପାରି ଓ ଦଲାଲ୍‌ଙ୍କ ଶୋଷଣରୁ ବଞ୍ଚାଇବାକୁ ପ୍ରତି ବ୍ଲକ୍‌ରେ ଶୀତଳ ଭଣ୍ଡାର ଓ ଗୋଦାମ ଘର ଯୁଦ୍ଧକାଳୀନ ଭିତ୍ତିରେ ତିଆରି କରି କାର୍ଯ୍ୟକ୍ଷମ କରେଇବାକୁ ହେବ। ଏଥିରେ ସାମାନ୍ୟ ବି ଅବହେଳା ଗ୍ରହଣଯୋଗ୍ୟ ହେବା ଉଚିତ ନୁହେଁ। ଏତଦ୍‌ବ୍ୟତୀତ ଅଞ୍ଚଳ ସ୍ତରରେ ବିଭିନ୍ନ ପ୍ରକାର କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବାକୁ ହେବ, ଯେଉଁଥିରେ ସ୍ଥାନୀୟ ଲୋକମାନେ ନିଯୁକ୍ତି ପାଇବେ ଓ ଚାଷୀମାନେ ଉତ୍ସାହିତ ହେବେ। ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ବିପର୍ଯ୍ୟୟ ସମୟରେ ଚାଷୀମାନଙ୍କୁ କ୍ଷତିପୂରଣ ଯଥାଶୀଘ୍ର ଓ ଉପଯୁକ୍ତ ପରିମାଣରେ ଦେବାକୁ ହେବ। ସର୍ବୋପରି ସରକାର ଚାଷକୁ ଏକ ଅର୍ଥକରୀ ଧନ୍ଦାରେ ପରିଣତ କରିବା ପାଇଁ ତୁରନ୍ତ ଲାଗିପଡ଼ିବାକୁ ହେବ। ତା'ହେଲେ ଆମ ଦେଶରେ ଠିଆ ହୋଇଥିବା ବିରାଟ ବେକାରି ସମସ୍ୟାର ସମାଧାନ ହୋଇପାରିବ। ବେକାରି କେବଳ ଅର୍ଥନୈତିକ ସମସ୍ୟା ଠିଆ କରେନି, ଏହା ଏକ ଭୟଙ୍କର ସାମାଜିକ ଅସ୍ଥିରତାର କାରଣ। ତେଣୁ ସରକାର ଓ ଶାସନ କଳ ଚାଷୀମାନଙ୍କୁ ଅବହେଳା କରି ଅଯଥାରେ ବଡ଼ ବଡ଼ ଶିଳ୍ପ ପଛରେ ନ ମାତି, ଚାଷକୁ ଏକ ଲାଭଜନକ ବୃତ୍ତିରେ ପରିଣତ କରିବା ସହିତ ଉତ୍ପାଦିତ ଦ୍ରବ୍ୟର ସଂରକ୍ଷଣ, ରକ୍ଷଣାବେକ୍ଷଣ ଓ ଚାଷ ଭିତ୍ତିକ ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠା ପାଇଁ ମନପ୍ରାଣ ଦେଇ ଲାଗିପଡ଼ିବାକୁ ହେବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
bichitrabiswal@gmail.com

## ଏଇ ଭାରତରେ

ପ୍ରେମ ଦୁଇ ଆତ୍ମାର ମିଳନ ଘଟାଏ। ଏଥିରେ ଲିଙ୍ଗଗତ ଭେଦଭାବ କିଛି ନ ଥାଏ। ଏ କଥା ବୁଝିଛନ୍ତି କୋଲକାତାର ଦୁଇ କିନ୍ନର ତିସ୍ତା ଦାସ (ଟ୍ରାନ୍ସଓମ୍ୟାନ୍) ଏବଂ ଦୀପନ ଚକ୍ରବର୍ତ୍ତୀ (ଟ୍ରାନ୍ସମ୍ୟାନ୍)। ଅଗଷ୍ଟ ୮ ତାରିଖରେ ସେମାନେ ପାରମ୍ପରିକ ବିଧିବିଧାନ ମତେ ବିବାହ କରିବାକୁ ଯାଉଛନ୍ତି। ଦୁହେଁ ନିଜସ୍ୱ କ୍ଷେତ୍ରରେ ସୁପ୍ରତିଷ୍ଠିତ। କୋଲକାତାର ବାସିନ୍ଦା ତିସ୍ତା କେତୋଟି ପ୍ରାମାଣିକ ଚଳଚ୍ଚିତ୍ରରେ କାମ କରିଛନ୍ତି। ଦୀପନ ହେଉଛନ୍ତି ଆସାମର ବାସିନ୍ଦା ତଥା ବ୍ୟବସାୟୀ। ସେ କୋଲକାତାସ୍ଥିତ ସେଣ୍ଟର ଫର କନସଲଟେଶନ୍‌କୁ ଆସିଥିବାବେଳେ ଦୁହିଁଙ୍କର ସାକ୍ଷାତ୍ ହୋଇଥିଲା। ତା'ପରଠୁ ଦୁହେଁ ପରସ୍ପରକୁ ଭଲପାଇ ବସିଥିଲେ। ତିସ୍ତା ଦାସ ବର୍ତ୍ତମାନ ବିବାହ ଆୟୋଜନ କରିବାରେ ବ୍ୟସ୍ତ ଥିବାବେଳେ ନିମନ୍ତ୍ରଣପତ୍ର ମଧ୍ୟ ଛପା ସରିଲାଣି। ଯେଉଁମାନେ ଲିଙ୍ଗଗତ-ଅଧିକାରରେ ସମାନତା ଉପରେ ବିଶ୍ୱାସ କରନ୍ତି, ସେମାନେ ଏହି ବିବାହ ଉତ୍ସବରେ ଯୋଗଦେବା ଉଚିତ ବୋଲି ସେ ମତ ଦେଇଛନ୍ତି। ଉଭୟ ଅତୀତରେ ସେକ୍ସ ରିଆସାଇନ୍‌ମେଣ୍ଟ ସର୍ଜରି (ଏସ୍‌ଆରଏସ୍) କରାଇ ସାରିଛନ୍ତି। ଦୁହେଁ ବିବାହ ନିମନ୍ତ୍ରଣପତ୍ରରେ ସମକାମୀ ମହିଳା ଓ ସମକାମୀ ପୁରୁଷ ବିବାହ ଉପରେ ପ୍ରାଧାନ୍ୟ ଦେଇଛନ୍ତି। ଉକ୍ତ ଦମ୍ପତି ଉତ୍ତର ୨୪ ପ୍ରଗଣା ଜିଲାର ଆଗରପଡାଠାରେ ଏକ ରିସେପ୍ସନ ପାର୍ଟି ଆୟୋଜନ କରିବେ। ଉକ୍ତ କିନ୍ନର ବିବାହ ପାଇଁ ବର୍ତ୍ତମାନ ସବୁଠି ଚର୍ଚ୍ଚା।

# ଋଷି ବଙ୍କିମଚନ୍ଦ୍ର ଓ ବନ୍ଦେ ମାତରମ୍



**ଅରୁଣ କୁମାର ପଣ୍ଡା**

ଏବେ ସମଗ୍ର ଦେଶରେ ରାଷ୍ଟ୍ରବାଦ, ଜାତୀୟତା ଓ ଦେଶଭକ୍ତି ଆଦି ବିଷୟକୁ ନେଇ ଖୁବ୍ ତର୍କବିତର୍କ ଚାଲିଛି। ଏହି ଶବ୍ଦଗୁଡ଼ିକର ଉପଯୋଗ କେବଳ ଭୋଟ ପାଇଁ କରାଯାଉଛି ବୋଲି ବିରୋଧୀ ଦଳମାନେ ଅଭିଯୋଗ କରୁଥିବା ବେଳେ ରାଷ୍ଟ୍ର ଏବଂ ରାଷ୍ଟ୍ରୀୟତା ସର୍ବୋପରି ଏବଂ ଦଳ ଓ କ୍ଷମତା ତା' ଆଗରେ ଗୌଣ ବୋଲି ପ୍ରଚାର କରୁଛନ୍ତି ସ୍ୱୟଂ ପ୍ରଧାନମନ୍ତ୍ରୀ। ଶହ ଶହ ବର୍ଷ ତଳୁ ଅର୍ଥାତ୍ ବୈଦିକ କାଳରୁ 'ମାତା ଭୂମିଃ, ପୁତ୍ରୋଽହଂ ପୃଥିବ୍ୟାମ୍' ମନ୍ତ୍ରକୁ ଆଧାର କରି ଭାରତରେ ସଞ୍ଚରିତ ଦେଶଭକ୍ତିର ଉଗ୍ର ପ୍ରବାହ ଦେଖିବାକୁ ମିଳିଥିଲା ସ୍ୱାଧୀନତା ସଂଗ୍ରାମ ସମୟରେ। ମାଟିକୁ ମା' କହିବାର ସଂସ୍କାର ଆମ ପାଇଁ ଅତି ପ୍ରାଚୀନ ଏବଂ ସେହି ପରିପ୍ରେକ୍ଷୀରେ ଭାରତ ଆମ ପାଇଁ ଏକ ମାଟିର ଦେଶ ନୁହେଁ ଏହା ମାତୃଭୂମି। ଅନାଦି କାଳରୁ ମାତୃଶକ୍ତିର ଆରାଧନାରେ ଆମେ ମଗ୍ନ। ମାତୃଭୂମି ଆରାଧନାର ମହାନ୍ ମନ୍ତ୍ର ଥିଲା ବନ୍ଦେ ମାତରମ୍। ସ୍ୱାଧୀନତୋତ୍ତର ଭାରତରେ ବନ୍ଦେ ମାତରମ୍‌କୁ ନେଇ ଅନେକ ବିବାଦ ସୃଷ୍ଟି କରାଯାଇଥିଲେ ମଧ୍ୟ ଏକଥା ସ୍ୱୀକାର କରିବାକୁ ହେବ ଯେ ବନ୍ଦେ ମାତରମ୍‌ର ଶକ୍ତିଶାଳୀ ନିନାଦରେ ଦେଶରେ ଅଭୂତପୂର୍ବ ଜନଜାଗରଣ କାରଣରୁ ଇଂରେଜ ଶାସକଙ୍କୁ ଭାରତରୁ ତଡିବାର ପଥ ସୁଗମ ହୋଇଥିଲା। ଆମର ଏହି ମହାନ୍ ରାଷ୍ଟ୍ରଗୀତର ରଚୟିତା ହେଉଛନ୍ତି ପ୍ରଖ୍ୟାତ କବି, ଉପନ୍ୟାସକାର, ଗଦ୍ୟ ସାହିତ୍ୟ ସ୍ରଷ୍ଟା ଏବଂ ପତ୍ରକାର ରାଷ୍ଟ୍ରଋଷି ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ। ଏହି ଗୀତରେ ସେ ଭାରତମାତାଙ୍କୁ ସକଳ ଶକ୍ତିର ଆଧାର ରୂପେ ବର୍ଣ୍ଣନା କରି ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଯେଭଳି ଯାଦୁକରୀ ଶବ୍ଦ ସଂଯୋଜନା ମାଧ୍ୟମରେ ଚିତ୍ରିତ କରିଛନ୍ତି ତାହା ଅନନ୍ୟ ଓ ଅସାଧାରଣ। ଶୁଦ୍ଧ ସଂସ୍କୃତ ଶବ୍ଦର ପ୍ରୟୋଗ ଏବଂ ବଙ୍ଗ ଭାଷାରେ ଛନ୍ଦ ଲାଳିତ୍ୟ ଦ୍ୱାରା ସମୃଦ୍ଧ ଏହି କବିତାଟି କୋଟି କୋଟି ଭାରତୀୟଙ୍କ ହୃଦୟକୁ ଦେଶ ପାଇଁ ସ୍ପନ୍ଦିତ କରିଚାଲିବ। କବିତାଟି ଏହାଙ୍କ ରଚିତ ପ୍ରସିଦ୍ଧ ଉପନ୍ୟାସ 'ଆନନ୍ଦ ମଠ'ର ଅଂଶବିଶେଷ। କବି ତତ୍କାଳୀନ ବଙ୍ଗ ପ୍ରଦେଶ ଉତ୍ତର ଚବିଶ ପ୍ରଗଣା ଜିଲାର ନୈହାଟି ନିକଟ କାନ୍ଥାଲପଡାରେ ୧୮୩୮ ମସିହା ଜୁନ ୨୭ ତାରିଖରେ ଏକ ରକ୍ଷଣଶୀଳ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ୧୮୯୪ ମସିହା ଏପ୍ରିଲ ୮ ତାରିଖରେ ମାତ୍ର ୫୬ ବର୍ଷ ବୟସରେ ସେ ଇହଲୀଳା ସମ୍ବରଣ କରିଥିଲେ କଲିକତା ମହାନଗରୀରେ।

ପ୍ରାଥମିକ ଏବଂ ହାଇସ୍କୁଲ ପାଠ ପରେ ସେ ହୁଗୁଳିସ୍ଥିତ ମୋହସିନ କଲେଜ ଏବଂ ପରେ ପ୍ରଖ୍ୟାତ ପ୍ରେସିଡେନ୍ସି କଲେଜରେ ଅଧ୍ୟୟନ କରି ବିଶ୍ୱବିଦ୍ୟାଳୟର ଅନ୍ୟତମ ପ୍ରଥମ ସ୍ନାତକ (ଗ୍ରାଜୁଏଟ) ଭାବେ ଉତ୍ତୀର୍ଣ୍ଣ ହୋଇଥିଲେ। ୧୮୫୮ରୁ ସେ ବ୍ରିଟିଶ ରାଜ୍‌ରେ ଜଣେ ଡେପୁଟି ମାଜିଷ୍ଟ୍ରେଟ ଭାବେ କାର୍ଯ୍ୟ କରି ୧୮୯୧ରେ ଅବସର ନେଇଥିଲେ। ଏହି ଚାକିରିକାଳ ମଧ୍ୟରେ ବଙ୍କିମବାବୁ ଓଡ଼ିଶାର ଅନୁଗୋଳରେ ମଧ୍ୟ କିଛିବର୍ଷ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରିଥିଲେ। ସେ ସମୟର ଅନୁଗୋଳ ଅଞ୍ଚଳର ପାର୍ବତୀୟ ପରିବେଶ, ସବୁଜ ଶସ୍ୟଖେତ ଏବଂ ନଦୀ ଝରଣାର ଅନୁପମ ସୌନ୍ଦର୍ଯ୍ୟରେ ବିମୁଗ୍ଧ ଲେଖକ ବଙ୍କିମଚନ୍ଦ୍ରଙ୍କ କଲମରୁ ସ୍ୱତଃ ଝଙ୍କୃତ ହୋଇଥିଲା– ବନ୍ଦେ ମାତରମ୍, ସୁଜଲାଂ ସୁଫଲାଂ ଶସ୍ୟଶ୍ୟାମଲାଂ ମାତରମ୍। ବିଦେଶୀ ବ୍ରିଟିଶ ଶାସକ ବିରୋଧରେ କେତେକ ଯୁବ ସନ୍ନ୍ୟାସୀ ସଂଗଠିତ ହୋଇ କିଭଳି ସଂଗ୍ରାମ କରିଥିଲେ ଏବଂ ବ୍ରିଟିଶ ପୋଲିସର ଅତ୍ୟାଚାର ସତ୍ତ୍ୱେ ସେମାନଙ୍କ ଲଢ଼େଇ ଅଦମିତ ଥିଲା। ଏହି କାହାଣୀ ଉପରେ ଆଧାରିତ ଉପନ୍ୟାସ 'ଆନନ୍ଦ ମଠ' ମାତୃଭୂମିକୁ ମା'ର ସମ୍ମାନ ଦେଇ ତା'ର ସୁରକ୍ଷା ଓ ସମ୍ମାନ ପାଇଁ ତନୁ-ମନ-ଧନ ଅର୍ପଣ କରିବାର ଭାବନା ଏହି ଗୀତ ମାଧ୍ୟମରେ ସମଗ୍ର ଦେଶରେ ଜାଗରିତ ହୋଇଥିଲା। ବଙ୍କିମଚନ୍ଦ୍ରଙ୍କ ଦେହାନ୍ତର ଦୁଇବର୍ଷ ପରେ ରହେମତୁଲ୍ଲା ମୟାବୀଙ୍କ ଅଧ୍ୟକ୍ଷତାରେ ୧୮୯୬ରେ କଲିକତାରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ କବିଗୁରୁ ରବୀନ୍ଦ୍ରନାଥ ନିଜେ ସ୍ୱର ସଂଯୋଜନା କରି ନିଜ କଣ୍ଠରେ ଗାନ କରିଥିଲେ ବନ୍ଦେ ମାତରମ୍ ସଙ୍ଗୀତ। ଏହାର ରଚୟିତା ବଙ୍କିମଚନ୍ଦ୍ରଙ୍କ ଆଗରେ ପ୍ରଥମେ କବିଗୁରୁ ଏହାକୁ ଗାନ କଲାବେଳେ ବଙ୍କିମ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ।

୧୯୩୬ ମସିହାରେ ଜାତୀୟ କଂଗ୍ରେସରେ ଯେତେବେଳେ ଜାତୀୟ ସଙ୍ଗୀତ କ'ଣ ହେବ ସେ ନେଇ ଆଲୋଚନା ହେଲା, ସେତେବେଳେ ବନ୍ଦେ ମାତରମ୍‌କୁ ନେଇ ନେତାଙ୍କ ମଧ୍ୟରେ ମତ ବିଭାଜନ ଆରମ୍ଭ ହେଲା। ଏହି ସଙ୍ଗୀତର ବିରୋଧୀମାନଙ୍କ ମତରେ ଏହା ଏକ ମୂର୍ତ୍ତିପୂଜାର ଗୀତ ଏବଂ ଏହାକୁ ଜାତୀୟ ସଙ୍ଗୀତର ମର୍ଯ୍ୟାଦା ଦିଆଗଲେ ମୁସଲମାନଙ୍କ ଭାବନା ଉପରେ ଆଘାତ ଲାଗିବ। ପରନ୍ତୁ ୧୯୩୭ ମସିହା ଅକ୍ଟୋବର ୨୮ ତାରିଖରେ ଜାତୀୟ କଂଗ୍ରେସ କାର୍ଯ୍ୟକାରୀ କମିଟି ଆମର ସ୍ୱାଧୀନତା ସଂଗ୍ରାମକୁ ପ୍ରେରଣା ଯୋଗାଇ ଆସୁଥିବା ବନ୍ଦେ ମାତରମ୍‌ର ପ୍ରଥମ ଦୁଇଟି ପଦକୁ ଜାତୀୟ ସଙ୍ଗୀତର ମର୍ଯ୍ୟାଦା ଦିଆଯିବା ନେଇ ନିଷ୍ପତ୍ତି ନେଲେ। କଂଗ୍ରେସ କାର୍ଯ୍ୟକାରୀ କମିଟି ଅବଦୁଲ ଆବୁଲ କାଲାମ ଆଜାଦ, ପଣ୍ଡିତ ଜବାହରଲାଲ ନେହେରୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କୁ ନେଇ ଦେଶର ଜାତୀୟ ସଙ୍ଗୀତ ନିରୂପଣରେ ନେହେରୁ କବିଗୁରୁଙ୍କ ପରାମର୍ଶ ଲୋଡିବାରୁ ସେ କହିଲେ ଏହାର ପ୍ରଥମ ପଦରେ ଯେଉଁ ଭକ୍ତି ଓ ମାଧୁର୍ଯ୍ୟ ପ୍ରକଟିତ ହୋଇଛି, ଆମ ପୁଣ୍ୟ ମାତୃଭୂମିର ଯେଉଁ ଅପରୂପ ଶୋଭାସମ୍ପଦର ଅଭିବ୍ୟକ୍ତି କରାଯାଇଛି ସେ ଦୃଷ୍ଟିରୁ ଏହାକୁ ଜାତୀୟ ସଙ୍ଗୀତର ମର୍ଯ୍ୟାଦା ଦେବାରେ କିଛି ଅସୁବିଧା ନାହିଁ ବୋଲି ମୁଁ ଭାବୁଛି। ଆମର ସ୍ୱାଧୀନତା ଆନ୍ଦୋଳନ ବେଳେ ବନ୍ଦେ ମାତରମ୍ ସଙ୍ଗୀତ ଅଗଣିତ ଦେଶପ୍ରେମୀଙ୍କ ହୃଦୟରେ ଦେଶଭକ୍ତିର ଫଲ୍‌ଗୁ ପ୍ରବାହିତ କରିଥିଲା। ତେଣୁ ଆମ ଆନ୍ଦୋଳନର ସଫଳତା ସମୟରେ ଏହାକୁ କିପରି ଅବଜ୍ଞା କରାଯିବ।

କବିଗୁରୁଙ୍କ ତର୍କରେ ପଣ୍ଡିତ ନେହେରୁ ଓ କମିଟି ସଦସ୍ୟମାନେ ପ୍ରଭାବିତ ହେଲେ। ମୂର୍ତ୍ତିପୂଜାର ଘୋର ବିରୋଧୀ ବ୍ରାହ୍ମ ସମାଜର ସଦସ୍ୟମାନେ ମଧ୍ୟ ବନ୍ଦେ ମାତରମ୍‌କୁ ସମର୍ଥନ କଲେ। ପରେ ବରିସାଲରେ ଆୟୋଜିତ ବିଶାଳ ସମାବେଶରେ ବନ୍ଦେ ମାତରମ୍ ଗାନ କରାଗଲା। ବଙ୍ଗଭଙ୍ଗ ଆନ୍ଦୋଳନ ବେଳେ ମଧ୍ୟ ଏହା ସ୍ଲୋଗାନରେ ପରିଣତ ହେଲା। ପୋଲିସ ଅତ୍ୟାଚାରର ମୁକାବିଲା ପାଇଁ ଅଗଣିତ ଯୁବକ ଦେଶବ୍ୟାପୀ ବନ୍ଦେ ମାତରମ୍‌କୁ ଆୟୁଧ କଲେ। ଇଂରେଜ ସରକାରର ବନ୍ଦେ ମାତରମ୍‌କୁ ବେଆଇନ ଘୋଷଣା ସତ୍ତ୍ୱେ ବିପ୍ଲବୀ ଏବଂ ଆନ୍ଦୋଳନକାରୀଙ୍କ ପାଇଁ ଏହା ଜାଗରଣର ମହାମନ୍ତ୍ରରେ ପରିଣତ ହେଲା। ପୋଲିସ ଆନ୍ଦୋଳନକାରୀଙ୍କ ଉପରେ ପ୍ରବଳ ଲାଠିମାଡ କଲା। ହଜାର ହଜାର ଲୋକ ଆହତ ହେଲେ। କିନ୍ତୁ ବନ୍ଦେ ମାତରମ୍‌ର ଧ୍ୱନି ଶିଥିଳ ହେଲା ନାହିଁ।

ବିପ୍ଲବୀ ଅରବିନ୍ଦ ସେତେବେଳେ କହିଥିଲେ ୩୨ ବର୍ଷ ତଳେ ବଙ୍କିମଚନ୍ଦ୍ର ଏହି ଗୀତ ଲେଖିଥିଲେ। କିନ୍ତୁ ସେତେବେଳେ ଏହାକୁ ଖୁବ୍ ଅଳ୍ପ ଲୋକ ଶୁଣିଥିଲେ। ଆଜି ବନ୍ଦେ ମାତରମ୍ ଅସଂଖ୍ୟ କଣ୍ଠରେ ରାଷ୍ଟ୍ରୀୟ ମନ୍ତ୍ର ରୂପେ ମୁଖରିତ ହୋଇଉଠିଛି।

ବନ୍ଦେ ମାତରମ୍ ବଙ୍ଗଳା ଭାଷାର କବିତା ହେଲେ ମଧ୍ୟ ଏଥିରେ ସଂସ୍କୃତର ଆଧିପତ୍ୟ ଫଳରେ ଏହା ଭାଷାଗତ ସୀମା ଭିତରେ ଆବଦ୍ଧ ହୋଇ ରହିନାହିଁ। ଏହି ମାତୃଭୂମି ଆରାଧନା ସ୍ତୋତ୍ର ଭାରତମାତାର ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ରୂପ ବୈଭବର ବର୍ଣ୍ଣନାରେ ଆରମ୍ଭ ହୋଇଛି। ଦୁଃଖର ବିଷୟ, ବନ୍ଦେ ମାତରମ୍ ଭଳି ସଙ୍ଗୀତକୁ ସାମ୍ପ୍ରଦାୟିକତାର କ୍ଷୁଦ୍ର ସୀମା ମଧ୍ୟରେ ଆବଦ୍ଧ କରିବାର ପ୍ରୟାସ ଆଜି ବି ଚାଲିଛି।

ମୋ– ୯୪୩୭୨୭୦୬୦୫

## ଚିରନ୍ତନୀ

ଆସିଲ ଯେବେ କି ପାଇଁ ଦୂରେ ?
ମୁଁ ପରା ଅଛି ନିକଟେ ଅତି
ତୁମରି ପାଇଁ ରହିଛି ଚାହିଁ
ବିରହ-ବ୍ୟଥା ଟଳାଏ ମତି।
କିପାଇଁ ଆସ ଯାଅ କିପାଇଁ
ନ କହ କିପାଁ ପଦେ ତ କଥା
କ୍ଷଣକେ ଚାହିଁ ଯାଅ ଉଭାଇ
ଚିରଦିନକୁ ଲଗାଇ ବ୍ୟଥା। (ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | | | 2 | | 3 | | 9 | C | | | | | E |
| 2 | | | | | | | | | | B | E | D | | |
| | A | | | | E | 0 | | | | | | | | 3 |
| | | 3 | | | | | | | 6 | 1 | | C | 0 | |
| | | 6 | | | | E | | | | | 8 | B | | 4 |
| | 2 | | 0 | | | | | | 5 | 8 | | | | |
| | | | E | | | | 4 | | | | | | | 0 |
| | D | A | | | | | 5 | 8 | | | | | | |
| | | 8 | | | 5 | C | 6 | D | | 2 | | | 9 | |
| | | 5 | 4 | | | | B | | 1 | 6 | 9 | | | |
| | 3 | | | | | | | C | 9 | 7 | 4 | E | | D |
| | | | | | 6 | | 0 | B | 3 | E | 1 | | 5 | |
| | | | 7 | 5 | 0 | | A | 6 | | | | | | |
| | | 1 | D | | | 4 | | 3 | A | | | | | B |
| | | | 9 | 8 | | | | | | | 2 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | A | 5 | 9 | E | B | 6 | 8 | 7 | 2 | 4 | 3 | D | C | 0 |
| 4 | 0 | E | 5 | 1 | 3 | B | A | D | C | 7 | 9 | 2 | 6 | 8 |
| B | C | 6 | 0 | 8 | D | 2 | 3 | 9 | A | E | 1 | 4 | 5 | 7 |
| 7 | 8 | 2 | C | 4 | 6 | 1 | 5 | E | D | 0 | B | 3 | 9 | A |
| 3 | D | 9 | 2 | A | 7 | C | 0 | 4 | 5 | 6 | 8 | B | E | 1 |
| D | 1 | 7 | 4 | C | 8 | A | 6 | 2 | B | 5 | 0 | E | 3 | 9 |
| A | 2 | B | 3 | 5 | 1 | D | 9 | 0 | E | 8 | 4 | 6 | 7 | C |
| E | 4 | 8 | 6 | B | 2 | 7 | C | 1 | 9 | 3 | D | 0 | A | 5 |
| 6 | 3 | 0 | A | 9 | E | 5 | 4 | B | 7 | 1 | C | 8 | 2 | D |
| 5 | 9 | C | D | 7 | 0 | 3 | E | 8 | 6 | A | 2 | 1 | B | 4 |
| 9 | 6 | D | E | 2 | C | 4 | 1 | A | 0 | B | 7 | 5 | 8 | 3 |
| 8 | E | A | 7 | 3 | 4 | 9 | 2 | 6 | 1 | D | 5 | C | 0 | B |
| C | 5 | 1 | B | D | A | 0 | 7 | 3 | 8 | 2 | 6 | 9 | 4 | E |
| 0 | B | 3 | 8 | 6 | 5 | E | D | C | 4 | 9 | A | 7 | 1 | 2 |
| 2 | 7 | 4 | 1 | 0 | 9 | 8 | B | 5 | 3 | C | E | A | D | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାମ ଛାଡ଼ି ବ୍ୟାଙ୍କ ଦ୍ୱାରରେ ଭିଡ଼

ମହାଶୟ,

ମୁଖ୍ୟମନ୍ତ୍ରୀଙ୍କ କାଳିଆ ଯୋଜନାରେ ପ୍ରଥମ ଓ ଦ୍ୱିତୀୟ କିସ୍ତି ଟଙ୍କା ପାଇବା ଘୋଷଣା ଲୋକଙ୍କୁ ଘାରିଛି। ସେମାନେ ବାତ୍ୟା କ୍ଷତିପୂରଣ ପାଇବା ନିମନ୍ତେ ବ୍ୟାଙ୍କ ଆକାଉଣ୍ଟ ତନଖି ପାଇଁ ବ୍ୟାଙ୍କକୁ ଯାଇ ଲମ୍ବା ଧାଡିରେ ଠିଆ ହେଉଛନ୍ତି। ଅଧିକାଂଶ ଗ୍ରାମ୍ୟ ବ୍ୟାଙ୍କରେ ବିଦ୍ୟୁତ୍ ନ ଥିବାରୁ ଓ ଲିଙ୍କ୍ ନ ମିଳିବାରୁ ସେମାନେ ଦୁଃଖରେ ଫେରୁଛନ୍ତି। ତେଣେ ଲୋକଙ୍କର ଘରଦ୍ୱାର ନିର୍ମାଣ ନିମନ୍ତେ କାଠମିସ୍ତ୍ରି, ମୂଲିଆ ମିଳୁ ନାହାନ୍ତି। ବିଦ୍ୟୁତ୍ କମ୍ପାନୀର କର୍ମଚାରୀ ଅପାରଗ ହେବାରୁ ତାମିଲନାଡୁ, ବିହାର ଲୋକ ବିଦ୍ୟୁତ୍ କାର୍ଯ୍ୟ କରୁଛନ୍ତି, ଯାହାକି ଠିକାଦାରଙ୍କ ମର୍ଜିରେ ହେଉଛି। ପରିସ୍ଥିତିର ଗମ୍ଭୀରତା ସରକାର ବୁଝନ୍ତୁ।

ପୂର୍ବ ସତ୍ୟବାଦୀ, ପୁରୀ ଅଞ୍ଚଳବାସୀ, ସାକ୍ଷୀଗୋପାଳ, ପୁରୀ

### ପିଆଜ ଚାଷୀଙ୍କ ଦୁର୍ଦ୍ଦଶା

ଚଳିତବର୍ଷ କଳାହାଣ୍ଡି ଜିଲାରେ ବହୁ ଚାଷୀ ପିଆଜ ଚାଷ କରିଛନ୍ତି। ଏବର୍ଷ ପ୍ରାୟ ୧୫,୦୦୦ ଟନ୍‌ରୁ ଅଧିକ ପିଆଜ ଅମଳ ହୋଇଛି। ଶୀତଳ ଭଣ୍ଡାର ଅଭାବରୁ ପିଆଜର ସଂରକ୍ଷଣ ହୋଇପାରୁ ନାହିଁ ଏବଂ ଆବଶ୍ୟକ ସଂଖ୍ୟକ ମଣ୍ଡି ଅଭାବରୁ ପିଆଜ ଉଚିତ ଦରରେ ବିକ୍ରି ହୋଇପାରୁ ନାହିଁ। ପିଆଜର ଅଭାବୀ ବିକ୍ରି ଚାଲିଛି। ସେଠାରେ ଚାଷୀମାନେ ୪/୫ ଟଙ୍କାରେ ପିଆଜ ବିକ୍ରି କରୁଛନ୍ତି। ଅଥଚ ରାଜ୍ୟସାରା ଖାଉଟି ୨୦ ଟଙ୍କା ଦେଇ କିଲେ ପିଆଜ କିଣୁଛନ୍ତି। ଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ପର୍ଯ୍ୟାପ୍ତ ଶୀତଳଭଣ୍ଡାର ଓ ମଣ୍ଡି ଖୋଲା ନ ହେବା ରାଜ୍ୟ ସରକାରଙ୍କର ଏକ ବିଫଳତା। ବର୍ତ୍ତମାନର କୃଷି ଓ ସମବାୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଜୁନ୍ ୧୯୯୪

- ତେଲୁଗୁଦେଶମ୍ ଦଳର ରାଜ୍ୟ ସଭା ସଦସ୍ୟା ରେଣୁକା ଚୌଧୁରୀଙ୍କୁ ଦଳର ଜଣେ କର୍ମକର୍ତ୍ତାଙ୍କୁ ଅସଦାଚରଣ ପ୍ରଦର୍ଶନ କରିବା ଅଭିଯୋଗରେ ଦଳରୁ ବହିଷ୍କାର କରାଯାଇଛି।
- ଚାଇନାରେ ଚୋରା ନିଶାଦ୍ରବ୍ୟ ଚୋରାଚାଲାଣ ଅଭିଯୋଗରେ ୫୬ ଜଣ ଅପରାଧୀଙ୍କୁ ଫାଶୀଦଣ୍ଡ।

# ଜୁଲାଇ ପହିଲା ଯାଏ ହାଜତରେ ରହିବେ ପାଟଣାଗଡ଼ ବିଧାୟକ

ଭୁବନେଶ୍ୱର,୨୬।୬(ବ୍ୟୁରୋ): ପାଟଣାଗଡ଼ ବିଧାୟକ ସରୋଜ ମେହେର ଆସନ୍ତା ଜୁଲାଇ ୧ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତରେ ରହିବେ। ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର। ସେ କହିଛନ୍ତି ଯେ, ତାଙ୍କ ବିରୋଧରେ ଆଇପିସିର ଧାରା ୩୪୧, ୩୬୩, ୩୫୫, ୫୦୦ ଏବଂ ୩୪ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏ ନେଇ ବଲାଙ୍ଗୀର ଏସ୍‌ପି ଚିଠି ଲେଖିଜଣାଇଛନ୍ତି। ମେହେରଙ୍କୁ ଗତ ୨୪ ତାରିଖ ସନ୍ଧ୍ୟା ୬ଟା ୩୦ରେ ଗିରଫ କରାଯାଇଥିଲା। ସୂଚନାଥାଉ କି, ନିମ୍ନମାନର ରାସ୍ତା କାର୍ଯ୍ୟ ପାଇଁ ପୂର୍ତ୍ତ ବିଭାଗର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ କାନ ଧରି ଉଠବସ୍ କରିବା ମାମଲାରେ ମେହେର ଜେଲରେ ଅଛନ୍ତି। ମେହେରଙ୍କ ବିରୋଧରେ ଯନ୍ତ୍ରୀଙ୍କ ସ୍ତ୍ରୀ ପାଟଣାଗଡ଼ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଭାଜପା ଓ ବିଭିନ୍ନ ଆଦିବାସୀ ସଂଗଠନ ପକ୍ଷରୁ ବିଧାୟକଙ୍କୁ ଗିରଫ କରିବା ଲାଗି ଦାବି କରାଯାଇଥିଲା। ବିଧାୟକ ଏଥିଲାଗି କ୍ଷମାପ୍ରାର୍ଥନା କରିବା ପରେ ମଧ୍ୟ ତାଙ୍କୁ ମୁକ୍ତି ମିଳି ନ ଥିଲା।

# ଓଜେଇଇ ୨୦୧୯କୁ ନେଇ ଖବରକାଗଜରେ ଜାଲ୍ ବିଜ୍ଞାପନ

**ଓଜେଇଇ କର୍ତ୍ତୃପକ୍ଷଙ୍କ ସ୍ପଷ୍ଟୀକରଣ**

- ସରକାରୀ ୱେବ୍‌ସାଇଟ୍‌କୁ ଅନୁସରଣ କରିବାକୁ ପରାମର୍ଶ

ଭୁବନେଶ୍ୱର,୨୬।୬(ବ୍ୟୁରୋ)

ଛାତ୍ରୀଛାତ୍ରଙ୍କୁ ବିଭ୍ରାନ୍ତ କରିବା ପାଇଁ ଖବରକାଗଜରେ ଆସୁଛି ଜାଲ୍ ବିଜ୍ଞାପନ। ଉଚ୍ଚଶିକ୍ଷାରେ ନାମ ଲେଖାଇବା ପାଇଁ ଖବରକାଗଜରେ ଭୁଲ ବିଜ୍ଞାପନ ପ୍ରକାଶ ପାଉଛି। ତେଣୁ ଏହିଭଳି ବିଜ୍ଞାପନଠାରୁ ଦୂରେଇ ରହିବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ଜୁନ୍ ୨୧ରେ ଏକ ସ୍ଥାନୀୟ ଖବରକାଗଜରେ ଓଜେଇଇ-୨୦୧୯ ନାମରେ ଏକ ବିଜ୍ଞାପନ ପ୍ରକାଶ ପାଇଥିଲା। ସେଥିରେ ବି.ଟେକ୍ କୋର୍ସରେ ଆଡ୍‌ମିଶନ ସହିତ ଓଜେଇଇ ହେଲ୍‌ପଲାଇନ୍ ଭାବେ ଦୁଇଟି ମୋବାଇଲ୍ ଫୋନ୍ ନମ୍ବର ଦିଆଯାଇଥିଲା। ଏ ସମ୍ବନ୍ଧରେ ଓଜେଇଇ ପକ୍ଷରୁ ବୁଧବାର ଏକ ସ୍ପଷ୍ଟୀକରଣ ଦିଆଯାଇଛି। ଓଜେଇଇ-୨୦୧୯ ସହିତ ଏହି ବିଜ୍ଞାପନର କୌଣସି ସମ୍ପର୍କ ନାହିଁ। ସେଥିରେ ଲିଖିତ ହେଲ୍‌ପଲାଇନ୍ ନମ୍ବର ମଧ୍ୟ ଓଜେଇଇର ନୁହେଁ। ତେଣୁ ଉକ୍ତ ବିଜ୍ଞାପନ ସମ୍ପୂର୍ଣ୍ଣ ଜାଲ୍। ଛାତ୍ରୀଛାତ୍ରଙ୍କୁ ବିଭ୍ରାନ୍ତ କରିବା ଉଦ୍ଦେଶ୍ୟରେ ଏହି ଜାଲ୍ ବିଜ୍ଞାପନ ପ୍ରକାଶ କରାଯାଇଛି ବୋଲି ଓଜେଇଇ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି। ଓଜେଇଇ କମିଟି ପକ୍ଷରୁ ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଏ ସମ୍ପର୍କରେ ସତର୍କ କରାଯାଇଛି। ଛାତ୍ରୀଛାତ୍ରମାନେ ଓଜେଇଇର ସରକାରୀ ୱେବ୍‌ସାଇଟ୍ (www.ojee.nic.in/www.odishajee.com)ରେ ଓଜେଇଇ ୨୦୧୯ର କାଉନ୍‌ସେଲିଂ ଓ ଆଡ୍‌ମିଶନ ସଂକ୍ରାନ୍ତ ସମସ୍ତ ନିୟମାବଳୀ, ସୂଚନା ଏବଂ ନିର୍ଦ୍ଦେଶନାମାକୁ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି। ଏ ସମ୍ପର୍କରେ କୌଣସି ଅସୁବିଧା ବା ସନ୍ଦେହ ହେଲେ ଛାତ୍ରୀଛାତ୍ର ଓ ଅଭିଭାବକ ଗଣ୍ଡମୁଣ୍ଡାସ୍ଥିତ ଓଜେଇଇ କାର୍ଯ୍ୟାଳୟ ସହ ସମ୍ପର୍କ କରିପାରିବେ କିମ୍ବା ୦୬୭୪-୨୩୮୨୧୦୧, ୦୬୭୪-୨୩୮୨୧୦୮ ଫୋନ୍ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି।

# ଗଠନ ହେଲା ବିଧାନସଭା କାର୍ଯ୍ୟ ପରାମର୍ଶଦାତା କମିଟି

ଭୁବନେଶ୍ୱର,୨୬।୬(ବ୍ୟୁରୋ): ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବୁଧବାର ବିଧାନସଭାର କାର୍ଯ୍ୟ ପରାମର୍ଶଦାତା କମିଟି ଗଠନ କରିଛନ୍ତି। କମିଟିର ଅଧ୍ୟକ୍ଷ ବାଚସ୍ପତି ଥିବାବେଳେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

# ରାଜଧାନୀରୁ ଅପହୃତ ଠିକାଦାର ବାଲେଶ୍ୱରରୁ ଉଦ୍ଧାର

- ମୁଖ୍ୟ ଅଭିଯୁକ୍ତ ମାର୍ବଲ ମିସ୍ତ୍ରି ଓ ୨ ସହଯୋଗୀ ଗିରଫ
- ବକେୟା ପାଇବାକୁ ମୁଣ୍ଡ ଜାମିନ ରଖି ୫ ଲକ୍ଷ ଦାବି କରିଥିଲେ

ଭୁବନେଶ୍ୱର, ୨୬।୬ (ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସପ୍ତସତୀ ମନ୍ଦିର ନିକଟ ବାଇପାସ୍ ରୋଡ୍‌ରୁ ଅପହୃତ ଠିକାଦାର ବିକ୍ରମ କେଶରୀ ବଳ ଓରଫ କୁନୁଙ୍କୁ ପୋଲିସ ବାଲେଶ୍ୱର ଜିଲା ରୁପ୍‌ସା ଅଞ୍ଚଳରୁ ମଙ୍ଗଳବାର ଉଦ୍ଧାର କରିଛି। ଏଥିସହ ସମ୍ପୃକ୍ତ ୩ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଟାଉନ ଥାନା ସୋଏଲପୁର ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ଶେଖ୍ ମିନାଜ କାଦରି ଓରଫ ବୁଲୁ ଏବଂ ଦୁଇ ସହଯୋଗୀ ଅଜ୍‌ମାବାଦ ଅଞ୍ଚଳର ଶେଖ ଇମ୍ରାନ ଓ ଶେଖ ରାଜା। ପୋଲିସ ସୂଚନା ମୁତବାକ, କେନ୍ଦ୍ରାପଡା ଜିଲା ରାଜକନିକା ଥାନା ଅଞ୍ଚଳର ବିକ୍ରମ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏକ ଅଫିସ ଖୋଲି ଠିକାଦାରି କରନ୍ତି। ମୁଖ୍ୟ ଅଭିଯୁକ୍ତ ବୁଲୁ ତାଙ୍କ ଅଧୀନରେ ମାର୍ବଲ ମିସ୍ତ୍ରୀ ଭାବେ କାମ କରିବା ସହ ଠିକା ଶ୍ରମିକ ଯୋଗାଇଥାନ୍ତି। ଇଦ୍‌ପର୍ବ ଥିବାରୁ ବୁଲୁ କାମ ବାବଦକୁ ବକେୟା ଥିବା ଦେଢ଼ ଲକ୍ଷ ଦେବାକୁ ବିକ୍ରମଙ୍କୁ ମାଗିଥିଲେ। ହେଲେ ବିଲ୍ ହୋଇ ନ ଥିବାରୁ ଟଙ୍କା ଦେଇପାରି ନ ଥିଲେ ବିକ୍ରମ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରେ ବୁଲୁ ତାଙ୍କ ଦୁଇ ସହଯୋଗୀ ଇମ୍ରାନ ଓ ରାଜାଙ୍କ ସହ କଥାବାର୍ତ୍ତା କରି ଠିକାଦାର ବିକ୍ରମଙ୍କୁ ଅପହରଣ କରି ମୁଣ୍ଡ ଜାମିନ ରଖି ଟଙ୍କା ଆଦାୟ କରିବାକୁ ଯୋଜନା କରିଥିଲେ। ଗତ ୨୦ ତାରିଖ ରାତିରେ ବିକ୍ରମ ଅଫିସ କାର୍ଯ୍ୟସାରି ବାଇକରେ ଫେରୁଥିବାବେଳେ ବୁଲୁ ଓ ଦୁଇ ସହଯୋଗୀ ତାଙ୍କୁ ଅଟକାଇ କାବୁ କରିନେଇଥିଲା। ମୋବଇଲ ଫୋନ୍ ଓ ବାଇକ ଚାବି ଛଡାଇ ନେବା ପରେ ତାଙ୍କୁ ଏକ ବୋଲେରୋରେ ବଳପୂର୍ବକ ଭର୍ତ୍ତି କରି ବାଲେଶ୍ୱରସ୍ଥିତ ସମ୍ପର୍କୀୟଙ୍କ ଘରକୁ ନେଇ ମୁଣ୍ଡଜାମିନ ରଖିଥିଲେ। ଜଣେ ସହଯୋଗୀ ବିକ୍ରମଙ୍କ ବାଇକ ଚଳାଇନେଇଥିଲେ। ପରେ ସେମାନେ ବିକ୍ରମଙ୍କୁ ଅପହରଣ କରି ନିଆଯାଇଥିବା ସଂକ୍ରାନ୍ତରେ ପରିବାର ଲୋକଙ୍କୁ ଜଣାଇବା ସହ ମୁକୁଳାଇବାକୁ ୫ଲକ୍ଷ ଟଙ୍କା ଦାବି କରିଥିଲେ। ଏ ନେଇ ବିକ୍ରମଙ୍କ ଭାଇ ରାକେଶ କୁମାର ଗତ ୨୧ ତାରିଖରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବିକ୍ରମଙ୍କ ମୋବାଇଲ୍ ଫୋନ୍ ଓ ପରିବାର ଲୋକଙ୍କ ପାଖକୁ ଆସିଥିବା ଫୋନ୍ କଲ୍‌କୁ ଆଧାର କରି ପୋଲିସ ଟ୍ରାକିଂ କରିଥିଲା। ଠାବ କରାଯିବା ପରେ ସୋମବାର ମଞ୍ଚେଶ୍ୱର ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ ବାଲେଶ୍ୱର ବାହାରିଥିଲା। ବାଲେଶ୍ୱର ଟାଉନ ପୋଲିସ ସହାୟତାରେ ରୁପ୍‌ସା ଅଞ୍ଚଳରେ ଚଢାଉ କରି ଠିକାଦାର ବିକ୍ରମଙ୍କୁ ଉଦ୍ଧାର କରିବା ସହ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏଥିସହ ବିକ୍ରମଙ୍କ ବାଇକ ଓ ୫ ମୋବାଇଲ ଫୋନ ଜବତ କରିଥିଲା। ପଚରାଉଚରା ପରେ ବୁଧବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ୩ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ଜେଲ ହାଜକୁ ପଠାଇ ଦିଆଯାଇଛି।



ସ୍ୱଚ୍ଛ ଭାରତ ଅଭିଯାନ ଅବସରରେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଦିଲ୍ଲୀର କୁତବ୍‌ଗଡ଼ ଗ୍ରାମରେ ବୁଧବାର ଏକ ଚାରା ରୋପଣ କରୁଛନ୍ତି। ଖଦି ଓ ଗ୍ରାମୋଦ୍ୟୋଗ ନିଗମ (କେଭିଆଇସି) ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ବିଧାନସଭାରେ ଉପବାଚସ୍ପତି ନିର୍ବାଚନ ଆଜି

**ରଜନୀକାନ୍ତ ବିଜେଡି ପ୍ରାର୍ଥୀ**

ଭୁବନେଶ୍ୱର,୨୬।୬(ବ୍ୟୁରୋ): ବିଧାନସଭାରେ ଗୁରୁବାର ଉପବାଚସ୍ପତି ନିର୍ବାଚନ ହେବ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବୁଧବାର ଏ ସମ୍ପର୍କରେ ଗୃହରେ ସୂଚନା ଦେଇଥିଲେ। ଉପବାଚସ୍ପତି ନିର୍ବାଚନ ସକାଶେ ବିଧାନସଭା ପକ୍ଷରୁ ମଧ୍ୟ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଇଚ୍ଛୁକ ପ୍ରାର୍ଥୀ ବିଧାନସଭା ସଚିବଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିବେ। ବିଜେଡି ପକ୍ଷରୁ ରଜନୀକାନ୍ତ ସିଂଙ୍କୁ ପ୍ରାର୍ଥୀ କରାଯାଇଛି। ବିରୋଧୀ ଦଳ ପକ୍ଷରୁ କୌଣସି ପ୍ରାର୍ଥୀ ଦିଆଯାଇ ନ ଥିବା ଜଣାପଡ଼ିଛି। ବିଜେଡିର ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ରଜନୀକାନ୍ତ ନିର୍ବାଚିତ ହେବା ନିଶ୍ଚିତ।

# ରାଜ୍ୟରେ ବନ୍ଦ ହେବ ୯୬୬ ପ୍ରାଥମିକ ବିଦ୍ୟାଳୟ

**ରାୟଗଡ଼ାରେ ସର୍ବାଧିକ ୧୩୯**

ଭୁବନେଶ୍ୱର,୨୬।୬(ବ୍ୟୁରୋ)

ରାଜ୍ୟରେ ବନ୍ଦ ହେବ ୯୬୬ ପ୍ରାଥମିକ ବିଦ୍ୟାଳୟ। ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ୯୬୬ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କେଉଁ ଜିଲାରେ କେତେ ସ୍କୁଲ ବନ୍ଦ ହେବ, ସେ ନେଇ ବୁଧବାର ସୂଚନା ଦିଆଯାଇଛି। ଏହି କ୍ରମରେ ରାୟଗଡ଼ା ଜିଲାରେ ସର୍ବାଧିକ ୧୩୯ ସ୍କୁଲ ବନ୍ଦ ହେବ। ଏହାପରେ କୋରାପୁଟରେ ୯୩, ଅନୁଗୋଳରେ ୬୪, କନ୍ଧମାଳ ଓ ଗଞ୍ଜାମରେ ୬୦, ମୟୂରଭଞ୍ଜରେ ୫୩, ବଲାଙ୍ଗୀର ଓ ସୁନ୍ଦରଗଡ଼ରେ ୪୪ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବ। ସେହିପରି କଳାହାଣ୍ଡିରେ ୩୯, ସମ୍ବଲପୁରରେ ୩୪, ଗଜପତିରେ ୩୩, ଯାଜପୁରରେ ୩୨, କଟକ ଓ କେନ୍ଦ୍ରାପଡ଼ାରେ ୨୭ ସ୍କୁଲରେ ତାଲା ପଡ଼ିବ। ଏହାସହିତ ସୋନପୁରରେ ୨୪, ବରଗଡ଼, ଜଗତ୍‌ସିଂହପୁର ଓ ଢେଙ୍କାନାଳରେ ୧୯, ନୂଆପଡ଼ା ଓ ବୌଦ୍ଧରେ ୧୮, ମାଲକାନଗିରିରେ ୧୭, ପୁରୀରେ ୧୬, ଦେବଗଡ଼ରେ ୧୨ ସ୍କୁଲ ବନ୍ଦ ହେବ। ସ୍କୁଲଗୁଡ଼ିକ ବନ୍ଦ ହେଉଥିବାରୁ ଛାତ୍ରୀଛାତ୍ରଙ୍କୁ ଗୋଟିଏ କିଲୋମିଟର ଭିତରେ ଥିବା ଅନ୍ୟ ସ୍କୁଲକୁ ସ୍ଥାନାନ୍ତର କରାଯିବ। ସ୍ଥାନାନ୍ତର ଯୋଗୁ ଛାତ୍ରୀଛାତ୍ରଙ୍କୁ ଗସ୍ତ ଖର୍ଚ୍ଚ ସରକାର ଦେବେ ବୋଲି ଘୋଷଣା କରିଛନ୍ତି।

## ODISHA JOINT ENTRANCE EXAMINATION-2019 (OJEE - 2019)

No-283/OJEE19 Date:26/06/2019

**Document Verification and Odia Test for the OL category candidates for admission into (B. Tech / B. Plan) Courses**

The candidates having JEE (MAIN)-2019 rank and belonging to OL-category (Odias belonging to outlying Odia speaking tracts) as per notification No.13411-sc-6-64/69-Gen political & service Department, Government of Odisha, Dated 8/8/1969 and interested to take part in the counselling process of OJEE 2019 are required to attend Document Verification / Odia Test at Nodal Centre, JEE Cell, Gandamunda, Bhubaneswar on

**29th and 30th June, 2019 (Reporting Time : 10AM to 11AM).**

All OL candidates are advised not to lock their choices. They can lock their choice only after the OL test and document verification.

Sd/-
Chairman, OJEE-2019

## ODISHA JOINT ENTRANCE EXAMINATION (OJEE) - 2019

No:282 /OJEE2019 Date: 25-06-2019

**PUBLIC NOTICE**

It has come to our notice that an advertisement has been published on 21.06.2019 in a leading local newspaper in the name of OJEE – 2019 offering help to candidates seeking admission in B. Tech. courses under OJEE – 2019. The advertisement also gives two mobile phone nos. as OJEE helpline numbers.

In this connection, we want to make it clear that the above advertisement has nothing to do with OJEE – 2019 and the helpline numbers are also not OJEE numbers. Thus, the said advertisement is completely fake and possibly, a part of some nefarious plan to dupe the candidates.

Therefore, the OJEE Committee requests all the candidates and their Guardians to remain alert and to not fall prey to such notorious plans.

Instead, they are advised to refer to the official website of OJEE (**ojee.nic.in** / **odishajee.com**) which provides all relevant rules, information and instructions regarding counselling and admission under OJEE – 2019.

In case of any problem or doubts, the candidates and their guardians should visit or contact the OJEE office at Gandamunda, Bhubaneswar for assistance using the phone nos. given here : 0674-2382101, 0674-2382108.

Sd/-
CHAIRMAN, OJEE

## ODISHA JOINT ENTRANCE EXAMINATION – 2019, ODISHA

No: 281/OJEE2019 Date:25-06-2019

**Attention : All NEET (UG) 2019 qualified candidates applying for admission in MBBS / BDS programmes**

All NEET (UG) 2019 qualified candidates, who wish to take part in the OJEE 2019 admission-cum-counselling process are here by informed that the registration process is open in the OJEE website (**ojee.nic.in**) for admission in MBBS/BDS programmes in different Government and Private Medical and Dental Colleges of Odisha for session 2019-20.

**The Registration process extended from 25-06-2019 to 27-06-2019. Candidates who wish to claim seats under EWS categories have to mention the same during registration. Candidates, who have already completed the registration process, but want to claim EWS category, are advised to use edit option in their login id to add EWS category in their profile till 29-06-2019.**

There are few revisions in the schedule as follows :

| Activity | Old Date | Revised Date |
|---|---|---|
| Registration (Last Date) | 25-06-2019 | 27-06-2019 |
| Document verification at Nodal Centers | 26-06-2019 to 29-06-2019 (10:30AM to 5 PM) | 28-06-2019 to 30-06-2019 (10:30AM to 5 PM) |
| Medical Board for Physically Challenged Candidates | 26-06-2019 to 27-06-2019 | 27-06-2019 to 29-06-2019 |
| Publication of State Merit List | 01-07-2019 | 01-07-2019 |
| Choice Filling and Locking | 01-07-2019 11:00AM to 02-07-2019 11:59PM | 01-07-2019 11:00AM to 02-07-2019 11:59PM |
| 1st Round Allotment Publication and Down loading of Provisional Allotment Letter | 04-07-2019 | 04-07-2019 |
| All other activities will be as per the previous schedule | | |

*Candidates, who want to claim seat under EWS category, have to produce EWS Certificate (Income & Asset Certificate) from Tahasildar / Additional Tahasildar.

During Schedule time of verification of documents, if any candidate fails to verify the EWS certificate, then he / she has to verify rest all other documents at the Nodal center and EWS certificate can be verified at OJEE cell or at the Nodal center within 03-07-2019 till 5:00PM.

Sd/-
Chairman, OJEE

## ପ୍ରେସ୍ ଅଧିସୂଚନା

**ଭାରତ ସରକାର**
**ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ**
**ରେଳପଥ ନିରାପତ୍ତା ଆୟୁକ୍ତ**

ଶ୍ରୀ ଆର.କେ.ଶର୍ମା, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧିନସ୍ଥ ରେଳପଥ ନିରାପତ୍ତା ଆୟୁକ୍ତ, ଉତ୍ତର ସୀମାନ୍ତ ସର୍କଲ, କଲିକତା ତା **25.06.2019** ରିଖରେ ସିଙ୍ଗାପୁର ରୋଡ୍-ଏ କ୍ୟାବିନ୍ ଏବଂ କେଉଟିଗୁଡ଼ା ମଧ୍ୟରେ କି.ମି. **160/08** ନିକଟରେ **18005** ହାଓଡ଼ା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍ ଏବଂ ଓଏଚ୍‌ଇ ପାୱାର୍ କାର୍ ସହିତ ହୋଇଥିବା ଧକ୍କା ଏବଂ ଗୋଟିଏ ଏସ୍‌ଏଲ୍‌ଆର୍ ସହିତ ଟ୍ରେନ୍ ର ଇଞ୍ଜିନ୍ ଲାଇନଚ୍ୟୁତ ହେବା ତଥା ଓଏଚ୍‌ଇ କାର୍ ଏବଂ **18005** ଏକ୍ସପ୍ରେସ୍‌ର ଇଞ୍ଜିନ୍ ରେ ଅଗ୍ନିକାଣ୍ଡ ଘଟଣା ସମ୍ବନ୍ଧିତ ତା. **28.06.2019** ରିଖ **1200** ଘଟିକାରେ ଅଧିକାରୀ ବିଶ୍ରାମ ଗୃହ, ପୂର୍ବ ତଟ ରେଳପଥ, ରାୟଗଡ଼ା ରେଳ ଷ୍ଟେସନ ନିକଟରେ ଏକ ବୈଧାନିକ ଅନୁସନ୍ଧାନ କରିବେ । ଏହା ପରେ ଏହି ଅନୁସନ୍ଧାନ ତା **29.06.2019** ରିଖରେ ଇଷ୍ଟ ଏଣ୍ଡ୍ ରେଷ୍ଟ ହାଉସ୍ (କ୍ଲାସିକ), ବୀଚ୍ ରୋଡ୍, ଚିନ୍ନା ୱାଲ୍ଟିୟର, ବିଶାଖାପାଟଣା, ଆନ୍ଧ୍ର ପ୍ରଦେଶ-**530017** ଠାରେ ସକାଳ **10** ଘଟିକା ଠାରୁ ଆରମ୍ଭ ହୋଇ ଶୁଣାଣି ଶେଷ ପର୍ଯ୍ୟନ୍ତ ଚାଲିବ ।

ଏହି ଦୁର୍ଘଟଣା ସମ୍ପର୍କରେ ସବିଶେଷ ଜ୍ଞାନ ଥିବା ଯେକୌଣସି ବ୍ୟକ୍ତିବିଶେଷ ତଥ୍ୟ ଉପସ୍ଥାପନ କରିବାର ଥିଲେ କିମ୍ବା ପ୍ରମାଣ ପ୍ରଦାନ କରିବାକୁ ଇଚ୍ଛୁକ ଥିଲେ ଉପରୋକ୍ତ ସ୍ଥାନ ଓ ତାରିଖରେ ନିଜେ ଉପସ୍ଥିତ ହୋଇ ସାକ୍ଷ୍ୟ ପ୍ରଦାନ କରିପାରିବେ କିମ୍ବା ରେଳପଥ ନିରାପତ୍ତା ଆୟୁକ୍ତ, ଉତ୍ତର ସୀମାନ୍ତ ସର୍କଲ, ନିଉ କୋଇଲାଘାଟ ବିଲ୍ଡିଂ, **14** ଷ୍ଟ୍ରାଣ୍ଡ୍ ରୋଡ୍ (**12** ମହଲା), କଲିକତା, **700001** କୁ ଲିଖିତ ଭାବରେ ଜଣାଇ ପାରିବେ ।

PR-185/K/19-20 ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା), ୱାଲ୍ଟିୟର

**ପୂର୍ବ ତଟ ରେଳପଥ**

## ବିଜ୍ଞପ୍ତି

### ବ୍ଲୁ ଫ୍ଲାଗ ବିଚ୍‌ର ବିକାଶ

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପୁରୀ ବେଳାଭୂମିର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ (ଗାନ୍ଧୀପାର୍କ ଠାରୁ ହୋଟେଲ ମେଫେୟାର ପର୍ଯ୍ୟନ୍ତ) ଏକ ପାଇଲଟ୍ ବ୍ଲୁ ଫ୍ଲାଗ ବିଚ୍ ଭାବେ ବିକାଶ କରାଯିବ। ଉପକୂଳ ଅଞ୍ଚଳର ଦୀର୍ଘସ୍ଥାୟୀ ପର୍ଯ୍ୟଟନକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳର ଉନ୍ନତୀକରଣ କରାଯିବ। ଏଥିସହ ଜଳର ଉତ୍ତମ ଗୁଣବତ୍ତା, ଜୀବନ ସୁରକ୍ଷା ଏବଂ ପରିବେଶ ପରିଚାଳନାର ମାନ ସହିତ ପରିବେଶ ଶିକ୍ଷାର ସଚେତନତା ସୃଷ୍ଟି କରାଯିବ।

ରାଷ୍ଟ୍ରୀୟ ଲାଇଫ୍ ସେଭିଙ୍ଗ ସୋସାଇଟି ନାମରେ ଏକ ବିଶେଷଜ୍ଞ ସଂସ୍ଥା ସର୍ବେକ୍ଷଣ ପରେ ୧୫୦ ମି ଲମ୍ବା ଓ ୩୫ ମି ଓସାରର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଗାଧୋଇବା ଓ ପହଁରିବା ପାଇଁ ନିରାପଦ ସ୍ଥାନ ହିସାବରେ ଚିହ୍ନଟ କରିଛନ୍ତି। ଏହି ଅଞ୍ଚଳଟିକୁ ମୁଖ୍ୟତଃ ଦୁଇଟି ରଙ୍ଗର ପତାକା (ନାଲି ଓ କମଳା) ଦ୍ୱାରା ଓ ବାଡ଼ ପକାଇ ଚିହ୍ନଟ କରାଯିବ। ଏହି ଅଞ୍ଚଳଟି ଗାଧୋଇବା ଓ ପହଁରିବା ପାଇଁ ଉତ୍କୃଷ୍ଟ ସ୍ଥାନ ଏବଂ ସବୁଠାରୁ ନିରାପଦ ଅଞ୍ଚଳ ହିସାବରେ ବିବେଚନା କରାଯିବ। ଫାଉଣ୍ଡେଶନ୍ ଅଫ ଏନଭାଇରମେଣ୍ଟାଲ ଏଜୁକେଶନ ନାମରେ ଥିବା ଏକ ଅନ୍ତଃରାଷ୍ଟ୍ରୀୟ ସଂସ୍ଥା ଦ୍ୱାରା ସ୍ଥିରୀକୃତ ୩୩ଟି ମାନଦଣ୍ଡକୁ ଅନୁପାଳନ କରିପାରିଲେ ଏହି ପ୍ରକଳ୍ପ ସଫଳ ହେଲା ବୋଲି ଗଣ୍ୟହେବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ଏକ ସ୍ୱଚ୍ଛ ଓ ନିରାପଦ ବେଳାଭୂମିର ମାନ୍ୟତା ଦେବାକୁ ପ୍ରସ୍ତାବ ଦିଆଯିବ।

ଉପରୋକ୍ତ ବେଳାଭୂମି ଅଞ୍ଚଳ ମଧ୍ୟରେ ଜଳର ଗୁଣବତ୍ତାକୁ ନଷ୍ଟ କରୁଥିବା ଏବଂ ପହଁରାଳିମାନଙ୍କର ସୁରକ୍ଷାକୁ ବାଧା ପହଞ୍ଚାଉଥିବା କ୍ରିୟାକଳାପ ଯଥା ଜଳକ୍ରୀଡ଼ା, ମାଛଧରିବା, ଖୋଲା ମଳତ୍ୟାଗ, ଆବର୍ଜନା ନିର୍ଗମନ ଆଦି ପ୍ରଦୂଷଣକାରୀ କାର୍ଯ୍ୟକୁ ଏହି ଅଞ୍ଚଳରେ ପ୍ରୋତ୍ସାହନ ଦିଆଯିବ ନାହିଁ।

ଏହି କଟକଣା ବିଜ୍ଞପ୍ତି ପ୍ରକାଶନ ତାରିଖଠାରୁ କାର୍ଯ୍ୟକାରୀ କରାଯିବ।

**ଜିଲ୍ଲାପାଳ, ପୁରୀ**

## ଆଦିବାସୀ ପ୍ରତିଭା ସମ୍ମାନ-୨୦୨୦

No.12-V :- ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ନୃତ୍ୟ, ସଙ୍ଗୀତ, ସାହିତ୍ୟ, ଚିତ୍ରକଳା, କାରୁକଳା, ସମାଜସେବା, ଦେଶୀୟ ଔଷଧ ବିଦ୍ୟା, ପ୍ରଜାତିକ କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଅନୁସୂଚିତ ଜନଜାତି ସମ୍ପ୍ରଦାୟର ପ୍ରତିଭାଧାରୀମାନଙ୍କୁ ପ୍ରତ୍ୟେକ ବର୍ଷ ଜନରାଜ୍ୟ ଦିବସରେ ଅନୁଷ୍ଠିତ ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବ ଅବସରରେ ମାନପତ୍ର, ଉତ୍ତରୀୟ ଓ ନଗଦ ଅର୍ଥ ଦେଇ ପୁରସ୍କୃତ କରିଆସୁଛି। ଆସନ୍ତା ଆଦିବାସୀ ମେଳାରେ ପରମ୍ପରାନୁସାରେ ଉପଯୁକ୍ତ ପ୍ରତିଭାଧାରୀ ପୁରସ୍କୃତ କରାଯିବା ପାଇଁ ସିଦ୍ଧାନ୍ତ ନିଆଯାଇଛି। ଉପରସୂଚୀତ କ୍ଷେତ୍ରରେ ପାରିଦର୍ଶିତା ହାସଲ କରିଥିବା ଅନୁସୂଚିତ ଜନଜାତି ସମ୍ପ୍ରଦାୟର ପ୍ରତିଭାଧାରୀ ବ୍ୟକ୍ତି ବିଶେଷଙ୍କୁ ନିମ୍ନୋକ୍ତ ଦରଖାସ୍ତ ଫର୍ମରେ ଜିଲ୍ଲାପାଳଙ୍କ ସୁପାରିସପତ୍ର ସହ ନିମ୍ନପ୍ରଦତ୍ତ କାର୍ଯ୍ୟାଳୟକୁ ଅକ୍ଟୋବର ୧୫, ୨୦୧୯ ସୁଦ୍ଧା ପଠାଇବାକୁ ଅନୁରୋଧ।

**ସ୍ୱା./- ସଦସ୍ୟ ସଚିବ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ**
**ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯**

### ଆଦିବାସୀ ପ୍ରତିଭା ସମ୍ମାନ-୨୦୨୦

୧. ପ୍ରତିଭାଧାରୀ ବ୍ୟକ୍ତିଙ୍କ ନାମ :
୨. ସ୍ୱାମୀ/ପିତାଙ୍କ ନାମ :
୩. ସ୍ଥାୟୀ ଠିକଣା :
୪. ଯୋଗାଯୋଗ ଠିକଣା : ଫୋନ / ମୋବାଇଲ :
୫. ଜନ୍ମ ତାରିଖ :
୬. ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ଅନୁସୂଚିତ ଜନଜାତି (ଆଦିବାସୀ) ଗୋଷ୍ଠୀ ଅନ୍ତର୍ଭୁକ୍ତ : (ଜାତି ପ୍ରମାଣପତ୍ରର ନକଲ)
୭. କେଉଁ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଛନ୍ତି : (ସବିଶେଷ ତଥ୍ୟ ଦେବା ବାଞ୍ଛନୀୟ)
୮. ଅନ୍ୟାନ୍ୟ କ୍ଷେତ୍ର : (ଯଦି ଥାଏ ତା'ର ସବିଶେଷ ନକଲ)
୯. ପୂର୍ବରୁ ପୁରସ୍କୃତ ହୋଇଥିଲେ ତା'ର ସବିଶେଷ ବିବରଣୀ (ନକଲ ସଂଲଗ୍ନ କରାଯିବ)
୧୦. ସୁପାରିସ କରିଥିବା ବ୍ୟକ୍ତିବିଶେଷ / ଅନୁଷ୍ଠାନଙ୍କ ସୁପାରିସ ପତ୍ର : (ସଂଲଗ୍ନ କରାହେବ)
୧୧. ପାରଦର୍ଶିତା ହାସଲ କରିଥିବା ବିଷୟରେ ଆବଶ୍ୟକ ତଥ୍ୟ ପ୍ରଦାନ କରନ୍ତୁ : (ଅନ୍ୟୂନ ୧୫୦ ଶବ୍ଦ ମଧ୍ୟରେ)
୧୨. ଜିଲ୍ଲାପାଳଙ୍କ ସୁପାରିସ ପତ୍ର : (ବାଧ୍ୟତାମୂଳକ)

**ଆବେଦନକାରୀଙ୍କ ସ୍ୱାକ୍ଷର**

**ବି:ଦ୍ର:**
- ପ୍ରାର୍ଥୀ ଦୁଇଗୋଟି ପାସପୋର୍ଟ ଫଟୋ ସ୍ୱ ପ୍ରମାଣିତ କରି ଦାଖଲ କରିବେ।
- ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଦ୍ୱାରା ପୂର୍ବରୁ ସମ୍ମାନୀତ ହୋଇଥିଲେ ପୁନର୍ବାର ଆବେଦନ କରିବାର ଆବଶ୍ୟକତା ନାହିଁ।
- ଫଟୋ ପରିଚୟପତ୍ର/ଡ୍ରାଇଭିଂ ଲାଇସେନ୍ସ/ଆଧାର କାର୍ଡ/ଫଟୋଯୁକ୍ତ ବ୍ୟାଙ୍କ ପାସବୁକର ନକଲ ପରିଚୟପତ୍ର ହିସାବରେ ଦେବା ବାଞ୍ଛନୀୟ।

26011/11/0001/1920

## ସଂକ୍ଷେପରେ

### ୨ ଗାଈଙ୍କୁ ଧକ୍କା ଦେଲା କାର



ମାଥିଲି,୨୬।୬(ଡି.ଏନ.ଏ.)- ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଝୁଲୁନିବାହାଲ ନିକଟରେ ଭାରସାମ୍ୟ ହରାଇ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଗୋବିନ୍ଦପାଲିରୁ ଗଙ୍ଗଲା ଯାଉଥିବା ଏହି କାର ସମ୍ମୁଖକୁ ଝୁଲୁନିବାହାଲଠାରେ ହଠାତ୍ ୨ଟି ଗାଈ କାର ସମ୍ମୁଖକୁ ଆସିଯାଇଥିଲେ। ଫଳରେ କାର ଗାଈକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

■ ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ନିରୋଧ ଦିବସ

# ନିଶାଦ୍ରବ୍ୟ ବ୍ୟବହାର ବିପଥଗାମୀ କରୁଛି

ମାଲକାନଗିରି, ୨୬।୬ (ଡି.ଏନ.ଏ./ସ୍ୱ.ପ୍ର.)

ମାଲକାନଗିରି ଜିଲା ସଦର ମହକୁମାଠାରେ ବୁଧବାର ଜିଲା ଅବକାରୀ ବିଭାଗ ଏବଂ ଭିନ୍ନକ୍ଷମ ଓ ସାମାଜିକ ସୁରକ୍ଷା ସଶକ୍ତୀକରଣ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବାଧ କାରବାର ନିରୋଧ ଦିବସ ପାଳିତ ହୋଇଯାଇଛି । ପୂର୍ବାହ୍ନରେ ସ୍ଥାନୀୟ ବସଷ୍ଟାଣ୍ଡଠାରେ ହୋଇଥିବା ଏକ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଓ ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ଶୋଭାଯାତ୍ରା ସହର ପରିକ୍ରମା କରି ଜିଲା ପରିଷଦ ସଭାଗୃହରେ ପହଞ୍ଚିଥିଲା। ସେଠାରେ ଅଧୀକ୍ଷକ ସେଠ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସାମାଜିକ ଓ ଭିନ୍ନକ୍ଷମ ସୁରକ୍ଷା ଅଧିକାରୀ ରାଧାମଣି ଦଳେଇ, ଆଇଆଇସି ରଞ୍ଜନ କୁମାର ସାହୁ, ପ୍ରଜାପିତା ବ୍ରହ୍ମ କୁମାରୀ ବିଦ୍ୟାଳୟର ବି.କେ. ଜୟନ୍ତୀ, ଅବକାରୀ ନିରୀକ୍ଷକ ମନମୋହନ ଧାଙ୍ଗଡା ମାଝି, ଯୁବ ରେଡ୍‌କ୍ରସ ଆବାହକ ରଞ୍ଜନ କୁମାର ସ୍ୱାଇଁ , ସାହିତ୍ୟ ଏକାଡେମୀ ସଦସ୍ୟ ରତ୍ନାକର ଦାସ ଯୋଗ ଦେଇଥିଲେ। ଜିଲାରେ ଅନେକ ମାଦକ ଦ୍ରବ୍ୟ ସେବନ କରି ବିପଥଗାମୀ ହେଉଥିବା ଏବଂ ଏହା ସେବନ ଦ୍ୱାରା ସେମାନେ କିପରି ମାରାତ୍ମକ ରୋଗର ଶିକାର ହୋଇ ମୂଲ୍ୟବାନ ଜୀବନ ନଷ୍ଟ କରୁଛନ୍ତି ସେ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଜିର ଦିବସରେ ପ୍ରତେକ ନାଗରିକ ଏହି ନିଶାଦ୍ରବ୍ୟ ସେବନରୁ ଦୂରେଇ ରହିବା ସହ ନିଶାଦ୍ରବ୍ୟ ସମ୍ପର୍କରେ ନିଜେ ସଚେତନ ହୋଇ ଅନ୍ୟକୁ ସଚେତନ କରାଇବା ଲାଗି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୋଲିସ, ଅବକାରୀ, ସାମାଜିକ କର୍ମୀ, ମାଆଘର, ଚାଇଲ୍ଡ ଲାଇନ୍ ବୁଦ୍ଧିଜୀବୀ ଏବଂ ଅନେକ ଯୁବକମାନେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ସହକାରୀ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ପଦ୍ମରଞ୍ଜନ ଦାସ ପରିଚାଳନା କରିଥିଲେ ।




କର୍ମଶାଳାରେ ଅଂଶଗ୍ରହଣ କରିଥିବା ଯୁବତୀଯୁବକମାନେ ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉପବାସଠାରୁ ବିପତ୍ତି ନାହିଁ**
**ଘୋଡ଼ା ଚଢ଼ାଠାରୁ ସମ୍ପତ୍ତି ନାହିଁ ।**

ଉପବାସ ରହିବା ସବୁଠାରୁ ବଡ଼ ହୀନିମାନର ଜୀବନ ହୋଇଥାଏ। କ୍ଷୁଧାର ଜ୍ୱଳନ କ'ଣ ତାହା କେବଳ ଜଣେ ଅନୁଭବୀ ହିଁ ଜାଣିଥାଏ। ଖାଦ୍ୟାଭାବରୁ ଉପାସ ରହିଥିବା ବ୍ୟକ୍ତି ବଡ଼ ଦୁଃଖକଷ୍ଟେ ଜୀବନ ଜିଇଁଥାଏ। ଭୋକ ବିକଳରେ କେବଳ ଆଉଟୁପାଉଟୁ ହେବା ସାର ହୋଇଥାଏ। ସେହିପରି ଯେ ଯେତେ ଧନୀ ହୋଇଥାଏ ସେ ସେତେ ଥାଟବାଟରେ ଚଳିଥାଏ। ଘୋଡ଼ା ଚଢ଼ିବା ଅଗ୍ରଗତିର ପ୍ରତୀକ ବା ଧନୀର ଲକ୍ଷଣ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଡ଼ିଗଲେ ଗେଣ୍ଡାଳିଆ**
**ଛାଡ଼ିଗଲେ ପର**
**ଜେମାଦେଈ କାନ୍ଦୁଛନ୍ତି**
**ଦେଖି ବୁଢ଼ାବର ।**

ବୟସ୍କ ପୁରୁଷ ସହ ଯୁବତୀ କନ୍ୟାର ବିବାହ ସମାଜ ଆଖିରେ ସେତେ ଗ୍ରହଣୀୟ ହୋଇ ନ ଥାଏ। ବୟସର ତାରତମ୍ୟ ଅତି ଅଧିକ ହୋଇଗଲେ ସାଂସାରିକ ଜୀବନ ସୁଖମୟ ହୋଇପାରି ନ ଥାଏ। ଏପରିସ୍ଥଳେ ବୟସ୍କ ବ୍ୟକ୍ତି ସହ ବିବାହ ହେଉଥିବା ଜାଣି ଯୁବତୀ କନ୍ୟା ଦୁଃଖରେ ମ୍ରିୟମାଣ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଜଗନ୍ନାଥ ବନ ପ୍ରକଳ୍ପ ମାଧ୍ୟମରେ ହେବ ବୃକ୍ଷରୋପଣ

## ରଥଯାତ୍ରା ସୁପରିଚାଳନା ନେଇ ବୈଠକ

ମାଲକାନଗିରି,୨୬।୬ (ଡି.ଏନ.ଏ.)

ଆସନ୍ତା ଜୁଲାଇ ୪ ତାରିଖରେ ପଡୁଥିବା ରଥଯାତ୍ରା ଏବଂ ବାହୁଡା ରଥ ଯାତ୍ରା ଶାନ୍ତିଶୃଙ୍ଖଳାରେ ଶେଷ କରାଯିବା ଲାଗି ବୁଧବାର ଜିଲା ପ୍ରସାଶନ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ଜିଲା ସଦର ମହକୁମା ଡିଆରଡିଏ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଗୁଣନିଧି ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉଦ୍ଧବ ନାୟକ, ସହକାରୀ ବନ ସଂରକ୍ଷକ ସୁକାନ୍ତ ନାୟକଙ୍କ ସହ ପାନୀୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ, ପୌର ନିର୍ବାହୀ ଅଧିକାରୀ, ଗୃହ ନିର୍ମାଣ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ସହ ମନ୍ଦିର ପରିଚାଳନା କମିଟିର ରାଜ ପୁରୋହିତ ବିନାୟକ ଶତପଥୀ, ପ୍ରଫୁଲ୍ଲ ପଣ୍ଡା, କୃଷ୍ଣଚନ୍ଦ୍ର ପାଳ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ତହସିଲଦାର ତଥା ଲୋକ ସମ୍ପର୍କ ଅଧିକାରୀ ନାୟକ ରଥଯାତ୍ରା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ରୀତି ନିତି ଅନୁଯାୟୀ ଗୁଣ୍ଡିଚା ଏବଂ ବାହୁଡା ଯାତ୍ରା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ରଥ ନିର୍ମାଣ କାର୍ଯ୍ୟକୁ ତରାନ୍ୱିତ କରିବା ସହ ରଥ ଦୌଡ଼ି, ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା, ପାନୀୟ ଜଳ, ସୁରକ୍ଷା,ଜନସ୍ୱାସ୍ଥ୍ୟ ବିଭାଗ, ପୋଲିସ ଏବଂ ବିଦ୍ୟୁତ୍ ବିଭାଗ ନିଜ ଦାୟିତ୍ୱ ତୁଲାଇବା ପାଇଁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ । ଆଗାମୀ ବର୍ଷଗୁଡିକରେ ରଥ ନିର୍ମାଣ ପାଇଁ କାଠର ଅଭାବ ଆଶଙ୍କା କରି କମିଟି ୩୦ ଏକର ସରକାରୀ ଜମି ଲିଜ୍‌ରେ ନେଇ ସେହି ଜମିରେ ବନ ବିଭାଗ ଜଗନ୍ନାଥ ବନ ପ୍ରକଳ୍ପ ଜରିଆରେ ଫାଶି, ଧଉଡା ଓ ଶାଳ ବୃକ୍ଷରୋପଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଶ୍ୟାମ ସୁନ୍ଦର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ରଥଯାତ୍ରା ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ ।

# ମାଥିଲି ପଞ୍ଚାୟତକୁ ରାଜ୍ୟ ପ୍ରୋତ୍ସାହନ ସମ୍ମାନ

ମାଥିଲି, ୨୬।୬ (ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ସଦର ପଞ୍ଚାୟତକୁ ମିଳିଛି ରାଜ୍ୟ ପ୍ରୋତ୍ସାହନ ସମ୍ମାନ। ଉନ୍ନୟନ କାର୍ଯ୍ୟ କ୍ଷେତ୍ରରେ ମାଥିଲି ପଞ୍ଚାୟତ ମାଲକାନଗିରି ଜିଲାରେ ଆଗୁଆ ରହିଛି। ଏ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏକ ଚିଠି ମାଧ୍ୟମରେ ପଞ୍ଚାୟତକୁ ଅବଗତ କରାଯାଇଛି। ପିଇଓ ଅଶୋକ ମହାରଣା ଓ ସରପଞ୍ଚ ଗୌରୀ ବଟେଙ୍କୁ ଜିଲା ପ୍ରଶାସନ ୩ ଲକ୍ଷ ଟଙ୍କା ଅର୍ଥରାଶି ଦେଇ ପୁରସ୍କୃତ କରାଯିବ। ପଞ୍ଚାୟତର ଉନ୍ନୟନ ଓ ବିକାଶ ଦିଗରେ ମାଥିଲି ପଞ୍ଚାୟତ ମାଲକାନାଗିରି ଜିଲାରେ ପ୍ରଥମ ହୋଇଛି। ଏହି ପଞ୍ଚାୟତକୁ ମଡେଲ ପଞ୍ଚାୟତ ଭାବେ ଗଢ଼ିବାକୁ ପିଇଓ ମହାରଣା ଓ ସରପଞ୍ଚ ବଟେ ଉଦ୍ୟମ ଆରମ୍ଭ କରିଛନ୍ତି।


# CLASSIFIED DISPLAY

**ALL EDITION - B/W (Everyday)**

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

SINGHANIA
MFC FINANCIAL GROUP
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id - document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
94857-90203, 94858-27609

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813, 85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078839971

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ASTROLOGY

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444, 8860599820

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663, 8743922900

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082, 9438286091

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

DHARITRI Career appointment Every Wednesday and Saturday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ



## ଟିପ୍ପର-ଅଟୋ ଧକ୍କା: ୮ ଗୁରୁତର

**ସେମିଳିଗୁଡ଼ା,୨୬।୬(ସ୍ୱ.ପ୍ର.):** ସେମିଳିଗୁଡ଼ା ବ୍ଲକ ଖରାଗୁଡ଼ା ଗ୍ରାମ ନିକଟରେ ବୁଧବାର ସକାଳ ୯ଟାରେ ଟିପ୍ପର ଓ ଅଟୋ ମଧରେ ଦୁର୍ଘଟଣା ଘଟି ୮ ଜଣ ଗୁରୁତର ହୋଇଛନ୍ତି। କାଙ୍ଗରା ଏବଂ ଶ୍ରୀରାମପୁଟର ୧୪ ଜଣ ଶ୍ରମିକ ସେମିଳିଗୁଡ଼ାକୁ କାମ କରିବା ପାଇଁ ଏକ ଅଟୋ (ଏପି ୩୫ ଟିବି ୩୧୩୨)ରେ ଆସୁଥିଲେ। ଏହି ସମୟରେ ଏକ ଟିପ୍ପର (ଓଡି ୧୦ଡି ୪୧୫୯) ସେହି ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ଅର୍ଜୁନ ଭୋଇ, ପୂର୍ଣ୍ଣ ଗାବାଙ୍ଗ, ଡମ୍ବରୁ ଜେମଙ୍କ ସମେତ ୮ ଜଣ ଆହତ ହୋଇଥିଲେ। ସେମିଳିଗୁଡ଼ା ପୋଲିସ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ବିଲେଇଗୁଡ଼ା ନ୍ୟୁ ପିଏଚ୍‌ସିରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରାଇଥିଲା। ଟିପ୍ପର ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଏଭଳି ଘଟିଥିବା ଅଟୋରେ ଥିବା ଅନ୍ୟ ମହିଳା ଶ୍ରମିକମାନେ କହିଛନ୍ତି।

## ଦୁର୍ଘଟଣା:ସ୍କୁଟି ଚାଳକ ମୃତ, ବାଇକ୍ ଚାଳକ ଗୁରୁତର

**ବୈପାରୀଗୁଡ଼ା,୨୬।୬(ଡି.ଏନ୍.ଏ.):** ବୈପାରୀଗୁଡ଼ା ଅଞ୍ଚଳରେ ବାଇକ୍ ଓ ସ୍କୁଟି ମଧରେ ମଙ୍ଗଳବାର ମୁହାଁମୁହିଁ ଧକ୍କା ହେବା ଫଳରେ ସ୍କୁଟି ଚାଳକ ପ୍ରାଣ ହରାଇଛନ୍ତି। ବାଇକ୍ ଚାଳକଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ବୈପାରୀଗୁଡ଼ା ଗ୍ରାମର ଅରୁଣ ଟାକ୍ରା ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଜଣେ ବାଇକ୍ ଆରୋହୀଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ବୈପାରୀଗୁଡ଼ା ଓ ପରେ ଜୟପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଅରୁଣଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ରବିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି। ବୈପାରୀଗୁଡ଼ା ପୋଲିସ ଉପସ୍ଥିତିରେ ଜୟପୁରଠାରେ ବୁଧବାର ଅରୁଣଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।

## କ୍ଷତିଗ୍ରସ୍ତ ଇନ୍‌ଡୋର ଷ୍ଟାଡିୟମର ମରାମତି ଦାବି

**ଜୟପୁର,୨୬।୬(ଡି.ଏନ୍.ଏ.):** ଜୟପୁରରେ ନିର୍ମିତ ଇନ୍‌ଡୋର ଷ୍ଟାଡିୟମ ୨୦୧୬ରେ ଉଦ୍‌ଘାଟିତ ହୋଇଥିଲା। କିନ୍ତୁ ଫନି ପ୍ରଭାବରେ ଏହାର ଟିଣଛାତ କ୍ଷତିଗ୍ରସ୍ତ ହେବା ପରେ ବର୍ଷା ଯୋଗୁ ଏହା ନଷ୍ଟ ହେବାର ଆଶଙ୍କା ରହିଛି। ତୁରନ୍ତ ଏହାର ମରାମତି ପାଇଁ କ୍ରୀଡ଼ାପ୍ରେମୀ ଦାବି କରିଛନ୍ତି। ଜାତୀୟସ୍ତରର ଏହି ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ହେବା ପରେ ଏହାର ଟଟାଣରେ ୮ ଲକ୍ଷ ଟଙ୍କା ବ୍ୟୟରେ ବ୍ୟାଡ଼ମିଣ୍ଟନ କର୍ଟ ତିଆରି କରାଯାଇଥିଲା। ବ୍ୟାଡ଼ମିଣ୍ଟନ ଓ ଟେବୁଲଟେନିସ ଖେଳ ପାଇଁ ଏହି ଷ୍ଟାଡିୟମ ବ୍ୟବହାର କରାଯାଉଛି। ଫନୀରେ ଷ୍ଟାଡିୟମର ପ୍ରାୟ ୭ରୁ ୮ଟି ଟିଣଛାତ ଉଡ଼ିଯାଇଥିଲା। ଫଳରେ ବର୍ଷା ଯୋଗୁ ଭିତରେ ପାଣି ପଶିବା ସହିତ ତର୍ଫ ଖରାପ ହେବାରେ ଲାଗିଛି। ଏହାର ପରିଚାଳନା ଦାୟିତ୍ୱରେ ଥିବା ଜୟପୁର ଉପଖଣ୍ଡ କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ରବି ନାୟକ ଏହାର ମରାମତି ପାଇଁ ପୌରସଂସ୍ଥାକୁ ଜଣାଇଥିଲେ। ପୌରସଂସ୍ଥା ଏଥିପାଇଁ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରିଛି। ତୁରନ୍ତ ଟେଣ୍ଡର ଆହ୍ୱାନ କରାଯାଇ ମରାମତି କରା ନଗଲେ ଷ୍ଟାଡିୟମ ନଷ୍ଟ ହେବା ଆଶଙ୍କା କରିଛନ୍ତି କ୍ରୀଡ଼ାପ୍ରେମୀ। ଏନେଇ ଜିଲା ସହାରାଞ୍ଚଳ ଉନ୍ନୟନ ସଂସ୍ଥା ପକ୍ଷରୁ ୪ ଲକ୍ଷ ଟଙ୍କାର ମଞ୍ଜୁର କରାଯାଇଛି।

# ପ୍ରାକ୍ଟିକାଲ ମାର୍କକୁ ନେଇ ତାତିଲେ ଛାତ୍ରୀ

**ଜୟପୁର,୨୬।୬(ନି.ପ୍ର./ଡି.ଏନ୍.ଏ.)**



ଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ କଲେଜ ଅଧ୍ୟକ୍ଷାଙ୍କୁ ଅଭିଯୋଗ ଜଣାଇବାକୁ ପହଞ୍ଚିଛନ୍ତି।

- କଲେଜରେ ପ୍ରଥମ ହୋଇଥିବା ଛାତ୍ରୀଙ୍କୁ ଗୃହ ବିଜ୍ଞାନ ପ୍ରାକ୍ଟିକାଲରେ ମିଳିଛି ୧୨
- ସନ୍ଦେହ ଥିଲେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଅ: ଅଧ୍ୟକ୍ଷା

ଥିଓରିରେ ୮୦ ପ୍ରତିଶତ ମାର୍କ ରଖିଥିବା ଜଣେ ଛାତ୍ରୀଙ୍କୁ ଗୃହ ବିଜ୍ଞାନର ପ୍ରାକ୍ଟିକାଲରେ ମାତ୍ର ୧୨ ମାର୍କ ମିଳିଛି। ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଏଭଳି ବ୍ୟତିକ୍ରମ ଛାତ୍ରୀମାନଙ୍କୁ ଅସନ୍ତୁଷ୍ଟ କରିଛି। ବୁଧବାର ସେମାନେ କଲେଜ ଘେରାଉ କରି ଅଧ୍ୟକ୍ଷାଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି। ଏହାର ନକଲ ଉଚ୍ଚଶିକ୍ଷା ମନ୍ତ୍ରୀ, ସଚିବ, ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷଙ୍କୁ ମଧ୍ୟ ପଠାଯାଇଛି। ପିଲାଙ୍କ ଅଭିଭାବକ କଲେଜ ଅଧ୍ୟକ୍ଷାଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି।

ସୂଚନା ଅନୁଯାୟୀ, ଯୁକ୍ତ ୨ କଳାରେ କଲେଜରେ ପ୍ରଥମ ହୋଇଥିବା ଛାତ୍ରୀ ରେଶମା ପାତ୍ର ୮୦ ପ୍ରତିଶତ ମାର୍କ ଆଣିଥିବା ବେଳେ ପ୍ରାକ୍ଟିକାଲରେ ମାତ୍ର ୧୨ ମାର୍କ ଆଣିଛନ୍ତି । ଯେଉଁମାନେ ଥିଓରିରେ ୩ ମାର୍କ ଆଣି ଫେଲ୍ ହୋଇଛନ୍ତି, ସେମାନଙ୍କୁ ପ୍ରାକ୍ଟିକାଲରେ ଅଧିକ ମାର୍କ ମିଳିଛି। ପ୍ରାକ୍ଟିକାଲ ଦିନ ବିନା ପ୍ରଶ୍ନପତ୍ରରେ ହୋଇଥିବା ବେଳେ ଇନଭିଜିଲେଟରଙ୍କ ଅନୁପସ୍ଥିତିରେ ପରୀକ୍ଷା କରାଯାଇଥିଲା। ଗୃହ ବିଜ୍ଞାନର ଜନୈକା ଅଧ୍ୟାପିକା ପରୀକ୍ଷା ପୂର୍ବରୁ 'ପ୍ରାକ୍ଟିକାଲ ମାର୍କ ମୋ ହାତରେ ରହିଛି, କାହାକୁ ବି ୨୦ ମାର୍କ ଦେବିନାହିଁ' ବୋଲି ଧମକ ଦେଉଥିବା ଛାତ୍ରୀମାନେ କହିଛନ୍ତି। ରେଗୁଲାର ଓ ଏକ୍ସ ରେଗୁଲାର ମିଶି ପ୍ରାକ୍ଟିକାଲରେ ୨୧୫ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ଅଧିକାଂଶ ପରୀକ୍ଷାର୍ଥୀଙ୍କୁ ମାତ୍ର ୧୨, ୧୫, ୨୦ ମାର୍କ ମିଳିଛି। ଏହିପରି ଅର୍ପିତା ମହାପାତ୍ର, ମୌସୁମୀ ପାତ୍ର ଓ ଅନ୍ୟ ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କ ମଧ୍ୟ ପ୍ରାକ୍ଟିକାଲରେ ମାର୍କ କମ ରହିଥିବା ସେମାନଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି । ପିଲାଙ୍କୁ ଜାଣିଶୁଣି ହତାଶ କରାଯାଉଥିବା ବିଷୟ ଜଣେ ଛାତ୍ରୀଙ୍କ ଅଭିଭାବକ ବିଜୟ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଏନେଇ ଅଧ୍ୟକ୍ଷା ମନୋରମା ଦେବୀଙ୍କ ପ୍ରତିକ୍ରିୟା ମାଗିବା ପରେ ସେ କହିଥିଲେ, ଥିଓରିରେ ଜଣେ ଭଲ କଲେ ପ୍ରାକ୍ଟିକାଲରେ ମଧ୍ୟ ଭଲ କରିବେ, ସେମିତି କିଛି ମାନେ ନାହିଁ। ଯାହା ମାର୍କ ଦିଆଯାଇଛି, ପରୀକ୍ଷା ଯୋଗ୍ୟତା ଅନୁଯାୟୀ ଦିଆଯାଇଛି। ମାର୍କ ଉପରେ ଅଧ୍ୟକ୍ଷାଙ୍କର କୌଣସି କର୍ତ୍ତୃତ୍ୱ ନଥାଏ। ସେମାନଙ୍କ ସନ୍ଦେହ ହେଲେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିପାରିବେ ବୋଲି ଅଧ୍ୟକ୍ଷା କହିଛନ୍ତି।

# ଆରଡି ରାସ୍ତା ନିର୍ମାଣକୁ ବିରୋଧ

**ଅପରକୋଲାବ ମୁଖ୍ୟଯନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ଚାଷୀ**

**ଜୟପୁର,୨୬।୬(ନି.ପ୍ର.)**

ଜୟପୁର ବ୍ଲକ ଅନ୍ତର୍ଗତ ଟାଙ୍କୁଆ ପଞ୍ଚାୟତ କେନାଲ ରାସ୍ତା ଉପରେ ଆରଡି ରାସ୍ତା ନିର୍ମାଣକୁ ଚାଷୀମାନେ ବିରୋଧ କରିଛନ୍ତି । ଉକ୍ତ ରାସ୍ତା ଜଗନ୍ନାଥପୁଟ-କୁସୁମପୁଟ ନାମରେ ନାମିତ ହୋଇ କାର୍ଯ୍ୟ ଚାଲୁଛି। ବିଭାଗୀୟ ମୁଖ୍ୟଯନ୍ତ୍ରୀ ତୁରନ୍ତ ସେଥିରେ ହସ୍ତକ୍ଷେପ କରି ଉକ୍ତ କାର୍ଯ୍ୟକୁ ଶୀତଳା ମନ୍ଦିର ଛକରୁ କରିବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରାଯାଇଛି। ଏନେଇ ଅପର କୋଲାବ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀଙ୍କୁ ଦାବିପତ୍ର ମଧ୍ୟ ଦିଆଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ ଚାଷୀଙ୍କ ସ୍ୱାର୍ଥ ଓ ଜଳସେଚନକୁ ଅଣଦେଖା କରି ଗ୍ରାମ୍ୟ ଉନ୍ନୟନ ବିଭାଗକୁ କେନାଲ ରାସ୍ତା ହସ୍ତାନ୍ତର କରାଯାଇଛି। ଆରଡି ବିଭାଗ ସେହି ରାସ୍ତା ନିର୍ମାଣ କଲେ ତଳମୁଣ୍ଡରେ ଅନେକ ଚାଷୀ ଜଳସେଚନରୁ ବଞ୍ଚିତ ହେବା ସହ ଭବିଷ୍ୟତରେ ଏହାର ମରାମତି କାର୍ଯ୍ୟରେ ବାଧା ସୃଷ୍ଟି ହେବ । ଯେଉଁ ରାସ୍ତାକାମ ଚାଲୁଛି, ସେଥିରେ ଘରୋଇ ଜମି ରହିଛି।

ମୁଖ୍ୟଯନ୍ତ୍ରୀ ଏହାକୁ ଶୀତଳା ମନ୍ଦିର ଛକରୁ କରିବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଜୟପୁର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ବୀରେନ ମୋହନ ପଟ୍ଟନାୟକ, ପ୍ରହ୍ଲାଦ ପାତ୍ର, ଶିଶିର କୁମାର ମିଶ୍ର, ପ୍ରତାପ ଚନ୍ଦ୍ର ମାଦଳା ଦାବି କରିଛନ୍ତି ।

# ନିଶା, ଅବାଧ ଚାଲାଣ ସମ୍ପର୍କରେ ସଚେତନ କଲେ ଜଜ୍, ଏସ୍‌ଡିପିଓ



ଚିତ୍ରାଙ୍କନ ପ୍ରତିଯୋଗିତାରେ ପିଲାମାନେ ଭାଗ ନେଇଛନ୍ତି।

**ଜୟପୁର,୨୬।୬(ଡି.ଏନ୍.ଏ./ନି.ପ୍ର.)**

ଜୟପୁର ଉପଖଣ୍ଡ ପୋଲିସ ପ୍ରଶାସନ ପକ୍ଷରୁ ବୁଧବାର ଅନ୍ତର୍ଜାତୀୟ ନିଶା ନିବାରଣ ଓ ଅବାଧ ଚାଲାଣ ନିରୋଧୀ ଦିବସ ପାଳନ କରାଯାଇଛି। ସନ୍ଧ୍ୟାରେ ସ୍ଥାନୀୟ ରଘୁରାଜ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାଜଜ୍ ରାଜକିଶୋର ଲେଙ୍କା ଓ ଏସ୍‌ଡିପିଓ ସାଗରିକା ନାଥ ଯୋଗଦେଇ ନିଶା ସେବନ ଦ୍ୱାରା ସମାଜ ଉପରେ ପଡ଼ୁଥିବା କୁପ୍ରଭାବ ସମ୍ପର୍କରେ ସଚେତନ କରିଥିଲେ। ପୂର୍ବାହ୍ନରେ ସ୍ଥାନୀୟ ଜୈନ ମନ୍ଦିରଠାରେ ସହରର ବିଭିନ୍ନ ସରକାରୀ ଓ ଘରୋଇ ବିଦ୍ୟାଳୟର ୭୦ଜଣ ଛାତ୍ରଛାତ୍ରୀଙ୍କୁ ନେଇ 'ନିଶା ନିବାରଣ ଓ ନିଶାର କୁପ୍ରଭାବ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଅଷ୍ଟମ ଶ୍ରେଣୀର ଶ୍ରେଷ୍ଠ ଅଙ୍କିତ ନାୟକ, କେ. ମାଧବୀ, ଶ୍ରବଣ ସାହୁ, ଅନିତା ପଟ୍ଟନାୟକ, ଶ୍ରୀୟା ଯାଦବ, ନବମ ଶ୍ରେଣୀର ତନ୍ମୟ ଶତପଥୀ, ଅମିଷା ବକ୍ସି, ତୃପ୍ତିରେଖା ଗୌଡ଼, ଏନ୍. କିରଣ, ଦଶମ ଶ୍ରେଣୀର ସୁଜିତ ଭଦ୍ରା, ଅଜୟ ପାତ୍ର, ରାନି ମୁଦୁଲି, ସାକ୍ଷୀ ଦାଶ, ରାହୁଲ ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଟାଉନଥାନା ଏସ୍‌ଆଇ ଶିବଶଙ୍କର ସାହୁ, ଏଏସ୍‌ଆଇ ସେକ ତାଜ ଅହମ୍ମଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

- ନିଶାଦ୍ରବ୍ୟ ସେବନ, ଅବୈଧ ଚାଲାଣ ନିରୋଧ ଦିବସ

# ସହରରେ ଗଡ଼ିଲା ସଚେତନତା ଶୋଭାଯାତ୍ରା

**କୋରାପୁଟ,୨୬।୬(ସ୍ୱ.ପ୍ର.)**

କୋରାପୁଟ ଜିଲା ଅବକାରୀ ବିଭାଗ ଓ ଜିଲା ସାମାଜିକ ସୁରକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ନିଶାଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ନିରୋଧ ଦିବସ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରାକୁ କୋରାପୁଟ ଉପଜିଲାପାଳ ଲଳିତ କୁମାର କର୍ଣ୍ଣର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ଅବକାରୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ଜିଲା ସୂଚନା ଅଧିକାରୀ ପ୍ରଧାନ ଗୁଲିଆମା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ନାୟକ ଉପସ୍ଥିତ ଥିଲେ। ଏହି ଦିବସ ଉପଲକ୍ଷେ ମଧ୍ୟାହ୍ନରେ ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ ଜିଲା ଯୋଜନା ଓ ପରିସଂଖ୍ୟାନ ବିଭାଗର ଉପନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସାମାଞ୍ଜଳ ମହାପାତ୍ର, ଅବକାରୀ ବିଭାଗ ଉପଅଧୀକ୍ଷକ ଦେବୀ ପ୍ରସାଦ ଦାଶଙ୍କ ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନମିତା ନାୟକ, ଜ୍ୟୋତି ରଞ୍ଜନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶାଦ୍ରବ୍ୟ ସେବନର ଅପକାରିତା ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ ।





ସଭାରେ ମଞ୍ଚାସୀନ ଅତିଥିମାନେ।

## ଦୋକାନରେ ପଲିଥିନ ଯାଞ୍ଚ କଲା ପୌରସଂସ୍ଥା

**ସୁନାବେଡ଼ା,୨୬।୬(ଡି.ଏନ୍.ଏ.)**

ସରକାରଙ୍କ କଟକଣା ସତ୍ତ୍ୱେ ସୁନାବେଡ଼ା ସହରାଞ୍ଚଳରେ ପଲିଥିନ ବ୍ୟବହାର ଯୋଗୁ ତଦ୍‌ଜନିତ ଆବର୍ଜନା ଚାରିଆଡ଼େ କୁଢ଼କୁଢ଼ ହୋଇ ଗଦା ହୋଇଛି। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଅଞ୍ଚଳରେ ପଲିଥିନ ବ୍ୟବହାର ରୋକିବା ପାଇଁ ତତ୍ପର ହୋଇପଡ଼ିଛି ସୁନାବେଡ଼ା ପୌର ପରିଷଦ। ପୌର ପରିଷଦର ଗୋଷ୍ଠୀ ସଂଯୋଜକ ଚିତ୍ତରଞ୍ଜନ ସାହୁ, ସହରାଞ୍ଚଳ ପ୍ରକଳ୍ପ ନିର୍ଦ୍ଦେଶକ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଶତ୍ରୁନାଥ ଜେନା, ସୁଧାକର ବିଶ୍ୱାଳ, ଈଶ୍ୱର ନାୟକ, ତ୍ରିନାଥ ପଣ୍ଡା, ଲାବଣ୍ୟ ରଣା ବିଭିନ୍ନ ଦୋକାନରେ ଚଢ଼ାଉ କରିଥିଲେ। ଚଢ଼ାଉ ପରେ ବ୍ୟବସାୟୀ ମହଲ ଛାନିଆ ହୋଇପଡ଼ିଛନ୍ତି। ଆମିଷ ବଜାରରେ ପଲିଥିନ୍‌ର ବ୍ୟବହାର ବନ୍ଦ ହୋଇନାହିଁ।

- ମାଟ୍ରିକ୍ ପାସହାର କମିବା ନେଇ ଚିନ୍ତା ପ୍ରକଟ

# ଶିକ୍ଷକ-ଅଭିଭାବକ ସମନ୍ୱୟ ଉପରେ ଜୋର

**କୁନ୍ଦୁରା,୨୬।୬(ଡି.ଏନ୍.ଏ.)**

ଚଳିତ ବର୍ଷ ମାଟ୍ରିକ ପାସହାରରେ କୋରାପୁଟ ଜିଲା ସବା ପଛରେ ରହିବା ନେଇ ଚିନ୍ତା ପ୍ରକଟ କରିଛନ୍ତି ସ୍ଥାନୀୟ ଶିକ୍ଷାମହଲ ଓ ବୁଦ୍ଧିଜୀବୀ। କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏ ଦିଗରେ ଶିକ୍ଷକ ଓ ଅଭିଭାବକଙ୍କ ସମନ୍ୱୟ ଲୋଡ଼ାଯାଇଛି।

କୁନ୍ଦୁରା ବ୍ଲକ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ଚନ୍ଦ୍ର ପଟ୍ଟନାୟକ, ରାଜ୍ୟ ଶିକ୍ଷକ ସଂଘ ଉପସଭାପତି ରାମକୃଷ୍ଣ ସାବତ, ଆଦିବାସୀ ଗବେଷଣା ମଞ୍ଚର ଆବାହକ ଡ. ରାଜେନ୍ଦ୍ର ପ୍ରସାଦ ପାଢ଼ୀ ଯୋଗଦେଇ ବ୍ଲକ ସ୍ତରରେ ପୂର୍ବଭଳି ଶିକ୍ଷାର ଉନ୍ନତି ଓ ପ୍ରତିଷ୍ଠା ବଢ଼ାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। କୁନ୍ଦୁରା ବ୍ଲକରେ ୨ଟି ସରକାରୀ ଉଚ୍ଚ ବିଦ୍ୟାଳୟ, ୩ଟି ବ୍ଲକଗ୍ରାଣ୍ଟ, ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ୫ଟି ସେବାଶ୍ରମ, ୩ଟି ବେସରକାରୀ ବିଦ୍ୟାଳୟ ରହିଛି । ସେହିଭଳି ଗୋଟିଏ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ୩ଟି ୟୁପି ସ୍କୁଲ ଓ ୬୮ଟି ପ୍ରାଥମିକ ବିଦ୍ୟାଳୟ ରହିଛି। କୁନ୍ଦୁରା ବ୍ଲକରେ ରହିଥିବା ସମସ୍ତ ସରକାରୀ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା ବିଭାଗ ସୂଚନା ମୁତାବକ ପାଖାପାଖି ୧୬,୦୦୦ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ଏମାନଙ୍କ ପାଇଁ ବର୍ତ୍ତମାନ ୪୦୯ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ଆହୁରି ୪୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଥିବା ବେଳେ ଜିଲା ଶିକ୍ଷା ବିଭାଗ ଏହି ପଦବୀ ପୂରଣ କରିପାରୁ ନାହିଁ। ଏହା ମଧ୍ୟ ପରୀକ୍ଷା ଫଳକୁ ପ୍ରଭାବିତ କରୁଥିବା ବୈଠକରେ ଆଲୋଚନା ହୋଇଥିଲା। କୁନ୍ଦୁରା ବ୍ଲକ ଫୁପୁଗାଁ ପଞ୍ଚାୟତ ଚନ୍ଦ୍ରଶୁଣ୍ଡିଗୁଡ଼ା ବିଦ୍ୟାଳୟରେ ମାତ୍ର ୬ ଜଣ ଛାତ୍ରଛାତ୍ରୀ ଥିବା ଯୋଗୁ ଅନୁଷ୍ଠାନ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଅନେକ ବିଦ୍ୟାଳୟ ରହିଛି, ଯେଉଁଠାରେ ମାତ୍ର ଜଣେ ଶିକ୍ଷକ ରହିଛନ୍ତି । ଅନେକ ଉଚ୍ଚ ବିଦ୍ୟାଳୟରେ ବିଷୟ ଅନୁଯାୟୀ ଶିକ୍ଷକ ନାହାନ୍ତି। ୧୯୬୮ରେ ସ୍ଥାପିତ ଓ ସୁବର୍ଣ୍ଣ ଜୟନ୍ତୀ ପାଳିଥିବା ୫୨ ବର୍ଷର ପୁରୁଣା ଶ୍ରୀ ଅରୋବିନ୍ଦ ଶିକ୍ଷା ନିକେତନରେ ମଧ୍ୟ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ସେହିପରି ବିଭିନ୍ନ ସମୟରେ ଅଭିଭାବକମାନେ ମଧ୍ୟ ଝିଅପୁଅଙ୍କ ପାଠପଢ଼ା ପ୍ରତି ସଚେତନ ରହିଲେ ପରୀକ୍ଷା ଫଳ ଠିକ୍ ହୋଇପାରିବ ବୋଲି ଆଲୋଚନା ବେଳେ ସମସ୍ତେ କହିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ, ଆଞ୍ଚଳିକ ମହିଳା ମହାସଂଘର ଉପଦେଷ୍ଟା ଚନ୍ଦ୍ର ସଗରିଆ, ଶିକ୍ଷାପ୍ରେମୀ ପ୍ରମୋଦ ପଟ୍ଟନାୟକ, ବିଜୟ ଭଞ୍ଜ ଯୋଗ ଦେଇଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ଅଞ୍ଚଳର ବୁଦ୍ଧିଜୀବୀମାନେ।



## GOVT. OF ODISHA, DEPARTMENT OF WATER RESOURCES

### NOTICE INVITATION FOR BIDS (NIFB)

IDENTIFICATION NO. EE.EDD.CKD.01/2019-20
Email: executiveengineereddckd@gmail.com

1. The Executive Engineer, Earth Dam Division, Chitrakonda on behalf of Governor of Odisha invites percentage rate bids for the following works as detailed in the table from eligible class of contractor for execution of civil works on production of definite proof from the appropriate authority.

| Sl. No. | Name of Work | Approx. Value of work (Rs. in Lakhs) | Places of scale and receipt | Class of cont-ractor | Bid security pledged in favour of E.E., Earth Dam Division, Chitrakonda in shape of POSB/ NSC / KVP/ Deposit Receipt (in Rs.) | Cost of document (in Rs.) | Period of Com-pletion |
|---|---|---|---|---|---|---|---|
| 1 | M/R to Right Main Canal of Satiguda Irrigation Project, Malkangiri for the year 2019-20 (Clearance of Jungle, water hyacinth and weed and desalting from RD 0.00 KM to 13.900 KM) | 3.62 | Office of the (1) Executive Engineer, Earth Dam Division, Chitrakonda. (2) Executive Engineer, P.I. Division, Balimela. (3) Sub-Divisional Officer, Satiguda Irrigation Sub-Division, Malkangiri | "C" & "D" | 3,700/- | 2,000/- | 2 (Two) Calendar months |
| 2. | M/R to Right Main Canal of Satiguda Irrigation Project, Malkangiri for the year 2019-20 (Clearance of jungle, water hyacinth and weed and desalting from RD 13.900 KM to 31.00 KM) | 3.78 | | "C" & "D" | 3,800/- | 2,000/- | 2 (Two) Calendar months |
| 3. | M/R to Left Main Canal of Satiguda Irrigation Project, Malkangiri for the year 2019-20 (Desilting and clearing of water hyacinth within RD 00 KM to 15.030 KM of LMC) | 4.07 | | "C" & "D" | 4,100/- | 2,000/- | 2 (Two) Calendar months |
| 4. | M/R to Left Main Canal of Satiguda irrigation Project, Malkangiri for the year 2019-20 (Desilting and clearing of water hyacinth within RD 15.030 KM to Tail of LMC., Saradaguda distry and MV 22 Minor). | 2.85 | | "C" & "D" | 2,900/- | 2,000/- | 2 (Two) Calendar months |
| 5. | S/R to Right Main Canal of Satiguda Irrigation Project, Malkangiri for the year 2019-20 (Repair of fall at RD 3.50 KM, CD 3.260 KM to Malkangiri distributary and repair of siphon and construction of slope protection work of Mahadev Tirth distributary. | 3.80 | | "C" & "D" | 3,800/- | 2,000/- | 2 (Two) Calendar months |
| 6. | S/R to Right Main Canal of Satiguda Irrigation Project, Malkangiri for the year 2019-20 (Repair of CD- 1.20 KM, h/r-4.02 Km, 4.88 Km of Goreiguda distributary and repair of old protection wall of Nilmary distributary RD 1.40 KM to 1.50 KM. | 4.43 | | "C" & "D" | 4,500/- | 2,000/- | 2 (Two) Calendar months |

2. Sale of Bid documents: During office hours from 28.06.2019 to 06.07.2019.
3. Receipt of the Bid document: During office hours from 28.07.2019 to 08.07.2019.
4. Time and date of opening: On dtd. 09.07.2019 at 11.00AM in the office of the Executive Engineer, Earth Dam Division, Chitrakonda in presence of the tenderers or their authorized representatives.
5. The bidders should be fully aware of the OPWD codal rules before participating in the bidding process.
6. If the office happens to be closed on the last date of sale / receipt / opening of the bid as specified, the bids will be sold/ received / opened on the next working day at the same time and venue.
7. If required a transparent lottery will be held on 12.07.2019 at 11.00AM among the valid bidders quoting 14.99% less than tendered amount in the office of the undersigned to decide the tender.
8. Additional performance security shall be obtained only from the successful bidder quoting (-) 14.99% less than the amount put to tender at the time of Agreement. Amount of Additional Performance Security i.e. differential amount between amount put to tender and quoted amount shall be deposited in shape of Term Deposit Receipt / NSC / POSB duly pledged in favour of the Executive Engineer, Earth Dam Division, Chitrakonda.
9. No price preference for Additional Performance Security will be given to S.C./ S.T./ Engineering Contractors.
10. Authority reserves the right to reject any or all the bids without assigning any reason thereof.

Other details of the notice invitation for bid including other terms and conditions of the Identification can be seen in the bid documents and also will be available in all the offices mentioned above.

Sd/- Executive Engineer, Earth Dam Divn., Chitrakonda

# ବର୍ଷାଦିନେ ଷ୍ଟ୍ରିଟ୍‌ଫୁଡ୍

ମୌସୁମୀ ଆସିଲେ ପ୍ରଥମେ ସମସ୍ତଙ୍କ ମନକୁ ଆସେ ଘରେ ବସି କେମିତି ଗରମ ଗରମ ଖାଦ୍ୟର ମଜାନେବା। ଗରମ ପକୁଡ଼ି ସାଙ୍ଗକୁ ଗରମ ଚା' ହୋଇଗଲେ ବର୍ଷାଦିନିଆ ସନ୍ଧ୍ୟା ଆଉ ସକାଳର ମଜା ଆହୁରି ଜମିଯାଏ। ହେଲେ ଏହାପରେ ବି ମନ ଖୋଜେ ବାହାରର କିଛି ଚଟ୍‌ପଟା ଖାଦ୍ୟ। ବର୍ଷାଦିନେ ଷ୍ଟ୍ରିଟ୍ ଫୁଡ୍ ଖାଇବାକୁ ଡାକ୍ତର ମନାକଲେ ବି ମନ ମାନେନା। ବର୍ଷାପାଗର ମଜାନେବାକୁ ମନ ଖୋଜେ ଭଳିକି ଭଳି ସୁସ୍ୱାଦୁ ଖାଦ୍ୟ। ତେବେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ବର୍ଷାଦିନେ ସବୁଠାରୁ ଅଧିକ ଜରୁରୀ ହୋଇଥିବା ବେଳେ ଚାଟ୍, ଗୁପ୍‌ଚୁପ୍, ଦହିବରା, ଫ୍ରୁଟ୍ ସାଲାଡ୍ କିମ୍ବା ରାସ୍ତାକଡ଼ ଫ୍ରୁଟ୍ ଜୁସ୍ ଭଳି ଖାଦ୍ୟଠାରୁ ଦୂରେଇ ରହିବା ଏହିଦିନେ ସବୁଠାରୁ ଭଲ। ନଚେତ୍ ଫୁଡ୍ ପଏଜନିଂ, ଝାଡ଼ାବାନ୍ତି ଭଳି ରୋଗରେ ପଡ଼ିବା ଆଶଙ୍କା ରହିଥାଏ। ହେଲେ ଷ୍ଟ୍ରିଟ୍‌ଫୁଡ୍‌କୁ ଭଲପାଉଥିବା ଲୋକଙ୍କ ପାଇଁ କିନ୍ତୁ ବର୍ଷାଦିନେ ରହିଛି କିଛି ଭିନ୍ନ ଅପ୍‌ସନ୍, ଯାହାକି କେବଳ ସୁସ୍ୱାଦୁ ନୁହେଁ, ସ୍ୱାସ୍ଥ୍ୟକର ମଧ୍ୟ। ବର୍ଷାଦିନେ ରାସ୍ତାକଡ଼ରେ ମିଳୁଥିବା ସେଭଳି କିଛି ଖାଦ୍ୟ ମଧ୍ୟରେ ରହିଛି ମକା ପୋଡ଼ା, ଗ୍ରୀଲ୍‌ଡ କିମ୍ବା ତନ୍ଦୁରି ଖାଦ୍ୟ, ମୋମୋ କିମ୍ବା ଗରମ ଗରମ ଭେଜ୍ ଓ ନନ୍‌ଭେଜ୍ ସୁପ୍ ଇତ୍ୟାଦି।

## ମକାପୋଡ଼ା/ମକାସିଝା



ବର୍ଷାରେ ରାସ୍ତାରେ ଯାଉଥିବା ବେଳେ ରାସ୍ତାକଡ଼ରେ ବିକ୍ରି ହେଉଥିବା ପୋଡ଼ା ମକାର ବାସ୍ନା ଆମକୁ ଅଟକାଇ ଦିଏ। ଲୁଣ, ଲଙ୍କାଗୁଣ୍ଡ ସହ ଲେମ୍ବୁ ଲଗାଯାଇଥିବା ଗରମ ଗରମ ମକା ପୋଡ଼ାର ମଜା ସବୁବେଳେ ନିଆରା। ବର୍ଷାଦିନେ କୋଣ ଅନୁକୋଣରେ ମକା ବିକାଳିମାନଙ୍କୁ ଦେଖିବାକୁ ମିଳୁଥିବାବେଳେ ମକାରେ ଥିବା ଆଣ୍ଟିଅକ୍ସିଡାଣ୍ଟ୍ସ ଓ ହାଇ ଫାଇବର୍ ଆମକୁ ବର୍ଷାରେ ଫିଟ୍ ରଖିବାରେ ସାହାଯ୍ୟକରେ। ଏହାସହ ଅତ୍ୟଧିକ ତାପମାତ୍ରାରେ ଏହାକୁ ସିଝା ଏବଂ ପୋଡ଼ାଯାଉଥିବାରୁ ଏଥିରେ ବ୍ୟାକ୍ଟେରିଆଲ ଇନ୍‌ଫେକ୍ସନ ହେବାର ଆଶଙ୍କା ମଧ୍ୟ ନ ଥାଏ। ତେଣୁ ସାଙ୍ଗମାନଙ୍କ ସହ ଏକାଠି ରାସ୍ତାକଡ଼ରେ ଛିଡାହୋଇ ଗରମ ଗରମ ଚା' ସହ ମକା ଖାଇବାର ମଜା ଏ ବର୍ଷାରେ ନିଶ୍ଚୟ ଉଠାନ୍ତୁ।

## ଗରମ ପକୁଡ଼ିକୁ ମସଲା ଚା'



ପକୁଡ଼ି ଓ ଚା' ମୌସୁମୀର ସବୁଠାରୁ ଫେଭରାଇଟ୍ ଫୁଡ୍ କହିଲେ ଅତ୍ୟୁକ୍ତି ହେବନାହିଁ। ଘରେ ହେଉ କି ବାହାରେ ଚା' ସହ ପକୁଡ଼ି ଖାଇବାକୁ ସମସ୍ତେ ଭଲପାଆନ୍ତି। ତେବେ ବର୍ଷାରେ ପାଗକୁ ମାତ୍ ଦେବାକୁ ପକୁଡ଼ି ସହ ଟିକେ ମସଲା ଚା' ହୋଇଗଲେ ଖଟି ଆହୁରି ଜମେ। ଗୁଜୁରାତି, ଲବଙ୍ଗ, ଡାଲଚିନି, ପାନମଧୁରୀ, ଗୋଲମରିଚ, ଜାଇଫଳ ଓ ଅଦା ପଡ଼ିଥିବା ମସଲା ଚା' ବର୍ଷାରେ ଯେତିକି ଆରାମଦାୟକ ସେତିକି ସ୍ୱାସ୍ଥ୍ୟ ଉପଯୋଗୀ ମଧ୍ୟ। ଏଥିରେ ଥିବା ମସଲା ଥଣ୍ଡାରୁ ଦୂରେଇ ରଖିବା ସହ ଇମ୍ୟୁନିଟି ବା ରୋଗ ନିରାକରଣ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଏହାସହ ତନ୍ଦୁରୀ ଚା' ମଧ୍ୟ ଆଜିକାଲି ବିଭିନ୍ନ ସ୍ଥାନରେ ଉପଲବ୍ଧ ହେଲାଣି। ଭୁବନେଶ୍ୱରରେ ୟୁନିଟ୍-୩ କେଶରୀ ହଲ୍ ନିକଟ ଏବଂ ଶହୀଦନଗର ଦୁର୍ଗାମଣ୍ଡପ ଅଞ୍ଚଳ ମସଲା ଚା' ପାଇଁ ପ୍ରସିଦ୍ଧ ହୋଇଥିବାବେଳେ କିଟ୍ ରୋଡ୍ ଏବଂ ବମିଖାଲ କେନାଲ ରୋଡରେ ଥିବା ତନ୍ଦୁରି ଚା' ବେଶ୍ ଲୋକପ୍ରିୟ।

## ଗ୍ରୀଲ୍‌ଡ/ତନ୍ଦୁରି ଖାଦ୍ୟ

ବର୍ଷାଦିନେ ଗ୍ରୀଲ୍‌ଡ ଓ ତନ୍ଦୁରି ଖାଦ୍ୟ ଖାଇବାର ମଜା ନିଆରା। ବର୍ଷାରେ ଅଧିକ ଡିପ୍ ଫ୍ରାଇଡ୍ ଫୁଡ୍ ଏସିଡିଟି ଓ ବଦହଜମୀ ଭଳି ସମସ୍ୟା ସୃଷ୍ଟି କରୁଥିବା ବେଳେ ଏହିଦିନେ ଗ୍ରୀଲ୍‌ଡ ଓ ତନ୍ଦୁରୀ ଖାଦ୍ୟ ଏକ ଭଲ ଅପ୍‌ସନ୍। ଏଥିରେ କମ୍ ତେଲ ଓ ବଟର୍ ବ୍ୟବହାର ହେଉଥିବାରୁ ଏହା ସହଜରେ ହଜମ ହେବାସହ ଏଥିରେ ସଂକ୍ରମଣର ଆଶଙ୍କା ରହି ନ ଥାଏ। ହେଲେ ତନ୍ଦୁରି ହେଉ ଗ୍ରୀଲ୍‌ଡ ସର୍ବଦା ଗରମ ଗରମ ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ। ଏହାବ୍ୟତୀତ କମ୍ ମସଲା ଓ କମ୍ ଲୁଣ ବ୍ୟବହୃତ ଖାଦ୍ୟ ଖାଆନ୍ତୁ। ଭୁବନେଶ୍ୱରର ରାମମନ୍ଦିର ନିକଟରେ ଥିବା ଖାଓଗଳି ତନ୍ଦୁରି ଓ ଗ୍ରୀଲ୍‌ଡ ଖାଦ୍ୟ ପାଇଁ ପ୍ରସିଦ୍ଧ ହୋଇଥିବା ବେଳେ କିଟ୍ ରୋଡ୍‌ରେ ମଧ୍ୟ ଏହା ବହୁଳଭାବେ ଉପଲବ୍ଧ।

## ମୋମୋ/ସୁପ୍





ଷ୍ଟିମର୍‌ରୁ ବାହାରିଥିବା ଗରମ ଗରମ ମୋମୋ ଓ ତା' ସହ ଚଟପଟା ଚଟଣି, ପ୍ରାୟତଃ ସମସ୍ତେ ଏହାକୁ ଭଲପାଆନ୍ତି। ଏହାସହ ବର୍ଷାରେ ଫୁଡ୍‌ଷ୍ଟଲରେ ମିଳୁଥିବା ଚିକେନ୍, ମଟନ୍ ସୁପ୍ ଓ ଭଳିକି ଭଳି ଭେଜ୍ ସୁପ୍ ପିଇବା ବର୍ଷାରେ ହିତକର। ଏହା ଥଣ୍ଡା ଓ ସଂକ୍ରମଣରୁ ମୁକ୍ତ ରଖିବା ସହ ଶରୀରକୁ ଗରମ ରଖିବାରେ ସାହାଯ୍ୟକରେ। ଆଜିକାଲି ତନ୍ଦୁରି ମୋମୋ ଭୁବନେଶ୍ୱରରେ ଏକ ଲୋକପ୍ରିୟ ଷ୍ଟ୍ରିଟ୍‌ଫୁଡ୍ ହୋଇଛି।

**-ରିପୋର୍ଟ: ସସ୍ମିତା ପାଇକରାୟ**
**ଫଟୋ: ବିକାଶ ନାୟକ**

# ନେତାଙ୍କୁ ବୁଝାଇଦେଇଥିଲି ଚୋରର ଅର୍ଥ...



ଜ୍ଞାନ ହୋତା

## ମୋ ଅନୁଭୂତି

ଆଠମଲ୍ଲିକରେ ଏକ ସାହିତ୍ୟ ସଭା ଥାଏ। ବର୍ଷ କି ବାର ଠିକ୍ ମନେ ନ ଥିଲେ ବି ଘଟଣା କ'ଣ ଥିଲା ତାହା ଏଯାଏ ମନରେ ଅଛି। କାର୍ଯ୍ୟକ୍ରମରେ ମୁଁ ଥାଏ ମୁଖ୍ୟବକ୍ତା ଓ ରାଜ୍ୟର ଜଣେ ନେତା ଥାନ୍ତି ମୁଖ୍ୟଅତିଥି। କାର୍ଯ୍ୟକ୍ରମକୁ ଯିବା ବାଟରେ ମୋ ଗାଡ଼ି ଖରାପ ହେଲା। ତେଣୁ ଫୋନରେ ଜଣାଇଦେଲି, ଯିବାରେ ବିଳମ୍ବ ହେବ, ଆପଣ କାର୍ଯ୍ୟକ୍ରମ ଆରମ୍ଭ କରି ଦିଅନ୍ତୁ। ସଭାସ୍ଥଳରେ ପହଞ୍ଚିବା ବେଳକୁ କାର୍ଯ୍ୟକ୍ରମ ଚାଲିଥାଏ ଓ ମଞ୍ଚରେ ଥାନ୍ତି ମୁଖ୍ୟଅତିଥି ନେତା ମହୋଦୟ। ତାଙ୍କର ପୂର୍ବରୁ କ'ଣ ଭାଷଣ ଥିଲା ଜାଣିନି ହେଲେ ମୋତେ ଦେଖି ମୋଡ଼ ବଦଳାଇଦେଲେ। ହଠାତ୍ କହିବା ଆରମ୍ଭ କଲେ ଆଜିକାଲି ବ୍ୟଙ୍ଗକବିମାନେ ନେତାମାନଙ୍କ ଅବଦାନ, ଉତ୍ସର୍ଗକୁ ବୁଝୁନାହାନ୍ତି। କଦର୍ଯ୍ୟ କରି, ଚିଗୁଲେଇ ନେତାମାନଙ୍କ ବିରୋଧରେ ଲେଖୁଛନ୍ତି। ଏପରିକି ଚୋର ବି କହୁଛନ୍ତି। ସିଧା ନ ହେଲେ ବି ବୁଲେଇକି ସେ ମୋତେ ଗାଳି କରୁଛନ୍ତି ବୋଲି ଲାଗିଲା। ପାଳି ଆସିଲା ମୋର। ମୁଖ୍ୟବକ୍ତା ଭାବେ ମାଇକ ଧରିବା ପରେ ଚୋର ଭଳି ପବିତ୍ର ଅର୍ଥକୁ ନେତାଙ୍କ ନାଁରେ ଯୋଡ଼ିବାର ସାହସ ନାହିଁ ବୋଲି ମୁଁ ଉତ୍ତର ରଖିଥିଲି। ବ୍ରଜେ ଚୋରି କଲୁ ଲହୁଣୀ ସର, ବାସ ହରି ନେଲୁ ଗୋପ ନାରୀର, ସତରେ ଯଦି ତୁ ଏଡିକି ଚୋର, ଚୋରି କରି ନେ ଜନମଜନମ ପାପକୁ ମୋର.. ଏହା ହେଉଛି ମୋର ଏକ ଅନୁବାଦିତ କବିତାରୁ କିଛି। ଏହି ପଦକୁ କହିବା ପରେ ଭଗବାନ କୃଷ୍ଣ ବି କିପରି ଚୋର ଥିଲେ ତାହାର ପ୍ରମାଣ ଦେଇଥିଲି। ପରେ ନେତାଙ୍କ ଉଦ୍ଦେଶ୍ୟରେ କହିଥିଲି, ତୁମେ ପାଣି, ଖଣି, ଡାଲି ଯାହା ପାଉଛ ଚୋରି କର। ଚିଟ୍‌ଫଣ୍ଡ ଟଙ୍କା ବି ହଜମ କରିଦିଅ। ଆମର କିଛି କହିବାର ନାହିଁ। ହେଲେ ଥରେ ଲୋକଙ୍କ ଦୁଃଖକୁ ଚୋରି କର ହେ ନେତା ମହୋଦୟ। ସେତେବେଳେ ଆମେ ତୁମକୁ ଚୋର ଡାକି ପାରି ଖୁସି ହେବୁ। ସଭାସ୍ଥଳ କରତାଳିରେ ଭରି ଉଠିଥିଲା। କିଛି ଦିନ ବୋଧେ ଚୋର ଶବ୍ଦକୁ ନେଇ ଆଲୋଡ଼ନ ହୋଇଥିଲା ସେ ଜାଗାରେ, ସାହିତ୍ୟ ଚର୍ଚ୍ଚାରେ ଓ ଓଡ଼ିଶାରେ ବି। ରାଜ୍ୟର ବେଶ୍ ପରିଚିତ ବ୍ୟଙ୍ଗ କବି ଜ୍ଞାନ ହୋତାଙ୍କର ଏହା ଅନୁଭୂତିର ଏକ ଅଂଶ। ଆଠମଲ୍ଲିକର ମାଧପୁର ଗ୍ରାମରେ ଜ୍ଞାନଙ୍କର ଜନ୍ମ। ୭ ଭାଇ ଓ ୩ ଭଉଣୀ ମଧ୍ୟରୁ ଜ୍ଞାନ ହେଉଛନ୍ତି ସବୁଠୁ ସାନ ଭାଇ। ଏପରିକି ୭ଜଣ ଭାଇଙ୍କର ନାମ ଇଂଲିଶ ଆଲଫାବେଟ୍ ଏ ଠାରୁ ଜି ପର୍ଯ୍ୟନ୍ତରେ ନାମକରଣ ହୋଇଛି। ଜ୍ଞାନଙ୍କର ମୂଳନାମ ଜ୍ଞାନାନନ୍ଦ ହୋତା। ହେଲେ ନନ୍ଦ ଓ ହୋତା ଭଳି ଦୁଇଟି ସାଙ୍ଗିଆ ଭିତରେ କଳି ନ ହେଉ, ତେଣୁ ସେ ଜ୍ଞାନ ହୋତା ନାମ ରଖିଛନ୍ତି ବୋଲି ବ୍ୟଙ୍ଗର ସହ କହିଥିଲେ। ବାରବାଟୀ ଷ୍ଟାଡିୟମରେ ହେଉଥିବା ଏକ ପୁସ୍ତକ ମେଳାରେ ଜ୍ଞାନ ପ୍ରଥମେ ବ୍ୟଙ୍ଗ କବିତା ଆବୃତ୍ତି କରିଥିଲେ। ପିଲାଟି ବେଳୁ କବିତା ଲେଖିବାର ରୁଚି ନ ଥିଲେ ମଧ୍ୟ ଆପେଆପେ ସେ ଏଥିରେ ଯୋଡ଼ିହୋଇଯାଇଛନ୍ତି। ପିଲା ବେଳେ ଦୁଷ୍ଟାମି କରି ଗାଳି ଓ ଏବେ ଦୁଷ୍ଟାମି କରି ତାଳି ପାଉଛନ୍ତି ବୋଲି ଜ୍ଞାନ କୁହନ୍ତି। ପୁସ୍ତକମେଳାରେ ତାଙ୍କର କବିତା ଶୁଣି ଆକାଶବାଣୀର ବରିଷ୍ଠ ପଦାଧିକାରୀ ସ୍ୱର୍ଗତ ଡ. ବ୍ରଜମୋହନ ମହାନ୍ତି ତାଙ୍କୁ ରେଡିଓର ଚହଟା ଚର୍ଚ୍ଚା କାର୍ଯ୍ୟକ୍ରମରେ ଯୋଗଦେବାକୁ କହିଥିଲେ। ସେହି ସମୟର ଅନୁଭୂତି ସମ୍ପର୍କରେ ଜ୍ଞାନ କୁହନ୍ତି, ଡ. ମହାନ୍ତି କହିଥିଲେ ଜ୍ଞାନ ତୁମେ ଭଲ କବିତା ଲେଖୁଛ। ଆଉ କିଛି କବିତା ଲେଖିଛ ନା ନାହିଁ ବୋଲି ପଚାରିଥିଲେ। ବାହାଦୁରି ମାରି ଆହୁରି କବିତା ଅଛି ବୋଲି ଜ୍ଞାନ କହି ଦେଇଥିଲେ। ହେଲେ ସତ କଥା ହେଉଛି ପୁସ୍ତକ ମେଳାରେ ଆବୃତ୍ତି କରିଥିବା କବିତା ହିଁ ତାଙ୍କର ପ୍ରଥମ ରଚନା ଥିଲା। ପରଦିନ ୩ଟି କବିତା ଆଣି ଆକାଶବାଣୀରେ ଦେଖା କରିବାକୁ ଡ.ମହାନ୍ତି କହିଲେ। ରାତି ଭିତରେ ୩ଟି କବିତା କିପରି ଲେଖିବେ ବୋଲି ଭାବି ଚିନ୍ତା ବଢ଼ିଯାଇଥିଲା। ସକାଳୁ ମିଛରେ ଡ.ମହାନ୍ତିଙ୍କୁ କହିଥିଲେ ଅଜା ଚାଲି ଯାଇଛନ୍ତି ଆଉ ତୁରନ୍ତ ଗାଁକୁ ଯିବାକୁ ହେବ। ୧୦ଦିନ ପରେ ଆସିବି। ଏକଥାରେ ଡ. ମହାନ୍ତି ରାଜି ହେଲେ। ୧୦ଦିନରେ ୩ଟି କବିତା ଲେଖାସାରି ଡ. ମହାନ୍ତିଙ୍କୁ ଦେଖା କରିଥିଲେ। କବିତାଗୁଡ଼ିକ ପ୍ରଶଂସିତ ହେଲା ଏବଂ ଏହି କବିତା ରଚନା ଭିତରେ ରହିଗଲେ ଜ୍ଞାନ।

**-ରିପୋର୍ଟ: କୁମାରଶ୍ରୀ ସାହୁ**

ପ୍ରଧାନମନ୍ତ୍ରୀ ପଠାଇଥିଲେ

# ଜନ୍ମଦିନ ଅଭିନନ୍ଦନ ପତ୍ର



ଡ.ସମୀର କୁମାର ନନ୍ଦ

ଭାରତ ସରକାରଙ୍କ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ଶିଶୁଶ୍ରମ ବିଭାଗର ଦେବଗଡ଼ ଜିଲା ପ୍ରୋଗ୍ରାମ ଅଧିକାରୀ ଡ.ସମୀର କୁମାର ନନ୍ଦ। ଦେବଗଡ଼ ସହରରେ ତାଙ୍କ ଜନ୍ମ। ଦେବଗଡ଼ ବାଳକ ଉ.ପ୍ରା. ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିବା ସମୀର ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଆଇନ, ଶ୍ରମ ଆଇନରେ ପିଜି ଡିପ୍ଲୋମା, ସମାଜ ବିଜ୍ଞାନରେ ସ୍ନାତକୋତ୍ତର, ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଏମବିଏ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ସମାଜ ବିଜ୍ଞାନ(ପଶ୍ଚିମ ଓଡିଶାରେ ଶିଶୁ ଶ୍ରମିକଙ୍କ ଅବସ୍ଥିତି ସମ୍ପର୍କରେ)ରେ ପି.ଏଚ୍‌ଡି ଡିଗ୍ରୀ ଲାଭ କରିଛନ୍ତି। ୨୦୦୮ ରୁ ୨୦୧୦ ପର୍ଯ୍ୟନ୍ତ 'ୟୁଏନଡିପି'ର 'ଦକ୍ଷତା' ପ୍ରକଳ୍ପ ପାଇଁ ପ୍ରଶିକ୍ଷକ ଭାବେ ବିଭିନ୍ନ ଜିଲାରେ କାର୍ଯ୍ୟ କରିଛନ୍ତି। 'ଜିଲା ଶିଶୁ ଶ୍ରମିକ ଟାସ୍କ ଫୋର୍ସ' ଏବଂ 'କିଶୋର ନ୍ୟାୟ ପରିଷଦ'ର ସଦସ୍ୟ ଥିବା ସମୀର ଏଥର ନିଜ କଥା ସ୍ତମ୍ଭରେ...।

## ନିଜ କଥା

**ପ୍ରଥମ ଦରମା କ'ଣ କରିଥିଲେ ?**

▶ ମା'ପାଇଁ ଶାଢି ଓ ସାନ ଭଉଣୀ ପାଇଁ ଡ୍ରେସ କିଣି ଦେଇଥିଲି। ମନ୍ଦିରରେ ଭୋଗ ଲଗାଇଲା ପରେ ଯାହା କିଛି ପଇସା ବଳିଥିଲା ମା'ହାତରେ ଦେଇଥିଲି।

**ଆପଣଙ୍କ ଆଦର୍ଶ କିଏ ?**

▶ ବାପା ଉଦୟନାଥ ନନ୍ଦ ଓ ମାଆ ଇନ୍ଦିରା ନନ୍ଦ ମୋର ଆଦର୍ଶ। ସେମାନଙ୍କ ସତ୍ୟବାଦିତା, ଅହିଂସା ଓ ପରୋପକାର ନୀତି ମୋତେ ପ୍ରଭାବିତ କରିଥିଲା। ଏଥିସହିତ ଡ. ଏପିଜେ ଅବଦୁଲ କଲାମଙ୍କୁ ବି ମୁଁ ମୋର ଆଦର୍ଶ ମାନେ।

**ସାହିତ୍ୟ ପ୍ରତି ରୁଚି ରଖନ୍ତି ?**

▶ କବିତା,ଗଳ୍ପ, ଉପନ୍ୟାସ ଓ ପ୍ରବନ୍ଧ ଇତ୍ୟାଦି ଲେଖିବାକୁ ଭଲ ପାଏ। ମୋର ଲେଖା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଇଛି।

**ଗୀତ ଶୁଣିବାକୁ ପସନ୍ଦ କରନ୍ତି ?**

▶ ପୁରୁଣା ଓଡ଼ିଆ ଓ ହିନ୍ଦୀ ଗୀତ ମୋର ପସନ୍ଦ। ମୁକେଶ, କିଶୋର କୁମାର, ଲତା ମଙ୍ଗେସ୍କର ଓ ଚିତ୍ତ ଜେନା ମୋର ପ୍ରିୟ ଗାୟକ।

**ସିନେମା ଦେଖନ୍ତି ?**

▶ ସମୟ ମିଳିଲେ ସିନେମା ଓ ଟିଭି ଦେଖେ। ଗାନ୍ଧୀ,ବର୍ଡର ଓ ବାଗବାନ ଇତ୍ୟାଦି ସିନେମା ଦେଖିଛି।

**କିଛି ଅଭୁଲା ସ୍ମୃତି**

▶ ପଞ୍ଚମ ଶ୍ରେଣୀ ପଢୁଥିଲାବେଳେ ମୋର ପ୍ରଥମ କବିତା 'ଜୀବନ ଚକ୍ର' ନନ୍ଦନକାନନ ଶିଶୁ ପତ୍ରିକାରେ ପ୍ରକାଶିତ ହୋଇଥିଲା। ସେଦିନ ମୁଁ ବହୁତ ଖୁସି ହୋଇଥିଲି। ଆଉ ଗୋଟିଏ କଥା। ୨୦୧୭ ଜୁଲାଇ ୧ ତାରିଖ। ମୋର ଜନ୍ମ ତିଥି। ମୋର ମନେ ନ ଥିଲା। କିନ୍ତୁ ଇମେଲ ଖୋଲିଲା ବେଳକୁ ଦେଖିଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମେଲ ଆସିଛି। ପ୍ରଧାନମନ୍ତ୍ରୀ ମୋ ପାଖକୁ ଏକ ଜନ୍ମଦିନ ଅଭିନନ୍ଦନପତ୍ର ପ୍ରେରଣ କରିଥିଲେ। ସେହି ସ୍ମୃତି ମୋର ଚିରସ୍ମରଣୀୟ ହେଇ ରହିବ।

**ରିପୋର୍ଟ-ଶଶାଙ୍କ ଶେଖର ଝାଙ୍କର**

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/

**ସେଲ୍‌ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ**
rgdselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)



ଶଶିକାନ୍ତ



ଗଙ୍ଗାଧର



ନମ୍ରତା



ଦେବ



ଅରୁନ୍ଧତୀ



ପ୍ରତ୍ୟୁଷା



ତୁଷାର



ମାନସ



ସୁଧାଂଶୁ



ସରସ୍ୱତୀ ବିଦ୍ୟାମନ୍ଦିରର ବିଜ୍ଞାନ ଶିକ୍ଷୟିତ୍ରୀ ନିର୍ମଳା ରଥ ଓ କର୍ମଚାରୀ ମାନଗୋବିନ୍ଦ ସାହୁଙ୍କୁ ବିଦ୍ୟାମନ୍ଦିର ତରଫରୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଦାମନଯୋଡ଼ି, ୨୬।୬ (ଡି.ଏନ୍.ଏ./ସ୍ୱ.ପ୍ର.):** ନାଲକୋ ଟାଉନସିପ୍ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ବିଜ୍ଞାନ ଶିକ୍ଷୟିତ୍ରୀ ନିର୍ମଳା ରଥ ଓ କର୍ମଚାରୀ ମାନଗୋବିନ୍ଦ ସାହୁଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷୟିତ୍ରୀ ରଥ ୧୯୮୫ରୁ ଶିକ୍ଷକତା ଆରମ୍ଭ କରି ନିଷ୍ଠାପର ଭାବେ ଶିକ୍ଷାଦାନ କରିବା ସହ ଛାତ୍ରୀଛାତ୍ରଙ୍କ ପ୍ରିୟ ହୋଇପାରିଥିଲେ। ସେହିପରି ୧୯୮୭ରେ ଚାକିରି ଜୀବନ ଆରମ୍ଭ କରିଥିବା ମାନଗୋବିନ୍ଦ ସାହୁ ଗାଡ଼ି ଚାଳକ ଭାବେ ନିଜ ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିଆସିଛନ୍ତି। ସେମାନଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ଓ ବିଦ୍ୟାମନ୍ଦିର ତରଫରୁ ଉତ୍ତରୀୟ, ଉପଢୌକନ ଓ ଉପହାର ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ନାଲକୋ ଅର୍ଥ ବିଭାଗ ପ୍ରବନ୍ଧକ ରମେଶ ଚନ୍ଦ୍ର ଯୋଶୀ, ନାଲକୋ ମାନବ ସମ୍ବଳ ବିଭାଗ ଉପପ୍ରବନ୍ଧକ ରବିନାରାୟଣ ଉପାଧ୍ୟାୟ, ବିଦ୍ୟାମନ୍ଦିରର ସମ୍ପାଦକ ଅଶୋକ ନାୟକ, ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ଉପସ୍ଥିତ ଥିଲେ। ଡ. ଅଶୋକ କୁମାର ମହାନ୍ତି ସଭା ପରିଚାଳନା ଓ ଶିକ୍ଷୟିତ୍ରୀ ସୁଷମା ମହାନ୍ତି ଧନ୍ୟବାଦ ଦେଇଥିଲେ।


## GOVT. OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION, SONEPUR

E.mail- rw_sonepur@yahoo.co.in

**e-Procurement Notice No. SNPR/Online-01/ 2019-20**

**No.127-O:-** The Executive Engineer, Rural Works Division, Sonepur on behalf of Governor of Odisha invites Percentage Rate bids in double cover through e-procurement for the buildings and road work. The bid should be submitted Online against website www.tendersOdisha.gov.in for Improvement of respective work as detailed in the table by contractors registered with the State Government and Contractors of equivalent grade/class registered with central Govt./MES/Railways for execution of composite buildings (Civil, EI & PH) and road works on production of definite proof from the appropriate authority. The bidders should have the necessary portal enrollment (with his own Digital Signature Certificate).

| | | | |
|---|---|---|---|
| 1 | Class of Contractor | : | 1) B & A Class Contractor having valid Electrical & P.H. License for building works. 2) B & A Class Contractor for road work. |
| 2 | Time for Completion | : | 12 (Twelve) Calendar months for Building works & 9 (Nine) Calendar months for road work. |
| 3 | No of works | : | 7 (Seven) no Building works & 1 (One) no Road work |
| 4 | Amount put to tender | : | Varies from Rs.57.00 lakhs to Rs.67.00 Lakhs |
| 5 | E.M.D. Required | : | The Bidder shall transfer Online the EMD of the amount as specified for the work in the table Column No 5 of the Annexure through a process as mentioned/instructed in the DTCN. |
| 6 | Cost of Tender Paper | : | Rs.10000/- per set (Non-Refundable) only in shape of D.D. in favour of Executive Enginner Rural Works Division, Sonepur. The Bidder shall transfer Online the cost of tender paper/ documents through a process as mentioned/instructed in the DTCN |
| 7 | Mode of submission of tender | : | Tender should be submitted online in www.tendersorrisa.gov.in |
| 8 | Period of availability of tenders on line/ Date & time of bidding on-line/ last date of seeking clarification/ date of opening of tender papers. | : | The details are as follows |

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer Rural Works Division Sonepur | Notification No. SNPR/Online-01/2019-20 | Dt.2.07.2019 at 11.00 AM | 15.07.2019 up to 5.00 PM | 12.07.2019 up to 5.00 PM | 18.07.2019 at 11.30 AM | 23.07.2019 at 11.30 AM |

Further details can be seen from the website: www.tendersorissa.gov.in.

25054/11/0001/1920 **Sd./- Executive Engineer, R.W. Division, Sonepur**



## ନିୟନ୍ତ୍ରିତ ବଜାର କମିଟି, କୋରାପୁଟ କାର୍ଯ୍ୟାଳୟ

**(ଜିଲ୍ଲାପାଳ କୋରାପୁଟଙ୍କ କାର୍ଯ୍ୟାଳୟ ପରିସର, ଦୂରଭାଷ: ୦୬୮୫୨-୨୫୨୦୦୭)**

**ପତ୍ର ସଂଖ୍ୟା ୬୩୯/ ୨୦୧୯ (ଆର୍‌ଏମ୍‌ସି)kpt** **ତା୨୫।୦୬।୨୦୧୯ରିଖ**

### ବିଜ୍ଞାପନ

ଏତଦ୍ୱାରା ନନ୍ଦପୁର ଗ୍ରାମପଞ୍ଚାୟତର ସମସ୍ତ ଚାଷୀ ଓ ବ୍ୟବସାୟୀ ଭାଇଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ୍ ଅଧୀନସ୍ଥ ନନ୍ଦପୁର ବଜାର ପ୍ରାଙ୍ଗଣରେ (Market Yard) ନବନିର୍ମିତ ପାଞ୍ଚଗୋଟି ଦୋକାନ ଗୃହଗୁଡ଼ିକର ଆବଣ୍ଟନ ନିମନ୍ତେ ନନ୍ଦପୁର ଗ୍ରାମପଞ୍ଚାୟତ ଅଞ୍ଚଳର ଚାଷୀ ଓ ବ୍ୟବସାୟୀ ଭାଇଭଉଣୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ସେହିପରି ନବନିର୍ମିତ ୫୦୦ ମେଟ୍ରକ ଟନ ବିଶିଷ୍ଟ ଗୋଦାମ ଗୃହ ଆବଣ୍ଟନ ପାଇଁ କୋରାପୁଟ ଉପଖଣ୍ଡର ସମସ୍ତ ଚାଷୀ ଓ ବ୍ୟବସାୟୀ ଭାଇଭଉଣୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ସେଗୁଡ଼ିକର ବର୍ଣ୍ଣନା ନିମ୍ନ ସାରଣୀରେ ପ୍ରଦତ୍ତ ହେଲା।

| କ୍ରମିକ ସଂଖ୍ୟା | ବଜାରର ନାମ | ଗୋଦାମର ବର୍ଣ୍ଣନା | ଅମାନତ ଟଙ୍କା | ମାସିକ ଗୋଦାମ ଭଡ଼ା |
|---|---|---|---|---|
| ୧ | ନନ୍ଦପୁର | ପାଞ୍ଚ ଗୋଟି ଦୋକାନ ଗୃହ | ଟ.୩୦,୦୦୦.୦୦ (ତିରିଶ ହଜାର ଟଙ୍କା) ମାତ୍ର | ପ୍ରତି ବର୍ଗ ଫୁଟ ପାଇଁ ଟ.୭.୦୦ (ସାତଟଙ୍କା) ମାତ୍ର |
| ୨ | ନନ୍ଦପୁର | ୫୦୦ ମେଟ୍ରିକ ଟନ ଗୋଦାମ ୧ ଗୋଟି | ଟ.୨,୫୦,୦୦୦.୦୦ (ଦୁଇ ଲକ୍ଷ ପଚାଶ ହଜାର ଟଙ୍କା) ମାତ୍ର | ମାସିକ ଟ.୧୫,୦୦୦.୦୦ (ପନ୍ଦର ହଜାର ଟଙ୍କା) ମାତ୍ର |

ଇଚ୍ଛୁକ ବ୍ୟକ୍ତି ବିଶେଷ ନିୟନ୍ତ୍ରିତ ବଜାର କମିଟି, କୋରାପୁଟଙ୍କ କାର୍ଯ୍ୟାଳୟରୁ ତା୨୫।୦୬।୨୦୧୯ରିଖ ଠାରୁ ତା୦୯।୦୭।୨୦୧୯ରିଖ ମଧ୍ୟରେ କାର୍ଯ୍ୟାଳୟ ସମୟରେ (ଛୁଟିଦିନ ବ୍ୟତୀତ) ଟ୧୦୦.୦୦ ଅକ୍ଷରଙ୍କେ (ଏକ ଶହ ଟଙ୍କା) ମାତ୍ର ଜମାକରି ଦରଖାସ୍ତ ଫର୍ମ ପାଇପାରିବେ। ଆବେଦନକାରୀ ଦରଖାସ୍ତ ଫର୍ମ ସହିତ ଦରଖାସ୍ତ ଫର୍ମ ବାବଦକୁ ଜମା କରିଥିବା ରାଶିର Money Receiptର ମୂଳକପି ଓ ଟ.୩୦,୦୦୦.୦୦ (ତିରିଶ ହଜାର ଟଙ୍କା)ର ଯେ କୌଣସି ଜାତୀୟକରଣ ବ୍ୟାଙ୍କର ବ୍ୟାଙ୍କ ଡ୍ରାଫ୍ଟ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି କୋରାପୁଟଙ୍କ ନାମରେ ଅମାନତ ରାଶି ବାବଦକୁ ସଂଲଗ୍ନ କରିବାକୁ ପଡ଼ିବ। ଆବେଦନପତ୍ର ସହିତ ଭୋଟର ପରିଚୟ/ ନିୟନ୍ତ୍ରିତ ବଜାର କମିଟି, କୋରାପୁଟଙ୍କ ଠାରୁ ପ୍ରାପ୍ତ Traders License/ଚାଷୀ ପରିଚୟ ପତ୍ରର ଅବିକଳ ନକଲ ସଂଲଗ୍ନ କରିବାକୁ ପଡ଼ିବ। ସେହିପରି ୫୦୦ ମେଟ୍ରିକ ଟନ ଗୋଦାମ ପାଇଁ ଦରଖାସ୍ତ ସହିତ ଅମାନତ ରାଶି ବାବଦକୁ ଟ.୨,୫୦,୦୦୦.୦୦ର ବ୍ୟାଙ୍କ ଡ୍ରାଫ୍ଟ ସହିତ ପରିଚୟ ପତ୍ର ଦାଖଲ କରିବେ। ଦରଖାସ୍ତ ଫର୍ମଗୁଡ଼ିକ SPEED POST ମାଧ୍ୟମରେ ଗ୍ରହଣ କରାଯିବ। ଅନ୍ୟ କୌଣସି ମାଧ୍ୟମରେ ପ୍ରାପ୍ତ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

ଆବେଦନ କରିବାର ଶେଷ ତାରିଖ ତା୦୯।୦୭।୨୦୧୯ରିଖ। ନିର୍ଦ୍ଧାରିତ ସମୟ ପରେ ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ। ସମସ୍ତ ଆବେଦନପତ୍ରଗୁଡ଼ିକ ୧୦।୦୭।୨୦୧୯ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଉପଜିଲ୍ଲାପାଳ, କୋରାପୁଟ ତଥା ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି, କୋରାପୁଟଙ୍କ କାର୍ଯ୍ୟାଳୟରେ ଆବେଦନକାରୀଙ୍କ ଉପସ୍ଥିତିରେ ଖୋଲାଯିବ। ଆବଣ୍ଟନ ସକାଶେ ନିୟନ୍ତ୍ରିତ ବଜାର କମିଟିର ଗୋଦାମ ଆବଣ୍ଟନ ସବ୍ କମିଟିଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଅଟେ। ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି, କୋରାପୁଟ କୌଣସି କିମ୍ବା ସମସ୍ତ ଆବେଦନପତ୍ରଗୁଡ଼ିକୁ ବିନା କାରଣ ଦର୍ଶାଇ ଗ୍ରହଣ କିମ୍ବା ନାକଚ କରିପାରିବେ।

**ସ୍ୱା./- ଉପଜିଲ୍ଲାପାଳ ଓ ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ**



## BHUBANESWAR DEVELOPMENT AUTHORITY

AKASH SHOVA BUILDING, PANDIT JAWAHARLAL NEHERU MARG, BHUBANESWAR - 751001
PABX No. 0674-2392801 / 0998 / 6437, FAX No. 0674-2390633 / 085
*Visit us at: http://www.bda.gov.in/*

**Ref. No. 634** **Date. 25.06.2019**

### Tender Call Notice

Executive Engineer, Division No.III, B.D.A, on behalf of Bhubaneswar Development Authority invites tender on **Percentage Rate** in ***Single cover system*** as detailed in the following table.

| Sl No. | Name of the work | Approximate value of work (₹. In Lakh) | Period of Completion | Class of Contractor | Bid Security | Cost of Document (in ₹.) | Last date of Sale, Receipt & Opening |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Restoration of Dr. Shyama Prasad Mukharjee Park at Satsangha Vihar, Bhubaneswar | 4.87 (Approx.) | 30 (Thirty) Days | 'D' & 'C' Class | 1% of Estimated Cost. | 2,000/- + 12% (GST) | |
| 2 | Restoration of Park - 1 & 2 at Bhoinagar, Bhubaneswar | 4.36 (Approx.) | 30 (Thirty) Days | 'D' & 'C' Class | 1% of Estimated Cost. | 2,000/- + 12% (GST) | |
| 3 | Restoration of M.S. grill fencing of Lake Zone - 2, Bhubaneswar | 3.98 (Approx.) | 30 (Thirty) Days | 'D' & 'C' Class | 1% of Estimated Cost. | 2,000/- + 12% (GST) | |
| 4 | Restoration of N-2 Raju Bhaya Park in IRC Village, Nayapalli, Bhubaneswar | 3.73 (Approx.) | 30 (Thirty) Days | 'D' & 'C' Class | 1% of Estimated Cost. | 2,000/- + 12% (GST) | Last Date of Sale |
| 5 | Restoration of N-3 Yudhistir Das Park in IRC Village, Nayapalli, Bhubaneswar | 2.69 (Approx.) | 30 (Thirty) Days | 'D' & 'C' Class | 1% of Estimated Cost. | 2,000/- + 12% (GST) | Up to 5.00 P.M. on 09.07.2019 |
| 6 | Restoration of Park Dumuduma Phase - III, Bhubaneswar | 3.08 (Approx.) | 30 (Thirty) Days | 'D' & 'C' Class | 1% of Estimated Cost. | 2,000/- + 12% (GST) | |
| 7 | Restoration of Park at Ashok Nagar, Unit - 2, Bhubaneswar | 3.23 (Approx.) | 30 (Thirty) Days | 'D' & 'C' Class | 1% of Estimated Cost. | 2,000/- + 12% (GST) | Last Date of Receipt |
| 8 | Restoration of Bhimeswar Park at Bhimeswar, Bhubaneswar | 4.88 (Approx.) | 30 (Thirty) Days | 'D' & 'C' Class | 1% of Estimated Cost. | 2,000/- + 12% (GST) | Up to 5.00 P.M. on 10.07.2019 |
| 9 | Restoration of Park at Dharma Vihar, Khandagiri, Bhubaneswar. | 4.60 (Approx.) | 30 (Thirty) Days | 'D' & 'C' Class | 1% of Estimated Cost. | 2,000/- + 12% (GST) | & |
| 10 | Restoration of Joggers Park in Chandrasekharpur, Bhubaneswar. | 3.51 (Approx.) | 30 (Thirty) Days | 'D' & 'C' Class | 1% of Estimated Cost. | 2,000/- + 12% (GST) | Opening on |
| 11 | Restoration of Park at Baragada Brit Colony, Bhubaneswar. | 4.97 (Approx.) | 30 (Thirty) Days | 'D' & 'C' Class | 1% of Estimated Cost. | 2,000/- + 12% (GST) | 11.07.2019 at 11.30 A.M. |
| 12 | Restoration of Kharvel Nagar Park, Unit-3, Bhubaneswar. | 2.63 (Approx.) | 30 (Thirty) Days | 'D' & 'C' Class | 1% of Estimated Cost. | 2,000/- + 12% (GST) | |
| 13 | Restoration of Park - 1,3, & 4 at Nayapalli Brit Colony, Bhubaneswar. | 2.41 (Approx.) | 30 (Thirty) Days | 'D' & 'C' Class | 1% of Estimated Cost. | 2,000/- + 12% (GST) | |

**N.B - The Quoted rate should be all inclusive but excluding G.S.T. applicable under works contract.**

1. The bid documents can be obtained from the office of the Executive Engineer, Division No.III, BDA, Bhubaneswar during working hours on payment of paper cost (Nonrefundable).
2. **One Bidder may participate in a number of tenders, but will be awarded for 3 Nos. of works, for which stands lowest.**
3. The tender documents will be received by the under signed only through ***Registered Post / Speed Post*** (Not through Courier Service).
4. The authority is not responsible for any Postal delay in receive of tender from the prospective bidders.
5. All Corrigendum and Addendum will be published in the Website of BDA https://bdabbsr.in/ only.
6. The authority reserves the right to reject any or all the bids without assigning any reason thereof.

*Sd/-*
**Executive Engineer, Division No.III, BDA.**



**OFFICE OF THE NOTIFIED AREA COUNCIL, ODAGAON**
**QUOTATION CALL NOTICE No.- 689; Date-26.06.2019**

Sealed quotations are invited from the intending Authorized Dealers / Suppliers / Manufacturer having GST Registration & Valid PAN Number for supplying of ISO Certified 12 lit. FRB Dustbin with cover. Quotation form will be available on payment of Rs.200/-(Rupees two hundred) only (Non-Refundable + applicable rate of GST) during office hour at NAC, Odagaon from 28.06.2019 to 05.07.2019. Detail terms and conditions are laid down in the said form. Specification and design of the product with a copy of Pan Card /Valid GST shall be submitted along with the quotation. The Quotationer shall deposit EMD of Rs.2000/-(Rupees two thousand) only in shape of DD / Banker Cheque drawn in favour of the Executive Officer, N.A.C., Odagaon. The quotation shall be submitted in the Office of the Executive Officer, N.A.C., Odagaon by of 05.07.2019 up to 1.00 PM. Quotation shall be opened on 05.07.2019 at 3.00 PM in the office Chamber of the Executive Officer, NAC, Odagaon in presence of the Quotationers or their authorized representatives.The committee will take final decision for Selection of Dustbins. The undersigned reserves the right to accept or reject all or any quotations without assigning any reason thereof. **Sd./- Executive Officer, NAC, Odagaon**



## ଜିଲ୍ଲା କୃଷି କାର୍ଯ୍ୟାଳୟ, ବୀରମହାରାଜପୁର

### ବିହନ ବିଶୋଧନ ଅଭିଯାନ, ଖରିଫ ୨୦୧୯

ରାଜ୍ୟ ଯୋଜନାରେ ଚଳିତ ଖରିଫ ଋତୁରେ ବୀରମହାରାଜପୁର କୃଷି ଜିଲ୍ଲା ଅନ୍ତର୍ଗତ ଦୁଇଗୋଟି ବ୍ଲକ ଯଥା:- ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ସ୍ଥିରୀକୃତ ଗ୍ରାମଗୁଡ଼ିକରେ ଜୁନ ୨୬ରୁ ଜୁଲାଇ ୧୫ ତାରିଖ ମଧ୍ୟରେ ଧାନ ଫସଲ ନିମନ୍ତେ ବିହନ ବିଶୋଧନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ। ଏହି କାର୍ଯ୍ୟକ୍ରମରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ବିହନ ବିଶୋଧନ ସମ୍ପର୍କରେ ସଚେତନ କରାଯିବା ସହିତ ଏହାର କୌଶଳ ମଧ୍ୟ ପ୍ରଦର୍ଶନ କରାଯିବ।

ଏଣୁ ନିର୍ଦ୍ଧାରିତ ତାରିଖରେ ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଗ୍ରାମର ଚାଷୀଭାଇ ଓ ଭଉଣୀମାନେ ଅଂଶଗ୍ରହଣ କରି ନିଜର ସାଇତା ବିହନକୁ ବିଶୋଧନ କରିବା ପୂର୍ବକ ଫସଲକୁ ରୋଗ ଦାଉରୁ ସୁରକ୍ଷା ପ୍ରଦାନ କରିବାକୁ ବିଶେଷ ଅନୁରୋଧ।

**ଜିଲ୍ଲା କୃଷି ଅଧିକାରୀ, ବୀରମହାରାଜପୁର**



## ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର

**Email Id: sambalpurm.hud@nic.in,**
**Phone No: 0663-2411012**

ନୋଟିସ୍ ସଂଖ୍ୟା: ୧୯୬୪ ତା୨୫।୦୬।୨୦୧୯

### ଦୈନିକ / ସାପ୍ତାହିକ ବଜାର ନିଲାମ ନୋଟିସ୍ ୨୦୧୯-୨୦୨୦

ଏତଦ୍ୱାରା ସର୍ବସାଧାରଣ ଓ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଚଳିତ ଆର୍ଥିକ ବର୍ଷ ୨୦୧୯-୨୦୨୦ (ଜୁଲାଇ, ୨୦୧୯ ମାସଠାରୁ ମାର୍ଚ୍ଚ, ୨୦୨୦) ୯(ନଅ) ମାସ ନିମନ୍ତେ ବିଧିବଦ୍ଧ ଟେଣ୍ଡର ନୋଟିସ୍ ସଂଖ୍ୟା ୧୯୬୦ ତା୨୫।୦୬।୨୦୧୯ ମାଧ୍ୟମରେ ପ୍ରକାଶିତ ହୋଇଅଛି। ନିଲାମ ନୋଟିସ୍‌ର ସବିଶେଷ ତଥ୍ୟ ଜିଲ୍ଲା ୱେବ୍‌ସାଇଟ୍‌ର ସମ୍ବଲପୁର.ଏନ୍‌ଆଇସି.ଇନ୍ (Dist. website- sambalpur.nic.in) ରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ଜିଲ୍ଲା ୱେବ୍‌ସାଇଟ୍ ମାଧ୍ୟମରୁ ଆବେଦନଫର୍ମ, ନୋଟିସ୍ ଫର୍ମ, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ।

ଟେଣ୍ଡର ପେପର ଉପଲବ୍ଧ ସମୟ- ତା.୨୬।୦୬।୨୦୧୯ ରିଖଠାରୁ ତା.୦୩।୦୭।୨୦୧୯ ରିଖ ଅପରାହ୍ନ ଘ.୫.୦୦ ମି.

ଟେଣ୍ଡର ଫର୍ମ ଡାକ ଯୋଗେ ଦାଖଲ ସମୟ ତା.୦୩।୦୭।୨୦୧୯ରିଖ ଅପରାହ୍ନ ଘ.୩.୩୦ମି. ପର୍ଯ୍ୟନ୍ତ

ଟେଣ୍ଡର ପେପର ଖୋଲିବା ସମୟ ତା.୦୫।୦୭।୨୦୧୯ରିଖ ଅପରାହ୍ନ ଘ.୩.୩୦ମି.

**ସ୍ୱା./- ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର**



**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in

**No. HHEP/Tech-WK-104/Vol-II/ 4713 Date : 22.06.2019** No. CAD-138

**TENDER NOTICE NO. HHEP-30/2019**

Sealed tenders in two parts (Technical bid and Price bid) are invited from reputed contractors having H.T. License with supervision for EHT works, Labour License, valid IT PAN, GST registration certificate and past experience for carrying out such type of work as mentioned below :

| Sl. No | Name of work | Estimated cost in Rs. | Cost of tender paper (Non-Refundable) | EMD in Rs. |
|---|---|---|---|---|
| 1 | Annual maintenance contract of Generator Transformers, Unit Auxiliary transformers, station service transformers, mobile oil purifier, equipments at 11KV switch house, 132KV Switchyard and LT systems of HHEP, Burla | 1796427/- | Rs. 7080/- (Rs. 6,000/- + GST 18%) | 18000/- |

- Sale of tender paper : **29.06.2019 to 15.07.2019 up to 05.00PM**
- Last date of receipt of tender paper: **16.07.2019 up to 01.00PM**
- Due date & time of opening of tender: **16.07.2019 at 04.00 PM**

Further details like tender specification, corrigendum to the tender call notice etc can only be available in our website www.ohpcltd.com.

Sd/-
04007/11/0008/1920 **Unit Head, HHEP, Burla**



## GOVERNMENT OF ODISHA
## DEPARTMENT OF WATER RESOURCES

**OFFICE OF THE SUPERINTENDING ENGINEER, HIRAKUD DAM CIRCLE, BURLA, SAMBALPUR-768017**
**Email id : se.hdc@rediffmail.com**

### "e" PROCUREMENT NOTICE

No: 96-A

**Bid Identification No. HDC-01/2019-20**

| | | | |
|---|---|---|---|
| 1 | Name of the Work | : | Bridge work as per DTCN |
| 2 | Total No. of Works | : | 01 (One) no. work |
| 3 | Estimated Cost | : | Rs. 148.23 Lakhs approximately (Excluding G.S.T.) |
| 4 | Period of Completion | : | 11 (Eleven) Calender Months |
| 5 | Date & Time of Availability of Bid Document in the Portal | : | 10.00 A.M. of Dt. 03.07.2019 upto 05.00 P.M. of Dt. 19.07.2019 |
| 6 | Last Date & Time for Receipt of bids in the Portal | : | Upto 05.00 P.M. of Dt. 19.07.2019 |
| 7 | Date of Opening of Technical Bid | : | Dt. 24.07.2019 at 11.00 A.M. onwards |
| 8 | Name and address of the Officer inviting Tender | : | Superintending Engineer, Hirakud Dam Circle, Burla. |
| 9 | Further details can be seen from the e-Procurement Portal "https://tendersodisha.gov.in". | | |

**Sd./- Superintending Engineer, Hirakud Dam Circle, Burla**
32044/11/0001/1920



## OFFICE OF THE MUNICIPAL COUNCII, DHENKANAL

**DHENKANAL (ODISHA), PIN-759001, Tel. No: 06762-224401 (O), Fax No: 06762-223355,**
**E-mail: dhenkanalm.hud@gmail.com**

**No. 2425** **Date: 26.06.19**

### Quotation Call Notice

Sealed quotations in the prescribed quotation paper are invited from the registered firm for **"MODEL LIST OF ITEMS REQUIRED FOR MAKING HABITABLE 50 SEATED SUH" & FOR SMOOTH FUNCTIONING OF CITY LIVELIHOOD CENTRE (CLC).** The Rate should be quoted inclusive of all taxes, cost conveyance and fixing.

1. The Cost of each Quotation paper:- Rs. 5,000.00 (Non Refundable).
2. Start Date of Sale of Quotation paper: 27.06.2019.
3. Last Date of Sale of Quotation paper:- 08.07.2019.
4. Last Date of Receipt of Quotation paper:- 08.07.2019 at 3.00 PM.
5. Date of Opening of Sealed Quotation:- 08.07.2019 at 4.00 PM.

The Quotation will be opened in the presence of the quotationers or their authorized agents. The quotationers should deposit EMD @1% of the total quoted price in shape of Bank Draft/Bankers Cheque drawn **in favour of Executive Officer, Dhenkanal Municipality.** The quotation with enclosures will be received only through Speed Post/ Regd. Post by the undersigned in the schedule date and time and not be accepted in any means beyond the date and time. Any postal delay will not be considered. The quotation paper will be available in the office Dhenkanal Municipality during the office hours (except holidays) till dt. 08.07.2019 (up to 3.00 PM).

The authorized reserves the right to reject any or all the quotations without assigning any reason thereof.

**Sd./- Executive Officer, Dhenkanal Municipality**



## ODISHA COAL AND POWER LTD.

Odisha Coal and Power Limited (OCPL)
Zone-A, Ground Floor, Fortune Towers, Bhubaneswar-751023; Ph: 0674-2300654, mines@ocpl.org.in, www.ocpl.org.in

**CORRIGENDUM – 1** **27-06-2019**

**RFP FOR SELECTION OF CONSULTANT FOR OBTAINING ENVIRONMENT CLEARANCE AND CONSENT TO ESTABLISH**

The NIT No. OCPL/Con-91/2019 dated 26/07/2019 may be read as NIT No. OCPL/Con-91/2019 dated 26/06/2019.



## ବିହନ ବିଶୋଧନ ଅଭିଯାନ, ଖରିଫ୍-୨୦୧୯
## ନୀଳଗିରି କୃଷି ଜିଲ୍ଲା

ଚଳିତ ଖରିଫ-୨୦୧୯ଋତୁରେ ଧାନ ଫସଲର ବିହନକୁ ବିଶୋଧନ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ କରାଯାଉଅଛି। ବିହନକୁ ବିଶୋଧନ କରିବାଦ୍ୱାରା କମ୍ ଖର୍ଚ୍ଚରେ ବିହନବାହୀ ଜୀବାଣୁ, ଫିମ୍ପି ଇତ୍ୟାଦିକୁ ନିୟନ୍ତ୍ରଣକରି ଫସଲକୁ ରୋଗମୁକ୍ତ କରାଯାଇପାରେ। ଏହା ଏକ ପ୍ରତିଷେଧକ ବ୍ୟବସ୍ଥା ହୋଇଥିବାରୁ ସମସ୍ତ ଚାଷୀ ସବୁ ଫସଲରେ ବିହନ ବିଶୋଧନ କରିବା ଏକାନ୍ତ ଆବଶ୍ୟକ। ତେଣୁ ଆସନ୍ତା ତା.୨୭।୦୬।୨୦୧୯ରିଖଠାରୁ ତା.୧୨।୦୭।୨୦୧୯ରିଖ ପର୍ଯ୍ୟନ୍ତ ନୀଳଗିରି କୃଷି ଜିଲ୍ଲା ଅନ୍ତର୍ଗତ ନୀଳଗିରି ଓ ଔପଦା ବ୍ଲକର ପ୍ରତ୍ୟେକ ବ୍ଲକରେ ୮ଗୋଟି ଗ୍ରାମରେ ବିହନ ବିଶୋଧନ ଅଭିଯାନ କରାଯିବାର ଲକ୍ଷ୍ୟ ରଖାଯାଇଛି। ପ୍ରତ୍ୟେକ ଗ୍ରାମରେ ଅନ୍ୟୂନ ୧୦୦ଜଣ ଚାଷୀଙ୍କୁ ଧାନବିହନ ବିଶୋଧନ ନିମନ୍ତେ ତାଲିମ ପ୍ରଦାନ କରାଯିବା ସହିତ ଚାଷୀମାନଙ୍କର ସଞ୍ଚିତ ବିହନକୁ ବିଶୋଧନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରାଯାଉଅଛି। ଏଥିପାଇଁ ବ୍ଲକର ସହକାରୀ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାପାଇଁ ଅନୁରୋଧ।

**ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ନୀଳଗିରି**



## ଜିଲ୍ଲା କୃଷି କାର୍ଯ୍ୟାଳୟ, ସୋନପୁର

### ବିହନ ବିଶୋଧନ ଅଭିଯାନ, ଖରିଫ ୨୦୧୯

ରାଜ୍ୟ ଯୋଜନାରେ ଚଳିତ ଖରିଫ ଋତୁରେ ସୋନପୁର କୃଷି ଜିଲ୍ଲା ଅନ୍ତର୍ଗତ ଦୁଇଗୋଟି ବ୍ଲକ ଯଥା:- ସୋନପୁର ଓ ତରଭା ବ୍ଲକର ସ୍ଥିରୀକୃତ ଗ୍ରାମଗୁଡ଼ିକରେ ଜୁନ ୨୬ରୁ ଜୁଲାଇ ୧୫ ତାରିଖ ମଧ୍ୟରେ ଧାନ ଫସଲ ନିମନ୍ତେ ବିହନ ବିଶୋଧନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ। ଏହି କାର୍ଯ୍ୟକ୍ରମରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ବିହନ ବିଶୋଧନ ସମ୍ପର୍କରେ ସଚେତନ କରାଯିବା ସହିତ ଏହାର କୌଶଳ ମଧ୍ୟ ପ୍ରଦର୍ଶନ କରାଯିବ।

ଏଣୁ ନିର୍ଦ୍ଧାରିତ ତାରିଖରେ ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଗ୍ରାମର ଚାଷୀଭାଇ ଓ ଭଉଣୀମାନେ ଅଂଶଗ୍ରହଣ କରି ନିଜର ସାଇତା ବିହନକୁ ବିଶୋଧନ କରିବା ପୂର୍ବକ ଫସଲକୁ ରୋଗ ଦାଉରୁ ସୁରକ୍ଷା ପ୍ରଦାନ କରିବାକୁ ବିଶେଷ ଅନୁରୋଧ।

**ଜିଲ୍ଲା କୃଷି ଅଧିକାରୀ, ସୋନପୁର**



## GOVERNMENT OF ODISHA
## "e"-PROCUREMENT NOTICE WORKS DEPARTMENT

E-mail : ceroads.bbsr@gmail.com No.39-B

**Bid Identification No. CE-DPI & R-02/2019-20**

| | | | |
|---|---|---|---|
| 1. | The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road/ Bridge works as mentioned below : | | |
| 2. | Nature of work | : | Road works |
| 3. | No. of work | : | 03 Nos. |
| 4. | Tender Paper cost | : | Rs.10,000.00 |
| 5. | Class of Contractor | : | Super Class/ Special Class/ 'A' Class as noted against each work |
| 6. | Available of bid document in the website | : | From 10.00 A.M. of 02.07.2019 to 5.00 PM of 20.07.2019 |
| 7. | Date of opening of Bid | : | Dt.22.07.2019 at 11.30 AM |
| 8. | The Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in** . Any addendum / corrigendum / cancellation of tender can also be seen in the said website. | | |

**Sd./- Chief Engineer (DPI & Roads), Odisha**
34117/11/0005/1920



## ZILLA SWASTHYA SAMITI, BOUDH

Advt. No. : 1673 Date : 25.06.2019

### Contractual Recruitment Under NHM (in-House)

No. 91-E: Applications are invited from the Contractual employee of NHM working in the same post under the OSH & FW society in other district to fill up the different vacant posts in Boudh district. Interested eligible candidates can log on to www.boudh.nic.in for detailed post wise vacancy, terms and conditions, application format & selection procedure etc. Candidates fulfilling the eligibility criteria may apply in the prescribed format to CDM & PHO, Boudh on or before 08.07.2019 by 5 PM. No Application will be received beyond the scheduled date. The undersigned reserves the right to cancel any or all the applications / positions at any stage without assigning any reason thereof.

10107/11/0001/1920 **CDM & PHO-cum-District Mission Director, Boudh**



CSO-cum- District Manager
## ODISHA STATE CIVIL SUPPLIES CORPORATION LTD.

**Shanti Vihar, Raniguda Farm, Rayagada - 765 001.**
**www.rayagada.nic.in**

**No. 3343/2019** **Dt.: 25.06.2019**

### RE-TENDER CALL NOTICE

CSO-cum-District Manager, OSCSC Ltd. **Rayagada** invites sealed tenders from reputed firms / companies / persons for appointment as Level-II Transport Contractor for transportation of foodgrains from Rice Receiving Centre-cum-Departmental Storage Centre (RRC-cum-DSC) to all the Retail Centres of Rayagada Block, Rayadaga Municipality, Kashipur Block & Gunupur Municipality units.

The Level-II Transport Contractor shall perform all operations for transportation of foodgrains from RRC-cum-DSC to all the retail centres and delivering the foodgrains at Retail Centres of Unit tagged as stated below.

| Sl.No. | Name of the RRC-Cum-DSC | All the retail centers tagged to the unit |
|---|---|---|
| 1 | RRC-Cum-DSC, Rayagada | 1. Rayagada Block |
| 2 | RRC-Cum-DSC, Rayagada | 2. Rayagada Minicipality (Including J.K. Pur and Therubali township) |
| 3 | RRC-Cum-DSC, Rayagada | 3. Kashipur Block |
| 4 | RRC-Cum-DSC, Gunupur | 4. Gunupur Municipality |

Interested firms / companies / persons may obtain tender document from the office of the CSO-cum-District Manager, Rayagada from **27.06.2019** to **11.07.2019** up to **5:00 PM.** The interested Firms / Companies / Persons may also download the tender document from the district website **www.rayagada.nic.in**

Interested Firms / Companies / Persons will have to submit the tender documents through **registered post / speed post / courier service only** as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. **The Corporation shall not be responsible for any postal / Courier delay. Tender paper received after the scheduled date & time shall not be considered.**

**ADDRESS FOR SUBMISSION OF TENDER DOCUMENTS:**
**District Manager, OSCSC Ltd., Rayagada District, At/Po.- Near Ortel Office, Shanti Vihar, Raniguda Farm, District-Rayagada, Pin-765 001**

| | |
|---|---|
| **Period of sale of Tender document** | From 27.06.2019 to 11.07.2019 |
| **Last date for receipt of Tender document** | 11.07.2019 upto 5:00 PM |
| **Date of opening of Technical Bid** | 12.07.2019 at 11:00 AM |
| **Date of opening of Price Bid** | 16.07.2019 at 11:00 AM |

Sd/-
**CSO-cum-District Manager, Rayagada**


କ୍ରିତି ସାନନ

# ପାରିଶ୍ରମିକ ପାଇଁ..

ଯାହା ଘଟିଗଲା ତାହାକୁ ସହଜରେ ହଜମ କରିପାରୁନାହାନ୍ତି କ୍ରିତି ସାନନ। କଥା କ'ଣ କି, ନିକଟରେ ଜଣେ ନବାଗତ ପ୍ରଯୋଜକ ତାଙ୍କୁ ନିଜ ଫିଲ୍ମରେ ସାଇନ୍ କରିବାକୁ ଚାହିଁଲେ। କଥାବାର୍ତ୍ତା ସମୟରେ ବେଶ୍ କୁଲ୍ ମାଇଣ୍ଡରେ କାହାଣୀ ଏବଂ ନିଜ ଭୂମିକା ବିଷୟରେ ଶୁଣିଲେ। କିନ୍ତୁ ଯେତେବେଳେ ପାରିଶ୍ରମିକ କଥା ଉଠିଲା, ସେତେବେଳେ ସବୁକିଛି ଅଡୁଆ ତଡୁଆ ହୋଇଗଲା। ଏହି ଫିଲ୍ମଟି ପାଇଁ ସେ ଯେତିକି ରେମ୍ୟୁନେରେଶନ ଦାବି କଲେ ତାହା ଶୁଣି ନୂଆ ପ୍ରଯୋଜକଙ୍କ ଆଖି ଖୋସିହୋଇଯାଇଥିଲା। କାରଣ ତାହା କ୍ରିତିଙ୍କ ଅସଲ ପାରିଶ୍ରମିକର ଦୁଇଗୁଣା ଥିଲା। ଶେଷକୁ ଏପରି ସମସ୍ୟାର ସମାଧାନ ହୋଇପାରି ନ ଥିଲା। ଆଉ ଉପାୟଶୂନ୍ୟ ହୋଇ ପ୍ରଯୋଜକ ଖାଲିହାତରେ ଫେରିଥିଲେ। ସେପଟେ ପାରିଶ୍ରମିକ ପାଇଁ ଭଲ ଅଫରଟି ହାତଛଡ଼ା ହେବା ପରେ କ୍ରିତି କୁଆଡ଼େ ଅନୁତାପ କରୁଛନ୍ତି।

## ଜାହ୍ନବୀଙ୍କ ଆଶା

ନବାଗତା ଜାହ୍ନବୀ କପୁରଙ୍କର ଏକ ଆଶା ରହିଛି। ବଲିଉଡ୍‌ରେ ତ ଏଣ୍ଟ୍ରି କଲେ, ପୁଣି ଆଉ କ'ଣ ଆଶା ରହିଗଲା ଯେ ତାକୁ ନେଇ ସେ ଚିନ୍ତା କରୁଛନ୍ତି। ସେ କହି ବୁଲୁଛନ୍ତି ଯେ, ତାଙ୍କ ସାନଭଉଣୀ ଖୁସି ମଧ୍ୟ ଆକ୍ଟିଂ କ୍ୟାରିୟର ଆରମ୍ଭ କରୁ। ଏଥିପାଇଁ ସେ କେତେଜଣ ପ୍ରଯୋଜକଙ୍କ ସହ କଥାବାର୍ତ୍ତା ଚଳାଇଛନ୍ତି। 'ଖୁସି ଆକ୍ଟିଂ କରିବାକୁ ଆଗ୍ରହୀ, ଏ କଥା ମୁଁ ପାପା (ବୋନି କପୁର)ଙ୍କୁ କହିବା ପରେ ସେ ମଧ୍ୟ ଗ୍ରୀନ୍ ସିଗ୍‌ନାଲ ଦେଖାଇ ସାରିଛନ୍ତି। କେବଳ ପ୍ରଡକ୍ସନ ହାଉସ୍ ରାଜିହେଲେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିବ ବୋଲି କହନ୍ତି ଜାହ୍ନବୀ।


ସବ୍ୟସାଚୀ-ଅର୍ଚ୍ଚିତା

# ଅପେକ୍ଷା ତିନିବର୍ଷର

ଯା ଭିତରେ ତିନିବର୍ଷ ବିତିଗଲାଣି। ହେଲେ ଗୋଟିଏ ଯୋଡ଼ିକୁ ବଡ଼ ପରଦାରେ ଦେଖିବାକୁ ମିଳି ନ ଥିଲା। କାରଣ କ'ଣ ? ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ 'ମୁଁ ସପନର ସୌଦାଗର'ରେ ଏହି ଯୋଡ଼ି ପ୍ରଥରଥର ପାଇଁ ସ୍କ୍ରିନ୍ ଶେୟାର କରିଥିଲେ। ଯା ଭିତରେ ସେମାନେ ଏକାଠି ୧୭ଟି ସିନେମାରେ ଅଭିନୟ କରିସାରିଲେଣି। ଏଥର ହୁଏତ ଅନେକେ ଜାଣିଯିବେଣି ଯେ, ଏଠାରେ କାହା କଥା ଉଲ୍ଲେଖ କରାଯାଉଛି। ହଁ, ସେହି ରୋମାଣ୍ଟିକ୍ ଯୋଡ଼ି ହେଲେ ସବ୍ୟସାଚୀ-ଅର୍ଚ୍ଚିତା। ତିନିବର୍ଷର ଗ୍ୟାପ୍ ପରେ ଏହି ଯୋଡ଼ି ପୁଣି ଥରେ ବଡ଼ ପରଦାରେ ମୁହଁ ଦେଖାଇବେ। ଚଳଚ୍ଚିତ୍ରଟି ହେଲା 'ଅଭିମାନ'। ସୀତାରାମ ଅଗ୍ରୱାଲଙ୍କ ପ୍ରଯୋଜିତ ଏହି ସିନେମାଟି ଚଳିତ ରଥଯାତ୍ରା ଅବସରରେ ପରଦା ଉପରକୁ ଆସିବାର ଯୋଜନା ରହିଛି। ଏହି ଯୋଡ଼ି ସମ୍ପର୍କରେ ସବ୍ୟସାଚୀ କହନ୍ତି, 'ସବ୍ୟ-ଅର୍ଚ୍ଚିତା ଯୋଡ଼ି ଏପର୍ଯ୍ୟନ୍ତ ଅଭିନୟ କରିଥିବା ୧୭ ସିନେମାରୁ ୭-୮ଟି ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। 'ଛାତି ତଳେ ଡିଂ ଡଙ୍ଗ୍' ଏବଂ 'ହେଲା ମତେ ପ୍ରେମ ଜ୍ୱର' ପରେ ଅର୍ଚ୍ଚିତା ଏବଂ ମୁଁ ନିଷ୍ପତ୍ତି ନେଲୁ ଯେ ଏଣିକି ଭଲ କାହାଣୀକୁ ଆଧାର କରି ନିର୍ମିତ ହେଉଥିବା ସିନେମାରେ ହିଁ ଅଭିନୟ କରିବୁ। ଏପରି ନିଷ୍ପତ୍ତିର ତିନିବର୍ଷ ପରେ ଥରେ ମୋତେ ସୀତାରାମ ଅଗ୍ରୱାଲ କହିଲେ, ଆରେ ଅର୍ଚ୍ଚିତା ଆଉ ତୁମ ଭିତରେ ପାଟିତୁଣ୍ଡ ହୋଇଛି କି? କାହିଁ ଆଉ ଏକାଠି ରୋଲ୍ କରୁନ? ମୁଁ ଉତ୍ତର ଦେଲି-ଭଲ କାହାଣୀ ମିଳିଲେ ହିଁ ଏକାଠି ରୋଲ୍ କରିବୁ। ତା'ପରେ ସେ ମୋତେ ଆଲୋଚନା ପାଇଁ ଡାକି 'ଅଭିମାନ' କାହାଣୀ ବିଷୟରେ ସୂଚନା ଦେଲେ ଏବଂ ତା'ପରେ ମୋତେ ଯେମିତି ଖୋଜିଲା ଚିଜ ମିଳିଯାଇଥିଲା। କମ୍ପ୍ୟୁଟର ଯେମିତି ହ୍ୟାଙ୍ଗ୍ ହେଲେ ଭାଇରସ୍ କ୍ଲିନ୍ କରାଯାଏ, ଠିକ୍ ସେମିତି ଏହି ଫିଲ୍ମ ଓଡ଼ିଆ ସିନେମାର ହ୍ୟାଙ୍ଗ୍ ଅବସ୍ଥାକୁ ନିଶ୍ଚୟ ବଦଳାଇଦେବ।' ସିଦ୍ଧାର୍ଥ ମ୍ୟୁଜିକ୍ ବ୍ୟାନରରେ ନିର୍ମିତ 'ଅଭିମାନ'ର ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)।

# ଖୁବ୍‌ଶୀଘ୍ର ପାଟଣାଗଡ଼


ମନୋଜ-ଅତୁଲ

ପାଟଣାଗଡ଼ ପାର୍ସଲ ବୋମା ଘଟଣାକୁ ନେଇ ପ୍ରଯୋଜକ ଶ୍ରୀଧର ମାର୍ଥା ନିର୍ମାଣ କରିଥିଲେ ଓଡ଼ିଆ ସିନେମା 'ପାଟଣାଗଡ଼'। କିନ୍ତୁ ଶୁଟିଂ ସମୟରେ କେତେକ ଆଇନଗତ କାରଣରୁ ଫିଲ୍ମଟି ବେଶ୍ କିଛି ମାସ ହେବ ପଡ଼ିରହିଥିଲା। ହେଲେ ଖୁବ୍‌ଶୀଘ୍ର ଫିଲ୍ମଟି ପରଦା ଉପରକୁ ଆସିବାକୁ ଯାଉଛି ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ। ଏ ସମ୍ପର୍କରେ ସେ କହନ୍ତି, ଶୁଟିଂ ସମୟରେ ଯାହା ଘଟିଗଲା ସେଥିରୁ ଆଇନତଃ କିଛି ସମସ୍ୟା ଦୂର ହୋଇଛି। ଫଳରେ ଏହାର ରିଲିଜ୍ ପାଇଁ ଆମେ ପ୍ରସ୍ତୁତି ଆରମ୍ଭ କରିଦେଇଛୁ। ଏହାର କାହାଣୀକୁ ଏପରି ପ୍ରସ୍ତୁତ କରାଯାଇଛି, ଯାହା ଓଡ଼ିଆ ସିନେମାରେ ଏକ ନୂଆ ଧାରା ସୃଷ୍ଟି କରିବ। ମୋ ମତରେ ଏଭଳି କାହାଣୀକୁ ନେଇ ଖୁବ୍ ସୁନ୍ଦର ସୁନ୍ଦର ଓଡ଼ିଆ ସିନେମା ନିର୍ମାଣ କରାଯାଇପାରିବ। ମୋର ପ୍ରଥମ ଦୁଇଟି ସିନେମା 'କଥା ଦେଲି ମଥା ଛୁଇଁ' ଏବଂ 'ଯୋଗୀ'ରେ ଯେଉଁ ଦୋଷତ୍ରୁଟି ରହିଥିଲା, ତାହାକୁ ଏହି ଫିଲ୍ମରେ ସୁଧାରି ନେଇଛି। ରେଞ୍ଜ୍ ରୟାଲ ସିନେ ଲ୍ୟାବ୍ ବ୍ୟାନରରେ ଓଡ଼ିଆ, ତାମିଲ, ତେଲୁଗୁ ଭାଷାରେ ଏହି ଫିଲ୍ମ ପ୍ରସ୍ତୁତ ହେଉଛି, ଯାହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ତଥା ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ରାଜେଶ ଟଚରିଭର। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ମନୋଜ ମିଶ୍ର, ବଲିଉଡ୍ ଅଭିନେତା ଅତୁଲ କୁଲକର୍ଣ୍ଣି, ତେଲୁଗୁ ଅଭିନେତା ସିଜୁ, ତନଲିଖା ଭର୍ଣ୍ଣି, ଅନୁ ଚୌଧୁରୀ ଏବଂ ପୁଷ୍ପା ପଣ୍ଡା ପ୍ରମୁଖ ଅଭିନୟ କରିଛନ୍ତି।

ନୂଆ ସିନେମା

## ରାବଣ

'ରାବଣ' ଟାଇଟଲକୁ ନେଇ ଏକ ନୂଆ ଓଡ଼ିଆ ସିନେମା ନିର୍ମିତ ହେବାକୁ ଯାଉଛି। ଏହାର ବିଷୟବସ୍ତୁ ରୋମାଣ୍ଟିକ୍-କମେଡି ଉପରେ ଆଧାରିତ। ତେବେ ଏପରି କାହାଣୀରେ ରାବଣର ଭୂମିକା କ'ଣ ରହୁଛି, ତାହା ହିଁ ଅସଲ କଥା। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ, ସଂଳାପ ସହ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ସମ୍ଭାଳୁଛନ୍ତି ନିରଞ୍ଜନ ବେହେରା। ଚଳଚ୍ଚିତ୍ର ସମ୍ପର୍କରେ ସେ କହନ୍ତି, 'ଏହା ସମ୍ପୂର୍ଣ୍ଣ ଭାବେ ଏକ ମୌଳିକ କାହାଣୀ। ଏଥିରେ ଲଭ୍, ଇମୋଶନ, କମେଡି, ଆକ୍ସନ- ସବୁକିଛି ରହିଛି। ତେବେ ଏହାର ଟାଇଟଲ ଭୂମିକାରେ କିଏ ଅଭିନୟ କରିବ ତାହା ଖୋଜାଚାଲିଛି।' ଅପରପକ୍ଷରେ ଖୁବ୍‌ଶୀଘ୍ର କାଷ୍ଟିଂ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଉକ୍ତ ସିନେମାର ପ୍ରଯୋଜକ ସ୍ମୃତିରଞ୍ଜନ ବିଶ୍ୱାଳ। ଖୁସି କ୍ରିଏଶନ୍ସ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା 'ରାବଣ'ରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଅଭିଜିତ୍ ମଜୁମ୍‌ଦାର।

# କିଏ କେଉଁଠି

ଅପେରା ହାଲ୍‌ଚାଲ୍

**ଆସନ୍ତା ଯାତ୍ରା ସିଜନ ପାଇଁ ପ୍ରାୟ ଅଧିକାଂଶ ଅପେରା ପାର୍ଟିର ଆଖଡ଼ା ଆରମ୍ଭ ହୋଇଯାଇଛି। କଳାକାରଙ୍କ ଏପଟସେପଟ ପ୍ରକ୍ରିୟା ମଧ୍ୟ ଶେଷହୋଇଛି। ଆସନ୍ତା ଯାତ୍ରା ସିଜନରେ କେତୋଟି ପାର୍ଟିର ପ୍ରମୁଖ କଳାକାରଙ୍କ ସମ୍ପର୍କରେ ସୂଚନା...**

**କୋଣାର୍କ ଗଣନାଟ୍ୟ:** ଦଇତାରୀ ପଣ୍ଡା, ରତି-ମିଟୁନା, ରୁଦ୍ର, ନଳିନୀ, ଜିତୁ, ଅକ୍ଷୟ ସାହୁ ଏବଂ ବସନ୍ତ।


ଲକ୍ଷ୍ମୀଧର


ଗୌର

**ଅପେରା ସୂର୍ଯ୍ୟମହଲ:** ବିନୋଦ-ବେବିନା, ପୀୟୂଷ ତ୍ରିପାଠୀ, ରୂପଶ୍ରୀ, ସାଇସୁରଜ, ବାପି-ଟୁକୁ, ବ୍ରଜ ପାଣି, ତାରିଣୀ, ବିରଞ୍ଚି, ସୁଧାଂଶୁ, ଦୀପକ ବସୁ, ଆକାଶ ନନ୍ଦ।

**ଯାତ୍ରା ସ୍ୱପ୍ନମହଲ:** ଲରେନ୍ସ, ଜୁନିୟର ବାବୁସାନ୍, ଦୟା, ଜଜନ, ଜିନା, ଲକ୍ଷ୍ମୀଧର, ଟିକିଲି, ବିନ୍ନି, ରିଙ୍କି, ସରୋଜ ମହାପାତ୍ର ଏବଂ ତ୍ରିଲୋଚନ।

**ଯାତ୍ରା ରଙ୍ଗମହଲ:** ସୁବାସ ବେହେରା, ମାମା-ଗୁନ୍ନ, ଟାହିଆ-ମାମା, ବାସୁ ମହାନ୍ତି, ରମାକାନ୍ତ, ଭରତ, ଗୁରୁ ଏବଂ ମାନସୀ।

**ଅପେରା ସ୍ୱର୍ଣ୍ଣମହଲ:** ଅଜୁ-ଅପ୍ପୁ, କାବେରୀ, ହାପି କର, ଜ୍ଞାନ, ଚିତ୍ତ-ଅନିମା, ପ୍ରତାପ (କମେଡି), କୁନା, ଜିନୁ ଏବଂ ରୂପା।

**ଶିବାନୀ ଗଣନାଟ୍ୟ:** ଟିକି-କାହ୍ନା, ଝୁନା, ରୀନା, ତପନ, ରୋହନ, ସୁଶାନ୍ତ, ଗୌରାଙ୍ଗ ସେନାପତି, କବିତା ଏବଂ ଭିକାରୀ, ଶଶୀ।

**ଧଉଳି ଗଣନାଟ୍ୟ:** ଗୌର ଦାସ, ମୁନ୍ନା-ନମିତା, ରାଧା, ମିଲନ୍, ନରି ପଣ୍ଡା, ଲୋକନାଥ ଲେଙ୍କା ଏବଂ ସୁର-ରଞ୍ଜି।

**ବାଘାଯତୀନ ଲୋକନାଟ୍ୟ:** ବାପି ପଣ୍ଡା, ମୁନୁ ପଣ୍ଡା, ଟୁଟୁ-ମନ୍ଦାକିନୀ, ତମସା, ଯତୀନ, ପିଙ୍କି, ରତି ଏବଂ ନବ ଘୋଷ।

**ବିଶ୍ୱ ଦରବାର:** ଦୀପ୍ତି, ଶଂଖାଳି, ଶୁଭେନ୍ଦୁ-ଟିକିନା, ଗୌର-ସୁକାନ୍ତି, ମାଟନ, କୁନି, ହରିଆ, ଆଦିକନ୍ଦ ଏବଂ ଶୁଭେନ୍ଦୁ-କୁନି।


ସୁବାସ-ମାମା


ବିନୋଦ-ବେବିନା

## ସବୁ କଥା ମୋ ପାଇଁ ଚ୍ୟାଲେଞ୍ଜ୍


ଜନ୍ମେଜୟ

ନବାଗତ ପ୍ରଯୋଜକ ଜନ୍ମେଜୟ ଡଗରା ନିର୍ମାଣାଧୀନ ଓଡ଼ିଆ ସିନେମା 'ବାଜିବ ଲୋ ସାହାନାଇ'କୁ ନେଇ ବେଶ୍ ଉତ୍ସାହିତ। 'ମୋର ଜନ୍ମ ଏକ କଳାକାର ପରିବାରରେ। ଥରେ ମୋର ଅନ୍ତରଙ୍ଗ ବନ୍ଧୁ ତଥା ମୋ ଫିଲ୍ମର ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ରଙ୍କ ସହ ଦେଖାଦେଲା। କଥାବାର୍ତ୍ତା ଭିତରେ ଓଡ଼ିଆ ସିନେମା କଥା ପଡ଼ିଲା। ଏଥିପ୍ରତି ମୋର ଆଗ୍ରହ ଦେଖି ସେ ମୋତେ ଆହୁରି ଉତ୍ସାହିତ କରିଥିଲେ। ଫଳସ୍ୱରୂପ ମୋର ସିନେମା ଦୁନିଆରେ ଏଣ୍ଟ୍ରି ହୋଇଛି। କେବଳ ଏହାର କାହାଣୀ ନୁହେଁ, ସଂଳାପ, ସଙ୍ଗୀତ, କଳାକାର ଚୟନ ଏବଂ ଉପସ୍ଥାପନା ସବୁ ଦିଗକୁ ମୁଁ ସ୍ୱତନ୍ତ୍ର ଦୃଷ୍ଟି ଦେଇଛି। ଏହାର ଗୀତଗୁଡ଼ିକୁ ବଲିଉଡ୍‌ର ନାମୀ ଗାୟିକା-ଗାୟକ ଗାଇବାର ଯୋଜନା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସବୁ କଥାକୁ ମୁଁ ଚ୍ୟାଲେଞ୍ଜ୍ ଭାବେ ନେଇଥାଏ। ଏହି ଫିଲ୍ମଟି ମଧ୍ୟ ମୋ ପାଇଁ ଏକ ଚ୍ୟାଲେଞ୍ଜ୍ ବୋଲି କହନ୍ତି ସେ।'

| Dollar | Sensex | Nifty | Gold | Silver |
|---|---|---|---|---|
| 69.15 (21) | 39,592.08 (157.11) | 11,847.55 (51.10) | 34,170.00 (₹300) | 38,700.00 (₹500) |



ଆଗାମୀ ୨ ବର୍ଷରେ ରେଲୱେର ବ୍ରଡଗଜ୍ ନେଟୱର୍କକୁ ବିଦ୍ୟୁତୀକରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

– ପୀୟୂଷ ଗୋୟଲ, କେନ୍ଦ୍ର ରେଳ ମନ୍ତ୍ରୀ



ଦେଶରେ ଲୁହା ପଥରର ଅଭାବ ନାହିଁ। ଗତ ବର୍ଷ ୨୦୬.୪ ନିୟୁତ ଟନ୍ ଲୁହା ପଥର ଉତ୍ତୋଳନ ହୋଇଛି।

– ପ୍ରହଲାଦ ଜୋଷୀ, କେନ୍ଦ୍ର ଖଣି ମନ୍ତ୍ରୀ

# ଦେଶରେ ସଂରକ୍ଷିତ ରହିବ ପେମେଣ୍ଟସ ଡାଟା

**ମୁମ୍ବାଇ,୨୬-୬**

ଘରୋଇ ବଜାରରେ ପେମେଣ୍ଟସ ସଂକ୍ରାନ୍ତ ସମସ୍ତ ଡାଟା କେବଳ ଦେଶ ମଧ୍ୟରେ ସଂରକ୍ଷିତ ହୋଇ ରହିବା ଆବଶ୍ୟକ। ଯଦି କୌଣସି କ୍ଷେତ୍ରରେ ଡାଟା ବିଦେଶକୁ ପ୍ରୋସେସ ହୋଇଥାଏ ତେବେ ତାହା ୨୪ ଘଣ୍ଟା ମଧ୍ୟରେ ଦେଶ ମଧ୍ୟକୁ ଆଣିବା ଉପରେ ପଦକ୍ଷେପ ନେବା ଉଚିତ ବୋଲି ବୁଧବାର ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ସ୍ପଷ୍ଟ କରିଛି। ପେମେଣ୍ଟ ସିଷ୍ଟମ ଅପରେଟର୍ସ (ପିଏସ୍‌ଓ)ଗୁଡ଼ିକର କାର୍ଯ୍ୟ ପରିଚାଳନାରେ ଉପୁଜିଥିବା ଦ୍ୱନ୍ଦ୍ୱକୁ ଦୂରକରିବା ଲାଗି ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏଭଳି କୁହାଯାଇଛି। ଡାଟାର ପରିଚାଳନା ନେଇ ଆର୍‌ବିଆଇ 'ଷ୍ଟୋରେଜ ଅଫ୍ ପେମେଣ୍ଟ ସିଷ୍ଟମ ଡାଟା' ସଂକ୍ରାନ୍ତ ଫାକ୍ସ ଜାରି କରିଥିଲା। ପେମେଣ୍ଟ ସିଷ୍ଟମରେ କାର୍ଯ୍ୟ କରୁଥିବା ସମସ୍ତ ଅଂଶୀଦାର ୬ ମାସ ମଧ୍ୟରେ ସେମାନଙ୍କ ସିଷ୍ଟମ ଡାଟାକୁ ଭାରତରେ ସଂରକ୍ଷିତ କରିବାକୁ ରିଜର୍ଭ ବ୍ୟାଙ୍କ ୨୦୧୮ ଏପ୍ରିଲରେ ନିର୍ଦ୍ଦେଶ ଦେଇଥିଲା।

ପିଏସ୍‌ଓଗୁଡ଼ିକ ବିଦେଶରେ ପେମେଣ୍ଟ ଡାଟା ପ୍ରୋସେସିଂ ନେଇ ଇଚ୍ଛୁକ ଥିବା ବେଳେ ଫାକ୍ସରେ ଏହାର ବାରଣ କରାଯାଇଥିଲା। ଯଦିଓ ପ୍ରୋସେସିଂ ପରେ ପରେ ଡାଟା ଭାରତରେ ଷ୍ଟୋର ହୋଇ ପାରିବ ବୋଲି ଆର୍‌ବିଆଇ କହିଛି। ସେହିଭଳି ସମ୍ପୂର୍ଣ୍ଣ ଏଣ୍ଡଟୁଏଣ୍ଡ ଟ୍ରାଞ୍ଜାକଶନ ବିବରଣୀ ଡାଟାର ଅଂଶବିଶେଷ ବୋଲି ଆର୍‌ବିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଯଦି କୌଣସି ସଂସ୍ଥା ବିଦେଶରେ ଡାଟାର ପ୍ରୋସେସିଂ କରିଥାନ୍ତି ତେବେ ତାଙ୍କୁ ସେଠାରୁ ଡାଟାକୁ ସମ୍ପୂର୍ଣ୍ଣ ହଟାଇବାକୁ ପଡ଼ିବ। ଏହାକୁ ତୁରନ୍ତ ଭାରତକୁ ଆଣିବାକୁ ହେବ। ଏହା ଗୋଟିଏ ବାଣିଜ୍ୟ ଦିବସରୁ ଅଧିକ ନ ହେବା ଆବଶ୍ୟକ କିମ୍ବା ପେମେଣ୍ଟ ପ୍ରୋସେସିଂ ହେବାର ୨୪ ଘଣ୍ଟା ମଧ୍ୟରେ ଏହାକୁ ସଂସ୍ଥାଗୁଡ଼ିକ ପାଳନ କରିବା ଲାଗି ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶରେ କହିଛି। ଡାଟା ପ୍ରୋସେସିଂ ନେଇ ସରକାର ଆଣିଥିବା ବିଭିନ୍ନ ନିୟମକୁ ନେଇ ବିଦେଶୀ କମ୍ପାନୀଗୁଡ଼ିକ ବିରୋଧ କରୁଛନ୍ତି। ବିଭିନ୍ନ ଇ-କମର୍ସ ଫାର୍ମଗୁଡ଼ିକ ଗତମାସରେ ଏ ନେଇ ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟିଥିବାବେଳେ ସେମାନଙ୍କ ଅଭିଯୋଗ ରଖିଛନ୍ତି।





- ସ୍ପଷ୍ଟ କଲା ରିଜର୍ଭ ବ୍ୟାଙ୍କ
- ପିଏସ୍‌ଓଗୁଡ଼ିକର ଦ୍ୱନ୍ଦ୍ୱ ଦୂରକଲା ଆର୍‌ବିଆଇ
- ଦେଶ ମଧ୍ୟରେ ଡାଟା ସଂରକ୍ଷଣ ଲାଗି ନିର୍ଦ୍ଦେଶ ରହିଥିଲା

## କ୍ଷୁଦ୍ର ଶିଳ୍ପକୁ ମିଳୁ ୧୫,୦୦୦ କୋଟି: ଆର୍‌ବିଆଇ ପ୍ୟାନେଲ

ଦେଶର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକୁ ଆର୍ଥିକ ସହାୟତା ବାବଦକୁ ୧୫୦୦୦ କୋଟି ଟଙ୍କା ପ୍ରଦାନ କରିବାର ଆବଶ୍ୟକତା ରହିଛି। ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ସମସ୍ୟା ସମାଧାନ ପାଇଁ ଆର୍‌ବିଆଇ ପକ୍ଷରୁ ୟୁ.କେ. ସିହ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ସରକାରଙ୍କୁ ଏଭଳି ପ୍ରସ୍ତାବ ଦେଇଛି। ଦେଶର ମୋଟ ରପ୍ତାନି କ୍ଷେତ୍ରରେ ଏହି ଶିଳ୍ପଗୁଡ଼ିକର ଅଂଶ ୪୦% ରହିଥିବା ବେଳେ ଏମାନେ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କମିଟି କହିଛି। ଏହି କ୍ଷେତ୍ର ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବାରୁ ଅର୍ଥନୀତିକୁ ଶିଳ୍ପଗୁଡ଼ିକର ଯୋଗଦାନ ମଧ୍ୟ ହ୍ରାସ ହୋଇଥିବା ଆର୍‌ବିଆଇର ୯ ସଦସ୍ୟ ବିଶିଷ୍ଟ କମିଟି ଏହାର ରିପୋର୍ଟରେ ଉଲ୍ଲେଖ କରିଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ନିବେଶ କରୁଥିବା ଭେଞ୍ଚର କ୍ୟାପିଟାଲ ଏବଂ ଇକ୍ୱିଟି ଫାର୍ମଗୁଡ଼ିକୁ ଫଣ୍ଡ ଅଫ୍ ଫଣ୍ଡ (ଏଫ୍‌ଓଏଫ୍) ବାବଦରେ ୧୦,୦୦୦ କୋଟି ଟଙ୍କାର ସହାୟତା, ପ୍ରଭାବିତ ୟୁନିଟ ଗୁଡ଼ିକର ପୁନରୁଦ୍ଧାର ଲାଗି ଏକ ଡିଷ୍ଟ୍ରେସ ପାଣ୍ଠି ବାବଦରେ ୫,୦୦୦ କୋଟି ଟଙ୍କା ପ୍ରଦାନ ଭଳି ଅନ୍ୟ ପ୍ରସ୍ତାବ ଉପରେ କମିଟି ଗୁରୁତ୍ୱାରୋପ କରିଛି।

# ୫୧ ଗ୍ରାହକଙ୍କୁ ଭିଟାରା ବ୍ରିଜା ଡେଲିଭରି ଦେଲା ମାରୁତି ସୁଜୁକି





**ଭୁବନେଶ୍ୱର,୨୬-୬(ବ୍ୟୁରୋ)**

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ ପକ୍ଷରୁ ଏହାର ଲୋକପ୍ରିୟ ଏସ୍‌ୟୁଭି ମଡେଲ 'ଭିଟାରା ବ୍ରିଜା'ର ସମୂହ ଡେଲିଭରି ପ୍ରଦାନ କରାଯାଇଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଭିଭେକ ସରୋଦ ୫୧ ଗ୍ରାହକଙ୍କୁ ଏହି ମଡେଲର ଚାବି ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ସଡ଼କ ସୁରକ୍ଷା ଏବଂ ଯାନର ଯତ୍ନ ନେଇ ଏକ ସେସନ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ଲୋକ ଅଂଶ ଗ୍ରହଣ କରିଥିଲେ। କମ୍ପାନୀ ସାରା ଦେଶରେ ମାସିକ ୧୨,୩୦୦ରୁ ଊର୍ଦ୍ଧ୍ୱ ୟୁନିଟ ଯାନ ବିକ୍ରି କରୁଛି। ଗତ ଆର୍ଥିକ ବର୍ଷରେ କମ୍ପାନୀ ୧.୫ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛି। ବଜାରକୁ ଆସିବା ପରେ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ୩.୫ ଲକ୍ଷ ୟୁନିଟରୁ ଅଧିକ ଯାନ ଗ୍ରାହକଙ୍କୁ ହସ୍ତାନ୍ତର କରିଛି। ମଡେଲଟିର ନୂଆ ଏଜିଏସ୍ ଭାରିଆଣ୍ଟ ବଜାରକୁ ଆସିଥିବା ବେଳେ ଏହା ଗ୍ରାହକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହେଉଥିବା ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ସୂଚନା ରହିଛି।

## ସଂକ୍ଷେପରେ

### ୨ ବର୍ଷ ବଢ଼ିଲା ଅମିତାଭ କାନ୍ତଙ୍କ କାର୍ଯ୍ୟକାଳ



**ନୂଆଦିଲ୍ଲୀ,୨୬-୬:** ନୀତି ଆୟୋଗ ସିଇଓ ଭାବେ କାର୍ଯ୍ୟ କରୁଥିବା ଅମିତାଭ କାନ୍ତଙ୍କ କାର୍ଯ୍ୟକାଳକୁ ସରକାର ଆଉ ୨ ବର୍ଷ ବୃଦ୍ଧି କରିଛନ୍ତି। ୨୦୨୧ ଜୁନ ୩୦ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି। କ୍ୟାବିନେଟର ନିଯୁକ୍ତି କମିଟି କାନ୍ତଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ବୁଧବାର ମଞ୍ଜୁରୀ ଦେଇଛନ୍ତି। ୨୦୧୬ ଫେବୃୟାରୀ ୧୭ରେ ସେ ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗର ସିଇଓ ଭାବେ ନିଯୁକ୍ତ ହୋଇଥିଲେ। ୨ ବର୍ଷ ଲାଗି ତାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଏହାକୁ ବୃଦ୍ଧି କରାଯାଇ ୨୦୧୯ ଜୁନ ୩୦ କରାଯାଇଥିଲା। ନୀତି ଆୟୋଗ ସିଇଓ ଭାବେ ନିଯୁକ୍ତ ହେବା ଆଗରୁ ସେ ଶିଳ୍ପ ନୀତି ଏବଂ ପ୍ରୋତ୍ସାହନ ବିଭାଗର ସଚିବ ଭାବେ କାର୍ଯ୍ୟ କରୁଥିଲେ। କେନ୍ଦ୍ର ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟ ଅପ୍ ଇଣ୍ଡିଆ, ଇନକ୍ରେଡିବଲ ଇଣ୍ଡିଆ ଏବଂ ଗଡ୍‌ସ ଓନ୍ କଣ୍ଟ୍ରି ଭଳି ପଦକ୍ଷେପ ଆଣିବା ପଛରେ ଅମିତାଭ କାନ୍ତ ଜଣେ ପ୍ରମୁଖ ବ୍ୟକ୍ତି। ଅତିଥି ଦେବୋ ଭବ ଏବଂ ଗେଷ୍ଟ ଇଜ ଗଡ କ୍ୟାମ୍ପେନ ମଧ୍ୟ ସେ ପରିକଳ୍ପନା କରିଥିଲେ। ଏହା ଦ୍ୱାରା ପର୍ଯ୍ୟଟନର ଉନ୍ନତୀକରଣ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା। କାନ୍ତ ଦିଲ୍ଲୀର ମଡର୍ନ ସ୍କୁଲରୁ ପ୍ରାଥମିକ ଶିକ୍ଷା, ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ସେଣ୍ଟ ଷ୍ଟିଫେନ୍ସ କଲେଜରୁ ଅର୍ଥନୀତିରେ ସ୍ନାତକ ଏବଂ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି।

### ବନ୍ଦ ହେବନି ବିଏସ୍‌ଏନ୍‌ଏଲ୍





**ନୂଆଦିଲ୍ଲୀ,୨୬-୬:** ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍ ବନ୍ଦ ହେବ ନାହିଁ। ଏହି କମ୍ପାନୀଗୁଡ଼ିକର ପୁନରୁଦ୍ଧାର ଲାଗି ବିସ୍ତୃତ ଯୋଜନା ବର୍ତ୍ତମାନ ପ୍ରସ୍ତୁତ ହେଉଛି। ବୁଧବାର ଟେଲିକମ୍ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଲୋକ ସଭାରେ ଏହି ସୂଚନା ଦେଇଛନ୍ତି। ଦୁଇ କମ୍ପାନୀର ପୁନରୁଦ୍ଧାର ଯୋଜନା ପ୍ରସ୍ତୁତ ଲାଗି ଆଇଆଇଏମ୍ ଅହମ୍ମଦାବାଦ ଏବଂ ଡିଲଏଟକୁ ନିଯୁକ୍ତ କରାଯାଇଥିବା ପ୍ରସାଦ କହିଛନ୍ତି। ଟେଲିକମ୍ ଶିଳ୍ପରେ ଟାରିଫ୍ ୱାର ଯୋଗୁ ଏହି କମ୍ପାନୀଗୁଡ଼ିକ ବର୍ତ୍ତମାନ ପ୍ରଭାବିତ ସ୍ଥିତିରେ ରହିଛନ୍ତି। ଆର୍ଥିକ ଆବଶ୍ୟକତା ପୂରଣ କରିବା ଲାଗି ଏମାନେ ଟେଲିକମ୍ ବିଭାଗକୁ ପ୍ରସ୍ତାବ ଦେଇଛନ୍ତି। ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଟେଲିକମ୍ ନେଟ୍‌ୱର୍କ ପାଇଁ ବିଏସ୍‌ଏନ୍‌ଏଲ୍ ଟାୱାର ବ୍ୟବହାର, ଆଣ୍ଡାମାନ ନିକୋବର, ଲାକ୍ଷାଦୀପରେ ଟେଲିକମ୍ ସେବାର ଉନ୍ନତିକରଣ ପାଇଁ ଏହି ନେଟ୍‌ୱର୍କ ବ୍ୟବହାର କରାଯାଉଥିବା ସେ ସୂଚନା ଦେଇଛନ୍ତି। କର୍ମଚାରୀଙ୍କ କୌଣସି ବେତନ ବାକି ନ ଥିବା ପ୍ରସାଦ କହିଛନ୍ତି।

### ସିପେଟ୍‌ରେ ନିଯୁକ୍ତିଭିତ୍ତିକ ଶିକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର,୨୬-୬:** ସିପେଟ୍ ପକ୍ଷରୁ ପ୍ଲାଷ୍ଟିକ କ୍ଷେତ୍ରରେ ଡକ୍ଟରେଟରୁ ଆରମ୍ଭ କରି ସ୍ୱଳ୍ପ ମାସିକ ଷ୍ଟିଲ ଡେଭେଲପମେଣ୍ଟ ପର୍ଯ୍ୟନ୍ତ ନିଯୁକ୍ତିଭିତ୍ତିକ ସମସ୍ତ ଶିକ୍ଷାର ବ୍ୟବସ୍ଥା ରହିଛି। ଏହାର ନିଆରା ଟ୍ରେଡ୍, ପ୍ରାକ୍ଟିକାଲ ଓରିଏଣ୍ଟେଡ କୋର୍ସ, ପ୍ଲାଷ୍ଟିକ କ୍ଷେତ୍ରରେ ରିସର୍ଚ୍ଚ ଏବଂ ଡେଭେଲପମେଣ୍ଟ ବିଶେଷିକରଣ ପାଇଁ ଏହା ନିଯୁକ୍ତି ଦେବାରେ ସକ୍ଷମ ହୋଇପାରିଛି। ସିପେଟ୍ ପକ୍ଷରୁ ୩ ବର୍ଷିଆ ଡିପ୍ଲୋମା ଇନ ପ୍ଲାଷ୍ଟିକ ମୋଲ୍ଡ ଟେକ୍ନୋଲୋଜି (ଡିପିଏମ୍‌ଟି), ଡିପ୍ଲୋମା ଇନ ପ୍ଲାଷ୍ଟିକ ଟେକ୍ନୋଲୋଜି (ଡିପିଟି) ଏବଂ ଦେଢ଼ବର୍ଷିଆ ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ଇନ ପ୍ଲାଷ୍ଟିକ ପ୍ରୋସେସିଂ ଟେକ୍ନୋଲୋଜି (ପିଜିଡି-ପିପିଟି) ଟ୍ରେଡରେ ଟ୍ରେନିଂ ଦିଆଯାଉଛି। ବର୍ତ୍ତମାନ ସିପେଟ୍ (ଜେଇଇ) ୨୦୧୯ରେ ଅନ୍‌ଲାଇନ ରେଜିଷ୍ଟ୍ରେସନ ପ୍ରକ୍ରିୟା ୩୦ ଜୁନ୍ ପର୍ଯ୍ୟନ୍ତ ଚାଲୁ ରହିବ। ସିପେଟ୍ ଜେଇଇ ଏଣ୍ଟ୍ରାନ୍ସ ଜୁଲାଇ ୨୦୧୯କୁ ନିର୍ଦ୍ଧାରଣ କରାଯାଇଛି। ସିପେଟ୍ ତାହାର ପ୍ଲାଷ୍ଟିକ ମୋଲ୍ଡିଂ ଟେକ୍ନୋଲୋଜି ଉପରେ ଏହି ସ୍ୱତନ୍ତ୍ର ଡିପ୍ଲୋମା ଦେଉଥିବାବେଳେ ଚଳିତବର୍ଷ ବହୁ ମାତ୍ରାରେ ଛାତ୍ରୀଛାତ୍ର ଏଥିରେ ଆବେଦନ କରିବେ ବୋଲି ପ୍ରତିଷ୍ଠାନ ପକ୍ଷରୁ ଆଶା କରାଯାଉଛି।

# ଡିଜିଟାଲ ବ୍ୟାଙ୍କିଙ୍ଗ୍ ନେଟ୍‌ୱର୍କ ଦୃଢ଼ କରୁଛି ବିଓଆଇ:ସିଇଓ

**ଭୁବନେଶ୍ୱର,୨୬-୬(ବ୍ୟୁରୋ)**





ଲୋକଙ୍କ ବ୍ୟାଙ୍କିଂ ଚାହିଦା ଦିନକୁ ଦିନ ପରିବର୍ତ୍ତନ ହେଉଥିବା ବେଳେ ଏହାକୁ ଧ୍ୟାନରେ ରଖି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ଡିଜିଟାଲ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ବ୍ୟାଙ୍କ ଷ୍ଟାର ପଏଣ୍ଟ ବିସି ନେଟ୍‌ୱର୍କ ଭଳି ଡିଜିଟାଲ ପଦକ୍ଷେପ ଦ୍ୱାରା ସାରା ଦେଶରେ ଡୋର୍‌ଷ୍ଟେପ ବ୍ୟାଙ୍କିଙ୍ଗକୁ ପ୍ରୋତ୍ସାହିତ କରୁଛି। ବ୍ୟାଙ୍କ ନିକଟରେ ୨୦୦୦ ଷ୍ଟାର ପଏଣ୍ଟ ବିସି ନେଟ୍‌ୱର୍କ ରହିଛି। ଓଡ଼ିଶାରେ ଏହାର ସଂଖ୍ୟା ୩୦୦ ରହିଥିବା ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଦୀନବନ୍ଧୁ ମହାପାତ୍ର ବୁଧବାର ସୂଚନା ଦେଇଛନ୍ତି। ସେ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଫନୀ ପ୍ରଭାବିତ ଲୋକଙ୍କ ଲାଗି ରିଲିଫ ପାଣ୍ଠିକୁ ୬.୬୧ କୋଟି ଟଙ୍କାର ଆର୍ଥିକ ସହାୟତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ପ୍ରଦାନ କରିଛନ୍ତି।

ମହାପାତ୍ର କହିଛନ୍ତି ଯେ, ରାଜ୍ୟରେ ବ୍ୟାଙ୍କ ୨୫୬ ଶାଖା ସହ ସେବା ଯୋଗାଉଛି। ଫନୀରେ ପ୍ରଭାବିତ ଗ୍ରାହକଙ୍କ ଋଣ ପୁନର୍ଗଠନ ଦିଗରେ ବ୍ୟାଙ୍କ ପଦକ୍ଷେପ ନେଉଛି। ୨୦-୨୫% ଋଣ ଅଭିବୃଦ୍ଧି ଆଶାବାଦୀ ରହିଥିବା ମହାପାତ୍ର କହିଛନ୍ତି। ରାଜ୍ୟରେ ଏନ୍‌ପିଏ ଆକାଉଣ୍ଟଗୁଡ଼ିକର ଋଣ ସମାଧାନ ଲାଗି ନନ୍ଦିଘୋଷ ଯୋଜନା ହାତକୁ ନିଆଯାଇଛି। ଏହାର ଲାଭ ନେଇ ଲୋକମାନେ ସହଜ କିସ୍ତିରେ ଋଣ ଶୁଝିବା ସହ ଋଣମୁକ୍ତ ହୋଇପାରିବେ। ୨୦୧୮-୧୯ ଆର୍ଥିକ ବର୍ଷ ଚତୁର୍ଥ ତ୍ରୈମାସରେ ବ୍ୟାଙ୍କ ୨୫୨ କୋଟି ଟଙ୍କା ଲାଭ କରିଛି। ରାଜ୍ୟରେ ମୋଟ କାରବାର ୧୨,୦୦୦ କୋଟିଟଙ୍କା ରହିଛି। ୨୦୧୮-୧୯ରେ ଏହା ୧୬୦୦ କୋଟି ଋଣ ଦିଆଯାଇଛି। ପିଏସ୍‌ବି-୫୯ ମିନିଟ ଋଣ ଯୋଗାଣରେ ପରମ୍ପରମାନ୍ୱ ଉନ୍ନତ ରହିଥିବା ମହାପାତ୍ର କହିଛନ୍ତି।

## ଷ୍ଟର୍ଲିଂ ବାୟୋଟେକ୍‌ର ୯୭୭୮ କୋଟି ଟଙ୍କାର ସମ୍ପତ୍ତି ଜବତ

**ନୂଆଦିଲ୍ଲୀ,୨୬-୬**

ବ୍ୟାଙ୍କ ଠକେଇ ମାମଲାରେ ସମ୍ପୃକ୍ତି ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଷ୍ଟର୍ଲିଙ୍ଗ ବାୟୋଟେକ୍ ଗ୍ରୁପର ୯୭୭୮ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ନାଇଜେରିଆର ତୈଳ ବିଜ୍‌ନେସ ସମେତ ଜାହାଜ ବାଣିଜ୍ୟ, ବିଜ୍‌ନେସ ଜେଟ ଏବଂ ଲଣ୍ଡନରେ ପ୍ଲସ ପ୍ଲାଟ ଜବତ ସମ୍ପତ୍ତି ମଧ୍ୟରେ ସାମିଲ ରହିଥିବା ବୁଧବାର ଇଡି ପକ୍ଷରୁ ସୂଚନା ଦିଆଯାଇଛି। ଗୁଜରାଟ ଭିତ୍ତିକ ଏହି ଫାର୍ମା କମ୍ପାନୀ ବିରୋଧରେ ବେଆଇନ ଅର୍ଥ କାରବାର ନିରୋଧ ଆଇନ (ପିଏମ୍‌ଏଲ୍‌ଏ)ରେ ସମ୍ପତ୍ତି ଜବତ ଲାଗି ଅର୍ଡର ଜାରି କରାଯାଇଥିବା ଇଡି ପ୍ରକାଶ କରିଛି। ଏହା ସବୁଠାରୁ ବଡ଼ ସମ୍ପତ୍ତି ଜବତ ମାମଲା ହୋଇଥିବା ବେଳେ ଅଧିକାଂଶ ସମ୍ପତ୍ତି ବିଦେଶରେ ରହିଛି। ଏହି କମ୍ପାନୀର ପ୍ରମୋଟର ନୀତିନ ସନ୍ଦେସରା, ଚେତନ ସନ୍ଦେସରା ଏବଂ ଦିପ୍ତୀ ସନ୍ଦେସରା ରହିଛନ୍ତି।

# ଟ୍ରାଫିକ ଟ୍ରେନିଂ ପାର୍କର ପୂର୍ତ୍ତି ପାଳିଲା ହୋଣ୍ଡା





**ଭୁବନେଶ୍ୱର,୨୬-୬**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଏସ୍‌ଆଇ) ଭୁବନେଶ୍ୱର ଏବଂ କଟକସ୍ଥିତ ଟ୍ରାଫିକ ଟ୍ରେନିଂ ପାର୍କର ପଞ୍ଚମ ବର୍ଷ ପୂର୍ତ୍ତି ପାଳନ କରିଛି। ସ୍ଥାନୀୟ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ସହ ମିଳିତ ଭାବେ କମ୍ପାନୀ ପୂର୍ତ୍ତି ପାଳନ କରିଥିବା ସୂଚନା ଦେଇଛି। କାର୍ଯ୍ୟକ୍ରମରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଅନୀଲ କୁମାର ସାମଲ, ଭୁବନେଶ୍ୱର-୧ ଆଞ୍ଚଳିକ ପରିବହନ ଅଧିକାରୀ ପି.କେ. ମହାନ୍ତି, ଭୁବନେଶ୍ୱର-୨ ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବେହେରା ଉପସ୍ଥିତ ଥିଲେ। ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ କମ୍ପାନୀ ପକ୍ଷରୁ ନିରାପତ୍ତା ସମର କ୍ୟାମ୍ପ ଏହି ଅବସରରେ ଶୁଭାରମ୍ଭ ହୋଇଥିଲା। ଗତ ୫ ବର୍ଷରେ କମ୍ପାନୀ ୨ ଲକ୍ଷରୁ ଅଧିକ ଲୋକଙ୍କୁ ସଡ଼କ ସୁରକ୍ଷା ନେଇ ହୋଣ୍ଡା ସଚେତନ କରାଇଛି। ସେହିଭଳି ଡ୍ରିମ ରାଇଡିଂ ପଦକ୍ଷେପ ଦ୍ୱାରା ୮,୦୦୦ ମହିଳାଙ୍କୁ ୨ ଚକିଆ ଯାନ ଚାଳନା ନେଇ ତାଲିମ ଦିଆଯାଇଛି। ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି କରିବା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ହୋଣ୍ଡା ମୋଟରସାଇକେଲ ସ୍କୁଟର ଇଣ୍ଡିଆର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

## ଅର୍ଥର ଅର୍ଥ

# ବ୍ୟକ୍ତିଗତ ସ୍ୱାସ୍ଥ୍ୟବୀମା କିଣିବା ଜରୁରୀ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

▶ ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସି ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟବୀମା ପଲିସି ମଧ୍ୟରେ ତଫାତ୍ କ'ଣ ରହିଛି। ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସିର ପ୍ରିମିୟମ ରାଶି ଏତେ କମ ପ୍ରିମିୟମ କାହିଁକି ରହୁଛି। ମୋର ଏକ ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସି ଅଛି, ଯାହାକି ମୁଁ ଚାକିରି କରୁଥିବା କମ୍ପାନୀ ପ୍ରଦାନ କରିଛି। ମୋର ପରିବାର ପାଇଁ ଅଲଗା ବ୍ୟକ୍ତିଗତ ସ୍ୱାସ୍ଥ୍ୟବୀମା ପଲିସି କିଣିବା ଉଚିତ ହେବ କି।

**–ସୁବାସ ଚନ୍ଦ୍ର ମିଶ୍ର, ନୟାଗଡ଼**

❖ ପରିବାରରୁ ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ସବୁ ପାଇଁ ପ୍ରିମିୟମ ପଇଠ କରାଯାଏ। କିନ୍ତୁ ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସି ନିଯୁକ୍ତିଦାତା ବା କମ୍ପାନୀ କିଣିଥାନ୍ତି ଓ ପ୍ରିମିୟମ ମଧ୍ୟ ପଇଠ କରିଥାନ୍ତି। ଏହି ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସି ମାଧ୍ୟମରେ କମ୍ପାନୀ ତା'ର କର୍ମଚାରୀମାନଙ୍କୁ ସ୍ୱାସ୍ଥ୍ୟବୀମା ସୁରକ୍ଷା ପ୍ରଦାନ କରିଥାନ୍ତି। ଏହି ପଲିସିରେ କେଉଁ କର୍ମଚାରୀମାନେ ସ୍ୱାସ୍ଥ୍ୟବୀମା ସୁରକ୍ଷା ସୁବିଧା ପାଇବେ ଏହା କମ୍ପାନୀର ନିଜସ୍ୱ ନିଷ୍ପତ୍ତି ଅନୁଯାୟୀ ହୋଇଥାଏ।

ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସି ନେବା ସମୟରେ କୌଣସି ସ୍ୱାସ୍ଥ୍ୟଗତ ପରୀକ୍ଷା ଦେବାକୁ ପଡ଼େ ନାହିଁ। କିନ୍ତୁ ବ୍ୟକ୍ତିଗତ ସ୍ୱାସ୍ଥ୍ୟବୀମା ପଲିସିରେ ଯଦି ବୟସ ୫୦ ବର୍ଷରୁ ଅଧିକ ତେବେ ସ୍ୱାସ୍ଥ୍ୟଗତ ପରୀକ୍ଷା ରିପୋର୍ଟର ଆବଶ୍ୟକତା ଅଛି। ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସି ପ୍ରିମିୟମ ବହୁତ କମ୍ ଥାଏ। ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସିରେ ମାତୃତ୍ୱ ସମୟର ଚିକିତ୍ସା ଖର୍ଚ୍ଚ ସବୁ ବହନ କରାଯାଏ। କିନ୍ତୁ ବ୍ୟକ୍ତିଗତ ସ୍ୱାସ୍ଥ୍ୟବୀମା ପଲିସି କ୍ଷେତ୍ରରେ କିଛି ସ୍ୱାସ୍ଥ୍ୟବୀମା କମ୍ପାନୀ ଏହି ସୁବିଧା ପ୍ରଦାନ କରନ୍ତି ନାହିଁ।

ଏହା ସହିତ ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସିରେ ପୂର୍ବ-ବିଦ୍ୟମାନ ରୋଗ ସବୁ ପାଇଁ ସ୍ୱାସ୍ଥ୍ୟବୀମା ସୁରକ୍ଷା ସୁବିଧା ରହିଥାଏ। କିନ୍ତୁ ବ୍ୟକ୍ତିଗତ ସ୍ୱାସ୍ଥ୍ୟବୀମା ପଲିସିରେ ପୂର୍ବ- ବିଦ୍ୟମାନ ରୋଗ ସବୁ ପଲିସି ଚାଲୁ ରହିବାର ୪ ବର୍ଷ ପରେ ଏହି ସୁବିଧା ପାଇପାରିବେ। ବ୍ୟକ୍ତିଗତ ସ୍ୱାସ୍ଥ୍ୟବୀମା ପଲିସିରେ ୩୦ ଦିନ ଅପେକ୍ଷା ସମୟ ପରେ ସ୍ୱାସ୍ଥ୍ୟବୀମା ସୁରକ୍ଷା ପାଇପାରିବେ।

ଯଦିଓ ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସିର ଅନ୍ୟ ଦିଗକୁ ଦୃଷ୍ଟି ଦେଲେ ବୁଝିହେବ। ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସି ଜଣେ ବ୍ୟକ୍ତିର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରାଯାଇପାରିବ ନାହିଁ। ଏହା ମଧ୍ୟ ଦେଖାଯାଇଥାଏ ଯେ, ନିଯୁକ୍ତିଦାତା କମ୍ପାନୀ କର୍ମଚାରୀଙ୍କ ସୁବିଧା ପାଇଁ ସବୁପ୍ରକାରର ସ୍ୱାସ୍ଥ୍ୟଗତ ଖର୍ଚ୍ଚକୁ ପଲିସିରେ ଅନ୍ତର୍ଭୁକ୍ତ କରନ୍ତି ନାହିଁ। କେତେକ କ୍ଷେତ୍ରରେ ବାପାମା' ମଧ୍ୟ ବୀମାସୁରକ୍ଷା ଅନ୍ତର୍ଭୁକ୍ତ ରହିପାରନ୍ତି ନାହିଁ। ଯେକୌଣସି ସମୟରେ କମ୍ପାନୀ ଏହି ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ସୁରକ୍ଷା ସୁବିଧା ହଟାଇ ଦେଇପାରନ୍ତି।

ଅବସରକାଳୀନ ସମୟରେ ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସି କିଛି ବି ସାହାଯ୍ୟ କରିପାରିବ ନାହିଁ। ସେ ସମୟରେ ଏକ ବ୍ୟକ୍ତିଗତ ସ୍ୱାସ୍ଥ୍ୟବୀମା ପଲିସି କିଣିବାକୁ ପଡ଼ିବ। ଯଦି କିଛି ମୁଖ୍ୟ ଚିକିତ୍ସାଗତ ଅପରେସନ୍ ହୋଇଥିବ, ତେବେ ହୁଏତ ସ୍ୱାସ୍ଥ୍ୟବୀମା ପଲିସି କିଣିବାରେ ଅସୁବିଧା ହେବ କିମ୍ବା କିଣା ହୋଇ ନ ପାରେ। ଯେତେ ଅଧିକ ମାସିକ ଦରମା ହୋଇଥାଉ ନା କାହିଁକି କିମ୍ବା ପରିବାରର ଯେତେ ଅଧିକ ଆର୍ଥିକ ପରିସ୍ଥିତି ଭଲ ଥାଉ ନା କାହିଁକି ପରିବାରର ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ସବୁର ସୁରକ୍ଷା ପାଇଁ ଏକ ବ୍ୟକ୍ତିଗତ ସ୍ୱାସ୍ଥ୍ୟବୀମା ପଲିସି କିଣିବା ଉଚିତ। କିଛି ନିଷ୍ପତ୍ତି ନେବା ପୂର୍ବରୁ ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସି ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟବୀମା ପଲିସିର ତଫାତ ଭଲ ଭାବେ ବୁଝିବା ନିହାତି ଜରୁରୀ। ଏଥିପାଇଁ ଜଣେ ଚାର୍ଟାର୍ଡ ୱେଲ୍‌ଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ୍ ଫାଇନାନ୍ସିଆଲ ପ୍ଲାନରଙ୍କ ପରାମର୍ଶ ନେବା ଏକାନ୍ତ ଆବଶ୍ୟକ। ଯାହାହେଲେ ମଧ୍ୟ ପ୍ରିମିୟମ ରାଶି ଦେବାକୁ ପଡ଼ିବ। ପ୍ରିମିୟମ ଦେବା ପାଇଁ ଟଙ୍କା ଖର୍ଚ୍ଚ ହେବ ଓ ପରିବାରର ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ହିଁ ପ୍ରମୁଖ ବିଷୟ।

**ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସି ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟବୀମା ପଲିସି – ତଫାତ୍ କ'ଣ**

| | ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସି | ବ୍ୟକ୍ତିଗତ ସ୍ୱାସ୍ଥ୍ୟବୀମା ପଲିସି |
|---|---|---|
| ଚାକିରି ଚାଲିଯିବା ପରେ ସ୍ୱାସ୍ଥ୍ୟବୀମା ସୁରକ୍ଷା (କର୍ମଚାରୀ) | ସୀମିତ, ନାହିଁ | ଅଛି, ହଁ |
| ଚାକିରି ପରିବର୍ତ୍ତନ ସମୟରେ ସ୍ୱାସ୍ଥ୍ୟବୀମା ସୁରକ୍ଷା (କର୍ମଚାରୀ) | ସୀମିତ, ନାହିଁ | ଅଛି, ହଁ |
| ସ୍ୱାସ୍ଥ୍ୟବୀମା କମ୍ପାନୀର ଚୟନ (କର୍ମଚାରୀ) | ସୀମିତ, ନାହିଁ | ଅଛି, ହଁ |
| ପୂର୍ବ-ବିଦ୍ୟମାନ ରୋଗସବୁର ସ୍ୱାସ୍ଥ୍ୟବୀମା ସୁରକ୍ଷା (କର୍ମଚାରୀ) | ହଁ, | ହଁ |
| ସ୍ୱାସ୍ଥ୍ୟବୀମା ପଲିସି କିଏ କିଣନ୍ତି ? | ନିଯୁକ୍ତିଦାତା କମ୍ପାନୀ | କର୍ମଚାରୀ ବା ବ୍ୟକ୍ତି |
| ଆୟକର | ହଁ (ଦରମାରୁ ପ୍ରିମିୟମ) କଟିଯାଏ | ହଁ |

▶ ମୋର ବୟସ ୬୩ ବର୍ଷ। ମୋ ଅବସରକାଳୀନ ପାଣ୍ଠିରୁ କିଛି ଟଙ୍କା 'ପ୍ରଧାନମନ୍ତ୍ରୀ ବ୍ୟୟବନ୍ଦନ ଯୋଜନା'ରେ ରଖିବି। କିନ୍ତୁ ପେନ୍‌ସନ ପଲିସିର କେଉଁ ପସନ୍ଦକୁ ବାଛିବା ଉଚିତ ହେବ ?

**–ସୋମନାଥ ମାଝୀ, ଭଦ୍ରକ**

❖ ଆପଣ 'ପ୍ରଧାନମନ୍ତ୍ରୀ ବ୍ୟୟବନ୍ଦନ ଯୋଜନା'ରେ ନିବେଶ କରି ପେନସନ୍ ପାଇପାରିବେ। ଆମର ପରାମର୍ଶ, ପେନସନ୍ ପାଇବା ସହିତ ମୂଳଧନ ଫେରିପାଇବା ପସନ୍ଦକୁ ବାଛିବା ଭଲ ହେବ।

▶ ମୁଁ ଏହି ବର୍ଷ ଚାକିରି କରି ରୋଜଗାର କରିବା ଆରମ୍ଭ କରିଛି। ମୋର ବୟସ ୨୬ ବର୍ଷ। ମୁଁ ଭାବୁଛି, ମୋ ଅବସରକାଳୀନ ପାଣ୍ଠି ଗଠନ ପାଇଁ ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପି ମାଧ୍ୟମରେ ମାସିକ ୨୦୦୦ ଟଙ୍କା ସଞ୍ଚୟ କରିବି। ୬୦ ବର୍ଷ ବେଳକୁ ମୋର କେତେ ଟଙ୍କାର ଏକ ପାଣ୍ଠି ଗଠନ ହୋଇପାରିବ।

**– ସମ୍ବିତ୍ ସାହୁ, କଟକ**

❖ ଆପଣଙ୍କ ଅବସର ସମୟ ୬୦ ବର୍ଷ ଅର୍ଥାତ ୩୪ ବର୍ଷ ପରେ କେତେ ଟଙ୍କାର ପାଣ୍ଠି ହୋଇପାରିବ ବୋଲି ପ୍ରଶ୍ନ କରିଛନ୍ତି। ଆପଣ ମାସିକ ୨୦୦୦ ଟଙ୍କା ଇକ୍ୟୁଟି ଡାଇଭର୍ସିଫାଏଡ ମ୍ୟୁଚୁଆଲ ଫଣ୍ଡରେ ଏସ୍‌ଆଇପି (ସିଷ୍ଟମେଟିକ ଇନଭେଷ୍ଟମେଣ୍ଟ ପ୍ଲାନ) ମାଧ୍ୟମରେ ନିବେଶ କରନ୍ତି ଓ ଧରିନେବା ବାର୍ଷିକ ୧୨% ସୁଧହାର। ତେବେ ଆପଣ ୬୦ ବର୍ଷ ବେଳକୁ ୧.୧୫ କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିପାରିବେ। ଏହି ୩୪ ବର୍ଷରେ ୪୦୮ କିସ୍ତି ମାଧ୍ୟମରେ ସମୁଦାୟ ୮.୧୬ ଲକ୍ଷ ଟଙ୍କା ନିବେଶ କରି ଏହି ପାଣ୍ଠି ଗଠନ କରିପାରିବେ।

ନିବେଶ ସମୟରେ ଆପଣଙ୍କ ଆର୍ଥିକ ଲକ୍ଷ୍ୟ ଓ ଦୀର୍ଘକାଳୀନ ନିବେଶ ସମୟସୀମା ରଖି ନିବେଶ କରନ୍ତୁ ଓ ଚକ୍ରବୃଦ୍ଧି ସୁଧହାରର ଶକ୍ତିକୁ ନିଜ ସପକ୍ଷରେ ବ୍ୟବହାର କରନ୍ତୁ।


ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦

# ସ୍ଥିତି ସମ୍ଭାଳିଲେ ନିଶାମ, ଗ୍ରାଣ୍ଡହୋମ

ବର୍ମିଂହାମ,୨୬।୬(ପି.ଟି.)

ଚଳିତ ବିଶ୍ୱକପ୍‌ର ୩୩ତମ ମ୍ୟାଚ୍‌ରେ ପାକିସ୍ଥାନ ଓ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହୋଇଛନ୍ତି। ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ବୁଧବାର ଖେଳାଯାଇଥିବା ଏହି ମୁକାବିଲାରେ ପାକିସ୍ତାନ ଜବରଦସ୍ତ ବୋଲିଂ କରି ପୂରା ଫର୍ମରେ ଥିବା ନ୍ୟୁଜିଲାଣ୍ଡ ଦଳକୁ ବଡ଼ ସ୍କୋର ହାସଲ କରିବାର ସୁଯୋଗ ଦେଇନାହିଁ। ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ଜିମ୍ମି ନିଶାମ ଓ କଲିନ ଡି ଗ୍ରାଣ୍ଡହୋମ ଲଢୁଆ ବ୍ୟାଟିଂ କରି ନ୍ୟୁଜିଲାଣ୍ଡକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ୫୦ ଓଭରରେ ନ୍ୟୁଜିଲାଣ୍ଡ ୬ ଉଇକେଟ ହରାଇ ୨୩୭ ରନ ସଂଗ୍ରହ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ନ୍ୟୁଜିଲାଣ୍ଡ ଟପ୍ ଅର୍ଡରରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବ୍ୟାଟିଂ ନିଷ୍ପତ୍ତି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଦଳ ୪୬ ରନରେ ୪ ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲଙ୍କୁ ମହମ୍ମଦ ଅମୀର ପ୍ରଥମେ ଆଉଟ କରିଥିଲେ ମଧ୍ୟ ଅନ୍ୟତମ ଯୁବ ଦ୍ରୁତ ବୋଲର ଶାହିନ ଶାହା ଆଫ୍ରିଦୀ ୩ ଉଇକେଟ ନେଇ ଏହି ବିପର୍ଯ୍ୟୟ ଘଟାଇଥିଲେ। ଗୁପ୍ଟିଲ ୫ ରନ କରିଥିବା ବେଳେ ଅମୀରଙ୍କ ବଲ୍ ତାଙ୍କ ବ୍ୟାଟ୍‌ର ଏଜ୍ ନେଇ ଷ୍ଟମ୍ପରେ ବାଜିଥିଲା। ପ୍ଲେଡ ଅନ୍ ହେବା ସହ ସେ ବୋଲ୍ଡ ହୋଇଥିଲେ। ଅନ୍ୟତମ ଓପନର କଲିନ ମୁନରୋ ୧୨, ଅଭିଜ୍ଞ ରସ ଟେଲର ୩, ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ୍ ଲଥାମ ୧ ରନ କରି ଆଫ୍ରିଦୀଙ୍କ ଶିକାର ହୋଇଥିଲେ। ଏହାପରେ ଅଧିନାୟକ କେନ୍ ୱିଲିୟମସନଙ୍କ ପାଳି ପଡିଥିଲା। ସେ ୬୯ ବଲର ସମ୍ମୁଖୀନ ହୋଇ ୪ ଚୌକା ସହ ୪୧ ରନ କରି କ୍ରିଜ୍‌ରେ ଜମିଆସୁଥିବା ବେଳେ ଲେଗ୍ ସ୍ପିନର ଶଦାବ ଖାଁଙ୍କ ବଲ୍‌ରେ ଉଇକେଟକିପର ସର୍ଫରାଜ ଅହମ୍ମଦଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ଦଳ ୮୩ ରନରେ ୫ ଉଇକେଟ ହରାଇଥିଲା। ତେବେ ଷଷ୍ଠ ଉଇକେଟରେ ଅଲରାଉଣ୍ଡର କଲିନ ଡି ଗ୍ରାଣ୍ଡହୋମ ଓ ଜିମ୍ମି ନିଶାମ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରି ୧୩୨ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ୭୧ ବଲରୁ ୬ ଚୌକା ଓ ୧ ଛକା ସହ ୬୪ ରନକରି ଗ୍ରାଣ୍ଡହୋମ ଅମୀରଙ୍କ ଥ୍ରୋରେ ସର୍ଫରାଜଙ୍କ ଦ୍ୱାରା ରନ୍ ଆଉଟ୍ ହୋଇଥିଲେ। ସେତେବେଳକୁ ଦଳର ସ୍କୋର ୨୧୫ ରନରେ ପହଞ୍ଚିଥିଲା। ସେହିପରି ନିଶାମ ୧୧୨ଟି ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୩ ଛକା ସହ ୯୭ ରନର ଇନିଂସ ଖେଳି ଅପରାଜିତ ରହିଥିଲେ। ୩ ରନ ପାଇଁ ସେ ଶତକରୁ ବଞ୍ଚିତ ହୋଇଥିଲେ। ମିଚେଲ ସାଣ୍ଟନର ୫ ରନ କରି ଅପରାଜିତ ରହିଥିଲେ। କ୍ୟାଚ୍ ହାତଛଡ଼ା ପାଇଁ ପାକିସ୍ତାନ ସମାଲୋଚିତ ହୋଇଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ଖେଳାଳିମାନେ ବେଶ୍ ଉଚ୍ଚକୋଟୀର ଫିଲ୍ଡିଂ କରିଥିଲେ। ସର୍ଫରାଜ ୩ଟି ଗୁରୁତ୍ୱପୂର୍ଣ୍ଣ ତଥା କଷ୍ଟସାଧ୍ୟ କ୍ୟାଚ୍ ନେଇ ସମାଲୋଚକଙ୍କୁ ଚୁପ୍ କରିଛନ୍ତି। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଆଫ୍ରିଦୀ ୩, ଅମୀର ଓ ଶଦାବ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ବର୍ଷାଜନିତ ଓଦା ଆଉଟ୍‌ଫିଲ୍ଡ କାରଣରୁ ମ୍ୟାଚ୍ ବିଳମ୍ବରେ ଆରମ୍ଭ ହୋଇଥିଲା। ତେବେ ମ୍ୟାଚ୍ ପୂର୍ବପରି ୫୦ ଓଭର ବିଶିଷ୍ଟ ଖେଳାଯାଇଥିଲା।



ଅପରାଜିତ ୯୭ ରନ୍‌ର ଇନିଂସ ଅବସରରେ ଏକ ଛକା ମାରୁଛନ୍ତି ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ଜିମ୍ମି ନିଶାମ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୫୦ ଓଭରରେ ୨୩୭/୬ (ନିଶାମ– ୯୭*, ଗ୍ରାଣ୍ଡହୋମ– ୬୪, ୱିଲିୟମସନ– ୪୧, ଆଫ୍ରିଦୀ– ୩/୨୮, ଅମୀର– ୧/୬୭, ଶଦାବ– ୧/୪୩)।

## ଆଜିର ମ୍ୟାଚ୍

**ଭାରତ**
ବନାମ
**ୱେଷ୍ଟଇଣ୍ଡିଜ**

ସ୍ଥାନ
ମାଞ୍ଚେଷ୍ଟର

ସମୟ
ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୭ | ୬ | ୧ | ୦ | ୦ | ୧୨ | +୦.୯୦୬ |
| ନ୍ୟୁଜିଲାଣ୍ଡ | ୬ | ୫ | ୦ | ୦ | ୧ | ୧୧ | +୧.୩୦୬ |
| **ଭାରତ** | **୫** | **୪** | **୦** | **୦** | **୧** | **୯** | **+୦.୮୦୯** |
| ଇଂଲଣ୍ଡ | ୭ | ୪ | ୩ | ୦ | ୦ | ୮ | +୧.୦୫୧ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ଶ୍ରୀଲଙ୍କା | ୬ | ୨ | ୨ | ୦ | ୨ | ୬ | -୧.୧୧୯ |
| ପାକିସ୍ତାନ | ୬ | ୨ | ୩ | ୦ | ୧ | ୫ | -୧.୨୬୫ |
| ୱେଷ୍ଟଇଣ୍ଡିଜ | ୬ | ୧ | ୪ | ୦ | ୧ | ୩ | +୦.୧୯୦ |
| ଦକ୍ଷିଣ ଆଫ୍ରିକା | ୭ | ୧ | ୫ | ୦ | ୧ | ୩ | -୦.୩୨୪ |
| ଆଫଗାନିସ୍ତାନ | ୭ | ୦ | ୭ | ୦ | ୦ | ୦ | -୧.୬୩୪ |

# କ୍ୟାଚ୍ ଧରିବାରେ ଭାରତ ଶୀର୍ଷରେ

ଲଣ୍ଡନ,୨୬।୬

ମ୍ୟାଚ୍‌ରେ କ୍ୟାଚ୍ ହାତଛଡ଼ା କରିବା ବିଶ୍ୱକପ୍‌ରେ ବେଳେବେଳେ ମହଙ୍ଗା ପଡ଼େ। ଏହା ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳ ସହ ଏପର୍ଯ୍ୟନ୍ତ ଘଟିନାହିଁ। ଟିମ୍ ଇଣ୍ଡିଆ ଏଯାଏ ମାତ୍ର ଗୋଟିଏ କ୍ୟାଚ୍ ହାତଛଡ଼ା କରିଛି, ଯାହା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିବା ଦଳଗୁଡ଼ିକଠାରୁ ଭଲ ପ୍ରଦର୍ଶନ। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଯୁଜ୍‌ବେନ୍ଦ୍ର ଚହଲଙ୍କ ବୋଲିଂରେ ଲୋକେଶ ରାହୁଲ କ୍ୟାଚ୍ ଛାଡ଼ିଥିଲେ। ଏହି ତାଲିକାରେ ପାକିସ୍ତାନ ସବୁ ଦଳ ତଳେ ରହିଛି। ସର୍ଫରାଜ ଅହମ୍ମଦଙ୍କ ଦଳ ଏପର୍ଯ୍ୟନ୍ତ ୧୪ଟି ସୁଯୋଗ ହାତଛଡ଼ା କରିସାରିଛି। ପାକିସ୍ତାନ ଦଳର ଖେଳାଳିମାନେ ଚଳିତ ବିଶ୍ୱକପ୍‌ରେ ୩୫ ପ୍ରତିଶତ କ୍ୟାଚ୍ ଜରିଆରେ ଉଇକେଟ ନେବାର ସୁଯୋଗ ବେକାର କରିଛନ୍ତି। ଫିଲ୍ଡିଂରେ ଦ୍ୱିତୀୟ ଖରାପ ଦଳ ହେଉଛି ଆୟୋଜକ ଇଂଲଣ୍ଡ। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ପୂର୍ବରୁ ଘରୋଇ ଦଳ ୧୨ କ୍ୟାଚ୍ ଛାଡ଼ିଛି। ଅପ୍ରତ୍ୟାଶିତ ଭାବେ ନ୍ୟୁଜିଲାଣ୍ଡ ୯ କ୍ୟାଚ୍ ହାତଛଡ଼ା କରିଛି। ଭାରତୀୟ ଦଳର ଫିଲ୍ଡିଂରେ ସଫଳତା ଲାଗି ଏକ ଭିନ୍ନ ନୀତି ଆପଣେଇଥିବା ଫିଲ୍ଡିଂ କୋଚ୍ ଆର. ଶ୍ରୀଧର କହିଛନ୍ତି। ଭିନ୍ନ କ୍ୟାଚ୍ ଲାଗି ଆମେ ପଏଣ୍ଟ ବ୍ୟବସ୍ଥା କରିଛୁ। ସିଧାସଳଖ କ୍ୟାଚ୍ ଧରିବା ଲାଗି ଗ୍ରେଡ୍ ୱାନ୍। ତାପରେ ଫିଲ୍ଡର ଉଦ୍ୟମ କରି ଯେଉଁ କ୍ୟାଚ୍ ଧରନ୍ତି, ସେଥିଲାଗି ୨ ପଏଣ୍ଟ ପ୍ରଦାନ କରାଯାଏ। ଏହା ବ୍ୟତୀତ ହାଫ୍ ଚାନ୍ସ କ୍ୟାଚ୍ ଧରିଲେ ଫିଲ୍ଡରଙ୍କୁ ସର୍ବାଧିକ ୪ ପଏଣ୍ଟ ମିଳେ। ଏହି କ୍ୟାଚ୍ ହାତଛଡ଼ା ହେଲେ କୌଣସି ଖେଳାଳି କାହାକୁ ପ୍ରଶ୍ନ କରନ୍ତି ନାହିଁ। କିନ୍ତୁ ଏହି କ୍ୟାଚ୍ ମ୍ୟାଚ୍ ଲାଗି ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରେ। ସେହିଭଳି ସିଧାସଳଖ କ୍ୟାଚ୍ ହାତଛଡ଼ା କରିଥିବା ଫିଲ୍ଡରଙ୍କ ଦୁଇ ପଏଣ୍ଟ କାଟି ଦିଆଯାଏ ବୋଲି ଶ୍ରୀଧର କହିଛନ୍ତି। କେବଳ କ୍ୟାଚ୍ ପାଇଁ ନୁହେଁ, ମିସ୍ ଫିଲ୍ଡ, ଥ୍ରୋ ଓ ରନ୍‌ଆଉଟ ଲାଗି ମଧ୍ୟ କିଛି ନୀତି ନିର୍ଦ୍ଧାରଣ କରାଯାଇଛି।

## ମୋଟା ଘୁଷୁରି ଡାକିବାରୁ କାନ୍ଦିଥିଲେ ସର୍ଫରାଜଙ୍କ ସ୍ତ୍ରୀ

# ‘ଆଲୋଚନା କର କିନ୍ତୁ ଦୁର୍ବ୍ୟବହାର ନୁହେଁ’

ବର୍ମିଂହାମ, ୨୬।୬

ଚଳିତ ଆଇସିସି ବିଶ୍ୱକପ୍‌ର ଏକ ହାଇଭୋଲଟେଜ୍ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ନିକଟରୁ ପରାଜୟବରଣ କରିବା ପରେ ପାକିସ୍ତାନ କ୍ରିକେଟ୍ ଦଳକୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଭାରତ ବିପକ୍ଷରେ ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ପ୍ରାକ୍ତନ କ୍ରିକେଟରଙ୍କଠାରୁ ଆରମ୍ଭ କରି ପାକିସ୍ତାନ ପ୍ରଶଂସକ ସୋସିଆଲ ମିଡିଆରେ ଦଳ ଅପେକ୍ଷା ଅଧିନାୟକ ସର୍ଫରାଜ ଅହମ୍ମଦଙ୍କୁ ଅଧିକ ସମାଲୋଚନା କରିଛନ୍ତି। ସଦ୍ୟପ୍ରକାଶ ପାଇଥିବା ଏକ ଭିଡିଓରେ କେତେଜଣ ପାକିସ୍ତାନ ପ୍ରଶଂସକ ବ୍ୟକ୍ତିଗତ ଭାବେ ସର୍ଫରାଜଙ୍କୁ ‘ମୋଟା ଘୁଷୁରି’ କହି ତାଚ୍ଛଲ୍ୟ କରିଥିବାର ଦେଖିବାକୁ ମିଳିଛି। ଏହି ଭିଡିଓରେ ସର୍ଫରାଜଙ୍କ ସମେତ ତାଙ୍କ ସ୍ତ୍ରୀ ସେୟଦା ଖୁସବଖତ୍ ଓ ପୁଅଙ୍କ ସହ ଇଂଲଣ୍ଡର ଏକ ଶପିଂ ମଲ୍‌ରେ ବୁଲୁଥିବାବେଳେ କେତେକ ପାକିସ୍ତାନ ପ୍ରଶଂସକ ତାଙ୍କୁ ଅଟକାଇ ‘ତୁମେ ମୋଟା ଘୁଷୁରି ଭଳି କାହିଁକି ଦେଖାଯାଉଛ’ ବୋଲି ପଚାରିଥିଲେ। ସର୍ଫରାଜ କିଛି ନ କହି ଚାଲି ଯାଉଥିବାରୁ ଦେଖିବାକୁ ମିଳିଥିଲା। ଏହି ଭିଡିଓଟି ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଥିବାବେଳେ ଘଟଣାକୁ ନେଇ ଶେଷରେ ସର୍ଫରାଜ ମୁହଁ ଖୋଲିଛନ୍ତି। ବ୍ୟକ୍ତିଗତ ଭାବେ କାହାକୁ ଦୁର୍ବ୍ୟବହାର ନ କରିବାକୁ ସେ ପ୍ରଶଂସକଙ୍କୁ ଅନୁରୋଧ କରିଛନ୍ତି। ‘ଏହି ଘଟଣାକୁ ନେଇ କିଛି କହିବାର ନାହିଁ। ଲୋକେ କ’ଣ କହିବେ ତାହାକୁ ନିୟନ୍ତ୍ରଣ କରିବା ଆମ ହାତରେ ନାହିଁ। ଜିତିବା ଏବଂ ହାରିବା ଖେଳର ଏକ ଅଂଶ। ଆମେ ପ୍ରଥମ ଦଳ ନୁହେଁ ଯିଏ କି ଏକ ମ୍ୟାଚ୍ ହାରିଛି। ପୂର୍ବ ଦଳଗୁଡ଼ିକ ମଧ୍ୟ ଭାରତ ନିକଟରୁ ପରାସ୍ତ ହୋଇଛନ୍ତି’ ବୋଲି ସର୍ଫରାଜ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ‘ପୂର୍ବ ଦଳଗୁଡ଼ିକ ଆମପରି ସମାଲୋଚନାର ଶିକାର ହୋଇନାହାନ୍ତି। ସେମାନେ ଅନୁଭବ କରିପାରୁଥିବେ ଏହା କେତେ କଷ୍ଟଦାୟକ। ବର୍ତ୍ତମାନ ସୋସିଆଲ ମିଡିଆ ରହିଛି। ଏଥିରେ ଲୋକେ ଯାହା ପାରୁଛନ୍ତି ଲେଖୁଛନ୍ତି ଓ କହୁଛନ୍ତି। ଏହିଭଳି ଘଟଣା ଖେଳାଳିଙ୍କୁ ମାନସିକସ୍ତରରେ ଆଘାତ ଦେଇଛି।’ ସେହିଭଳି ମଲ୍‌ରେ ଘଟିଥିବା ଏହି ଘଟଣା ପରେ ତାଙ୍କ ସ୍ତ୍ରୀ ହୋଟେଲ ରୁମ୍‌ରେ କାନ୍ଦୁଥିବାର ସେ ଦେଖିବାକୁ ପାଇଲେ ବୋଲି ସର୍ଫରାଜ କହିଛନ୍ତି। ମଲ୍‌ରେ ପ୍ରଶଂସକମାନେ ଯାହା କହିଲେ ତାକୁ ସେ ଗ୍ରହଣ କରୁନାହାନ୍ତି ବୋଲି ସର୍ଫରାଜଙ୍କୁ ତାଙ୍କ ସ୍ତ୍ରୀ କହିଥିଲେ। ଏଥିପୂର୍ବରୁ ଅନ୍ୟତମ ପାକିସ୍ତାନ କ୍ରିକେଟର୍ ସୋଏବ ମଲିକ ଓ ମହମ୍ମଦ ଆମୀର ମଧ୍ୟ ପ୍ରଶଂସକଙ୍କୁ ବ୍ୟକ୍ତିଗତ ଆଟାକ୍ ନ କରିବାକୁ ଅନୁରୋଧ କରିଥିଲେ।



ସ୍ତ୍ରୀ ସେୟଦା ଖୁସବଖତ୍‌ଙ୍କ ସହ ସର୍ଫରାଜ ଅହମ୍ମଦ।

# ହଳଦିଆ ଜର୍ସିରେ ଖେଳିବ ଶ୍ରୀଲଙ୍କା

ମାଞ୍ଚେଷ୍ଟର, ୨୬।୬ (ଏଏଫ୍‌ପି)

ଚଳିତ ଆଇସିସି ବିଶ୍ୱକପ୍‌ରେ ଶ୍ରୀଲଙ୍କା କ୍ରିକେଟ ଦଳର ପାଇଁ ହଳିଦିଆ ରଙ୍ଗର ଜର୍ସ ଭାଗ୍ୟଶାଳୀ ସାବ୍ୟସ୍ତ ହୋଇଛି। ଏଣୁ ଦଳ ଟୁର୍ନାମେଣ୍ଟରେ ଏହା ଅବଶିଷ୍ଟ ମ୍ୟାଚଗୁଡ଼ିକରେ ଏହି ଜର୍ସି ପରିଧାନ କରି ଖେଳିବା ଲାଗି ସ୍ଥିର କରିଛି। ଏଥିପାଇଁ ଦଳ ଇତିମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଅନୁମତି ଆଣି ସାରିଛି। ହେଡିଂଲିଠାରେ ଆୟୋଜକ ତଥା ଟୁର୍ନାମେଣ୍ଟରେ ଅନ୍ୟତମ ଫେଭରାଇଟ୍ ଇଂଲଣ୍ଡ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରି ଶ୍ରୀଲଙ୍କା ଏହାର ସେମିଫାଇନାଲ ଆଶାକୁ ଉଜ୍ଜୀବିତ କରିଛି। ଶ୍ରୀଲଙ୍କା ଦଳର ପ୍ରକୃତ ଜର୍ସି ରଙ୍ଗ ଗାଢ ନୀଳ ରହିଛି। ମାତ୍ର ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଦଳର ଜର୍ସି ରଙ୍ଗ ନୀଳ ରହିଥିବାରୁ ଟୁର୍ନାମେଣ୍ଟର ନିୟମାନୁସାରେ ସେଦିନ ଶ୍ରୀଲଙ୍କା ଏହାର ଦ୍ୱିତୀୟ ପସନ୍ଦ ହଳଦିଆ ରଙ୍ଗ ଜର୍ସି ପିନ୍ଧି ଖେଳିଥିଲା। ଟୁର୍ନାମେଣ୍ଟ ଆରମ୍ଭରେ ଶ୍ରୀଲଙ୍କାର ପ୍ରଦର୍ଶନ ଉତ୍ସାହଜନକ ନ ଥିଲା। ମାତ୍ର ଜର୍ସି ପରିବର୍ତ୍ତନ ଦ୍ୱାରା ଏହାର ଭାଗ୍ୟୋଦୟ ଘଟିଛି ବୋଲି ଦଳର ଧାରଣା ସୃଷ୍ଟି ହୋଇଛି। ଟୁର୍ନାମେଣ୍ଟ ପୂର୍ବରୁ ପ୍ରତ୍ୟେକ ଦଳକୁ ସେମାନଙ୍କ ବିକଳ୍ପ ରଙ୍ଗ ବାଛିବାକୁ କୁହାଯାଇଥିଲା। ୧୯୯୬ ଚାମ୍ପିୟନ ଶ୍ରୀଲଙ୍କାକୁ ଆହୁରି ୩ଟି ଲିଗ୍ ମ୍ୟାଚ ଖେଳିବାକୁ ବାକି ରହିଛି। ଦଳ ଶୁକ୍ରବାର ଦକ୍ଷିଣ ଆଫ୍ରିକା ସହ ମୁକାବିଲା କରିବ, ଯେଉଁ ଦଳ ସେମିଫାଇନାଲରୁ ଆଉଟ୍ ହୋଇସାରିଛି। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ପ୍ରଥମ ଦଳ ଭାବେ ସେମିଫାଇନାଲରେ ଏହାର ସ୍ଥାନ ପକ୍କା କରିସାରିଥିବାବେଳେ ଭାରତ ଓ ନ୍ୟୁଜିଲାଣ୍ଡ ନିକଟତର ଅଛନ୍ତି।


# ଭାରତ ସିରିଜ ପରେ ସନ୍ନ୍ୟାସ ନେବେ ଗେଲ୍

ମାଞ୍ଚେଷ୍ଟର, ୨୬।୬(ପି.ଟି.)

ବିସ୍ଫୋରକ ୱେଷ୍ଟଇଣ୍ଡିଜ ଓପନିଂ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ନେଇ ତାଙ୍କ ମତ ବଦଳାଇଛନ୍ତି। ଘରୋଇ ମାଟିରେ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ସିରିଜ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ଗ୍ରହଣ କରିବେ ବୋଲି ବୁଧବାର ଗେଲ୍ କହିଛନ୍ତି। ଏହି ସିରିଜ ଆସନ୍ତା ଅଗଷ୍ଟ–ସେପ୍ଟେମ୍ବରରେ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି। ପୂର୍ବରୁ ଚଳିତ ଆଇସିସି ବିଶ୍ୱକପ୍ ସମାପ୍ତ ହେବା ପରେ ଅବସର ନେବେ ବୋଲି ଏହି ଦୁର୍ଦ୍ଧର୍ଷ ବାମହାତୀ ବ୍ୟାଟ୍ସମ୍ୟାନ କହିଥିଲେ।

ଗତ ଦୁଇ ଦଶନ୍ଧି ଧରି ସୀମିତ ଓଭର କ୍ରିକେଟ୍‌ରେ ରାଜ୍ କରୁଥିବା ଗେଲ୍ ଏଥିସହ ପ୍ରାକ୍ତନ ଅଷ୍ଟ୍ରେଲୀୟ ଅଧିନାୟକ ଷ୍ଟିଭ୍ ୱ ଓ ଜ୍ୟାକ୍ସ କାଲିସଙ୍କ ପଦାଙ୍କ ଅନୁସରଣ କରିଛନ୍ତି। ୱ ଓ କାଲିସ ଯଥାକ୍ରମେ ୨୦୦୪ ଓ ୨୦୧୩ରେ ଭାରତ ବିପକ୍ଷ ସିରିଜ ଖେଳିସାରିବା ପରେ କ୍ରିକେଟ୍‌ରୁ ସନ୍ନ୍ୟାସ ଗ୍ରହଣ କରିଥିଲେ। ଫଳରେ ଗେଲ୍‌ଙ୍କ ଘରୋଇ ପଡ଼ିଆ ଜାମାଇକାର କିଙ୍ଗ୍‌ଷ୍ଟନରେ ଅଗଷ୍ଟ ୩୦ରୁ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଆରମ୍ଭ ହେବାକୁ ଥିବା ଟେଷ୍ଟ ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ହେବ ବୋଲି ଆଶା କରାଯାଉଛି। ‘ଏହାର ଅନ୍ତ ବର୍ତ୍ତମାନ ହୋଇନାହିଁ। ମୋ ପାଖରେ ଏବେ ବି କିଛି ଖେଳ ବାକି ରହିଛି। ଆଉ ଗୋଟିଏ ସିରିଜ ବି ହୋଇପାରେ। କିଏ ଜାଣେ, କ’ଣ ଘଟୁଛି ଦେଖିବା’ ବୋଲି ଅବସର ନେଇ ଖବରଦାତାଙ୍କ ପ୍ରଶ୍ନରେ ଗେଲ୍ ଏହା କହିଛନ୍ତି। ବିଶ୍ୱକପ୍ ପରେ ସ୍ୱତନ୍ତ୍ର ପ୍ଲାନ କ’ଣ ରହିଛି ବୋଲି ପ୍ରଶ୍ନ ହେବାରୁ ୩୯ ବର୍ଷୀୟ ଗେଲ୍ କହିଥିଲେ, ‘ମୁଁ ଭାରତ ବିପକ୍ଷରେ ଟେଷ୍ଟ ମ୍ୟାଚ୍ ଖେଳିପାରେ ଏବଂ ଭାରତ ବିପକ୍ଷ ଦିନିକିଆ ସିରିଜ ନିଶ୍ଚିତ ଖେଳିବି। ଟି୨୦ ସିରିଜ କିନ୍ତୁ ଖେଳିବି ନାହିଁ। ବିଶ୍ୱକପ୍ ପରେ ଏହା ମୋର ପ୍ଲାନ ରହିଛି।’ ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳର ମିଡିଆ ମ୍ୟାନେଜର ଫିଲିପ୍ ସ୍ପୁନର କିନ୍ତୁ ନିଶ୍ଚିତ କରିଥିଲେ ଯେ, ଭାରତ ବିପକ୍ଷ ସିରିଜରେ ଗେଲ୍ ଶେଷଥର ପାଇଁ ଜାତୀୟ ଦଳର ଡ୍ରେସରେ ନଜରକୁ ଆସିବେ। ‘ହଁ, ଭାରତ ବିପକ୍ଷ ସିରିଜ ଗେଲ୍‌ଙ୍କ ଅନ୍ତିମ ସିରିଜ ହେବ’ ବୋଲି ଫିଲିପ୍ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୯୯୯ରେ ଭାରତ ବିପକ୍ଷ ଦିନିକିଆ ସହ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଗେଲ୍ ବର୍ତ୍ତମାନ ସୁଦ୍ଧା ୧୦୩ ଟେଷ୍ଟରୁ ୪୨.୧୯ ଆଭରେଜରେ ୭୨୧୫ ରନ, ୨୯୪ ଦିନିକିଆରୁ ୧୦,୩୪୫ ରନ ଓ ୫୮ ଟି୨୦ ମ୍ୟାଚ୍‌ରୁ ୧୬୨୭ ରନ୍ ସଂଗ୍ରହ କରିଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ତାଙ୍କ ନାମରେ ୨ଟି ତ୍ରିଶତକ ରହିଥିବାବେଳେ ଦିନିକିଆରେ ଗୋଟିଏ ଦ୍ୱିଶତକ ଲିପିବଦ୍ଧ ରହିଛି। ସେହିଭଳି ଟି୨୦ କ୍ରିକେଟ୍‌ରେ ପ୍ରଥମ ଶତକ ମଧ୍ୟ ଏହି ବିସ୍ଫୋରକ ବ୍ୟାଟ୍ସମ୍ୟାନଙ୍କ ନାମରେ ରହିଛି।





ବର୍ମିଂହାମରେ ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଉଇକେଟ ହାସଲ ପରେ ଖୁସି ମନାଉଛନ୍ତି ପାକିସ୍ତାନ ଦ୍ରୁତ ବୋଲର ଶାହିନ ଆଫ୍ରିଦୀ।

# ବିଶ୍ୱକପ୍ ଏବେ ରୋମାଞ୍ଚକ ହୋଇଛି

ଜ୍ୟାକ୍ କାଲିସ୍

ବିଶ୍ୱକପ୍‌ରେ ଆଶ୍ଚର୍ଯ୍ୟଜନକ ଭାବେ ଅନ୍ୟ ଦେଶଗୁଡିକ ତୁଳନାରେ ଭାରତ ଦୁଇଟି ମ୍ୟାଚ୍ ପଛରେ ରହିଛି। ଏହା ସେମିଫାଇନାଲରେ ପହଞ୍ଚିବାକୁ ଭାରତକୁ ଅଧିକ ଗତି ବା ମୁମେଣ୍ଟମ ଦେବ ବୋଲି କୁହାଯାଇପାରେ। ଅନ୍ୟପଟେ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଆଘାତ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବା ସତ୍ତ୍ୱେ ସବୁ ଭାରତୀୟ ଖେଳାଳି ଫିଟ୍ ରହିଛନ୍ତି। ବ୍ୟସ୍ତତା ରହୁଥିବାରୁ ଫିଟ୍ ରହିବା ପାଇଁ କେତେକ ଅତିରିକ୍ତ ଦିନ ମିଳିବା ନିଶ୍ଚିତ ଭାବେ ଭଲ କଥା। ଫଳରେ ଭାରତକୁ ଫାଇଦା ମିଳିବ ବୋଲି କୁହାଯାଇପାରେ।

କିଛି ବର୍ଷ ତଳେ ୱେଷ୍ଟଇଣ୍ଡିଜ ଦଳକୁ ଆମେ ସେତେଟା ଗୁରୁତ୍ୱ ଦେଉ ନ ଥିଲୁ। ତେବେ ଜାସନ ହୋଲ୍ଡରଙ୍କ ନେତୃତ୍ୱରେ ଏହି ଦଳ ଏବେ ବିଭିନ୍ନ ପ୍ରକାରର କାରିବିୟାନ କ୍ରିକେଟରଙ୍କୁ ନେଇ ବେଶ୍ ଶକ୍ତିଶାଳୀ ମନେହେଉଛି। ଗୁରୁବାର ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଭାରତୀୟ ଦଳକୁ କଡ଼ା ଚ୍ୟାଲେଞ୍ଜ୍ ଦେବ ଓ ନିର୍ଭୀକ କ୍ରିକେଟ ଖେଳିବ ବୋଲି ଆଶା କରୁଛି।

ଦକ୍ଷିଣ ଆଫ୍ରିକା ପାଇଁ ଖେଳିବା ବେଳେ କ୍ୟାରିୟରରେ ବହୁ ଉତ୍ଥାନ ଓ ପତନର ସମ୍ମୁଖୀନ ହୋଇଛି। ବହୁ ଭଲ ଓ ଖରାପ ସମୟର ମଧ୍ୟ ସମ୍ମୁଖୀନ ହୋଇଛି। କିନ୍ତୁ ଦୁଃଖର ବିଷୟ ଯେ, ଅଧିକାଂଶ ଖରାପ୍ ସମୟ ବିଶ୍ୱକପ୍ ସହିତ ଜଡିତ ରହିଛି। ଗତ ମ୍ୟାଚ୍‌ରେ ପାକିସ୍ତାନଠାରୁ ହାରିବା ପରେ ଦକ୍ଷିଣ ଆଫ୍ରିକର ଅଧିନାୟକ ଏକ ଦୃଢ଼ ନେତୃତ୍ୱ ସପକ୍ଷରେ ମତ ଦେଇଛନ୍ତି। ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାର ପ୍ରଦର୍ଶନ ନିହାତି ନୈରାଶ୍ୟଜନକ ରହିଛି। ତେଣୁ ଏଥିରୁ ଦଳ କିଛି ଶିକ୍ଷା କରିଥିବ ଓ ଏହାକୁ ବେକାର ହେବାକୁ ଦିଆଯିବନି ବୋଲି ଆଶା କରାଯାଉଛି। ଦିନିକିଆ କ୍ରିକେଟ ଏକ ନୂଆ ଢ଼ଙ୍ଗରେ ଖେଳିବାକୁ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କୁ ପରାମର୍ଶ ଦେଇଥିଲି। ତେବେ ବୈଷୟିକ ଭାବେ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବା ଜରୁରୀ ନୁହେଁ। କିନ୍ତୁ ଗୋଟିଏ ଭିନ୍ନ ପ୍ରକାର ଆଭିମୁଖ୍ୟ ନେଇ ଖେଳିବାର ଆବଶ୍ୟକତା ଥିଲା।

ପ୍ରତ୍ୟେକ ଦଳ ବିଚକ୍ଷଣତାର ସହ ବିଶ୍ୱକପ୍‌ରେ ସବୁ ଖେଳିଛନ୍ତି। ଜଣେ ଖେଳାଳିଙ୍କ ଶରୀରର ପରିବର୍ତ୍ତନ କରାଯାଇପାରିବ ନାହିଁ। କିନ୍ତୁ ତାଙ୍କର ମନୋଭାବ ଓ ଆଭିମୁଖ୍ୟରେ ପରିବର୍ତ୍ତନ କରିହେବ। ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନମାନେ ବେଶ୍ ଅଳସୁଆ ମନେ ହେଉଥିଲେ। ସେହିପରି ବୋଲରମାନଙ୍କ ନିକଟରେ କୌଣସି ବିକଳ୍ପ ରଣନୀତି ନ ଥିବା ପରି ମନେହେଉଥିଲା। ପରିସ୍ଥିତି ସହିତ ଖାପ୍ ଖୁଆଇବା ବା ଅନୁକୂଳନଶୀଳତା ନିରବଚ୍ଛିନ୍ନ ସଫଳତାର ମୂଳମନ୍ତ୍ର ହୋଇଥିବା ବେଳେ ଖେଳାଳିମାନେ ଏ ଦୃଷ୍ଟିକୋଣରୁ ବହୁ ପଛରେ ରହିଯାଇଥିଲେ। ଦକ୍ଷିଣ ଆଫ୍ରିକା ତା’ର ପରବର୍ତ୍ତୀ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିବ। ସେମିଫାଇନାଲ ଦୌଡ଼ରୁ ଦକ୍ଷିଣ ଆଫ୍ରିକା ବାଦ୍ ପଡିସାରିଥିବାରୁ ଏହି ମ୍ୟାଚ୍ ଦଳ ପାଇଁ ବିଶେଷ ଗୁରୁତ୍ୱବହନ କରୁନାହିଁ। ଅନ୍ୟପଟେ ସେମିଫାଇନାଲରେ ଦୌଡ଼ରେ ରହିବା ପାଇଁ ଶ୍ରୀଲଙ୍କାକୁ ସବୁମତେ ଏହି ମ୍ୟାଚ୍ ଜିତିବାର ଜରୁରୀ ହୋଇପଡିଛି। ଗତ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ଶ୍ରୀଲଙ୍କା ଇଂଲଣ୍ଡକୁ ହରାଇ ତା’ର ଆତ୍ମବିଶ୍ୱାସରେ ବୃଦ୍ଧି କରିଛି। ଏହି ବିଜୟ ଶ୍ରୀଲଙ୍କାର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିବା ସହ ସାରା ଟୁର୍ନାମେଣ୍ଟକୁ ଖୋଲା କରିବା ସହିତ ଜୀବିତ କରିଛି। ପରବର୍ତ୍ତୀ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଦକ୍ଷତା ଅନୁରୂପ ଖେଳି ଶ୍ରୀଲଙ୍କାକୁ ହରାଇବ ବୋଲି ଆଶା କରୁଛି। କୋଚ୍ ଓଟିସ୍ ଗିବସନ ମଧ୍ୟ ରଣନୀତି ପ୍ରସ୍ତୁତ କରିଥିବେ। ତେବେ ପଡିଆରେ ତାହା କେତେ କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା।

ଗତ ସପ୍ତାହରେ ୪ଟି ଯାକ ସେମିଫାଇନାଲିଷ୍ଟ ଦଳ ନିଶ୍ଚିତ ବୋଲି ଭାବୁଥିଲି। ଇଂଲଣ୍ଡ ସଂଘର୍ଷ କରିବ ବୋଲି ଭାବି ନ ଥିଲି। ଏବେ କିନ୍ତୁ କଥା ଅଲଗା ହୋଇଛି। ଭାରତ ଓ ଅଷ୍ଟ୍ରେଲିଆ ପରସ୍ପରକୁ ସେମିଫାଇନାଲରେ କିପରି ନ ଭେଟନ୍ତି ତାହା ମଜାଦାର ପରିସ୍ଥିତି ସୃଷ୍ଟି କରିଛି। ପୁଣି ଇଂଲଣ୍ଡ ସେମିଫାଇନାଲରେ ପହଞ୍ଚିବ କି ନା ତାହା ଏବେ କହିବା ମଧ୍ୟ ମୁସ୍କିଲ ହୋଇଛି। ମୋଟାମୋଟି ଉପରେ ଟୁର୍ନାମେଣ୍ଟ ଏବେ ବେଶ୍ ମଜାଦାର ସ୍ଥିତ ଆଡକୁ ଗତି କରିଛି ଓ ବେଶ୍ ରୋମାଞ୍ଚକ ହୋଇଛି। କ୍ରିକେଟ ପାଇଁ ଅବଶ୍ୟ ଏହା ଭଲ କଥା।

(ଗେମ୍ ପ୍ଲାନ/ ଟିଭାକ ସ୍ପୋର୍ଟ୍ସ)




“ ଖରାପ ପ୍ରଦର୍ଶନ ପାଇଁ ଖେଳପ୍ରେମୀମାନେ ଆମକୁ ସମାଲୋଚନା କରିପାରନ୍ତି, କିନ୍ତୁ ବ୍ୟକ୍ତିଗତ ଭାବେ ଗାଳିମନ୍ଦ ନ ଦିଅନ୍ତୁ ।
–ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଅଧିନାୟକ



“ ‘ବ୍ୟାଟିଂ ମନ୍ତ୍ର’ ବଜାୟ ରଖିପାରି ନ ଥିବାରୁ ଚଳିତ ଆଇସିସି ବିଶ୍ୱକପ୍‌ରେ କ୍ରମାଗତ ଦୁଇଟି ମ୍ୟାଚରେ ଆମେ ପରାସ୍ତ ହୋଇଛୁ ।
–ଇଅନ ମୋର୍ଗାନ, ଇଂଲଣ୍ଡ ଅଧିନାୟକ



## ସଂକ୍ଷେପରେ

### ମହିଳା ଫିଫା ବିଶ୍ୱକପ୍ ଏସିଆନ୍ ଦଳର ଅଭିଯାନ ଶେଷ

ରେନ୍ନେସ (ଫ୍ରାନ୍ସ),୨୬।୬(ଏଏଫ୍‌ପି)- ମହିଳା ଫିଫା ବିଶ୍ୱକପ୍ ପ୍ରି କ୍ୱାର୍ଟର ଫାଇନାଲରୁ ଏସିଆନ୍ ଦଳଗୁଡ଼ିକର ଅଭିଯାନ ଶେଷ ହୋଇଛି। ଉଭୟ ଜାପାନ ଓ ଚାଇନା ପରାଜୟ ସହ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ଜାପାନକୁ ୨-୧ ଗୋଲରେ ନେଦରଲାଣ୍ଡ ହରାଇ ଦେଇଥିବାବେଳେ ଇଟାଲୀ ୨-୦ ବ୍ୟବଧାନରେ ଚାଇନାକୁ ପରାସ୍ତ କରିଛି। ଏଭଳି ଫଳାଫଳ ଯୋଗୁ ଚଳିତ ଫିଫା ବିଶ୍ୱକପ୍‌ରେ ୮ରୁ ୭ଟି ୟୁରୋପୀୟ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏଥିରୁ ଫିଫା ବିଶ୍ୱକପ୍‌ରେ ୟୁରୋପର ପ୍ରାଧାନ୍ୟ ଥିବା ଜଣାପଡୁଛି। କେବଳ ଡିଫେଣ୍ଡିଂ ଚାମ୍ପିୟନ ଆମେରିକା ଏକମାତ୍ର ଅଣୟୁରୋପୀୟ ଦଳ ଭାବେ କ୍ୱାର୍ଟର ଫାଇନାଲରେ ସ୍ଥାନ ପାଇଛି। ତେବେ ପୂର୍ବତନ ଚାମ୍ପିୟନ ଜାପାନର ବିଦାୟ ଦୁଃଖଦାୟକ ଥିଲା। କାରଣ ୨୦୧୧ ବିଶ୍ୱକପ୍ ଚାମ୍ପିୟନ ଜାପାନ ୨୦୧୫ ସଂସ୍କରଣରେ ଉପବିଜେତା ଥିଲା।

### ମେଡିକାଲରୁ ଡିସ୍‌ଚାର୍ଜ ହେଲେ ଲାରା

ମୁମ୍ବାଇ,୨୬।୬- କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରା ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ତାଙ୍କୁ ମେଡିକାଲରୁ ବୁଧବାର ଡିସ୍‌ଚାର୍ଜ କରାଯାଇଛି। ଛାତିରେ ଯନ୍ତ୍ରଣା ହେଉଥିବାରୁ ସେ ମଙ୍ଗଳବାର ମେଡିକାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଠିକ୍ ଅଛି ବୋଲି ମେଡିକାଲର ପ୍ରବକ୍ତା ପାରଗ ଧୁର୍କେ କହିଛନ୍ତି। ମୁମ୍ବାଇରେ ଲାରା ବିଶ୍ୱକପ୍ ପ୍ରସାରଣକାରୀ ଚ୍ୟାନେଲ ଷ୍ଟାର ସ୍ପୋର୍ଟ୍ସ ଲାଗି ବିଶେଷଜ୍ଞ ଭାବେ କାର୍ଯ୍ୟ କରୁଛନ୍ତି। ଏହି ପୂର୍ବତନ କ୍ରିକେଟର ୨୦୦୭ରେ ୱେଷ୍ଟଇଣ୍ଡିଜ ବିଶ୍ୱକପ୍‌ରୁ ବିଦାୟ ନେବା ପରେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ନେଇଥିଲେ।

# ଭାରତ-ୱେଷ୍ଟଇଣ୍ଡିଜ ମୁକାବିଲା ଆଜି

**ମାଞ୍ଚେଷ୍ଟର, ୨୬।୬(ପି.ଟି.)**

ଚଳିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ତା’ର ଷଷ୍ଠ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ବିପଜ୍ଜନକ ୱେଷ୍ଟଇଣ୍ଡିଜ୍‌କୁ ଭେଟିବ। ଗୁରୁବାର ସ୍ଥାନୀୟ ଓଲ୍ଡ ଟ୍ରାଫର୍ଡରେ ଖେଳାଯିବାକୁ ଥିବା ମ୍ୟାଚ୍ ୱେଷ୍ଟଇଣ୍ଡିଜ ଅପେକ୍ଷା ଭାରତ ପାଇଁ ଅଧିକ ଗୁରୁତ୍ୱବହନ କରୁଛି। ବିଜୟୀ ହେଲେ ଭାରତ ସେମିଫାଇନାଲର ନିକଟତର ହେବ। ଅଭିଜ୍ଞ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କ ବ୍ୟାଟିଂ ଓ ମିଡଲ ଅର୍ଡରରେ ତାଙ୍କ ସ୍ଥାନ ନେଇ ଟିମ୍ ଇଣ୍ଡିଆ ଟିମ୍ ମ୍ୟାନେଜମେଣ୍ଟ ବେଶ୍ ଚିନ୍ତିତ ଅଛି।

ଭାରତ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ୪ଟିରେ ବିଜୟୀ ହୋଇଥିବା ବେଳେ ଗୋଟିଏ ବିନା ଫଳାଫଳରେ ଶେଷ ହୋଇଥିଲା। ଫଳରେ ୯ ପଏଣ୍ଟ ପାଇ ଭାରତ ଏବେ ତାଲିକାର ତୃତୀୟ ସ୍ଥାନରେ ରହିଛି। ଅନ୍ୟପଟେ ୱେଷ୍ଟଇଣ୍ଡିଜ୍ ୬ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୪ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ଅଷ୍ଟମ ସ୍ଥାନରେ ରହିଛି। ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିସାରିଥିବା ୱେଷ୍ଟଇଣ୍ଡିଜ ପାଇଁ ବିଜୟ କିମ୍ବା ପରାଜୟ ସେତେଟା ଗୁରୁତ୍ୱ ବହନ କରୁନାହିଁ। ଫଳରେ ଦଳ ଆଦୌ ଚାପରେ ରହିବ ନାହିଁ। ଅଭିଜ୍ଞ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କ ବ୍ୟାଟିଂ ଓ ମିଡଲ ଅର୍ଡରରେ ତାଙ୍କ ସ୍ଥାନ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ବେଶ୍ ଚିନ୍ତିତ ରହିଛି। ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ଗୁଡିକରେ ଧୋନୀ ସେକେଣ୍ଡ ପାୱାର ପ୍ଲେ ଓଭରଗୁଡିକରେ ବାରମ୍ବାର ବିଫଳ ହେଉଥିବାରୁ କୋହଲିଙ୍କ ଚିନ୍ତା ବଢିଯାଇଛି। ଆଫଗାନିସ୍ତାନ ଭଳି ଦୁର୍ବଳ ଦଳ ବିପକ୍ଷରେ ଧୋନୀ ୫୨ଟି ବଲ୍ ଖେଳି ମାତ୍ର ୨୮ ରନ ସଂଗ୍ରହ କରିଥିଲେ ଓ ଏଥିପାଇଁ ସବୁ ମହଲରେ ସମାଲୋଚିତ ମଧ୍ୟ ହୋଇଛନ୍ତି। ଏପରିକି କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକର ମଧ୍ୟ ଧୋନୀଙ୍କ ଦକ୍ଷତା ନେଇ ପ୍ରଶ୍ନ ଉଠାଇଥିଲେ। ଭାରତର ଆଉ ୪ଟି ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ରହିଛି। ତେଣୁ ଏଭଳି ସ୍ଥିତିରେ ଧୋନୀଙ୍କ ବ୍ୟାଟିଂ କ୍ରମ ପରିବର୍ତ୍ତନ ଉପରେ ଧ୍ୟାନ ଦିଆଯିବ ବୋଲି ଆଶା କରାଯାଉଛି। ଏହା ହୋଇପାରିଲେ କେଦାର ଯାଦବ ଅଧିକ ବଲ୍ ଖେଳିବାର ସୁଯୋଗ ହାସଲ କରିପାରିବେ। କେଦାରଙ୍କ ଶଟ୍ ଚୟନ ବେଶ୍ ଉଚ୍ଚକୋଟୀର ରହିଛି। ହାର୍ଦ୍ଦିକ ପାଣ୍ଡ୍ୟା ଏକ ହିଟର ଭାବେ ଦଳରେ ବ୍ୟବହୃତ ହୋଇଛନ୍ତି। କିନ୍ତୁ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ତାଙ୍କୁ ଅନ୍ୟପଟୁ କେହି ସହଯୋଗ କରି ନ ଥିଲେ। ଫଳରେ ପ୍ରତ୍ୟେକ ବଲ୍‌କୁ ଛକା ମାରିବା ପାଇଁ ତାଙ୍କ ଉପରେ ଅତିରିକ୍ତ ଚାପ ବୃଦ୍ଧି ପାଉଛି। କୋହଲି ଓ କୋଚ୍ ରବି ଶାସ୍ତ୍ରୀ ଏବେ ରିଷଭ ପନ୍ତଙ୍କ ଧୂଆଁଧାର ବ୍ୟାଟିଂର ଉପଯୋଗ କରିବାକୁ ଏବେ ସେତେଟା ଇଚ୍ଛୁକ ନୁହଁନ୍ତି। ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ବାଦ୍ ଦିଆଗଲେ ପନ୍ତଙ୍କୁ ଖେଳାବାର ସୁଯୋଗ ମିଳିପାରେ।

ୱେଷ୍ଟଇଣ୍ଡିଜ ଦଳରେ ଦ୍ରୁତ ବୋଲରମାନଙ୍କ ଭିଡ଼ ରହିଛି। ସ୍ଲୋ ବୋଲରଙ୍କ ବିପକ୍ଷରେ ଧୋନୀ ସେତେଟା ସହଜ ମନେକରୁନାହାନ୍ତି। ଫଳରେ ସେ ଏହି ମ୍ୟାଚ୍‌ରେ ଷ୍ଟ୍ରାଇକ ରୋଟେଟ କରିବାର ସୁଯୋଗ ପାଇବେ। ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଧୋନୀଙ୍କ ଦୁର୍ବଳତା ପଦାରେ ପଡିଥିଲା। ଚେନ୍ନାଇ ସୁପରକିଙ୍ଗ୍ସ ପାଇଁ ଖେଳିବା ବେଳେ ଧୋନୀ କେତେକ ଘରୋଇ ଭାରତୀୟ ବୋଲରଙ୍କୁ ପ୍ରହାର କରି ରନ୍ ଚେଜ୍ କରିବାରେ ସଫଳ ହୋଇଥାନ୍ତି। କିନ୍ତୁ ବିଶ୍ୱକପ୍‌ରେ କଥା ଅଲଗା ହୋଇଛି। କାଗିସୋ ରାବାଡ଼ା, ଜୋଫ୍ର ଆର୍ଚରଙ୍କ ଭଳି ବୋଲରଙ୍କୁ ପ୍ରହାର କରିବା ସେତେଟା ସହଜ ନୁହଁ। ତେଣୁ ଧୋନୀଙ୍କୁ କେଉଁ ସ୍ଥାନରେ ବ୍ୟାଟିଂ କରିବାର ସୁଯୋଗ ଦେଲେ ଭଲ ହେବ ତାହା ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରିବ। ଷ୍ଟମ୍ପ ପଛରେ ରହି ଧୋନୀ ଅବଶ୍ୟ ଉପଯୋଗୀ ଓ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଉଛନ୍ତି। ଯାହା ଦଳ ପାଇଁ ବେଶ୍ କାମରେ ଆସୁଛି।

ଅପରପକ୍ଷରେ ୱେଷ୍ଟଇଣ୍ଡିଜ୍ ବାକିଥିବା ୩ଟି ଲିଗ ପର୍ଯ୍ୟାୟ ମ୍ୟାଚ୍‌ରେ ବିଜୟୀ ହୋଇ ସ୍ୱଦେଶ ଫେରିବାକୁ ଚାହିଁବ। ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ୧୦୫ ରନରେ ଅଲଆଉଟ କରିବା ସହ ୭ ଉଇକେଟରେ ବିଜୟୀ ହୋଇ ୱେଷ୍ଟଇଣ୍ଡିଜ ପୁରା ଢ଼ଙ୍ଗ୍‌ରେ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଥିଲା। ହାମଷ୍ଟ୍ରିଙ୍ଗ ଇଞ୍ଜୁରି କାରଣରୁ ଆନ୍ଦ୍ରେ ରସେଲ ଦଳରୁ ବାଦ୍ ପଡିଛନ୍ତି। ଏହ ଦଳ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। ତେବେ ଦୁଇ ଯୁବ ଦ୍ରୁତ ବୋଲର ଶେଲଡନ କଟ୍ରେଲ ଓ ଓଶେନ ଥୋମାସଙ୍କୁ ନେଇ ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ମନେହେଉଛି। କୋହଲି ଓ ଉପ-ଅଧିନାୟକ ରୋହିତ ଶର୍ମା ବେଶ୍ ଭଲ ଫର୍ମରେ ରହିଥିବାରୁ ଏହି ବୋଲରମାନଙ୍କ ଶଟ୍ ବଲ୍ ମ୍ୟାଚ୍‌କୁ ଆହୁରି ରୋମାଞ୍ଚକ କରିବ। ଧୂଆଁଧାର ଓପନର କ୍ରିସ୍ ଗେଲ୍ ଫର୍ମକୁ ନ ଫେରନ୍ତୁ ବୋଲି କୋହଲି ନିଶ୍ଚିତ ଭାବେ ପ୍ରାର୍ଥନା କରିବେ। ଗେଲ୍ ଓ ଯଶପ୍ରୀତ ବୁମ୍ରାଙ୍କ ମଧ୍ୟରେ ପ୍ରାରମ୍ଭିକ ମୁକାବିଲା ବେଶ୍ ରୋମାଞ୍ଚକ ହେବ। ସେହିପରି ମିଡଲ ଓଭରରେ ଶାଇ ହୋପ ଓ ଶିମରନ ହେଟମେୟର ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କୁ ଚ୍ୟାଲେଞ୍ଜ କରିବେ। ନ୍ୟୁଜିଲାଣ୍ଡ ବିପକ୍ଷରେ କାର୍ଲୋସ ବ୍ରାଥୱେଟ ଏକ ଅବିଶ୍ୱସନୀୟ ଇନିଂସ ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ତେବେ ସ୍ଲୋ ବୋଲରଙ୍କ ବିପକ୍ଷରେ ବ୍ରାଥୱେଟ ଆଦୌ ସହଜ ଅନୁଭବ କରି ନ ଥାନ୍ତି। ଏହି ମ୍ୟାଚ ଭାରତ ପାଇଁ ଜବରଦସ୍ତ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବିଭିନ୍ନ ସମସ୍ୟା ସତ୍ତ୍ୱେ ଭାରତ ଫେଭରାଇଟ୍ ବିବେଚିତ ହେଉଛି। ଓଲ୍ଡ ଟ୍ରାଫର୍ଡ ଷ୍ଟାଡିୟମ ପୁଣି ଥରେ ଭାରତୀୟ ଦର୍ଶକଙ୍କ ଉପସ୍ଥିତିରେ ନୀଳ ସମୁଦ୍ରରେ ପରିଣତ ହେବ ଓ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ଖେଳାଳି ତାଲିକା**

- **ଭାରତ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ବିଜୟ ଶଙ୍କର, ହାର୍ଦ୍ଦିକ ପାଣ୍ଡ୍ୟା, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍ରା, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ରବୀନ୍ଦ୍ର ଜାଡେଜା, ଦୀନେଶ କାର୍ତ୍ତିକ ଓ ରିଷଭ ପନ୍ତ।
- **ୱେଷ୍ଟଇଣ୍ଡିଜ:** ଜାସନ ହୋଲ୍ଡର (ଅଧିନାୟକ), କ୍ରିସ୍ ଗେଲ, ଶାଇ ହୋପ୍, ଶିମରନ ହେଟମେୟର, କାର୍ଲୋସ ବ୍ରାଥୱେଟ, ଶେଲଡନ କଟ୍ରେଲ, ଓଶେନ ଥୋମାସ, କେମର ରୋଚ୍, ଆସଲେ ନର୍ସ, ନିକୋଲାସ ପୁରାନ, ସୁନୀଲ ଅମ୍ବ୍ରିସ୍, ଏଭିନ ଲୁଇସ୍, ଶାନନ ଗାବ୍ରିଏଲ, ଡାରେନ ବ୍ରାଭୋ ଓ ଫାବିଆନ ଆଲେନ।



ଅଭ୍ୟାସ ସେସନରେ ମହମ୍ମଦ ସାମି ଓ ଭୁବନେଶ୍ୱର କୁମାର।

## ରାମକୁମାରଙ୍କ ବିଦାୟ

**ଲଣ୍ଡନ, ୨୬।୬ (ପି.ଟି.)**

ଭାରତର ରାମକୁମାର ରମାନାଥନ ଏକ ଗ୍ରାଣ୍ଡସ୍ଲାମ ମୁଖ୍ୟ ଡ୍ର’ରେ ପ୍ରବେଶ କରିବାରେ ପୁଣି ବିଫଳ ହୋଇଛନ୍ତି। ୱିମ୍ବେଲଡନ ଚାମ୍ପିୟନଶିପ୍ ପାଇଁ ପୁରୁଷ ସିଙ୍ଗଲ୍ସ କ୍ୱାଲିଫାଇଂ ଦ୍ୱିତୀୟ ରାଉଣ୍ଡରେ ସେ ପୋଲାଣ୍ଡର କାମିଲ ମାଜକ୍ରାଜାକ୍‌ଙ୍କଠାରୁ ହାରିଯାଇଛନ୍ତି। ଅଣସିଡ୍ ଭାରତୀୟ ୧୧ତମ ସିଡ୍ ତଥା ବିଶ୍ୱର ୧୧୧ତମ ମାନ୍ୟତାପ୍ରାପ୍ତ ଖେଳାଳିଙ୍କଠାରୁ ୬-୭ (୫) ୩-୬ ସେଟ୍‌ରେ ପରାସ୍ତ ହୋଇଯାଇଛନ୍ତି। ମ୍ୟାଚରେ ରାମକୁମାର ଗୋଟିଏ ହେଲେ ବ୍ରେକ୍ ପଏଣ୍ଟ ପାଇ ନ ଥିବାବେଳେ ତାଙ୍କ ପ୍ରତିପକ୍ଷ ୭ ସୁଯୋଗରୁ ଦୁଇଟି ରୂପାନ୍ତରିତ କରିବାରେ ସମର୍ଥ ହୋଇଥିଲେ। ଚେନ୍ନାଇର ୨୪ ବର୍ଷୀୟ ରାମ କୁମାର ବର୍ତ୍ତମାନ ବିଶ୍ୱ ର୍ୟାଙ୍କିଂରେ ୧୫୪ତମ ସ୍ଥାନରେ ଅଛନ୍ତି। ୨୦୧୫ଠାରୁ ଏକ ଗ୍ରାଣ୍ଡସ୍ଲାମ ମୁଖ୍ୟ ଡ୍ର ପାଇଁ ଯୋଗ୍ୟତା ହାସଲ କରିବା ଲାଗି ସେ ଉଦ୍ୟମ ଚଳାଇଆସିଛନ୍ତି। କିନ୍ତୁ ସେ ସଫଳ ହୋଇ ପାରୁନାହାନ୍ତି। ୨୦୧୮ରେ ସେ ମୁଖ୍ୟ ଡ୍ର ନିକଟତର ହୋଇ ପାରିଥିଲେ। ଅଷ୍ଟ୍ରେଲିଆନ ଓପନରେ ସେ ତୃତୀୟ ଓ ଫାଇନାଲ କ୍ୱାଲିଫାଇଙ୍ଗ ରାଉଣ୍ଡରେ ପ୍ରବେଶ କରିପାରିଥିଲେ।

## ଦୁର୍ଘଟଣାରେ ବକ୍ସର ନୀରଜ ଆହତ

**ନୂଆଦିଲ୍ଲୀ, ୨୬।୬(ପି.ଟି.)**

ଭାରତୀୟ ପ୍ରଫେଶନାଲ ବକ୍ସର ନୀରଜ ଗୋୟାତ ଏକ କାର୍ ଦୁର୍ଘଟଣାରେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଫଳରେ ଆସନ୍ତା ମାସରେ ବ୍ରିଟିଶ ଷ୍ଟାର ବକ୍ସର ଅମିର ଖାଁଙ୍କ ବିପକ୍ଷ ଡବ୍ଲ୍ୟୁବିସି ପର୍ଲ ୱାର୍ଲ୍ଡ ଚାମ୍ପିୟନଶିପ୍ ମୁକାବିଲାରୁ ସେ ଓହରିଯିବାକୁ ବାଧ୍ୟ ହୋଇଛନ୍ତି। ଖବର ଅନୁସାରେ ମଙ୍ଗଳବାର ରାତିରେ ହରିୟାଣାର ଏହି ୨୭ ବର୍ଷୀୟ ବକ୍ସର ଏହି ମେଗା ଫାଇଟ୍ ପାଇଁ ଟ୍ରେନିଂ ଶେଷ କରି ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ମୁଣ୍ଡ, ମୁହଁ ଏବଂ ବାମ ହାତରେ ଗୁରୁତର ଆଘାତ ଲାଗିଛି। ଆମେ ତାଙ୍କର ଦ୍ରୁତ ଆରୋଗ୍ୟକାମନା କରୁଛୁ ବୋଲି ସୁପର ବକ୍ସିଂ ଲିଗ୍ ପ୍ରମୋଟର ବିଲ୍ ଡୋସାଞ୍ଜ୍ ପ୍ରକାଶ କରିଛନ୍ତି। ନୀରଜ ଜୁଲାଇ ୧୨ରେ ସୌଦି ଆରବର ଜେଦାହଠାରେ ଦୁଇଥର ବିଶ୍ୱ ଚାମ୍ପିୟନ ଅମୀରଙ୍କ ସହିତ ଡବ୍ଲ୍ୟୁବିସି ପର୍ଲ ୱାର୍ଲ୍ଡ ଚାମ୍ପିୟନଶିପ୍ ବାଉଟ୍ ଲଢିବାର କାର୍ଯ୍ୟକ୍ରମ ରହିଥିଲା। ବର୍ତ୍ତମାନ ନୀରଜଙ୍କ ସ୍ଥାନରେ ବର୍ତ୍ତମାନ ଅଷ୍ଟ୍ରେଲିଆର ୱାର୍ଲ୍ଡ ଫିଦରୱେଟ୍ ଚାମ୍ପିୟନ ୩୩ ବର୍ଷୀୟ ବିଲି ବିବ୍ ଅମୀରଙ୍କ ସହିତ ମୁକାବିଲା କରିବେ। ବିଲି ବିବ୍ ଦୁଇଥର ବିଶ୍ୱ ଚାମ୍ପିୟନ ମଧ୍ୟ। ସୂଚନାଯୋଗ୍ୟ, ନୀରଜ ହେଉଛନ୍ତି ବର୍ତ୍ତମାନ ଡବ୍ଲ୍ୟୁବିସି ଏସିଆ ୱେଲ୍ଟରୱେଟ୍ ଟାଇଟଲ ହୋଲ୍‌ଡର। ତାଙ୍କର ଏପର୍ଯ୍ୟନ୍ତ ସୁଦ୍ଧା ଦୁଇ ନକ୍‌ଆଉଟ୍, ୩ ପରାଜୟ, ଦୁଇ ଡ୍ର ସହ ୧୧ ବିଜୟ ରେକର୍ଡ ରହିଛି।

## ବିଶ୍ୱ ରେକର୍ଡଠାରୁ ୩୭ ରନ୍ ଦୂରରେ କୋହଲି

**ମାଞ୍ଚେଷ୍ଟର,୨୬।୬**

ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ନିକଟରେ ଏକ ବିଶ୍ୱରେକର୍ଡର ଅଧିକାରୀ ହେବାର ସୁଯୋଗ ରହିଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ସେ ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ୍ ପୂରଣ କରିପାରନ୍ତି। ଏହି ମାଇଲଷ୍ଟୋନ ସ୍ପର୍ଶ କରିବା ଲାଗି ତାଙ୍କୁ ଆଉ ୩୭ ରନ୍ ଦରକାର। କୋହଲି ଏବେ ପର୍ଯ୍ୟନ୍ତ ସମସ୍ତ ଫର୍ମାଟରେ ମୋଟ ୧୯,୯୬୩ ରନ୍ କରିସାରିଛନ୍ତି। ଆଉ ୩୭ ରନ୍ କଲେ ସଚିନ ତେନ୍ଦୁଲକର (୩୪,୩୫୭) ଓ ରାହୁଲ ଦ୍ରାବିଡ (୨୪,୨୦୮)ଙ୍କ ପରେ ତୃତୀୟ ଭାରତୀୟ ଭାବେ ସେ ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ୍ ପୂରଣ କରିବେ। ସଚିନ ଓ ବ୍ରାଏନ ଲାରା ୪୫୩ଟି ଇନିଂସ୍‌ରେ ୨୦ ହଜାର ରନ୍ ପୂରଣ କରିଥିଲେ। ଅନ୍ୟପକ୍ଷରେ କୋହଲି ଏପର୍ଯ୍ୟନ୍ତ ୧୩୧ ଟେଷ୍ଟ, ୨୨୩ ଦିନିଆ ଓ ୬୨ ଟି୨୦ ମ୍ୟାଚ୍‌କୁ ମିଶାଇ ମୋଟ ୪୧୬ଟି ଇନିଂସ୍ ଖେଳିଛନ୍ତି।



କୋହଲି ଚଳିତ ବିଶ୍ୱକପ୍‌ରେ ଭଲ ଫର୍ମରେ ଅଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ୮୨, ପାକିସ୍ତାନ ବିପକ୍ଷରେ ୭୭ ଓ ଆଫଗାନିସ୍ତାନ ବିପକ୍ଷରେ ୬୭ ରନ୍‌ର ଇନିଂସ ଖେଳିଛନ୍ତି। ଏଣୁ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରେ ଦର୍ଶକଙ୍କ ନଜର ତାଙ୍କ ଉପରେ ରହିବ।

## ଏଆଇବିଏଠାରୁ ଅଲିମ୍ପିକ ଷ୍ଟାଟସ ପ୍ରତ୍ୟାହୃତ

**ଲାଉସାନେ, ୨୬।୬ (ଏପି)**

ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ବୁଧବାର ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ)ଉପରୁ ଅଲିମ୍ପିକ ଷ୍ଟାଟସ ପ୍ରତ୍ୟାହାର କରିନେଇଛି। ଫଳରେ ୨୦୨୦ ଟୋକିଓ ଗେମ୍ସ ପାଇଁ କ୍ୱାଲିଫାଇଂ ଏବଂ ଫାଇନାଲ ଟୁର୍ନାମେଣ୍ଟ ବର୍ତ୍ତମାନ ଆଇଓସି ଆୟୋଜନ କରିବ। ଏଆଇବିଏ ବର୍ତ୍ତମାନ ଲିଗାଲ ଓ ଫାଇନାନ୍‌ସିଆଲ ବିବାଦରେ ଛନ୍ଦି ହୋଇ ଏହା ଭାବମୂର୍ତ୍ତି କ୍ଷୁଣ୍ଣ କରିଛି ବୋଲି ଅଲିମ୍ପିକ ତଦନ୍ତ ପ୍ୟାନେଲ ମୁଖ୍ୟ ନେନାଦ୍ ଲାଲୋଭିଚ୍ ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ ସଭାପତି ଭାବେ ନିର୍ବାଚିତ ହୋଇଥିବା ଗଫୁର ରାଖିମୋଭଙ୍କର ଇଷ୍ଟର୍ନ ୟୁରୋପରେ ସଂଗଠିତ ଅପରାଧ ସହ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଅଲିମ୍ପିକ ବକ୍ସିଂର ସୁପରିଚାଳନା, ଋଣ ଏବଂ ବାଉଟ୍‌ରେ ସ୍ୱଚ୍ଛତା ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଆଇଓସି ତରଫରୁ ଗତବର୍ଷ ତଦନ୍ତ ଆରମ୍ଭ ହୋଇଥିଲା। ଏଆଇବିଏକୁ ସସ୍‌ପେଣ୍ଡ କରିବା ଲାଗି କାର୍ଯ୍ୟନିର୍ବାହୀ ବୋର୍ଡ ଦ୍ୱାରା ହୋଇଥିବା ସୁପାରିସକୁ ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି ସଦସ୍ୟମାନେ ଭୋଟ ଜରିଆରେ ଗୃହୀତ କରାଇଥିଲେ। ଲାଉସାନେରେ ଅବସ୍ଥିତ ଏଆଇବିଏ ଏବେ ପ୍ରାୟ ଦେବାଳିଆ ଅବସ୍ଥାରେ। ସଂଗଠନର ଋଣଭାର ବର୍ତ୍ତମାନ ୧୭ ନିୟୁତ ଡଲାର। ଟୋକିଓରୁ ଆର୍ଥିକ ସହାୟତା ରାସ୍ତା ବନ୍ଦ ହୋଇଯାଇଛି। ରୁଷିଆରେ ହେବାକୁଥିବା ୨୦୧୯ ମହିଳା ଓ ପୁରୁଷ ବିଶ୍ୱ ଚାମ୍ପିୟନଶିପ୍‌କୁ ବର୍ତ୍ତମାନ ଆଉ ଅଲିମ୍ପିକ କ୍ୱାଲିଫାୟର୍ସ ରୂପେ ବିବେଚନା କରାଯିବ ନାହିଁ। ଅନ୍ୟପକ୍ଷରେ ଏଆଇବିଏ ଗୁରୁବାର ଜେନେଭାଠାରେ ଏକ ଜରୁରିକାଳୀନ ବୈଠକ ଡକାଇଛି। ଏଥିରେ ଆଇଓସି ପ୍ରତିନିଧିଙ୍କ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ହୁଏତ କିଛି ସମାଧାନର ସୂତ୍ର ବାହାରିପାରେ।

## ଜୁନିୟର ସିପକଟାକ୍ର ଚାମ୍ପିୟନଶିପ୍ ୨୮ରୁ

**କଟକ ଅଫିସ,୨୬।୬**

ଆସନ୍ତା ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡିୟମ ପରିସରରେ ଥିବା ସିପକଟାକ୍ର କମ୍ପ୍ଲେକ୍ସରେ ୨୦ତମ ଜୁନିୟର ଆନ୍ତଃ ଜିଲା ସିପକଟାକ୍ର ଚାମ୍ପିୟନଶିପ ଅନୁଷ୍ଠିତ ହେବ। ରାଜ୍ୟ ସିପକଟାକ୍ର ଆସୋସିଏଶନ ଓ କଟକ ଜିଲା ସିପକଟାକ୍ର ଆସୋସିଏଶନର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୨ଜିଲା ଦଳ ଭାଗନେବେ। ଆଗାମୀ ଦିନରେ ହେବାକୁଥିବା ଜାତୀୟ ପ୍ରତିଯୋଗିତା ନିମନ୍ତେ ଏଥିରୁ ଦଳ ବଛାଯିବ ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଜାତୀୟ ପେନ୍‌ଚକ୍ ସିଲାଟ୍‌ରେ ଓଡ଼ିଶାର ସଫଳତା

**ଭୁବନେଶ୍ୱର, ୨୬।୬(ସ୍ପୋର୍ଟ୍ସ ବ୍ୟୁରୋ)**

ଜାତୀୟ ସବ୍‌ଜୁନିୟର ପେନ୍‌ଚକ ସିଲାଟ୍ ପ୍ରତିଯୋଗିତା ମଧ୍ୟପ୍ରଦେଶର ଭୋପାଳଠାରେ ଗତ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୩୨ ରାଜ୍ୟର ପାଖାପାଖି ୧୦୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରେ ଓଡ଼ିଶା ପେନ୍‌ଚକ ସିଲାଟ ଦା ଅଂଶଗ୍ରହଣ କରି ୨୦ ପଦକ ଜିତିବାରେ ସଫଳ ହୋଇଛି। ଯେଉଁଥିରେ ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୯ ବ୍ରୋଞ୍ଜ ପଦକ ରହିଛି। ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରତିଯୋଗୀ ହେଲେ କାଶୀ ବିଶ୍ୱନାଥ ଦାସ, ଅଂଶୁମାନ କୁମାର ଚନ୍ଦ୍ରବଂଶୀ, ଅନୀଶ ଚୌଧୁରୀ, ସାଲିନୀ ପଣ୍ଡା ଓ ବିଧି ରାଜପୁତ। ସେହିଭଳି ସିଦ୍ଧାର୍ଥ ମେହେର, ଅଭିନବ ମିଶ୍ର, ତାନିୟା ଠାକୁର ଓ ମୁକ୍ତା ହୋତା ରୌପ୍ୟ ଏବଂ ସୌର୍ଯ୍ୟପ୍ରତାପ ସିଂ ଚାଣ୍ଡେଲ, କୁନାଲ ବେହେରା, ଅର୍ଣ୍ଣବ ପାତ୍ର, ସ୍ୱୟଂଶୁ ସତ୍ୟପ୍ରଜ୍ଞ, ଅତୁଲ ଚୌଧୁରୀ, ସ୍ୱାତୀଶ୍ରୀୟା ସାହୁ, ଅନୋଖା ରଞ୍ଜନ, ଦୀପାଂଶୀ ଓ ବାନୀ ସରକାର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମାରୀ ନାଇଡୁ ଓ ତପସ୍ୱିନୀ ନାୟକ ଓଡ଼ିଶା ଦଳର କୋଚ୍ ଏବଂ ବିଶ୍ୱନାଥ ଭୌମିକ ଓ ସୁରେନ୍ଦ୍ର ବେହେରା ମ୍ୟାନେଜର ଭାବେ ଗସ୍ତ କରିଥିଲେ। ଖେଳାଳିଙ୍କ ଏହି ସଫଳତା ଲାଗି ଓଡ଼ିଶା ପେନଚକ୍ ସିଲାଟ୍ ଆସୋସିଏଶନର ସାଧାରଣ ସମ୍ପାଦକ ପ୍ରେମ ସିଂ ଥାପ୍ପା ଓ ଅନ୍ୟାନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।




ପଦକ ସହ କୃତୀ ପ୍ରତିଯୋଗୀମାନେ।

## ସୁପର ଓଭରରେ ଜିତିଲା ଜିମ୍ବାୱେ

**ଲଣ୍ଡନ,୨୬।୬**

ଦିନିକିଆ ସିରିଜ୍‌ରେ ୨-୦ରେ ପରାସ୍ତ ହେବା ପରେ ସୁପର ଓଭର ଜରିଆରେ ଜିମ୍ବାୱେ ପ୍ରଥମଥର ବିଜୟ ସ୍ୱାଦ ଚାଖିଛି। ମଙ୍ଗଳବାର ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ୧୫୩ ରନ୍ ବିଜୟ ଲକ୍ଷ୍ୟର ପିଛା କରୁଥିବା ଜିମ୍ବାୱେ ଦଳ ବ୍ରେଣ୍ଡନ ଟେଲର(୪୦), କ୍ରିଗ ଇରଭିନ (୨୯), ଇଲଟନ ଚିଗମ୍ବୁରା (୨୯) ଓ ର୍ୟାନ ବୁରି (୨୩)ଙ୍କ ଉପଯୋଗୀ ଇନିଂସ୍ ବଳରେ ଶେଷପର୍ଯ୍ୟନ୍ତ ବ୍ୟାଟିଂ କରି ସମାନ ସ୍କୋରରେ ଅଲଆଉଟ୍ ହୋଇଯାଇଥିଲା। ମ୍ୟାଚ୍ ଜିତିବା ଲାଗି ଅନ୍ତିମ ବଲରେ ଜିମ୍ବାୱେକୁ ଗୋଟିଏ ରନ୍ ଦରକାର ଥିଲା। ହେଲେ ରନ୍‌ଆଉଟ୍ ଯୋଗୁ ସୁପର ଓଭର ଆରମ୍ଭ ହୋଇଥିଲା। ସୁପର ଓଭରରେ ଜିମ୍ବାୱେ ୧୮ ରନ୍ କରିଥିବାବେଳେ ନେଦରଲାଣ୍ଡକୁ ୯ ରନ୍‌ରେ ରୋକି ଦେଇଥିଲା।


**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଧର୍ମାନନ୍ଦ ଦାସ**
୫୩୮/୫୦୯୨, ମହାରଣା ସାହି, ଭୁବନେଶ୍ୱର-୨
ଆବିର୍ଭାବ: ୦୧।୦୪।୧୯୪୩
ତିରୋଧାନ: ୦୮।୦୭।୨୦୧୮
ଅବସରପ୍ରାପ୍ତ ଅତିରିକ୍ତ ରେଜିଷ୍ଟ୍ରାର, କୋଅପରେଟିଭ ଡ଼ିପାର୍ଟମେଣ୍ଟ, ଓଡ଼ିଶା
ଶ୍ରଦ୍ଧାଞ୍ଜଳି ସହ:
ସହଧର୍ମିଣୀ ଓ ପରିବାରବର୍ଗ
ଧ-୬୨୧୯୧

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ମେନକା ବେହେରା**
ଆବିର୍ଭାବ: ୦୯।୦୯।୧୯୫୭
ତିରୋଧାନ: ୧୭।୦୬।୨୦୧୯
ତୁମ ସ୍ନେହ, ସରଳ ଜୀବନ, ନିରପେକ୍ଷ ବିଚାର, ସର୍ବୋପରି ଈଶ୍ୱରଙ୍କ ବିଶ୍ୱାସ ଓ ସମସ୍ତଙ୍କ ସହିତ ସୁସମ୍ପର୍କ ସ୍ଥାପନ ଥିଲା ଆମ ପାଇଁ ପ୍ରେରଣାର ଉତ୍ସ। ତୁମକୁ ଚିରଦିନ ପାଇଁ ହରାଇ ଆମେ ଶୋକାକୁଳ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁପରିଜନ।
ଧ-୧୩୧୪୮

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ନବରଙ୍ଗପୁର,୨୬।୬(ବି.ପ୍ର.)- ନବରଙ୍ଗପୁର ସହର ନୂଆବନ୍ଧସାହି -କୋର୍ଟ ରାସ୍ତାରେ ନିର୍ମାଣାଧୀନ ପୋଲ ପାଇଁ ଖୋଳା ଯାଇଥିବା ଗାତ ଭିତରେ ଜଣେ ଯୁବକ ବାଇକ ସହ ବିଳମ୍ବିତ ରାତିରେ ପଡି ମୃତ୍ୟୁବରଣ କରିଛନ୍ତି । ମୃତ ଯୁବକ ଜଣକ ହେଉଛନ୍ତି ବାସୁଦେବ ବିଷୋୟୀ। ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ଫା ପଞ୍ଚାୟତ ଅଧୀନ ଚିତ୍ରକୋଟ ଗାଁର ମୃତ୍ୟୁଞ୍ଜୟ ବିଷୋୟୀଙ୍କ ପୁଅ ବାସୁଦେବ ବିଷୋୟୀ ନବରଙ୍ଗପୁରର ହରିହର ବିଷୋୟୀଙ୍କ ଘର ପ୍ରତିଷ୍ଠାକୁ ଆସିଥିଲେ । ଭୋଜି ଖାଇ ମୋଟର ସାଇକେଲ ନମ୍ବର(ଓଡି-୧୦ସି-୭୭୪୧) ଯୋଗେ ଘରକୁ ଫେରୁଥିଲେ । ପୋଲ କାମ କରାଯିବା ନିକଟରେ ଡାଇଭର୍ସନ କରାଯାଇଥିଲେ ମଧ ଫଳକ ଲଗାଯାଇ ନାହିଁ। ବାସୁଦେବ ଫେରୁଥିବା ସମୟରେ ଉକ୍ତ ପୋଲ କାର୍ଯ୍ୟ ପାଇଁ ଖୋଳାଯାଇଥିବା ଗାତ ଭିତରେ ବାଇକ ସହ ପଡି ଯାଇଥିଲେ । ଖବର ପାଇ ଏଏସଆଇ ଆଶୋକ ଦେଓ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ନେଇଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ନବରଙ୍ଗପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ଟ୍ରକକୁ ପିଟିଲା ବାଇକ, ଜଣେ ଗୁରୁତର

ଧୋଡ୍ରା,୨୬।୬(ଡି.ଏନ.ଏ)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚାଟିଗୁଡା ରାସ୍ତାରେ ଏକ ଟ୍ରକ ପଛରେ ବାଇକ ଧକ୍କା ଦେବାରୁ ଜଣେ ଗୁରୁତର ହୋଇଛନ୍ତି। ବିଜାପୁର ଗାଁର ମନୋଜ ମାଝି, ହର କଲାର ଏକ ବାଇକ (ନଂ.ସିଜି୦୫ଆର୪୩୬୮)ରେ ଚାଟିଗୁଡାରୁ ଫେରୁଥିବା ବେଳେ ବାଟରେ ଏକ ଟ୍ରକ (ଓଡି୨୪ଏ-୪୭୦୬)କୁ ପଛ ପଟୁ ଧକ୍କା ଦେଇଥିଲେ। ଏଥିରେ ମନୋଜ ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉମରକୋଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଟ୍ରକ ଓ ଡ୍ରାଇଭରକୁ ସ୍ଥାନୀୟ ଲୋକ ଅଟକ ରଖି ଡାବୁଗାଁ ପୋଲିସ ଜିମା ଦେଇଥିଲେ।

# ଫସର ଫାଟୁଛି ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା

## ପ୍ରଚାର ପତ୍ର ଓ ବୀମା କାର୍ଡ ବଣ୍ଟନ କରି ଆଶାକର୍ମୀ ପାଇନାହାନ୍ତି ବକେୟା ପାଉଣା

ନବରଙ୍ଗପୁର,୨୬।୬(ବି.ପ୍ର.)

ଗରିବ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ୨୦୧୮ରେ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା ଘୋଷଣା କରିଥିଲେ । ତେବେ ଗରିବ ହିତାଧିକାରୀଙ୍କ ପାଇଁ ଏହା କେତେ ଉପଯୋଗୀ ହୋଇଛି ସେ ନେଇ ସମୀକ୍ଷା କରାଯାଉ ନଥିବାରୁ ଯୋଜନା ଫସର ଫାଟି ଯାଉଛି। ଯୋଜନା ଘୋଷଣା ପରେ ନବରଙ୍ଗପୁର ଜିଲାରେ ଆଶାକର୍ମୀଙ୍କ ଦ୍ୱାରା ପ୍ରଚାର ପତ୍ର ଓ ବିଜୁ ସ୍ୱାସ୍ଥ୍ୟ ବୀମାକାର୍ଡ ଗାଁ ମାନଙ୍କରେ ହିତାଧିକାରୀଙ୍କୁ ପ୍ରଦାନ କରାଗଲା । ଗୋଟିଏ ପ୍ରଚାର ପତ୍ର ଓ କାର୍ଡ ବଣ୍ଟନ କଲେ ଜଣେ ଆଶାକର୍ମୀ ୧ ଟଙ୍କା ପାଇବେ। ସେହିପରି ହିତାଧିକାରୀଙ୍କ ତଥ୍ୟ ଆଣିଲେ ଗୋଟିଏ ଗାଁ ପିଛା ୯୫ ଟଙ୍କା ପାଇବେ ବୋଲି କୁହାଯାଇଥିଲା । ଜିଲାର ୮୭୬ ରାଜସ୍ୱ ଗାଁରେ ଆଶାକର୍ମୀମାନେ ୧ ଲକ୍ଷ ୯୫ ହଜାର ୨୨୪ ପ୍ରଚାର ପତ୍ର ଓ ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ବାଣ୍ଟିଥିଲେ । ସରକାରଙ୍କ ପକ୍ଷରୁ ଆସିଥିବା ଅନୁଦାନ ଯାହା ଥିଲା ସେଥିରୁ ୭୦ ପ୍ରତିଶତ ଟଙ୍କା ପ୍ରଚାର ପତ୍ର ଓ କାର୍ଡ ବଣ୍ଟନ ବାବଦକୁ ୧ ଲକ୍ଷ ୩୬ ହଜାର ୬୫୭ ଟଙ୍କା ପ୍ରଦାନ କରାଗଲା । ସେହିଭଳି ଗାଁ ପିଛା ନିୟୋଜିତ ହୋଇଥିବା ଆଶାକର୍ମୀ ମାନଙ୍କୁ ୯୫ ଟଙ୍କା ପ୍ରଦାନ କରାଯିବାକୁ ରହିଥିଲା । ଏ ବାବଦକୁ ଜିଲାରେ ନିୟୋଜିତ ଆଶାକର୍ମୀମାନେ ୮୩ ହଜାର ୨୨୦ ଟଙ୍କା ପାଇବାକୁ ରହିଥିବା ବେଳେ ମାତ୍ର ୧୬ ହଜାର ୬୪୪ଟଙ୍କା ପାଇଛନ୍ତି । ଆଶାକର୍ମୀମାନେ ପାଇବାକୁ ଥିବା ବକେୟା ଅର୍ଥ ଏଯାଏ ସରକାରଙ୍କ ଠାରୁ ପ୍ରଦାନ ହୋଇନଥିବାରୁ ଆଶା କର୍ମୀମାନେ ସେମାନଙ୍କ ପ୍ରାରିଶ୍ରମିକର ପ୍ରାପ୍ୟ ଏଯାଏ ପାଇ ପାରୁ ନାହାନ୍ତି । ତେବେ ଜିଲାରେ ୧ ଲକ୍ଷ ୯୫ ହଜାର ୨୨୪ ଜଣ ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ପାଇଛନ୍ତି । ପୁରୁଷମାନେ ୫ ଲକ୍ଷ ଓ ମହିଳାମାନେ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉକ୍ତ କାର୍ଡ ମାଧ୍ୟମରେ ମାଗଣା ସ୍ୱାସ୍ଥ୍ୟ ସେବା ପାଇବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଚାର କରାଗଲା । ଏଲସିଡି ଲଗାଇ ପ୍ରଚାର ରଥ ପଞ୍ଚାୟତ ଓ ବ୍ଲକ ସ୍ତରରେ ପ୍ରଚାର କରାଗଲା । ତେବେ କାର୍ଡ ଗୁଡିକରେ ହିତାଧିକାରୀଙ୍କ ଠିକଣା ନରହିବା ଦ୍ୱାରା ସ୍ୱାସ୍ଥ୍ୟ ସେବା ପାଇଁ ଦୂର ଦୂରାନ୍ତରୁ ରୋଗୀ ବଡ ମେଡିକାଲମାନଙ୍କୁ ଯାଇ ଫେରି ଆସୁଛନ୍ତି । କାର୍ଡଗୁଡିକ ହିତାଧିକାରୀଙ୍କ କାର୍ଯ୍ୟରେ ଲାଗୁନାହିଁ ବୋଲି ଅଭିଯୋଗ ହେଉଛି । ଲୋକଙ୍କ ଅଭିଯୋଗକୁ ନେଇ ୧୨ ତାରିଖରେ ଜିଲାପରିଷଦ ବୈଠକରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଏମପି ରମେଶ ଚନ୍ଦ୍ର ମାଝୀ ଓ ଜିଲାପରିଷଦ ସଭ୍ୟ ମାନେ ବିଭିନ୍ନ ପ୍ରଶ୍ନ କରିଥିଲେ । ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସରକାର ସୁବିଧା ଯୋଗାଇଛନ୍ତି ଏହି ବିଶ୍ୱାସରେ କାର୍ଡ ଖଣ୍ଡିକ ଧରି ଭୁବନେଶ୍ୱର, କଟକ ଓ ବିଭିନ୍ନ ସରକାରୀ ସ୍ୱୀକୃତି ପ୍ରାପ୍ତ ଡାକ୍ତରଖାନାକୁ ଯାଇ ଦେଖାଉଛନ୍ତି। ଏହା କାର୍ଯ୍ୟକାରୀ ହୋଇ ପାରୁ ନାହିଁ ଜାଣିବା ପରେ ବିଧାୟକ, ଏମପି ଓ ଜିଲାପାଳଙ୍କ ନିକଟକୁ ଅନେକ ରୋଗୀ ଅଧିକ ଚିକିତ୍ସା ପାଇଁ ସହାୟତା ପାଇଁ ଆସୁଛନ୍ତି। ଏହିଭଳି ଅଭିଯୋଗ ପରେ ଜିଲା ସଦର ମହକୁମା ଡାକ୍ତରଖାନାରେ ଏକ କାଉଣ୍ଟର ଖୋଲା ଯାଇଛି । ସେଠାରେ ଯାଇ ସଂଶୋଧନ କରି ପାରିବ ବୋଲି କୃଷି ବିଭାଗ ପକ୍ଷରୁ କୁହା ଗଲା । ତେବେ କାର୍ଡ ଗୁଡିକ କିଭଳି ସଂଶୋଧନ ହେବ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ହିତାଧିକାରୀ ଏଯାଏ ଜାଣି ପାରୁ ନାହିଁ । ଏନେଇ କୃଷି ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ କେହି ମଧ୍ୟ ଆନ୍ତରିକତାର ସହ ପ୍ରଚାର ପ୍ରସାର କରୁ ନାହାନ୍ତି। ଏହା ଦ୍ୱାରା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା ଯୋଜନା ଫସର ଫାଟୁଛି । କୃଷି ବିଭାଗ ପକ୍ଷରୁ ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ କରାଗଲା । ସ୍ୱାସ୍ଥ୍ୟ ବିଭାଗର ଆଶା କର୍ମୀମାନେ ପ୍ରଚାର ପତ୍ର ସହ କାର୍ଡ ବଣ୍ଟନ କରିଥିଲେ । ତେବେ ୨୦୧୮ ଅଗଷ୍ଟ ୨୭ ତାରିଖ ପର୍ଯ୍ୟନ୍ତ ୧ ଲକ୍ଷ ୯୫ ହଜାର ୨୨୪ କାର୍ଡ ବଣ୍ଟନ ହୋଇଥିଲା । ଏହା ପରେ ଆଉ କିଛି କାର୍ଡ ବଣ୍ଟନ କରାଯାଇଛି । ଏହାର ତଥ୍ୟ କୃଷି ବିଭାଗ ନା ସ୍ୱାସ୍ଥ୍ୟ ବିଭାଗରେ ରହିଛି । ଏହା ଜାଣିବା ପାଇଁ ଉଭୟ ବିଭାଗକୁ ଗଲେ କାହା ପାଖରେ ୨୦୧୮ ଅଗଷ୍ଟ ପରବର୍ତ୍ତି ତଥ୍ୟ ନଥିବା ବିଡମ୍ବନାର ବିଷୟ ।



ଡାକ୍ତରଖାନାକୁ ଚିକିତ୍ସିତ ହେବାକୁ ଆସିଥିବା ଅସୁସ୍ଥମାନେ ।

# ବିଷାକ୍ତ ଛତୁ ଖାଇ ୪ ଅସୁସ୍ଥ

ଝରିଗାଁ୨୬।୬(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚାଉଁରୀ ଗ୍ରାମରେ ମଙ୍ଗଳବାର ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୪ ଜଣ ଅସୁସ୍ଥ ହୋଇଛନ୍ତି। ସେମାନେ ହେଲେ ହରି ଗୌଡ(୫୦), ହାରାମଣି ଗୌଡ(୪୫), ପଦ୍ମା ଗୌଡ(୬୫) ଏବଂ ସନାଇ ଗୌଡ(୧୬) । ଜଙ୍ଗଲରେ ଫୁଟିଥିବା ଛତୁକୁ ଆଣି ତରକାରି କରି ଖାଇବା ପରେ ପରିବାରର ୪ ଜଣ ଅସୁସ୍ଥ ହୋଇଥିଲେ। ପରିବାର ଲୋକ ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ସିମନା ଗଣ୍ଡ କହିଛନ୍ତି।

■ ଆକାଶବାଣୀର ବେତାର ନାଟକ ବିଭାଗ

# ଶିଶୁ କଳାକାର ଭାବେ ଅନୁଷ୍କା ମହାରଣା ମନୋନୀତ

ଝରିଗାଁ,୨୬।୬(ସ୍ୱ.ପ୍ର)

ଜୟପୁର ସ୍ଥିତ ଆକାଶବାଣୀ ଦ୍ୱାରା ଆୟୋଜିତ ବେତାର ନାଟକ ବିଭାଗ ପାଇଁ ଶିଶୁ କଳାକାର ଭାବେ ସାଇ ଅନୁଷ୍କା ମହରାଣା ମନୋନୀତ ହୋଇଛନ୍ତି। ଅନୁଷ୍କା ହେଉଛନ୍ତି ନବରଙ୍ଗପୁର ଜିଲା ଝରିଗାଁ କନିଷ୍ଠ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ତଥା ବିଶିଷ୍ଟ ନାଟ୍ୟକାର ଗୋପାଳ ମହାରଣାଙ୍କ ଝିଅ। ଅନୁଷ୍କାଙ୍କ ମା' ଅଧ୍ୟାପିକା ମଧୁସ୍ମିତା ମହାରଣା ମଧ୍ୟ ଜଣେ ମଞ୍ଚ ନାଟ୍ୟ ନିର୍ଦ୍ଦେଶିକା । ସାଇ ଅନୁଷ୍କା ଉମରକୋଟ ସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ତୃତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ଏହି ସଫଳତା ପଛରେ ମାତାପିତା ଓ ଗୁରୁମାଗୁରୁଜୀଙ୍କ ଆଶୀର୍ବାଦ ରହିଥିବା ଅନୁଷ୍କା କହିଛନ୍ତି।



ଏଥି ପୂର୍ବରୁ ସେ ମଞ୍ଚ ନାଟକରେ ଅଭିନୟ କରି ବହୁ ପ୍ରଶଂସା ଅର୍ଜନ କରିବା ସହ ଶ୍ରେଷ୍ଠ ଶିଶୁ କଳାକାର ଭାବେ ସମ୍ବର୍ଦ୍ଧିତ ହୋଇଛନ୍ତି। ଜିଲାର ଅଗ୍ରଣୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।

# ନୂତନ ଜିଲା ଜଜ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା


ସଭାରେ ଉପସ୍ଥିତ ବିଚାରପତି ଓ ଆଇନଜୀବୀ ସଂଘର ସଦସ୍ୟମାନେ।

ନବରଙ୍ଗପୁର,୨୬।୬(ବି.ପ୍ର)

ନବରଙ୍ଗପୁର ଜିଲା ଓ ଦୌରାଜଜ୍ ଭାବେ ଯୋଗ ଦେଇଥିବା ଅଶୋକ କୁମାର ପଣ୍ଡାଙ୍କୁ ଜିଲା ଆଇନଜୀବୀ ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ଅଦାଲତ ପରିସରରେ ଥିବା ସଂଘ ସମ୍ମିଳନୀ ଗୃହରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାପତି ନରସିଂହ ତ୍ରିପାଠୀ ଅଧକ୍ଷତା କରିଥିଲେ। ସମ୍ପାଦକ ରାମ ପ୍ରସାଦ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲାର ଗରିବ ମହକିଲମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ବାର୍ ଓ ବେଞ୍ଚର ପାରସ୍ପରିକ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ଜିଲା ଜଜ୍ ମତବ୍ୟକ୍ତ କରିଥିଲେ। ପରିବାର ଅଦାଲତ ଜଜ୍ ବିକ୍ରମ କୁମାର ପ୍ରଧାନ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ରାଜ କୁମାର ଦାସ, ବରିଷ୍ଠ ଦେୱାନୀ ବିଚାରପତି ଏସ. ଶୁଭଲକ୍ଷ୍ମୀ, ଏସଡିଜେଏମ ଅମିତ କୁମାର ବାରିକ ମଞ୍ଚାସୀନ ରହିଥିଲେ। ବରିଷ୍ଠ ଆଇନଜୀବୀ ଏନ. ଅହମ୍ମଦ, ଝାଡେଶ୍ୱର ଖାଡଙ୍ଗା, ଅରବିନ୍ଦ ପ୍ରସାଦ ପଟ୍ଟନାୟକ, ସମରେଶ ଗନ୍ତାୟତ, ଶ୍ୟାମ ପ୍ରସାଦ ଗନ୍ତାୟତ, ପ୍ରସନ୍ନ ପ୍ରସାଦ ପଟ୍ଟନାୟକ, ଦେବୀ ପ୍ରସାଦ ସିଂ, ରବିନ୍ଦ୍ର ପ୍ରସାଦ ପାଢୀ, ପ୍ରଶାନ୍ତ ପଟ୍ଟନାୟକ, କୋଷାଧ୍ୟକ୍ଷ ସୀମାଞ୍ଚଳ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉପସଭାପତି ହରି ନାରାୟଣ ବେହେରା ଧନ୍ୟବାଦ ଦେଇଥିଲେ।

### କାଜୁ ଫ୍ୟାକ୍ଟ୍ରିରୁ ଚୋରି

ବେଗୁନିଆପଡ଼ା,୨୬।୬(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକର ବୁରୁଝରି ପଞ୍ଚାୟତ କନ୍ୟାରିବାଡ଼ି ଗାଁର ଓମ୍ ଶାନ୍ତି କାଜୁ ଫ୍ୟାକ୍ଟ୍ରିରେ ମଙ୍ଗଳବାର ରାତିରେ ଚୋରି ହୋଇଥିବା ସ୍ଥାନୀୟ ଫାଣ୍ଡିରେ ଅଭିଯୋଗ ହୋଇଛି। ଏତଲା କ୍ରମେ, ନଗଦ ୫୪ ହଜାର, କାଜୁ ୩୦୦ କେଜି ଚୋରି କରିବା ସହ ସିସି କ୍ୟାମେରା, ଏଲସିଡି ଓ ବିଦ୍ୟୁତ୍ ସାମଗ୍ରୀ ଭାଙ୍ଗି ଦୁର୍ବୃତ୍ତମାନେ ନଷ୍ଟ କରି ଦେଇଛନ୍ତି। ମାଲିକ ସନାତନ ମହାନ୍ତ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି ।

# ଆମ ପୋଲିସ ସମିତି ବୈଠକ

କୋଷାଗୁମୁଡା, ୨୬।୬ (ଡି.ଏନ.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ଥାନା ପରିସରରେ ବୁଧବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜନପ୍ରତିନିଧି ଏବଂ ସାଧାରଣ ଲୋକେ ଉପସ୍ଥିତ ଥିଲେ । ଭାରପ୍ରାପ୍ତ ଥାନା ଅଧିକାରୀ ନଟବର ନନ୍ଦ ବୈଠକ ପରିଚାଳନା କରିଥିଲେ । ବିନା ହେଲମେଟରେ ଗାଡି ଚଳାଇବା ଦ୍ୱାରା ଲୋକମାନେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ସେଥିଯୋଗୁ ବାଇକ ଚଳାଇବା ବେଳେ ସର୍ବଦା ହେଲମେଟ ବ୍ୟବହାର କରିବା ସହ ଗାଡି କାଗଜପତ୍ର ରଖିବାକୁ ଆଲୋଚନା ହୋଇଥିଲା। ଗୁଣିଗାରେଡି ସନ୍ଦେହରେ ଲୋକମାନେ ସବୁ ସମୟରେ ଗଣ୍ଡଗୋଳ କରୁଛନ୍ତି। ଏଣୁ ସେଥିରୁ ନିବୃତ୍ତ ରହିବାକୁ କହିଥିଲେ । ଏଟିଏମ ଟଙ୍କା ଉଠାଣ ସମୟରେ ଏଟିଏମର ପିନ, ଓଟିପି ନମ୍ବର କାହାରିକୁ ନ ଦେବାକୁ ପରାମର୍ଶ ଦିଆଯାଇଥିଲା । । ପୋଲିସ ସବୁବେଳେ ଜନସାଧାରଣଙ୍କ ସେବାରେ ଅଛି। ସେଥିପାଇଁ ସମସ୍ତେ ନିର୍ଭୟରେ ଥାନାକୁ ଆସି ଅଭିଯୋଗ କରିପାରିବେ ବୋଲି ଆଲୋଚନା ହୋଇଥିଲା । ଥାନା ଭାରପ୍ରାପ୍ତ ଅଧିକାରୀ ନଟବର ନନ୍ଦ, ଏସଆଇ ଧ୍ରୁବଚରଣ ଚଲାଣ, ଏଏସଆଇ ଏଲଡି ରାଓ ଏବଂ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀମାନେ ।

### କେନାଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଦିଗପହଣ୍ଡି,୨୬।୬(ଡି.ଏନ.ଏ.)

ଦିଗପହଣ୍ଡିଠାରୁ ୧ କିମି ଦୂର ନବରଙ୍ଗପୁର ଗ୍ରାମ ନିକଟ କେନାଲରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଏସ.ଗୋପାଳପୁର ଗ୍ରାମର ରଘୁ ଗୌଡ। ରଘୁ ଶନିବାର ଠାରୁ ନିଖୋଜ ଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



ମୁନିଗୁଡ଼ା, ୨୬।୬ (ଡି.ଏନ୍.ଏ.): ନିଶା ଏବେ ସମସ୍ତଙ୍କୁ ଗ୍ରାସ କରିଛି। ବିଶେଷ କରି ଯୁବପାଢ଼ି ଏବେ ଏହା କବଳରେ ରହିଛନ୍ତି। ତେଣୁ ଅନ୍ତର୍ଜାତୀୟ ନିଶା ନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ରାୟଗଡ଼ା ଜିଲା ମୁନିଗୁଡ଼ା ସ୍ନାତକ ମହାବିଦ୍ୟାଳୟରେ ଏନ୍ଏସ୍ଏସ୍ ପକ୍ଷରୁ ଅନ୍ତର୍ଜାତୀୟ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ୍ ଅଧକ୍ଷ ହୃଷିକେଶ ଜାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରାକେଶ ସାହୁ ଯୋଗ ଦେଇ ନିଶା ନିବାରଣ ସମ୍ପର୍କରେ ଉଦ୍‌ବୋଧନ ଦେଇ ନିଶା ସେବନରୁ ଦୂରେଇ ରହିବା, ଅତ୍ୟଧିକ ଔଷଧ ସେବନ ନକରିବା, ତମାଖୁ ଓ ଅନ୍ୟ ନିଶାଦ୍ରବ୍ୟ ବ୍ୟବହାର ନକରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଏନ୍ଏସ୍ଏସ୍ର ଅଧାପକ ବିରାଟ କିଶୋର ପଣ୍ଡା ଓ ଅସିତ୍ ପଣ୍ଡା ଉପସ୍ଥିତ ରହି ନିଶାଦ୍ରବ୍ୟ କିଭଳି ମଣିଷ ଜୀବନ ଏବଂ ବିଶେଷ କରି ଯୁବପିଢ଼ୀଙ୍କୁ ଅନ୍ଧକାର ମଧକୁ ଠେଲିଦେଉଛି ସେନେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସେହିଭଳି ଅଧାପକ ରମାକାନ୍ତ ଚିଞ୍ଚୁଆଣି କହିଥିଲେଯେ, ନିଶା ନିବାରଣ ସମ୍ପର୍କରେ ପାଇଥିବା ଜ୍ଞାନକୁ ବ୍ୟର୍ଥ ନ କରି ନିଜ ପରିବାର, ସାଙ୍ଗସାଥୀ ଏବଂ ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ଶପଥ ଗ୍ରହଣ କରାଇଥିଲେ।

### ଅଚିହ୍ନା ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ରାୟଗଡ଼ା ଅଫିସ୍, ୨୬।୬:** ଜେକେପୁର ରାସ୍ତା କେରାପେଟା ନିକଟସ୍ଥ ଖଲିଗୁଡ଼ାରେ ରାସ୍ତାକଡ଼ରୁ ଜଣେ ଅଚିହ୍ନା ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ଏସମ୍ପର୍କରେ ଖବର ପାଇ ଖଲିଗୁଡ଼ା ୱାର୍ଡ଼ମେମ୍ବର ଚାନ୍ଦଲି ଥାନାକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଏନେଇ ଥାନାରେ କେସ୍ ନଂ ୧୧/୧୯ରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

### ମଦ ଜବତ, ଜଣେ ଗିରଫ

**ପାରଳାଖେମୁଣ୍ଡି, ୨୬।୬ (ସ୍ୱ.ପ୍ର.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ପାଟ୍ରୋଲିଂ ସମୟରେ ସହର ଉପକଣ୍ଠସ୍ଥ ଗୁମ୍ମାନାଳ ନିକଟରେ ଜଣେ ବ୍ୟକ୍ତିଙ୍କଠାରୁ ୧୨ ଲିଟର ଚୋରା ଦେଶୀ ମଦ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଜି.ନାରାୟଣ(୨୮)ଙ୍କୁ ଗିରଫ କରାଯାଇଛି। ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ାଉ ବେଳେ ଗୁମ୍ମାନାଳ ନିକଟରେ ନାରାୟଣଙ୍କୁ ଦେଖି ପୋଲିସ ସନ୍ଦେହ କରି ତାଙ୍କୁ ପଚରାଉଚରା କରିଥିଲା। ଏହି ସମୟରେ ତାଙ୍କଠାରୁ ମଦ ଜବତ କରାଯାଇଥିଲା। ଏନେଇ ୧୨୯/୧୯ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏଏସ୍ଆଇ ପି.କେ. ତାରିଣୀ କହିଛନ୍ତି।

### ନିଶାମୁକ୍ତ ସମାଜ ପାଇଁ ଏନସିସି କ୍ୟାଡେଟଙ୍କ ସଚେତନତା ରାଲି

**ରାୟଗଡା ଅଫିସ୍, ୨୬।୬:** ନିଶାମୁକ୍ତ ନିବାରଣ ଦିବସ ଅବସରରେ ଦ୍ୱିତୀୟ ବାଳିକା ବାଟାଲିୟନ ପକ୍ଷରୁ ୬ଟି ଜିଲାରୁ ଆସିଥିବା ୩୦୦କ୍ୟାଡେଟ୍ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। କର୍ଣ୍ଣେଲ ସୁନୀଲ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରା ଜୁପିଟର କଲେଜରୁ ବାହାରି ନୂଆ ବସ୍ଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲା। ଏନ୍ସିସି ଅଫିସ୍ର ରୀତାରାଣି ମିଶ୍ର, ଏନ୍.ଭାସ୍କାରାମ୍ମା ଓ ଶ୍ରଦ୍ଧାଞ୍ଜଳି ପଣ୍ଡା ଶୋଭାଯାତ୍ରା ପରିଚାଳନା କରିଥିଲେ। କ୍ୟାଡେଟ୍ମାନେ ବିଭିନ୍ନ ସ୍ଲୋଗାନ ଦେଇ ନିଶା ଠାରୁ ଦୂରେଇ ରହିବା ପାଇଁ ଜନସାଧାରଣଙ୍କୁ ସଚେତନ କରିଥିଲେ।

■ ଆଇଟିଡିଏ ଦେଇଥିବା ଚିଠିରେ ତ୍ରୁଟି

# ଉଲ୍ଲେଖ ଥିବା ସ୍କୁଲ ବ୍ଲକ୍‌ରେ ନାହିଁ

**କାଶୀନଗର, ୨୬।୬ (ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ଆଇଟିଡିଏ ପକ୍ଷରୁ କାଶୀନଗର ବାରାଣସୀ ବାଳିକା ଉଚ୍ଚବିଦ୍ୟାଳୟ, ବାରାଣସୀ ବାଳିକା ଉଚ୍ଚବିଦ୍ୟାଳୟ ଓ ହନାଳି ଜଗନ୍ନାଥପୁର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କ ନିକଟକୁ ଏକ ଚିଠି ଆସିଛି। ପତ୍ରାଙ୍କ ୧୧୮୪/୨୦୧୯, ତାରିଖ ୨୦।୨।୧୯ ସମ୍ବଳିତ ଏହି ଚିଠିରେ ସୂଚନା ଦିଆଯାଇଛି ଯେ, ଉଲ୍ଲିଖିତ ଶିକ୍ଷାନୁଷ୍ଠାନଗୁଡିକ ସହ ସଂପୃକ୍ତ ୧୦୦ ସ୍ଥାନ ବିଶିଷ୍ଟ ହଷ୍ଟେଲ ନିର୍ମାଣ କାମ ସଂପୂର୍ଣ୍ଣ ହୋଇସାରିଛି। ତେଣୁ ୨୦୧୯-୨୦ ଶିକ୍ଷାବର୍ଷରୁ ଉକ୍ତ ହଷ୍ଟେଲଗୁଡିକରେ ଛାତ୍ରୀଛାତ୍ରଙ୍କୁ ପ୍ରବେଶାନୁମତି ଦିଆଯାଉ । ଚିଠିର ମେମୋ କାଶୀନଗର ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ (ଡବ୍ଲୁଇଓ), ଆଇଟିଡିଏର ଜୁନିୟର ଇଞ୍ଜିନିୟର ଗୁପ୍ତପ୍ରସାଦ ପାତ୍ର ଓ ଗଜପତି ଜିଲା ମଙ୍ଗଳ ଅଧିକାରୀ (ଡିଡବ୍ଲୁଓ)ଙ୍କୁ ପ୍ରଦାନ କରାଯାଇଛି । ଆଇଟିଡିଏର ନିର୍ଦ୍ଦେଶକ ଉକ୍ତ ଚିଠିରେ ଦସ୍ତଖତ କରିଛନ୍ତି। ଚିଠି ସହ ହଷ୍ଟେଲ ହସ୍ତାନ୍ତରଣ ପାଇଁ ଆବଶ୍ୟକୀୟ ଫର୍ମାଟ ମଧ ରହିଛି । ଏହି ଫର୍ମାଟ୍ ଅନୁସାରେ ଆଇଟିଡିଏର କନିଷ୍ଠ ଯନ୍ତ୍ରୀ ଉଲ୍ଲିଖିତ ବିଦ୍ୟାଳୟ ଗୁଡିକର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନିର୍ମିତ ହଷ୍ଟେଲ ହସ୍ତାନ୍ତର କରିବେ । ତେବେ ଏଠାରେ ଉଲ୍ଲେଖଯୋଗ୍ୟ ଯେ, କାଶୀନଗର ଏନଏସି ବା ବ୍ଲକରେ ବାରାଣାସୀ ବାଳକ ଉଚ୍ଚ ବିଦ୍ୟାଳୟ ଓ ବାରାଣାସୀ ବାଳିକା ଉଚ୍ଚ ବିଦ୍ୟାଳୟ ନାମରେ କୌଣସି ଶିକ୍ଷାନୁଷ୍ଠାନ ନାହିଁ। କାଶୀନଗର ସହରରେ ଯେଉଁ ୫୦ବର୍ଷରୁ ଅଧିକ ପୁରୁଣା ସରକାରୀ ହାଇସ୍କୁଲ ରହିଛି, ତାର ନାମ ବାରଣସୀ ସରକାରୀ ଉଚ୍ଚ ବିଦ୍ୟାଳୟ ବା ବାରଣସୀ ଗଭର୍ଣ୍ଣମେଣ୍ଟ ହାଇସ୍କୁଲ, ବାରଣସୀ ବାଳକ ଉଚ୍ଚ ବିଦ୍ୟାଳୟ ନୁହେଁ। ଏହି ଶିକ୍ଷାନୁଷ୍ଠାନରେ ଉଭୟ ଛାତ୍ରୀ ଓ ଛାତ୍ର ଅଧ୍ୟୟନ କରନ୍ତି । ସେହିପରି କାଶୀନଗର ସହରଠାରୁ କିଛି ଦୂରରେ, ଗୁଣୁପୁର-ପାରଳାଖେମୁଣ୍ଡି ଓଡିଶା ରୋଡ ପାର୍ଶ୍ୱରେ ଏକ ପୁରୁଣା ଓ ଛୋଟ କୋଠା ରହିଛି । ଯାହାକୁ ନିରେଖି ଦେଖିଲେ ଜଣାପଡ଼େ ଯେ, ଏହା କାଶୀନଗର ବାଳିକା ଉଚ୍ଚବିଦ୍ୟାଳୟ, ବାରଣସୀ ଗାର୍ଲସ ହାଇସ୍କୁଲ ନୁହେଁ। ଏହା ଏକ ବେସରକାରୀ ଅନୁଷ୍ଠାନ। କାଶୀନଗର ବ୍ଲକ ଅଧୀନରେ ହନାଳି ଜଗନ୍ନାଥପୁର ଗ୍ରାମ ରହିଥିବାବେଳେ ସେଠାରେ ଏକ ଶିକ୍ଷାନୁଷ୍ଠାନ ରହିଛି। ତେବେ ଶିକ୍ଷାନୁଷ୍ଠାନର ନାମ କେବଳ ହନାଳି ଜଗନ୍ନାଥପୁର ନୁହେଁ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ତେଣୁ ଏଠାରେ ପ୍ରଶ୍ନ ଉଠିଛିଯେ, ଯେଉଁ ନାମରେ କୌଣସି ଶିକ୍ଷାନୁଷ୍ଠାନ ନାହିଁ, ସେହି ଶିକ୍ଷାନୁଷ୍ଠାନମାନଙ୍କୁ କିପରି ହଷ୍ଟେଲ ହସ୍ତାନ୍ତର କରାଯାଇପାରିବ। ଏହାଛଡା ହଷ୍ଟେଲ ନିର୍ମାଣ କାର୍ଯ୍ୟ କେବେ ସଂପୂର୍ଣ୍ଣ ହେଲା । ସେ ସମ୍ପର୍କରେ ମଧ ଆଇଟିଡିଏର ଚିଠିରେ କୌଣସି ସୂଚନା ନାହିଁ । ସ୍ଥାନୀୟ ବାରଣସୀ ସରକାରୀ ହାଇସ୍କୁଲ ପରିସରରେ ନିର୍ମିତ ହୋଇସାରିଥିବା ଏକ କୋଠା ବହୁଦିନ ହେଲା ଅବ୍ୟବହୃତ ହୋଇପଡିରହିଛି । ରକ୍ଷଣାବେକ୍ଷଣର ଅଭାବ ଯୋଗୁ ତାର କାନ୍ଥରେ ଗଛ ଉଠିସାରିଲାଣି । ଯଦି ଆଇଟିଡିଏ ଚିଠିର ପରିସରକୁ ହଷ୍ଟେଲ ବିଲ୍ଡିଂ କୁହାଯାଉଥିବା ଉକ୍ତ କୋଠାଟି ଆସୁଥାଏ, ତାହା ବର୍ତ୍ତମାନ କେତେ ସୁରକ୍ଷିତ ପ୍ରଥମେ ଯାଞ୍ଚ ହେବା ଆବଶ୍ୟକ ଏବଂ ସୁରକ୍ଷିତ ଥିଲେ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସେଠାରେ ରହିବା ପାଇଁ ପ୍ରବେଶାନୁମତି ଦିଆଯିବା ଉଚିତ ବୋଲି ମତପ୍ରକାଶ ପାଇଛି ।



ବାରାଣସୀ ସରକାରୀ ହାଇସ୍କୁଲ ପରିସରରେ ରହିଥିବା ଅବ୍ୟବହୃତ କୋଠା

■ ପୌରପରିଷଦ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

## ଡଷ୍ଟବିନ୍ ବ୍ୟବହାର ଉପରେ ଗୁରୁତ୍ୱ



ପୌର କର୍ମଚାରୀମାନେ ଡଷ୍ଟବିନ୍ ବ୍ୟବହାର ନେଇ ସଚେତନତା ବାର୍ତ୍ତା ପ୍ରଚାର କରୁଛନ୍ତି।

**ପାରଳାଖେମୁଣ୍ଡି, ୨୬।୬ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌରପରିଷଦ ପକ୍ଷରୁ ସହରକୁ ସରସ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟ ହାତକୁ ନିଆଯାଇଛି । ପୌରପରିଷଦ ଦ୍ୱାରା ଏଥିପାଇଁ ସାହି ସାହି ଏବଂ ଘର ଘର ବୁଲି ଲୋକମାନଙ୍କୁ ସଚେତନ କରାଯାଉଛି । ପ୍ରତ୍ୟେକ ଘରକୁ ଏକ ଡଷ୍ଟବିନ୍ ପ୍ରଦାନ କରାଯିବ। ଜନସାଧାରଣମାନେ ଘରର ଅଳିଆ ଆବର୍ଜନା ଆଉ ଏଣେ ତେଣେ ନ ପକାଇ ଡଷ୍ଟବିନ୍‌ରେ ପକାଇବାକୁ ପୌର ପରିଷଦ ପରାମର୍ଶ ଦେଉଛି। ପ୍ରତିଦିନ ପୌର ପରିଷଦର ସଫେଇ କର୍ମଚାରୀମାନେ ଘର ଘର ବୁଲି ଏହି ଅଳିଆ ଆବର୍ଜନା ସଂଗ୍ରହ କରି ତାକୁ ଅନ୍ୟତ୍ର ନେଇ ଫୋପାଡିବା ବ୍ୟବସ୍ଥା କରିବେ। ଏହା ହେଲେ ଆଗାମୀ ଦିନରେ ସହରକୁ ସରସ ସୁନ୍ଦର ରୂପେ ଗଢି ତୋଳିବାରେ ସହାୟକ ହେବ ବୋଲି ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ କହିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ପୌର ପରିଷଦ ଯନ୍ତ୍ରୀ ଡି.ଭେଙ୍କେଟରମଣ, କନିଷ୍ଠଯନ୍ତ୍ରୀ ମଧୁସ୍ମିତା ଦାସ, ପରିମଳ ନିରୀକ୍ଷକ, ୱାଇ.ଲକ୍ଷ୍ମଣ ରାଓ, ନୀଳକଣ୍ଠ ସୁନାସଗଡ, ଇନ୍ଦିରା ଗୌଡ ପ୍ରମୁଖ ସାମିଲ ହୋଇଛନ୍ତି।

■ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର କୃଷି ସମ୍ପର୍କିତ ଜାତୀୟ କର୍ମଶାଳା

## ଦକ୍ଷିଣ ଓଡ଼ିଶାର କୃଷକଙ୍କ ଉନ୍ନତି ନେଇ ଆଲୋଚନା

**ପାରଳାଖେମୁଣ୍ଡି, ୨୬।୬ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଆଲୁରିନଗରଠାରେ ଥିବା ସେଞ୍ଚୁରିଅନ ବିଶ୍ୱ ବିଦ୍ୟାଳୟ ପରିସରରେ କୃଷି ସମ୍ପର୍କିତ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ମୁଖ୍ୟତଃ ଦକ୍ଷିଣ ଓଡିଶାରେ କୃଷିର ଉନ୍ନତି ପାଇଁ କୃଷିବିଜ୍ଞାନ, ଉଦ୍ୟାନ ବିଜ୍ଞାନ, କୁକୁଡା ପାଳନ, ପଶୁପାଳନ ଉପରେ ଆଲୋଚନା ହୋଇଥିଲା । ବିଭିନ୍ନ ସ୍ଥାନରୁ କୃଷି ବୈଜ୍ଞାନିକକେନ୍ଦ୍ରର ଅଧିକାରୀ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଭାବେ କେନ୍ଦ୍ରୀୟ କୃଷକ ମହିଳା ସଂସ୍ଥାନର ନିର୍ଦ୍ଦେଶକ ଡ.ଏସ୍.କେ.ଶ୍ରୀବାସ୍ତବ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଦକ୍ଷିଣ ଓଡ଼ିଶାରେ କୃଷକଙ୍କ ଉନ୍ନତି ଉପରେ ଗୁରୁତ୍ୱ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଉପାଧକ୍ଷ ପ୍ରଫେସର ହରିବନ୍ଧୁ ପଣ୍ଡା ଭାରତୀୟ କୃଷି ବିଜ୍ଞାନ ପରିଷଦର ସ୍ୱୀକୃତିପ୍ରାପ୍ତ ଏସ୍.ସ୍ୱାମୀନାଥନ କୃଷି ବିଦ୍ୟାଳୟର ସଫଳତା ଉପରେ ମତ ରଖିଥିଲେ। ମୁଖ୍ୟତଃ ବିଶ୍ୱବିଦ୍ୟାଳୟର ସାମାଜିକ ଉଦ୍ଦେଶ୍ୟ, ଦକ୍ଷିଣ ଓଡିଶାର ଜଳସେଚନ ସମସ୍ୟା ଏବଂ କୃଷିର ଉନ୍ନତି ଉପରେ ଆଲୋଚନା ହୋଇଥିଲା। ଅଧୀକ୍ଷକ ଡ. ଏମ୍.ଦେବେନ୍ଦ୍ର ରେଡ୍ଡୀ ସ୍ୱାଗତ ସୂଚନା ଦେଇଥିଲେ। ଏମ୍.ଏସ୍.ସ୍ୱାମୀନାଥନ କୃଷି ବିଦ୍ୟାଳୟର ଡିନ୍ ଡ.ସତ୍ୟ ପ୍ରକାଶ ନନ୍ଦ ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ମଞ୍ଚାସୀନ ଅତିଥି।

### ଦୋକାନରେ ପଲିଥିନ ଯାଞ୍ଚ କଲା ପୌରସଂସ୍ଥା

**ସୁନାବେଡ଼ା, ୨୬।୬(ଡି.ଏନ୍.ଏ.)**

ସରକାରଙ୍କ କଟକଣା ସତ୍ତ୍ୱେ ସୁନାବେଡ଼ା ସହରାଞ୍ଚଳରେ ପଲିଥିନର ବ୍ୟବହାର ଯୋଗୁ ତଦ୍‌ଜନିତ ଆବର୍ଜନା ଚାରିଆଡ଼େ କୁଢ଼କୁଢ଼ ହୋଇ ଗଦା ହୋଇଛି। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଅଞ୍ଚଳରେ ପଲିଥିନ ବ୍ୟବହାର ରୋକିବା ପାଇଁ ତତ୍ପର ହୋଇପଡ଼ିଛି ସୁନାବେଡ଼ା ପୌର ପରିଷଦ। ପୌର ପରିଷଦର ଗୋଷ୍ଠୀ ସଂଯୋଜକ ଚିତ୍ତରଞ୍ଜନ ସାହୁ, ସହରାଞ୍ଚଳ ପ୍ରକଳ୍ପ ନିର୍ଦ୍ଦେଶକ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଶମ୍ଭୁନାଥ ଜେନା, ସୁଧାକର ବିଶ୍ୱାଳ, ଈଶ୍ୱର ନାୟକ, ତ୍ରିନାଥ ପଣ୍ଡା, ଲାବଣ୍ୟ ରଣା ବିଭିନ୍ନ ଦୋକାନରେ ଚଢ଼ାଉ କରିଥିଲେ। ଚଢ଼ାଉ ପରେ ବ୍ୟବସାୟୀ ମହଲ ଛାନିଆ ହୋଇପଡ଼ିଛନ୍ତି। ଆମିଷ ବଜାରରେ ପଲିଥିନ୍‌ର ବ୍ୟବହାର ବନ୍ଦ ହୋଇନାହିଁ।

■ ଡ଼ାକ ବିଭାଗ ପକ୍ଷରୁ ଜନଚେତନା କାର୍ଯ୍ୟକ୍ରମ

## କ୍ୟାଶ୍‌ଲେସ୍ କାରବାର ସମ୍ପର୍କରେ ବୁଝାଇଲେ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ରାୟଗଡ଼ା ଅଫିସ୍, ୨୬।୬ (ଅଫିସ୍)**

ଡିଜିଟାଲ ଯୁଗରେ ଡାକ ବିଭାଗ ପକ୍ଷରୁ ମଧ ଡିଜିଟାଲ ସେବା ଯୋଗାଇ ଦିଆଯାଉଥିବାବେଳେ ଗ୍ରାମାଞ୍ଚଳର ଲୋକଙ୍କୁ ଏ ସମ୍ପର୍କରେ ସଚେତନ କରାଯାଉଛି। ଭାରତୀୟ ଡାକବିଭାଗ ପକ୍ଷରୁ ବୁଧବାର ଦୁର୍ଗୀ, ଡୁମୁରୁନେଲି, ଓ କୁମ୍ଭାର ଡାମୁଣି ଗ୍ରାମବାସୀଙ୍କୁ ନେଇ ଦୁର୍ଗୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଜନ ଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏରିଆ ମ୍ୟାନେଜର କଲ୍ୟାଣ କୁମ୍ଭାର ଯୋଗ ଦେଇଥିବାବେଳେ ମଞ୍ଚାସୀନ ଅତିଥି ଭାବେ ଏରିଆ ସେଲ୍ସ୍ ମ୍ୟାନେଜର ପ୍ରେମାନନ୍ଦ ଦାସ, ନାଏବ ସରପଞ୍ଚ ବାସୁ ପ୍ରାସ୍କା ଉପସ୍ଥିତ ଥିଲେ। ଏଥିରେ ପୋଷ୍ଟାଲ ପେମେଣ୍ଟସ୍ ବ୍ୟାଙ୍କ କିପରି ଘରେ ପହଞ୍ଚିବ ଏବଂ କ୍ୟାସ୍‌ଲେସ୍ କାରବାର କରାଯିବ ସେ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ।

■ ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ନିରୋଧ ଦିବସ

## ସଚେତନ ହେଲେ ରୋକିହେବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ପାରଳାଖେମୁଣ୍ଡି, ୨୬।୬ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନର ସମ୍ମିଳନୀ ଗୃହଠାରେ ବୁଧବାର ଆନ୍ତର୍ଜାତିକ ନିଶା ଅପବ୍ୟବହାର ଓ ଅବାଧ କାରବାର ନିରୋଧ ଦିବସ ପାଳିତ ହୋଇଯାଇଛି । ଜିଲା ସାମାଜିକ ସୁରକ୍ଷା ବିଭାଗ ଓ ଅବକାରୀ ବିଭାଗ ମିଳିତ ଉଦ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ରନାଥ ବେହେରା ସ୍ୱାଗତ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ଅନୁପମ ଶାହା ଯୋଗଦେଇ ଏହି ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ବୁଝାଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଗୁନୁରାଣୀ ପଟ୍ଟନାୟକ, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ରମେଶ ଚନ୍ଦ୍ର ମିଶ୍ର, ଅଧ୍ୟାପିକା ଡ.କଲ୍ୟାଣୀ ମିଶ୍ର, ବ୍ରହ୍ମକୁମାରୀ ସଂଘର ବ୍ରହ୍ମା କୁମାରୀ କଲ୍ୟାଣୀ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସମାଜରେ ନିଶା ଦ୍ରବ୍ୟ କିପରି ଭାବେ ଯୁବ ସମାଜକୁ ନଷ୍ଟ କରୁଛି। ସେମାନେ ନିଶା କବଳରୁ ନିଜକୁ ରକ୍ଷା କରିପାରୁନାହାନ୍ତି । ନିଶାକୁ ରୋକିବା ପାଇଁ ପ୍ରଥମେ ଏହାର ଅବୈଧ କାରବାର ରୋକିବା ଆବଶ୍ୟକ ବୋଲି ଅତିଥିମାନେ ମତ ରଖିଥିଲେ। ଯୁବକମାନେ ପ୍ରଥମେ ଏଥିପାଇଁ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇପାରିଲେ ଏହି କାରବାର ଅନେକାଂଶରେ ରୋକିହେବ ବୋଲି ମତ ପ୍ରକାଶ ପାଇଥିଲା। ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ଅବୈଧ ନିଶା କାରବାର ରୋକିବାପାଇଁ ଜିଲା ଅବକାରୀ ବିଭାଗ ପକ୍ଷରୁ କିପରି ପଦକ୍ଷେପମାନ ନିଆଯାଇଛି। ଏହି କାରବାର ପାଇଁ କିପରି ଆଇନଗତ ଦଣ୍ଡ ଏବଂ ଜରିମାନାର ବ୍ୟବସ୍ଥା ରହିଛି ସେନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ରମାନେ ଯୋଗଦେଇ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ନିଶା ବିରୋଧୀ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ ।



କ୍ୟାଡେଟ୍‌ମାନେ ଶୋଭାଯାତ୍ରାରେ ରାୟଗଡ଼ା ସହର ପରିକ୍ରମା କରୁଛନ୍ତି।


## GOVT. OF ODISHA, DEPARTMENT OF WATER RESOURCES

### NOTICE INVITATION FOR BIDS (NIFB)

**IDENTIFICATION NO. EE.EDD.CKD.01/2019-20**

Email: executiveengineereddckd@gmail.com

1. The Executive Engineer, Earth Dam Division, Chitrakonda on behalf of Governor of Odisha invites percentage rate bids for the following works as detailed in the table from eligible class of contractor for execution of civil works on production of definite proof from the appropriate authority.

| Sl. No. | Name of Work | Approx. Value of work (Rs. in Lakhs) | Places of scale and receipt | Class of cont-ractor | Bid security pledged in favour of E.E., Earth Dam Division, Chitrakonda in shape of POSB/ NSC / KVP/ Deposit Receipt (in Rs.) | Cost of document (in Rs.) | Period of Com-pletion |
|---|---|---|---|---|---|---|---|
| 1 | M/R to Right Main Canal of Satiguda Irrigation Project, Malkangiri for the year 2019-20 (Clearance of Jungle, water hyacinth and weed and desalting from RD 0.00 KM to 13.900 KM) | 3.62 | Office of the (1) Executive Engineer, Earth Dam Division, Chitrakonda. (2) Executive Engineer, P.I. Division, Balimela. (3) Sub-Divisional Officer, Satiguda Irrigation Sub-Division, Malkangiri | "C" & "D" | 3,700/- | 2,000/- | 2 (Two) Calendar months |
| 2. | M/R to Right Main Canal of Satiguda Irrigation Project, Malkangiri for the year 2019-20 (Clearance of jungle, water hyacinth and weed and desalting from RD 13.900 KM to 31.00 KM) | 3.78 | | "C" & "D" | 3,800/- | 2,000/- | 2 (Two) Calendar months |
| 3. | M/R to Left Main Canal of Satiguda Irrigation Project, Malkangiri for the year 2019-20 (Desilting and clearing of water hyacinth within RD 00 KM to 15.030 KM of LMC) | 4.07 | | "C" & "D" | 4,100/- | 2,000/- | 2 (Two) Calendar months |
| 4. | M/R to Left Main Canal of Satiguda irrigation Project, Malkangiri for the year 2019-20 (Desilting and clearing of water hyacinth within RD 15.030 KM to Tail of LMC., Saradaguda distry and MV 22 Minor). | 2.85 | | "C" & "D" | 2,900/- | 2,000/- | 2 (Two) Calendar months |
| 5. | S/R to Right Main Canal of Satiguda Irrigation Project, Malkangiri for the year 2019-20 (Repair of fall at RD 3.50 KM, CD 3.260 KM to Malkangiri distributary and repair of siphon and construction of slope protection work of Mahadev Tirth distributary. | 3.80 | | "C" & "D" | 3,800/- | 2,000/- | 2 (Two) Calendar months |
| 6. | S/R to Right Main Canal of Satiguda Irrigation Project, Malkangiri for the year 2019-20 (Repair of CD- 1.20 KM, h/r-4.02 Km, 4.88 Km of Goreiguda of distributary and repair of old protection wall of Nilmary distributary RD 1.40 KM to 1.50 KM. | 4.43 | | "C" & "D" | 4,500/- | 2,000/- | 2 (Two) Calendar months |

2. Sale of Bid documents: During office hours from 28.06.2019 to 06.07.2019.
3. Receipt of the Bid document: During office hours from 28.07.2019 to 08.07.2019.
4. Time and date of opening: On dtd. 09.07.2019 at 11.00AM in the office of the Executive Engineer, Earth Dam Division, Chitrakonda in presence of the tenderers or their authorized representatives.
5. The bidders should be fully aware of the OPWD codal rules before participating in the bidding process.
6. If the office happens to be closed on the last date of sale / receipt / opening of the bid as specified, the bids will be sold/ received / opened on the next working day at the same time and venue.
7. If required a transparent lottery will be held on 12.07.2019 at 11.00AM among the valid bidders quoting 14.99% less than tendered amount in the office of the undersigned to decide the tender.
8. Additional perfornance security shall be obtained only from the successful bidder quoting (-) 14.99% less than the amount put to tender at the time of Agreement. Amount of Additional Performance Security i.e. differential amount between amount put to tender and quoted amount shall be deposited in shape of Term Deposit Receipt / NSC / POSB duly pledged in favour of the Executive Engineer, Earth Dam Division, Chitrakonda.
9. No price preference for Additional Performance Security will be given to S.C./ S.T./ Engineering Contractors.
10. Authority reserves the right to reject any or all the bids without assigning any reason thereof.

Other details of the notice invitation for bid including other terms and conditions of the Identification can be seen in the bid documents and also will be available in all the offices mentioned above.

*Sd./- Executive Engineer, Earth Dam Divn., Chitrakonda*